# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୭/୨୦୧୮ (୨୦ ପୃଷ୍ଠା) Bhubaneswar, Sunday, October 7/ 2018 (ଛୁଟିଦିନ ସହ) ★★★★

୪୪ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






SAMSUNG
ପୂଜାର ମଜା
27 ସେପ୍ଟେମ୍ବର – 10 ନଭେମ୍ବର
ଅସମାପ୍ତ ଆନନ୍ଦ।
ଅବିରତ ସମାରୋହ।
Galaxy J6+
Galaxy A7
Galaxy J4+
ଗୋଟିଏ Samsung ସ୍ମାର୍ଟଫୋନ କିଣନ୍ତୁ ଏବଂ ବିସ୍ମୟକର ପୁରସ୍କାର ଗୁଡିକ ଜିତନ୍ତୁ*
Mega Prize
2 (N)
Maruti Suzuki Swift
Bumper Prize
4 (N)
Royal Enfield
Other Prizes
10 (N)
Galaxy Note9
330 (N)
Galaxy J4
No Cost EMIs*
BAJAJ FINSERV EMI NETWORK
One time screen replacement* on Galaxy J6+ & Galaxy J4+
Amazing Cashback*
HDFC BANK
We understand your world
Also available at:
SAMSUNG Shop
shop.samsung.com/in
SAMSUNG | SmartCafé
SAMSUNG SmartPlaza
and all other leading mobile stores.
Follow Samsung on: /SamsungIndia | /SamsungMobileIN | /SamsungMobileIndia | /SamsungIndia
*T&C apply. For more details, please visit https://www.samsung.com/in/offer/regional-promo-2018/. Samsung reserves the right to withdraw or annul or modify the offer at its sole discretion. Product images, features are for representation purpose only.
Re+ For recycling your electronics waste, please call 1800 40 SAMSUNG (7267864) or visit http://www.samsung.com/in/recycle
Cheil-1618/18

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୭/୨୦୧୮ | Bhubaneswar, Sunday, October 7/ 2018 | ପୃଷ୍ଠା-୧




### ବିଭିନ୍ନ ଦେଶରେ ରିଲିଜ ହେଉ 'ମଣ୍ଟୋ'

ପାକିସ୍ତାନ ସମେତ ବିଶ୍ୱର ବିଭିନ୍ନ ଦେଶରେ ତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମଣ୍ଟୋ' ରିଲିଜ ହେଉ ବୋଲି ଅଭିନେତ୍ରୀ-ନିର୍ଦ୍ଦେଶିକା ନନ୍ଦିତା ଦାସ ଚାହାନ୍ତି।

୧୦

୧୭

### କୁଳଦୀପଙ୍କ ସଫଳତା

ଭାରତୀୟ ଯୁବ ସ୍ପିନର କୁଳଦୀପ ଯାଦବ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି।








# ଖାତକୁ ଖସିଲା ମିନିବସ୍: ୨୨ ମୃତ



ଦୁର୍ଘଟଣାଗ୍ରସ୍ତ ମିନିବସ୍।

**ବନିହାଲ୍/ଜମ୍ମୁ,୬।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ରାମବନ ଜିଲା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଶନିବାର ଏକ ମିନିବସ୍ ଖାତକୁ ଖସିଯିବା ଫଳରେ ୨୨ ଜଣ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧିପାଇପାରେ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ୪ ମହିଳା ଥିବାବେଳେ ଦୁର୍ଘଟଣାରେ ☞ପୃଷ୍ଠା-୨

## ■ ତାରିଖ ଘୋଷଣା କଲେ ସିଇସି

# ୫ ରାଜ୍ୟରେ ନିର୍ବାଚନୀ ବିଗୁଲ୍

**ନୂଆଦିଲ୍ଲୀ, ୬।୧୦(ପି.ଟି.)**

ଉଣେଇଶ ମହାସମର ପୂର୍ବରୁ ଦେଶରେ ରାଜନୈତିକ ବାତାବରଣ ଉଷ୍ମ ରହିଥିବାବେଳେ ଶନିବାର ୫ ରାଜ୍ୟରେ ବାଜିଛି ନିର୍ବାଚନୀ ବିଗୁଲ୍। ମଧ୍ୟପ୍ରଦେଶ (ଏମ୍‌ପି), ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଏବଂ ମିଜୋରାମ୍‌ରେ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହୋଇଛି। ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ଏ ସମସ୍ତ ରାଜ୍ୟରେ ମତଦାନ ପ୍ରକ୍ରିୟା ଶେଷ ହେବ। ଚାରୋଟି ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ କେବଳ ଛତିଶଗଡ଼ରେ ଦୁଇ ପର୍ଯ୍ୟାୟରେ ମତଦାନ ହେବ ବୋଲି ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ଡିସେମ୍ବର ୧୧ରେ ଭୋଟ ଫଳାଫଳ ପ୍ରକାଶ ପାଇବ। ତେବେ ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହି ଭୋଟ ଜିତିବା ଉଭୟ ଭାଜପା ଏବଂ କଂଗ୍ରେସ ପାଇଁ ସମ୍ମାନର ବିଷୟ।




ସିଇସି ଓ.ପି. ରାୱତ୍।

ଏମ୍‌ପି, ରାଜସ୍ଥାନ ଏବଂ ଛତିଶଗଡ଼ରେ ଲୋକଙ୍କ ଆସ୍ଥା ଜିଣି ପୁନଃ କ୍ଷମତା ଦଖଲ କରିବା ଭାଜପା ପାଇଁ ସବୁଠୁ ବଡ଼ ପରୀକ୍ଷା।

ମୁହାଁମୁହିଁ ହେବା ପାଇଁ ପ୍ରସ୍ତୁତ ହୋଇରହିଛି ନିର୍ବାଚନୀ କ୍ଷେତ୍ର। କେବଳ ☞ପୃଷ୍ଠା-୨

### ବିଧାନସଭା ନିର୍ବାଚନ ୨୦୧୮

| ରାଜ୍ୟ | ଆସନ | ଭୋଟ ତାରିଖ |
|---|---|---|
| ଛତିଶଗଡ | ୯୦ | ୧ମ ପର୍ଯ୍ୟାୟ (୧୮) ନଭେମ୍ବର ୧୨<br>୨ୟ ପର୍ଯ୍ୟାୟ (୭୨) ନଭେମ୍ବର ୨୦ |
| ମଧ୍ୟପ୍ରଦେଶ | ୨୩୦ | ନଭେମ୍ବର ୨୮ |
| ମିଜୋରାମ | ୪୦ | ନଭେମ୍ବର ୨୮ |
| ରାଜସ୍ଥାନ | ୨୦୦ | ଡିସେମ୍ବର ୭ |
| ତେଲେଙ୍ଗାନା | ୧୧୯ | ଡିସେମ୍ବର ୭ |

**୫ ରାଜ୍ୟରେ ଭୋଟ ଗଣତି ଡିସେମ୍ବର ୧୧**

ଆପଣଙ୍କ ଏହି କପି ସହିତ ପାଇବେ **ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

**ବଡ଼ ସଫଳତା**

### ଆଜିର ମନ୍ତବ୍ୟ

"ଅର୍ଥନୈତିକ ସନ୍ତୁଳନ ବିନା ରାଜନୈତିକ ସ୍ଥିରତା ଅସମ୍ଭବ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆୟାନ୍
ପରିବାରବର୍ଗ



ଫୁଲେଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କୁକୁର ମାରି କଲିଜା ଖାଇଲେ ଛାତ୍ର

ଲକ୍ଷ୍ମୀପୁର,୬।୧୦: ଶିକ୍ଷିତ ହୋଇ ମଧ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିବା ଜଣେ ଶିକ୍ଷକ ପିଲାଙ୍କୁ କେଉଁଭଳି ଅଦ୍ଭୁତ ପରାମର୍ଶ ଦେଇପାରନ୍ତି, ତାହାର ଏକ ଜ୍ୱଳନ୍ତ ନମୁନା ହେଉଛନ୍ତି ଲକ୍ଷ୍ମୀପୁର ବ୍ଲକ୍ ଓୟାପୁଟ ନେତାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ। କୁକୁରକୁ ମାରି ତା'ର କଲିଜା ଖାଇଲେ ଜଳାତଙ୍କ ହୁଏନାହିଁ। ସେ ଏଭଳି ପରାମର୍ଶ ଦେବା ପରେ କୁକୁର କାମୁଡ଼ାର ଶିକାର ଜଣେ ଛାତ୍ର ନିଜ ସହପାଠୀଙ୍କ ସହ ମିଶି କୁକୁର ମାରି ତାର କଲିଜା ରୋଷେଇ କରି ଖାଇଛନ୍ତି ଓ ଅସୁସ୍ଥ ହୋଇଛନ୍ତି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ଏ ହେଉଛି ଅଭାବନୀୟ ଚିତ୍ର।

## ପିଏଚ୍.ଡି ଲାଭ



ଶ୍ରୀମତୀ ଶ୍ରାବନ୍ତୀ ସର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ "Critical issue of Worklife Balance" in IT Sector ବିଷୟରେ ଗବେଷଣା କରି ଲେଖିଥିବା ସନ୍ଦର୍ଭଟି ଭାରତ ଓ ବିଦେଶରେ ପରୀକ୍ଷକ ତଥା ଗବେଷକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଡକ୍ଟରେଟ୍ ଲାଭ କରିଅଛନ୍ତି। ଆଧୁନିକ ଯୁଗରେ IT Sectorରେ କାର୍ଯ୍ୟରତଥିବା କୌଣସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର critical issue ଗୁଡିକୁ କିପରିଭାବେ ସେମାନଙ୍କର ନିଜସ୍ୱ ଦୈନନ୍ଦିନ ପାରିବାରିକ ଜୀବନ ଉପରେ ପ୍ରଭାବ ପକାଇଥାଏ ସେ ସମ୍ବନ୍ଧରେ ଶ୍ରୀମତୀ ଶ୍ରାବନ୍ତୀ ସର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଆୟେସକାନ୍ତ ମହାନ୍ତିଙ୍କର ତତ୍ତ୍ୱାବଧାନରେ ଗବେଷଣା କରିଥିଲେ। ପୂର୍ବରୁ ତାଙ୍କର ଏହି ଗବେଷଣା ସମ୍ବନ୍ଧୀୟ ୨ଟି ସନ୍ଦର୍ଭ ଅନ୍ତର୍ଜାତୀୟ ସ୍ତରୀୟ ପତ୍ରିକାରେ ପ୍ରକାଶ ପାଇଅଛି। ଡକ୍ଟର ଶ୍ରୀବନ୍ତ ସର ବର୍ତ୍ତମାନ ଜଣେ Assistant Professor ଭାବେ ଭୁବନେଶ୍ୱରସ୍ଥିତ ITER ବିଶ୍ୱବିଦ୍ୟାଳୟରେ ଅବସ୍ଥାପିତ। ଡକ୍ଟର ସର industrial development corporation of Odisha Ltd.ର ଅବସରପ୍ରାପ୍ତ Dy. Managar ଶ୍ରୀ ଆର.ଏନ୍ ବାରିକ୍ ଓ Junior Officer ଶ୍ରୀମତୀ ସୁଷମା ମହାପାତ୍ରଙ୍କର ସୁପୁତ୍ରୀ ଓ ସ୍ୱର୍ଗତ ଗୌରହରି ସରଙ୍କର କନିଷ୍ଠ ପୁତ୍ରବଧୂ ଅଟନ୍ତି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ତାଙ୍କରି ଶୁଭଚିନ୍ତକ ବନ୍ଧୁ ଓ ପରିବାରବର୍ଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ମଙ୍ଗଳକାମନା କରିଅଛନ୍ତି। ଧ-୬୫୦୧୨

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା





(ଆୟାନ୍)
**ଶ୍ରେୟାଂଶୁ ତ୍ରିପାଠୀ**
ମେଟ୍ରେ କଲୋନୀ, ନହରକଣ୍ଟା, ଭୁବନେଶ୍ୱର

ଜନ୍ମଦିନ ଅବସରରେ ଅନେକ ଅନେକ ଶ୍ରଦ୍ଧା ଓ ଶୁଭେଚ୍ଛା। ମହାପ୍ରଭୁ ତୋର ଚଲାପଥ କୁସୁମିତ କରନ୍ତୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ପାପା, ମାମା, ବଡପାପା, ବଡମାମା, ଜେଜେ, ଜେଜେମା, ଅଜା, ଆଈ, ଲକି, ବାପୁନ, ମାମାଲି, ପୁନ୍ତୁ, ଓମ୍ ଓ ସମସ୍ତ ପରିବାରବର୍ଗ। ଧ-୮୬୬୮

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଦେଶର ତୈଳ ଆମଦାନୀ ପରିମାଣ ୫୩.୫୫% ବୃଦ୍ଧି ଘଟି ୫୮.୮୧ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ

# ସରକାରୀ ଅଫିସ ହେବ ପଲିଥିନ ମୁକ୍ତ




- କର୍ମଚାରୀ, ଅଧିକାରୀ ନେବେ ଶପଥ
- ସରକାରୀ କାର୍ଯ୍ୟରେ ବ୍ୟବହାର ହେବ ନାହିଁ ପାଣିବୋତଲ, ଥର୍ମୋକୁଲ ସାମଗ୍ରୀ
- ପୁରସ୍କୃତ ହେବ ପଲିଥିନ ମୁକ୍ତ ସ୍କୁଲ
- ୨୯ରୁ ସହରାଞ୍ଚଳରେ ହେବ ଚଢ଼ାଉ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ସଚିବାଳୟ ସମେତ ସମସ୍ତ ସରକାରୀ ଅଫିସ ହେବ ପଲିଥିନ ମୁକ୍ତ। ସରକାରୀ ବୈଠକ, ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଉତ୍ସବରେ ମଧ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ପ୍ଲାଷ୍ଟିକ ପାଣି ବୋତଲ, ଥର୍ମୋକୁଲ ନିର୍ମିତ ସାମଗ୍ରୀ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ବ୍ୟବହାର ଉପରେ କଟକଣା ଜାରି ହେବ। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖିବ। ଏଥିସହିତ ସମସ୍ତ ସରକାରୀ କର୍ମଚାରୀଙ୍କୁ ପଲିଥିନ ବ୍ୟବହାର ନ କରିବାକୁ ଶପଥ ପାଠ କରାଯିବ ବୋଲି ପରିବେଶ ବିଭାଗ ନିର୍ଦ୍ଦେଶକ କେ. ମୁରୁଗୁସେନ କହିଛନ୍ତି। ଯେଉଁ ସ୍କୁଲ ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ ହେବ ତାହାକୁ ପରିବେଶ ଦିବସରେ ପୁରସ୍କୃତ କରାଯିବ। ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ଥିବା ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟ ଷ୍ଟିଡିଜ କର୍ମକର୍ତ୍ତା ସ୍କୁଲ ବୁଲି ରିପୋର୍ଟ ସଂଗ୍ରହ କରିବେ । ସ୍କୁଲ ଓ କଲେଜରେ ପିଲାମାନଙ୍କୁ ପଲିଥିନ ବ୍ୟବହାରର କୁପରିଣାମ ସମ୍ପର୍କରେ ଅବଗତ କରିବାକୁ ସ୍କୁଲ ଓ ଗଣଶିକ୍ଷା ଏବଂ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖାଯାଇଛି ବୋଲି ସେ କହିଛନ୍ତି।

ଅକ୍ଟୋବର ୨ ତାରିଖରୁ ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ପଲିଥିନକୁ ନିଷେଧ କରାଯାଇଛି । ଏ ନେଇ ବିଭାଗ ପକ୍ଷରୁ ସେପ୍ଟେମ୍ବର ୨୯ ତାରିଖରେ ଏକ ଆଦେଶନାମା ଜାରି କରାଯାଇଛି। ଆସନ୍ତା ଅକ୍ଟୋବର ୨୯ ତାରିଖ ମଧ୍ୟରେ ପଲିଥିନ ହଟାଇବାକୁ ଉତ୍ପାଦନକାରୀ ଓ ବ୍ୟବସାୟୀମାନଙ୍କୁ ପରାମର୍ଶ ଦିଆଯାଇଛି।

୫୦ ମାଇକ୍ରନରୁ କମ ମୋଟେଇର ପଲିଥିନ ଦୋକାନୀମାନେ ବିକ୍ରି କିମ୍ବା ବ୍ୟବହାର କରି ପାରିବେ ନାହିଁ। ଆଇସକ୍ରିମ, ବର୍ଜ୍ୟବସ୍ତୁ ଫିଙ୍ଗିବା, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ନର୍ସରୀ, ଉଦ୍ୟାନ କୃଷି, ରକ୍ତ ସଂଗ୍ରହ, ସିରିଞ୍ଜ ଆଦି ପ୍ୟାକିଂରେ ପଲିଥିନ ବ୍ୟବହାର ହେବ। କୌଣସି ବ୍ୟକ୍ତି ଜାଣିକରି ହେଉ କିମ୍ବା ଅଜଣାତରେ ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପ୍ଲାଷ୍ଟିକ ବୋତଲଗୁଡ଼ିକୁ ଫେରାଇ ନେବାକୁ ଉତ୍ପାଦନକାରୀ ସଂସ୍ଥା ବାଧ୍ୟ । ଯଦି ଏହା ନ କରାଯାଏ ତେବେ ସମ୍ପୃକ୍ତ ଉତ୍ପାଦନକାରୀ ସଂସ୍ଥା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ୧ ବର୍ଷ ଜେଲ ଓ ୫ ଲକ୍ଷ ଟଙ୍କା ଜରିମାନା ମଧ କରାଯିବ । ଦ୍ୱିତୀୟଥର ପାଇଁ ଏହାକୁ ଉଲ୍ଲଂଘନ କଲେ କରାଯିବ ତେବେ ଦୈନିକ ୫ ହଜାର ଟଙ୍କା ହିସାବରେ ଜରିମାନା ଦେବାକୁ ପଡିବ। ତୃତୀୟ ଥର ଯଦି ଆଇନ ଉଲ୍ଲଂଘନ କରିବେ ତେବେ ଉଲ୍ଲଂଘନକାରୀଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଓ ୧୦ ଲକ୍ଷ ଯାଏ ଜରିମାନା କରାଯିବ । ଅକ୍ଟୋବର ୨୯ ତାରିଖରୁ ସହରାଞ୍ଚଳରେ ସ୍ୱତନ୍ତ୍ର ସ୍କ୍ୱାଡ ଜରିଆରେ ଚଢାଉ ଆରମ୍ଭ କରାଯିବ ବୋଲି ମୁରୁଗୁସେନ କହିଛନ୍ତି।

ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ ୧୯୯୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିପାରିବେ। ଜିଲାପାଳ ପଲିଥିନ କଟକଣାକୁ କଡାକଡି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ, ଏସପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌର ସଂସ୍ଥାର ଅଧିକାରୀମାନଙ୍କୁ ସାମିଲ କରିପାରିବେ। ସିନେମା ହଲ୍ ମାଲିକମାନେ ଚଳଚ୍ଚିତ୍ର ଚାଲିଥିବା ବେଳେ ପରଦାରେ ବର୍ଷକ ପାଇଁ ପଲିଥିନ କଟକଣା ନେଇ ସ୍କ୍ରୋଲିଂ କରିବେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ଲାଷ୍ଟିକ ଉତ୍ପାଦନ କରୁଥିବା ଶିଳ୍ପ ବନ୍ଦ ହେବା ନେଇ ପୌର ପରିଷଦ ଓ ମହାନଗର ନିଗମକୁ ଜଣାଇବେ। ପ୍ଲାଷ୍ଟିକର କୁପ୍ରଭାବ ନେଇ ବେସରକାରୀ ସଂସ୍ଥା ଓ ଇକୋ କ୍ଲବଗୁଡିକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବେ। ପଲିଥିନ ବିକ୍ରି କରୁଥିବା ସଂସ୍ଥା ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇବାର ମାସକ ମଧ୍ୟରେ ସେଗୁଡିକୁ ନଷ୍ଟ କରିବାକୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୫ ରାଜ୍ୟରେ...

ଅପେକ୍ଷା ଥିଲା ବିଧିବଦ୍ଧ ଘୋଷଣାକୁ। ଶନିବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିବା ପରେ ବାଜିଛି ରଣଭେରୀ। ଏବେ ପାଞ୍ଚ ରାଜ୍ୟରେ ବଢ଼ିଯାଇଛି ନିର୍ବାଚନୀ ତାତି। ସିଇସିଙ୍କ ଘୋଷଣା ଅନୁଯାୟୀ, ଛତିଶଗଡ଼ରେ ଦୁଇ ପର୍ଯ୍ୟାୟରେ ନଭେମ୍ବର ୧୨ ଏବଂ ୨୦ରେ ଭୋଟ ହେବ। ନଭେମ୍ବର ୨୮ରେ ମଧ୍ୟପ୍ରଦେଶ, ମିଜୋରାମ୍‌ରେ ଏବଂ ଡିସେମ୍ବର ୭ରେ ରାଜସ୍ଥାନ, ତେଲେଙ୍ଗାନାରେ ମତଦାନ ହେବ। ଭାଜପା ଶାସିତ ରାଜ୍ୟ ଏମ୍‌ପି, ରାଜସ୍ଥାନ ଏବଂ ଛତିଶଗଡ଼ରେ କଂଗ୍ରେସ ସହ ଗୈରିକ ଦଳର ଲଢ଼େଇ ଜୋର୍‌ଦାର ହେବ। ତେଲେଙ୍ଗାନାରେ ଶାସକ ଟିଆର୍‌ଏସ୍ ଦ୍ୱିତୀୟ ମିଆଦ ଶାସନ ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ମିଜୋରାମ୍‌ରେ କଂଗ୍ରେସ ପୁନର୍ବାର ଗଡ଼ରକ୍ଷା ପାଇଁ ଅଣ୍ଟା ଭିଡ଼ିଛି। ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ଭାଜପା ଲଗାତର ତିନିପାଳି ଶାସନ କଲାଣି। ଅନ୍ୟପଟେ ରାଜସ୍ଥାନରେ ପ୍ରତି ନିର୍ବାଚନରେ ଭାଜପା ଓ କଂଗ୍ରେସ ମଧ୍ୟରେ କ୍ଷମତା ବଦଳୁଛି। ଇସିଙ୍କ ଘୋଷଣା ପରେ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଛି। କିନ୍ତୁ ତେଲେଙ୍ଗାନାରେ ଗତମାସ ବିଧାନସଭା ଭଙ୍ଗ ହେବାଠାରୁ ଏହା ଜାରି ରହିଛି।

ମାଓବାଦୀ ସମସ୍ୟା ଯୋଗୁ ଛତିଗଡ଼ର ୯୦ ବିଧାନସଭା ଆସନ ଲାଗି ଦୁଇ ପର୍ଯ୍ୟାୟରେ ମତଦାନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଦକ୍ଷିଣାଞ୍ଚଳରେ ଥିବା ମାଓବାଦୀ ଅଧ୍ୟୁଷିତ ୧୮ ନିର୍ବାଚନମଣ୍ଡଳୀରେ ନଭେମ୍ବର ୧୨ରେ ଭୋଟଗ୍ରହଣ ହେବ। ଅନ୍ୟ ୭୨ ଆସନ ଲାଗି ସେହିମାସ ୨୦ ତାରିଖରେ ଲୋକେ ମତାଧିକାର ସାବ୍ୟସ୍ତ କରିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଅକ୍ଟୋବର ୧୬ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୨୩ ସୁଦ୍ଧା ଆଶାୟୀ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ ଏବଂ ଦିନକ ପରେ ସେସବୁ ଯାଞ୍ଚ ହେବ। ଅକ୍ଟୋବର ୨୬ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ। ଛତିଶଗଡ଼ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଅକ୍ଟୋବର ୨୬ରେ ବିଜ୍ଞପ୍ତି ଜାରି ହେବା ପରେ ନଭେମ୍ବର ୨ ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ ଏବଂ ୩ ତାରିଖରେ ସେସବୁ ଯାଞ୍ଚ ହେବ। ନଭେମ୍ବର ୫ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରାଯାଇପାରିବ। ୨୦୧୯ ଜାନୁୟାରୀ ସୁଦ୍ଧା ଛତିଶଗଡ଼ରେ ବିଧାନସଭା କାର୍ଯ୍ୟକାଳ ସମାପ୍ତ ହେବ।

ମଧ୍ୟପ୍ରଦେଶ (୨୩୦ ଆସନ) ଓ ମିଜୋରାମ (୪୦)ରେ ବିଧାନସଭା ନିର୍ବାଚନ ଲାଗି ନଭେମ୍ବର ୨ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ ହେବା ପରେ ୧୨ରେ ଯାଞ୍ଚ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ନଭେମ୍ବର ୧୪। ଏମ୍‌ପି ଓ ମିଜୋରାମ୍ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ଜାନୁୟାରୀ ୭ ଏବଂ ଡିସେମ୍ବର ୧୫ରେ ଶେଷ ହେବାକୁ ଯାଉଛି। ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ଓ ୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୧୨ରେ ବିଜ୍ଞପ୍ତି ପ୍ରକାଶ ପାଇବ। ନଭେମ୍ବର ୧୯ ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ ହେବା ପରେ ୨୦ ତାରିଖରେ ସେସବୁ ଯାଞ୍ଚ ହେବ। ନିର୍ବାଚନରୁ ଓହରିବାକୁ ଚାହୁଁଥିବା ଆଶାୟୀ ସେହିମାସ ୨୨ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ୨୦୧୯ ଜାନୁୟାରୀ ୨୦ରେ ରାଜସ୍ଥାନ ବିଧାନସଭାର କାର୍ଯ୍ୟକାଳ ପୂରିବ। ତେବେ ଶାସନ ଅବଧି ଶେଷ ହେବାର ନଅମାସ ପୂର୍ବରୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ବିଧାନସଭା ଭଙ୍ଗ କାରିସାରିଛନ୍ତି। ଗତମାସ ସେ ଏହି ଘୋଷଣା କରିବା ପରେ ରାଜ୍ୟରେ ନିର୍ବାଚନୀ ବାତାବରଣ ସୃଷ୍ଟି ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚାପରେ ପଡ଼ି ସିଇସି ବିଧାନସଭା ନିର୍ବାଚନ ତାରିଖ ଘୋଷଣାରେ ବିଳମ୍ବ କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଏହାର ଜବାବରେ ରାୱତ୍ କହିଛନ୍ତି, କୌଣସି ଆଡୁ ଚାପ ପଡ଼ିନାହିଁ। ସବୁ ଦିଗରୁ ଚିନ୍ତାକରି ନିଷ୍ପତ୍ତି ନିଆଯାଇଛି।

ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଛତିଶଗଡ଼, ଏମ୍‌ପି ଓ ରାଜସ୍ଥାନରେ ୨୫୦୦ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଏସବୁ ରାଜ୍ୟରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭୋଟର ଭେରିଫାଏଡ୍‌ପେପର ଅଡିଟ୍‌ଟ୍ରାଏଲ (ଭିଭିପିଏଟି) ବ୍ୟବହାର ହେବ। ଆବଶ୍ୟକ ସଂଖ୍ୟକ ମେଶିନ ଯୋଗାଇଦିଆଯାଇଛି ବୋଲି ସିଇସି ରାୱତ୍ କହିଛନ୍ତି।

### ଖାତକୁ ଖସିଲା...

ଗାଡ଼ି ଚାଳକ ମଧ ପ୍ରାଣ ହରାଇଛନ୍ତି। ସୂଚନା ମୁତାବକ, ମିନିବସ୍‌ଟି ବନିହାଲ୍‌ଠାରୁ ରାମବନ ସହରକୁ ଯାତ୍ରା କରୁଥିବାବେଳେ ପୂର୍ବାହ୍ନ ୯ଟା ୫୫ରେ ମହରୁଙ୍ଗ୍ ନିକଟବର୍ତ୍ତୀ କେଲା ମୋର୍ ଅଞ୍ଚଳରେ ୨୦୦ ଫୁଟ୍ ଗଭୀର ଖାତକୁ ଖସି ପଡ଼ିଥିଲା। କ୍ଷମତାଠାରୁ ଅଧିକ ସଂଖ୍ୟକ ଲୋକଙ୍କୁ ଧରି ଯାତ୍ରା କରୁଥିବା ଯୋଗୁ ଡ୍ରାଇଭର ଜଣକ ଭାରସାମ୍ୟ ହରାଇଥିଲେ। ଫଳରେ ମିନିବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୋଦୋ-କିସ୍ତୱର-ରାମବନ ରେଞ୍ଜ ପୋଲିସ ଡିଆଇ ରଫିକ୍-ଉଲ୍-ହସନ୍ ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଉଦ୍ଧାରକାର୍ଯ୍ୟରେ ଲାଗିପଡ଼ିଥିଲେ। ସଙ୍ଗେ ସଙ୍ଗେ ପୋଲିସ ଏବଂ ସେନା ଟିମ୍ ସେଠାରେ ପହଞ୍ଚିଥିଲା। ରାମବନ ଡିସିପି ସୌକତ୍ ଅଜିଜ୍ ଏବଂ ଏସ୍‌ଏସ୍‌ପି ଅନିତା ଶର୍ମା ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେନାର ଚିତା, ଚେତକ୍ ହେଲିକପ୍ଟର, ଘରୋଇ ଏବଂ ଏକ ସରକାରୀ ହେଲିକପ୍ଟର ମଧ ଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଗୁରୁତର ଆହତଙ୍କୁ ଉଧମ୍‌ପୁର ସେନା ଡାକ୍ତରଖାନା ଏବଂ ଜମ୍ମୁ ମେଡିକାଲ କଲେଜ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପ୍ରାଣହାନିକୁ ନେଇ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଏନ୍‌ସି ସଭାପତି ଫାରୁକ୍ ଅବ୍‌ଦୁଲ୍ଲା ଏବଂ କାର୍ଯ୍ୟକାରୀ ସଭାପତି ଓମାର୍ ଅବ୍‌ଦୁଲ୍ଲା ମଧ ଶୋକପ୍ରକାଶ କରିଛନ୍ତି। ସେହିପରି ସୋପିଆନ୍ ଜିଲାର କୋନିପୋରାଠାରେ ସେନା ଗାଡ଼ି ଓଲଟି ପଡ଼ିବାରୁ ୧୬ ଜଣ ଯବାନ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସମସ୍ତଙ୍କୁ ଶ୍ରୀନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯବାନଙ୍କ ଅବସ୍ଥା ସ୍ଥିର ରହିଥିବା ସେନା ସୂତ୍ରରୁ ପ୍ରକାଶ।

# ଧଉଳି, ବରୁଣେଇ, ଖଣ୍ଡାଧାରରେ ହେବ ରୋପ୍‌ୱେ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ବିଗତ ୪ ବର୍ଷରେ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ଦିଗରେ ୪୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। ପର୍ଯ୍ୟଟକମାନଙ୍କ ରହଣି ସୁବିଧା ଲାଗି ଖୁବ୍‌ଶୀଘ୍ର ରାଜ୍ୟରେ ଆଉ ୫ରୁ ୬ଟି ନୂଆ ହୋଟେଲ ଖୋଲିବାକୁ ଯାଉଛି। ଏଥିସହ ଆଗାମୀ ଦିନରେ ଧଉଳି, ଖଣ୍ଡାଧାର ଓ ବରୁଣେଇରେ ରୋପୱେ ସ୍ଥାପନ କରାଯିବାର ଯୋଜନା ହୋଇଛି। ଫଳରେ ପର୍ଯ୍ୟଟକମାନେ ଏଠାକୁ ବୁଲିଆସିବା ବେଳେ ରୋପୱେର ମଜା ନେବା ସାଙ୍ଗକୁ ଏଠାକାର ପ୍ରାକୃତିକ ମନୋରମ ପରିବେଶକୁ ଉପଭୋଗ କରିପାରିବେ। ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଚାଲିଥିବା ଓଡ଼ିଶା ଟ୍ରାଭେଲ୍ ବଜାରର ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ଦିନରେ ଅନୁଷ୍ଠିତ ବି୨ବି ବୈଠକକୁ ଉଦ୍‌ଘାଟନ କରି ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହା କହିଛନ୍ତି।



ଓଡ଼ିଶା ଟ୍ରାଭେଲ ବଜାର ଦ୍ୱିତୀୟ ଦିବସକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

ବି୨ବି ବୈଠକରେ ୨୩ଟି ଦେଶର ୬୦ ବିଦେଶୀ ଟୁର ଅପରେଟର ଓ ୨୦ ସ୍ଥାନୀୟ ଟୁର୍ ଅପରେଟର ଅଂଶଗ୍ରହଣ କରି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। କେଉଁ ସବୁ କ୍ଷେତ୍ରରେ ସହଯୋଗିତା ବଢ଼ାଇବାର ସୁଯୋଗ ରହିଛି ତାହାକୁ ସେମାନେ ଖୋଜିବାକୁ ପ୍ରୟାସ କରିଛନ୍ତି। ବିଦେଶୀ ଟୁର୍ ଅପରେଟରମାନେ କୋଣାର୍କ, ପୁରୀ, ଭିତରକନିକା ଓ ରାଜ୍ୟର ଆଦିବାସୀ ଅଞ୍ଚଳ ପରିଦର୍ଶନ କରିବା ପରେ ବହୁତ ଖୁସି ଅଛନ୍ତି। ତେଣୁ ସେମାନେ ନିଶ୍ଚିତ ଭାବେ ସ୍ଥାନୀୟ ହୋଟେଲ୍ ଓ ଟୁର୍ ଅପରେଟରଙ୍କ ସହିତ କିଛି ନା କିଛି ବୁଝାମଣା କରିବେ ବୋଲି ଆଶା କରାଯାଉଛି। ବିଶେଷ କରି ହୋଟେଲଗୁଡ଼ିକ ମଧ୍ୟରେ କିଛିଟା ବୁଝାମଣା ହେବାର ଅଧିକ ସମ୍ଭାବନା ରହିଛି। ମନ୍ତ୍ରୀ ପଣ୍ଡା କହିଛନ୍ତି, ପୂର୍ବ ସଂସ୍କରଣ ତୁଳନାରେ ଚଳିତ ବର୍ଷର ବି୨ବି ବୈଠକରେ ଅଧିକ ସଂଖ୍ୟାରେ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏହି ବୈଠକରୁ କିଛିଟା ଭଲ ଖବର ମିଳିବ ବୋଲି ଆମେ ଆଶା କରୁଛୁ। ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ପରେ ବିଦେଶୀ ଟୁର୍ ଅପରେଟରମାନେ ଖୁସି ଥିବାରୁ ଏହି ଆଶା ବଢ଼ିଯାଇଛି। କ୍ରେତା ବିକ୍ରେତାଙ୍କ ମଧ୍ୟରେ କେତେକ ବୁଝାମଣା ସ୍ୱାକ୍ଷରିତ ହେବାର ବହୁତ ସମ୍ଭାବନା ରହିଛି।

ଏହି ଅବସରରେ ଆୟୋଜିତ ଏକ ପ୍ରଦର୍ଶନୀରେ ୫୬ଟି ଷ୍ଟଲ ପଡ଼ିଛି। ଷ୍ଟଲଗୁଡ଼ିକରେ ରାଜ୍ୟରେ ଥିବା ପର୍ଯ୍ୟଟନ ସୁଯୋଗ ସମେତ ଟୁର୍ ଅପରେଟରମାନେ ସେମାନଙ୍କ ସମ୍ପତ୍ତି ଓ ପ୍ୟାକେଜ୍‌ଗୁଡ଼ିକୁ ପ୍ରଦର୍ଶନ କରିଛନ୍ତି। ଫିକି ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ ମହାନ୍ତି କହିଛନ୍ତି, ଏଥର ୧୮୦୦ଟି ବୈଠକ ଆୟୋଜନ କରାଯାଇଛି। ଅପରେଟରମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏଥର ଅଧିକ ବୈଠକ ଆୟୋଜନ କରାଯାଇଛି। ବିଦେଶୀ ପର୍ଯ୍ୟଟକ ଆଗମନ ବିଷୟରେ ସୂଚନା ଦେଇ ସେ କହିଛନ୍ତି, ପୂର୍ବବର୍ଷ ୧ ଲକ୍ଷରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ତା' ପୂର୍ବବର୍ଷ ୮୦ ହଜାରରୁ ଅଧିକ ପର୍ଯ୍ୟଟକ ଆସିଥିଲେ। ପର୍ଯ୍ୟଟକ ସଂଖ୍ୟା ବଢୁଛି। ଓଡ଼ିଶା ଆମ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳଭାବେ ଉପସ୍ଥାପନ କରିବାକୁ ପ୍ରୟାସ କରୁଛୁ। ବିଶ୍ୱ ସ୍ତରରେ ଓଡ଼ିଶା ପର୍ଯ୍ୟଟନର ଦୃଶ୍ୟମାନତା(ଭିଜିବିଲିଟି) ବଢ଼ାଇବାକୁ ଚାହୁଁଛୁ ବୋଲି ସେ କହିଛନ୍ତି।

### ଓଡ଼ିଶା ଟ୍ରାଭେଲ ବଜାର

- ଦ୍ୱିତୀୟ ଦିବସରେ ଟୁର୍ ଅପରେଟରଙ୍କୁ ନେଇ ବି୨ବି ବୈଠକ
- ଭାଗନେଲେ ୨୩ ଦେଶର ୬୦ ବିଦେଶୀ ଟୁର୍ ଅପରେଟର

# 'ପୃଥ୍ୱୀ-୨' ପରୀକ୍ଷଣ

ବାଲେଶ୍ୱର ଅଫିସ, ୬।୧୦

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର ୩ ନମ୍ବର ଲଞ୍ଚପ୍ୟାଡରୁ ଶନିବାର ରାତି ୮ଟା ୩୫ ମିନିଟ୍‌ରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ 'ପୃଥ୍ୱୀ-୨'ର ପରୀକ୍ଷଣ କରାଯାଇଛି। ସ୍ଥଳଭାଗରୁ ସ୍ଥଳଭାଗକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର ୧ ହଜାର କି.ଗ୍ରା. ପର୍ଯ୍ୟନ୍ତ ପାରମ୍ପରିକ ତଥା ଆଣବିକ ଯୁଦ୍ଧାସ୍ତ୍ର ବହନ କ୍ଷମତା ରଖୁଛି। ଚଳିତବର୍ଷ ଏହା 'ପୃଥ୍ୱୀ-୨'ର ୪ର୍ଥ ପରୀକ୍ଷଣ। ଗତ ଫେବୃୟାରୀରେ ୨ଥର ପରୀକ୍ଷଣ ହୋଇଥିଲା। ସମ୍ପ୍ରତି ଆଉ ୨ ଥର ରାତିରେ ପରୀକ୍ଷା କରାଯାଇଛି। ଡିଆରଡିଓ ସହଯୋଗରେ ପ୍ରତିରକ୍ଷା ବାହିନୀର ଷ୍ଟ୍ରାଟେଜିକ୍ ଫୋର୍ସର କମାଣ୍ଡୋଙ୍କ ପକ୍ଷରୁ ନିୟମିତ ଭାବେ ଏହାର ବ୍ୟବହାରିକ ଦିଗକୁ ନେଇ ପରୀକ୍ଷଣ କରାଯାଇ ଆସୁଥିବା ଆଇଟିଆର ପକ୍ଷରୁ ସୂଚନା ଦିଆଯାଇଛି। ୩୫୦ କି.ମି. ଦୂରତା ଯାଏ ଲକ୍ଷ୍ୟଭେଦ କରୁଥିବା 'ପୃଥ୍ୱୀ-୨'କୁ ଭାରତୀୟ ସେନାର ୩୩୩-କ୍ଷେପଣାସ୍ତ୍ର ରେଜିମେଣ୍ଟରେ ସାମିଲ କରାଯାଇଛି। ଏହାର ଲମ୍ବ ୮.୫୬ ମିଟର, ମୋଟେଇ ୧୧୦ସେମି ଏବଂ ଓଜନ ୪.୬ଟନ୍।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଭିତରେ ଦିନଟି କଟାଇବାକୁ ପଡ଼ିପାରେ । ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ପରିବହନ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ସାହିତ୍ୟ,କଳା, ସଙ୍ଗୀତ,ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଅଶ୍ୱିନୀ ନକ୍ଷତ୍ର କାର୍ଯ୍ୟହାନି ହେତୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ବୃଷ** ତୃତୀୟସ୍ଥ ରାହୁଙ୍କ ଅବସ୍ଥିତିରୁ ନିଜ ଲୋକମାନଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ପ୍ରକାରର ଅଭାବ, ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ୍ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। କଳା,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** ଧନ ସ୍ଥାନରେ ପାପଗ୍ରହ ଏବଂ ତୃତୀୟସ୍ଥ ଚନ୍ଦ୍ର ଯୋଗୁ ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି ବିବାଦ ଲାଗି ରହିପାରେ । ଅଫିସରେ ହେଉନା କାହିଁକି ବୟସ୍କ ବ୍ୟକ୍ତିମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ । ଯାଉଥିବା ରାସ୍ତାରେ ଚୋରି କିମ୍ବା ନିଜର ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ** ଯେକୌଣସି କର୍ମାରମ୍ଭର ପ୍ରଥମାବସ୍ଥାରେ ଅସୁବିଧା ଭଳି ମନେହେଲେ ମଧ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିପାରିବେ। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିକୋଣରୁ ଯେତେ ଦୁଃଖ ମନରେ ଭରିରହିଥିଲେ ମଧ ଚନ୍ଦ୍ର ପ୍ରଭାବରୁ ହସିଲେ କଥା କହିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି । ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ ।

**ସିଂହ** ମନରେ ଅଦମ୍ୟ ଉତ୍ସାହ ଓ ସାହସ ଭରି ରହିଥିଲେ ମଧ ରବିଙ୍କ ବଳହୀନତା ଜନିତ ଶାରୀରିକ ଅସୁସ୍ଥତା ପଛକୁ ଫେରାଇପାରେ । ପାରିବାରିକ କ୍ଷେତ୍ରରେ ରହିଥିବା ବୈଷମ୍ୟ ନେଇ ଚିନ୍ତିତ ଥିଲେ ମଧ ସମ୍ମୁଖରେ ତାହା ପ୍ରକାଶ କରିପାରିବେ ନାହିଁ। ବାଣିଜ୍ୟ ଓ ବ୍ୟବସାୟରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କନ୍ୟା** ବୁଧ ଏବଂ ଶୁକ୍ରଙ୍କ ସହ ଗୁରୁଙ୍କ ସଂଯୋଗ ଏକାଧାରରେ ଆର୍ଥିକ ଉନ୍ନତି ସହ ସାମାଜିକ କ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ କରାଇବ । ଆଜି ଶୁକ୍ରଙ୍କ ସୁପ୍ରଭାବରୁ ମନ ଖୁସୀ ରହିଲେ ମଧ ଚନ୍ଦ୍ର ପ୍ରଭାବରୁ ମନରେ ଅସ୍ଥିରତା ପ୍ରାୟତଃ ଲାଗି ରହିବ । ଦୀର୍ଘଦିନରୁ ସାଧାରଣ କଥାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବା ଆଶା କରାଯାଇପାରେ।

**ତୁଳା** ଦୀର୍ଘଦିନରୁ ମନ ଭିତରେ ରହିଥିବା ଅଭିଳାଷକୁ ପୂରଣ କରିବା ଦିଗରେ ଚେଷ୍ଟାକଲେ ସଫଳତା ପାଇପାରିବେ। ରାହୁଙ୍କ କୁପ୍ରଭାବରୁ ସ୍ୱାତୀ ପାଇଁ କୌଣସି ବନ୍ଧୁଙ୍କ ଆକସ୍ମିକ ଉପସ୍ଥିତି କିମ୍ବା ଆମନ୍ତ୍ରଣ ପରିସ୍ଥିତିକୁ ଓଲଟାଇ ଦେବା ଆଶଙ୍କା ମଧ ରହିଛି। ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ସୁସ୍ଥତା ରହିବା ହେତୁ ମନ ସାମୟିକ ହାଲୁକା ରହିପାରେ।

**ବିଛା** ଭାଗ୍ୟସ୍ଥାନରେ ରାହୁଙ୍କ ସ୍ଥିତି ଜନିତ କାରଣରୁ ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ। ଚନ୍ଦ୍ର କେନ୍ଦ୍ରସ୍ଥ ହେତୁ କୌଣସି ଅଭାବ ଅସୁବିଧା ନ ଥିଲେ ମଧ ଏଣୁତେଣୁ ଗୁଡ଼ାଏ ବେକାର କଥାରେ ମନ ଅଶାନ୍ତ ରହିବ । ତଥାପି ଅନୁରାଧା ସକାଶେ ଯାହା ନିକଟ ଅତୀତରେ ଯାହା ଭାବୁଥିଲେ ତାହାର ସତ୍ୟତା ଆଜିହିଁ ଅନୁଭବ କରିବେ ।

**ଧନୁ** ବ୍ୟୟାଧିପ ଧନ ସ୍ଥାନରେ ଥିବାରୁ ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ । ଏଣେ ଚନ୍ଦ୍ର ମଧ ନବମସ୍ଥ କାରଣରୁ ଘରେ ଅଶାନ୍ତିର ବାତାବରଣ ସହ ପରିବହନରେ ଝଗଡ଼ା ,କର୍ମକ୍ଷେତ୍ରରେ ଉତ୍ତେଜନା,ଜମିଜମା କଳହକୁ ମଧ ଏଡ଼ିହେବନି। ଆନୁଷ୍ଠାନିକ କାମ,କଳା ,ସାହିତ୍ୟ,ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର** ଚତୁର୍ଥ ଏକାଦଶାଧିପତିଙ୍କ ସବଳତା ପ୍ରତ୍ୟେକ ପରିସ୍ଥିତିରେ ସାମ୍ୟତା ଆଣିବାରେ ସମର୍ଥ ହେବ । ଅବଶ୍ୟ ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି,ତାହା ଶୀଘ୍ର ଆରମ୍ଭ କରିବା ଭଲ ହେବ । ରୋଗଶଯ୍ୟାରେ ପଡ଼ିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସକାଶେ ଆଲୋଚନା ଅବ୍ୟାହତ ରହିପାରେ।

**କୁମ୍ଭ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଜନିତ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ । କଳା,ସାହିତ୍ୟ ସମସ୍ୟାକୁ ସମାଧାନ କରିବେ ଏବଂ ଦୀର୍ଘଦିନର ଅଭିଳାଷ ପୂର୍ଣ୍ଣ ହେବାରୁ ଆନନ୍ଦିତ ହେବେ। ବ୍ୟବସାୟିକ ଦିଗରୁ ଦିନଟି ଭଲ, କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ। କର୍ମକ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ ସବୁକାମ କରିବାକୁ ବାଧ ହେବେ।

**ମୀନ** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା କରିବାକୁ ପଡ଼ିପାରେ । ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବା ସୂଚନା ପାଇପାରନ୍ତି। କଳା,ସଙ୍ଗୀତ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସୀ ହେବେ। ରେବତୀ ନକ୍ଷତ୍ର ଅଭିଳଷିତ କାମ ହାସଲର ଚେଷ୍ଟା ଅବ୍ୟାହତ ରଖିପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଅକ୍ଟୋବର ୭ ତାରିଖ,ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଶ୍ରାଦ୍ଧ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ସକାଳ ଘ୭।୧୦ମି. ଗତେ, ଘ୮ ।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୩୮ମି. ଗତେ ଘ୧୦।୦୬ମି. ମଧ୍ୟେ, ଘ୧ ।୦୨ମି. ଗତେ ଘ୨ ।୩୦ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୩।୫୮ମି. ଗତେ ଘ.୦୫।୨୭ମି. ମଧ୍ୟେ ରାହୁକାଳ।




■ ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗ

# ୫ମ ସଦସ୍ୟଙ୍କ ନାମ ସୁପାରିସ କଲା ଚୟନ କମିଟି

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ଲୋକାୟୁକ୍ତ ନିଯୁକ୍ତି ନେ ଇ ଚୟନ କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ୫ମ ସଦସ୍ୟଙ୍କୁ ମନୋନୀତ କରିଛି। ଏହା ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟପାଳ ଏହାକୁ ଅନୁମୋଦନ କରିବା ପରେ କମିଟିରେ ୫ଜଣ ସଦସ୍ୟ ରହିବେ। ସେହି କମିଟି ଏକ ସର୍ଚ୍ଚ କମିଟି ଗଠନ କରିବାକୁ ସୁପାରିସ କରିବ। ସର୍ଚ୍ଚ କମିଟି ଲୋକାୟୁକ୍ତ ନିଯୁକ୍ତି କରିବାକୁ ସୁପାରିସ କରିବ। ସର୍ଚ୍ଚ କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବ। ପରବର୍ତ୍ତୀ ବୈଠକରେ ସର୍ଚ୍ଚ କମିଟି ଗଠନ ନେଇ ଚୂଡାନ୍ତ ନିଷ୍ପତ୍ତି ହେବ। ଚୟନ କମିଟି ପାଇଁ ଜଣେ ଆଇନ ବିଶେଷଜ୍ଞଙ୍କ ନାମ ସୁପାରିସ କରାଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଚୟନ କମିଟିର ସଦସ୍ୟ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା ପୂରଣ ହୋଇ ନ ଥିବାରୁ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତି ନେଇ ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ। ସର୍ଚ୍ଚ କମିଟି ଲୋକାୟୁକ୍ତ ନିଯୁକ୍ତି ନେଇ ଜୁଲାଇ ୧୦ ତାରିଖରେ ଓଡିଶା ସମେତ ଅନ୍ୟ ରାଜ୍ୟଗୁଡିକର ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ୩ ମାସ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୦ ତାରିଖରେ ଏହି ସମୟସୀମା ଶେଷ ହେଉଥିବାରୁ ରାଜ୍ୟ ସରକାର ସମୟ ବଢାଇବା ପାଇଁ ଆବେଦନ କରିବେ।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାନସଭା ବାଚସ୍ପତି ପ୍ରଦୀପ ଅମାତ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ହାଇକୋର୍ଟ ମୁଖ୍ୟ ବିଚାରପତି କଲ୍ପେଶ ସତ୍ୟେନ୍ଦ୍ର ଝାବେରି ଉପସ୍ଥିତ ଥିଲେ।

# ବିଜେଡି ଛାଡିଲେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ



ବାରିପଦା ଅଫିସ,୬।୧୦

ମୟୂରଭଞ୍ଜର ପୂର୍ବତନ ଲୋକସଭା ସଦସ୍ୟ ଲକ୍ଷ୍ମଣ ଟୁଡୁ ଶନିବାର ଇସ୍ତଫା ଦେଇଛନ୍ତି। ଦଳ ଛାଡିବା କାରଣ ସମ୍ପର୍କରେ ସେ କିଛି ସ୍ପଷ୍ଟ କରିନାହାନ୍ତି। ଶନିବାର ଡାକ ଯୋଗେ ତାଙ୍କ ଇସ୍ତଫାପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା କହିଛନ୍ତି।

ଲକ୍ଷ୍ମଣ ୨୦୦୯ରେ ମୟୂରଭଞ୍ଜ ଲୋକସଭା ଆସନରୁ ବିଜେଡି ଏମ୍‌ପି ଭାବେ ବିଜୟୀ ହୋଇଥିଲେ । ୨୦୧୪ରେ ହୋଇଥିବା ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ସେହିପରି ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ସେ ରାଜ୍ୟ ଯୁବ ଜନତା ଦଳର ଉପସଭାପତି ଥିଲେ। ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଏବଂ ୨୦୦୬ରୁ ୨୦୦୯ ଯାଏ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ପରେ ଦଳ ପକ୍ଷରୁ ତାଙ୍କୁ ମୟୂରଭଞ୍ଜ ଜିଲା ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା। ପଞ୍ଚାୟତ ନିର୍ବାଚନରେ ଦଳର ପରାଜୟ ପରେ ତାଙ୍କୁ ଦାୟିତ୍ୱରୁ ହଟାଇ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କୁ ଜିଲା ସଭାପତି କରାଯାଇଥିଲା। କିଛି ଦିନ ଧରି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁ ନ ଥିଲା। ଦଳ ପକ୍ଷରୁ ତାଙ୍କୁ ଅଣଦେଖା କରାଯାଇଥିବାରୁ ସେ ଇସ୍ତଫା ଦେଇଥିବା ତାଙ୍କ ସମର୍ଥକ ମହଲ ଚର୍ଚ୍ଚା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମଣ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ କିଛି ଚିନ୍ତା କରି ନ ଥିବା କହିଛନ୍ତି।

NECC
NATIONAL EGG CO-ORDINATION COMMITTEE
06.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers






FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph: 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051.
dentsuindia/dhr bhu/33/18

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ବଡ଼ ସଫଳତା



ଆକାର ପଟେଲ

ଏନ୍‌ଡିଏ ସରକାରଙ୍କ କାର୍ଯ୍ୟକାଳ ପୂରି ଆସୁଥିବା ବେଳେ ଏ ସରକାର ଏ ଯାବତ୍ ଦେଶ ପାଇଁ କ'ଣ କରିଛି, ସେ ବିଷୟରେ ଆଲୋଚନା କରାଯିବା ଆବଶ୍ୟକ। ପ୍ରାୟ ସପ୍ତାହେ ହେଲା ଆର୍ଥିକ ବଜାର ଆଉ ଏ ସରକାର ଓ ତାଙ୍କ ଆର୍ଥିକ ନୀତି ପ୍ରତି ଆସ୍ଥା ରଖିପାରୁନାହିଁ। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଛି ଏବଂ ଏହାର ଅବମୂଲ୍ୟାୟନ ଧାରା ଅବ୍ୟାହତ ରହିଛି। ସେହିପରି ପେଟ୍ରୋଲ ଓ ଡିଜେଲ ଦର ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ଏହା ମେ ପୂର୍ବରୁ ଆଉ ବଢ଼ିବ ନାହିଁ ବୋଲି କୌଣସି ଆଶ୍ୱାସନା ମିଳିପାରୁ ନାହିଁ। ଷ୍ଟକ୍ ବଜାରରେ ଅନେକ ମାସ ଭିତରେ ଯାହା ଲାଭ ହୋଇଥିଲା, ତାହା ତିନିଦିନରେ ଧୋଇ ହୋଇଗଲା। ଜଣେ ଗୁଜରାଟୀ ହିସାବରେ ମୁଁ ଏହି ଦେଶରେ ଓ ଏହାର ଅଭିବୃଦ୍ଧି ପାଇଁ ହିଁ ୨୦ ବର୍ଷ ହେଲା ନିବେଶ କରିଆସୁଛି। କିନ୍ତୁ ଏବେ ଅନ୍ୟ ନିବେଶକମାନଙ୍କ ପରି କ୍ଷତିର ସମ୍ମୁଖୀନ ହେଉଛି। ଗତ ପାଞ୍ଚବର୍ଷ ଭିତରେ ଅର୍ଥନୀତିରେ ସେମିତି କିଛି ବୃଦ୍ଧି ଘଟି ନାହିଁ। ଆମେ କହୁଛୁ ଯେ, ଆମେ ବିଶ୍ୱରେ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ, କାରଣ ଚାଇନା ଆମଠାରୁ ମାନ୍ଦା। କିନ୍ତୁ ଏହା ଏକ ଅବିସମ୍ବାଦିତ ସତ୍ୟ ଯେ, ଆମର ଅଭିବୃଦ୍ଧି ଖୁବ୍ ମନ୍ଥର। ସରକାର ଦାବି କରିପାରନ୍ତି ଯେ, ସେମାନେ ନିଜ ଶାସନକାଳ ଭିତରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିପାରିଛନ୍ତି ଏବଂ କଳାଟଙ୍କା ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ତାହା କିଛି ସୁଫଳ ପ୍ରଦାନ କରିଛି ବୋଲି ଆମେ ମାନିପାରୁ ବା ନ ମାନି ପାରୁ। ୨୦୧୯ ପାଇଁ ନିର୍ବାଚନ ପ୍ରଚାର ଅବସରରେ ସରକାର ନିଜର ଅର୍ଥନୈତିକ ରେକର୍ଡକୁ ଜାଲିଆତି କରିପାରିବେ ନାହିଁ।

ବେକାରି ଓ ଅଭିବୃଦ୍ଧିକୁ ନେଇ ଭିନ୍ନ ଦାବି ବି ରହିଛି। କିଛି ବିଶେଷଜ୍ଞଙ୍କ କହିବା ଅନୁସାରେ, ଦେଶର ବେକାରି ସମସ୍ୟାରେ ବିଶେଷ କିଛି ସୁଧାର ଆସି ନାହିଁ। ଚାକିରି ପାଇଁ କାଉଣ୍ଟର ଖୋଲିଛନ୍ତି ବୋଲି ସରକାର ଦାବି କରିଛନ୍ତି। କିନ୍ତୁ ଯଦି ଆମେ କୃଷକ ଗୋଷ୍ଠୀ, ପଟିଦାର, ଜାଠ ଓ ମରାଠାମାନଙ୍କର ସଂରକ୍ଷଣ ଦାବିକୁ ନେଇ ଆନ୍ଦୋଳନ ଉପରେ ନଜର ପକାଇବା, ତେବେ ନିଶ୍ଚିତ ହେବା ଯେ, କୃଷିକୁ ଛାଡ଼ି ଆଧୁନିକ ଅର୍ଥନୀତିକୁ ଆସିବା ଲାଗି ସରକାର ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରି ନାହାନ୍ତି।

ଏ ସରକାରଙ୍କ ବିଦେଶ ନୀତି ଉପରେ ଆଖି ପକାଇଲେ ଆମେ ଦେଖିବା ଯେ, ଚାଇନା ସହ ଆମର ସୀମା ବିବାଦ ବୃଦ୍ଧି ପାଇଛି। ଶ୍ରୀଲଙ୍କା, ନେପାଳ, ମାଳଦ୍ୱୀପ, ଭୁଟାନ ଓ ପାକିସ୍ତାନ ସୀମାରେ ଚାଇନା ତା'ର ଆର୍ଥିକ ଓ ସାମରିକ ଶକ୍ତି ବଳରେ ଗୁରୁତ୍ୱପୂର୍ଣ୍ଣ ଜାଗା ମାଡ଼ିବସିଛି। ଭାରତ ମହାସାଗର ଓ ଦକ୍ଷିଣ ଏସିଆର ପଡ଼ୋଶୀ ଅଞ୍ଚଳ ଉପରେ ଆମର ପ୍ରଭାବ ପାଞ୍ଚବର୍ଷ ତଳେ ଯାହା ଥିଲା ତାହା ଅପେକ୍ଷା ହ୍ରାସ ପାଇଛି। କୌଣସି ବିଶେଷଜ୍ଞ ଏ କଥାକୁ ଅସ୍ୱୀକାର କରିବେ ନାହିଁ। ତେବେ ଏହା ସତ ଯେ, ଅନ୍ୟ କୌଣସି ସରକାର ଥିଲେ ବି ଚାଇନାର ଶକ୍ତିକୁ ପ୍ରତିହତ କରିପାରି ନ ଥାନ୍ତା କାରଣ ଆମର ଶକ୍ତି ଚାଇନାର ସମକକ୍ଷ ନୁହେଁ। ସେହିପରି ଅନ୍ୟ କୌଣସି ସରକାର ବି, ନା ବେକାରି ସମସ୍ୟାରେ ବିଶେଷ ପରିବର୍ତ୍ତନ ଆଣିପାରି ଥାନ୍ତା, ନା ତୈଳଦର ବୃଦ୍ଧିଜନିତ ପରିସ୍ଥିତିର ମୁକାବିଲା କରିପାରିଥାନ୍ତା। ପ୍ରତ୍ୟେକ ସରକାରର ପାରିବାପଣର ସୀମା ରହିଛି।

ତେବେ ମୋ ମତରେ ଏ ସରକାର ଗୋଟିଏ କାମ କରିଛି, ଯାହା ଅନ୍ୟ କୌଣସି ସରକାର କରିନାହାନ୍ତି। ତାହା ହେଉଛି ଆମ ରାଜନୀତି ଓ ବିତର୍କରେ ଏକ ନୂତନ ସ୍ୱରର ପ୍ରବର୍ତ୍ତନ। ଗୋଟିଏ ନିର୍ଦ୍ଦିଷ୍ଟ ମତକୁ ଯିଏ ଗ୍ରହଣ କଲା, ତାକୁ କୁହାଗଲା ଜାତୀୟତାବାଦୀ ଓ ତାକୁ ଯିଏ ବିରୋଧ କଲା ସେ ହେଲା ଦେଶଦ୍ରୋହୀ ଓ ବିଶ୍ୱାସଘାତକ। ଯେଉଁ ଭାବରେ ଆମେ ଆଜି ଭାରତରେ ଯୁକ୍ତି ବା ବିତର୍କ କରୁଛୁ, ତାହା ୨୦୧୪ରୁ ନାଟକୀୟ ଭାବେ ବଦଳିଯାଇଛି। ତାହା କଳାଧନ ହେଉ ବା ଆତଙ୍କବାଦ ବା ଶରଣାର୍ଥୀ ବା ସଂଖ୍ୟାଲଘୁଙ୍କ ସ୍ୱାର୍ଥ, ସବୁଥିରେ ଜାତୀୟ ସ୍ୱାର୍ଥ ଦେଖାଯାଉଛି। ଜାତୀୟ ସ୍ୱାର୍ଥ ବୋଲି ମନେ କରାଯାଉଥିବା କୌଣସି ଜିନିଷ ବିରୋଧରେ ଆପଣ ମତ ଦେଇପାରିବ ନାହିଁ। ସାମରିକ ଶକ୍ତି, ସେଥିପାଇଁ ଯନ୍ତ୍ରାଂଶ ବା ବିମାନ ଆଦି କିଣାରେ ଖର୍ଚ୍ଚ କରାଯାଉଥିବା ବିପୁଳ ଟଙ୍କା ବିରୋଧରେ ଆପଣ ଯଦି କିଛି କହିବେ, ତେବେ ଆପଣ ଜାତୀୟତାବାଦୀ ନୁହନ୍ତି। ଯଦି ଆପଣ ପଡ଼ୋଶୀ ଦେଶ ସହ ଶାନ୍ତି ଚାହିଁଲେ, ତେବେ ଆପଣ ଦେଶଦ୍ରୋହୀ ଓ ବିଶ୍ୱାସଘାତକ। ଆମେ ନିଜ ଲୋକଙ୍କୁ ଶତ୍ରୁ ବୋଲି ଭାବୁଛୁ। ଏହି ଯେଉଁ ପରିବର୍ତ୍ତନ ଏ ସରକାର ସମୟରେ ହୋଇଛି, ତାହା ବଳବତ୍ତର ରହିବ, ୨୦୧୯ରେ ଯେଉଁ ଦଳ କ୍ଷମତାକୁ ଆସୁ ନା କାହିଁକି। ଆମ ଭିତରେ ଏଭଳି ଅଯୌକ୍ତିକ ଚିନ୍ତାଧାରା ଆଗରୁ ଥିଲା, ଏ ସରକାର କେବଳ ତାହା ପଦାକୁ ଆଣିଛନ୍ତି। ମୋ ମତରେ ଏହା ହେଉଛି ଏ ସରକାର ସବୁଠୁ ବଡ଼ ସଫଳତା।

Email: aakar.patel@gmail.com

## ଚିରନ୍ତନୀ

ଫଟାଇ ସେ ଧରଣୀର ବୁକୁ
ଡାକି ଉଠେ ପୁଣି ତୁଆ ତୁଆ
ପଞ୍ଚମୀ ଜୋଛନାକୁ ଠେଲି
ସେ ବାଣୀ ଗଗନେ ଯାଏ ମେଲି
କ୍ରନ୍ଦନ କୁଆଁ କୁଆଁ କୁଆଁ
ଡାକି ଉଠେ ପୁଣି ତୁଆ ତୁଆ।
(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | 6 | | | 4 | | 2 | | | | |
| 7 | | | 5 | | | | | 6 | | | | 4 | 8 | 2 |
| | | | | 8 | C | | 3 | | 6 | | | | | A |
| | | B | | | | | 7 | | D | | | | 0 | 9 |
| | 0 | | 4 | A | | | | 1 | | | | | | C |
| C | | | | D | | | 4 | | | | 2 | | | |
| | 7 | | 2 | | | 5 | D | B | 1 | | | 9 | | E |
| | E | 9 | | 0 | | | A | | 3 | | | | B | |
| 4 | 5 | | E | | | | 8 | | | | | D | A | |
| 8 | | | 1 | | | 2 | | | | | | | | 5 |
| E | | | | | 1 | | | 8 | | B | 7 | | | |
| D | | | | 7 | E | | | 2 | | | 9 | | 5 | |
| 6 | | | 8 | 4 | | 0 | | D | 5 | | | | 3 | |
| | | | 6 | | 0 | | | C | | 4 | 8 | | D | |
| | 8 | | | | | | B | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | B | 8 | 6 | 4 | 1 | A | 2 | 7 | 9 | 0 | 5 | 3 | E |
| 8 | 0 | 2 | 9 | 7 | 1 | D | E | 6 | A | 3 | 5 | 4 | C | B |
| 5 | E | 3 | C | 2 | A | 7 | B | 0 | 4 | 1 | D | 8 | 9 | 6 |
| 6 | 4 | A | D | 5 | E | 9 | C | 3 | B | 2 | 8 | 0 | 1 | 7 |
| 1 | 7 | 9 | B | 3 | 0 | 4 | 5 | 8 | C | E | 6 | 2 | D | A |
| A | 8 | 6 | 2 | 9 | B | 0 | 4 | 7 | D | C | E | 1 | 5 | 3 |
| 2 | 3 | D | 5 | 1 | 7 | E | 6 | B | 9 | 8 | 4 | A | 0 | C |
| 0 | 5 | E | 6 | A | C | 8 | 3 | D | 1 | 7 | B | 9 | 4 | 2 |
| 4 | C | 1 | E | 0 | D | A | 9 | 5 | 3 | 6 | 2 | 7 | B | 8 |
| 9 | B | 7 | 3 | 4 | 8 | 2 | 1 | C | 5 | 0 | A | 6 | E | D |
| 3 | A | 4 | 1 | E | 2 | C | D | 9 | 6 | 5 | 7 | B | 8 | 0 |
| E | 1 | C | 0 | B | 6 | 5 | 2 | A | 8 | D | 9 | 3 | 7 | 4 |
| D | 6 | 8 | A | C | 9 | 3 | 7 | 4 | 0 | B | 1 | E | 2 | 5 |
| B | 2 | 5 | 7 | 8 | 3 | 6 | 0 | 1 | E | 4 | C | D | A | 9 |
| 7 | 9 | 0 | 4 | D | 5 | B | 8 | E | 2 | A | 3 | C | 6 | 1 |

ଗତକାଲିର ଉତ୍ତର

# ସଂକଟରେ ଶିକ୍ଷା ଓ ଶିକ୍ଷକ



ଡ. ପ୍ରଫୁଲ୍ଲ କୁମାର ସାହୁ

ଇତିହାସ କହେ ଏକଦା ଆର୍ଯ୍ୟଭୂମି ଭାରତବର୍ଷର ଶିକ୍ଷା ବ୍ୟବସ୍ଥା ଥିଲା ଖୁବ୍ ଉଚ୍ଚକୋଟୀର। ସେତେବେଳେ ଲୋକାଳୟର କୋଳାହଳମୟ ପରିବେଶଠାରୁ ଦୂରରେ ଗୁରୁକୁଳ ଆଶ୍ରମମାନ ଗଢିଉଠୁଥିଲା ଏବଂ ସେଠାରେ ରହି ଅଧ୍ୟୟନ କରୁଥିଲେ ଜାତିବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗର ବିଦ୍ୟାର୍ଥୀ। ଏଠାରେ ଶ୍ରେଣୀଗୃହ ଶିକ୍ଷା ସହିତ ଯୋଡ଼ିହୋଇ ରହିଥିଲା ଶୃଙ୍ଖଳା ଓ କର୍ତ୍ତବ୍ୟପରାୟଣତା। କେବଳ ଗୁରୁକୁଳ ଆଶ୍ରମ ନୁହେଁ, ସେତେବେଳେ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନ୍ୟାନ୍ୟ ଦେଶଠାରୁ ଭାରତ ଥିଲା ଆଗରେ। ବିଦେଶୀ ପରିବ୍ରାଜକ ଫାହିୟାନ (୫ମ ଶତାବ୍ଦୀ) ଓ ହୁଏନ୍‌ସା(୭ମ ଶତାବ୍ଦୀ)ଙ୍କ ବିବରଣୀ ଅନୁସାରେ ୟୁରୋପର ପ୍ରସିଦ୍ଧ ଅକ୍ସଫୋର୍ଡ ଓ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ବହୁପୂର୍ବରୁ ଭାରତବର୍ଷରେ ଗଢିଉଠିଥିଲା ନାଳନ୍ଦା, ତକ୍ଷଶିଳା ଓ ବିକ୍ରମଶିଳା ଆଦି ଅନେକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ। ତା'ର ଉଚ୍ଚକୋଟୀର ଶୈକ୍ଷିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ବିଦେଶରୁ ଛୁଟି ଆସୁଥିଲେ ଅନେକ ବିଦ୍ୟାର୍ଥୀ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ମାନ ଯୋଗୁ ସେତେବେଳେ ଭାରତୀୟ ସମାଜ ଜୀବନ ଥିଲା ଖୁବ୍ ଶୃଙ୍ଖଳିତ ଓ ସଂସ୍କାରିତ।

୧୮୩୫ ମସିହାରେ ତତ୍କାଳୀନ ବଡ଼ଲାଟ୍ ଉଇଲିୟମ ବେଣ୍ଟିଙ୍କଙ୍କ ନିର୍ଦ୍ଦେଶରେ ଭାରତୀୟମାନଙ୍କ ସାମାଜିକ ଜୀବନଧାରା ସମ୍ପର୍କରେ ଏକ ବିବରଣୀ ପ୍ରସ୍ତୁତ କରିଥିଲେ ଟି.ବି. ମାକ୍‌ଲେ। ଗଭୀର ଅନୁଧ୍ୟାନପୂର୍ବକ ପ୍ରସ୍ତୁତ କରିଥିବା ସେହି ବିବରଣୀରେ ସେ ଲେଖିଥିଲେ ମୁଁ ଦୀର୍ଘଦିନ ଧରି ଭାରତବର୍ଷର ବିଭିନ୍ନ ସ୍ଥାନ ଭ୍ରମଣ କଲା ପରେ ବି କେଉଁଠି ହେଲେ ଦେଖିବାକୁ ପାଇଲି ନାହିଁ ଜଣେ ହେଲେ ଚୋର କିମ୍ବା ଭିକାରି। ତାଙ୍କର ଏହି ଲେଖାରୁ ସ୍ପଷ୍ଟ ହୁଏ ଯେ ସେତେବେଳେ ନୈତିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦେଇ ଭାରତୀୟମାନେ ବଞ୍ଚୁଥିଲେ ଏକ ଆତ୍ମମର୍ଯ୍ୟାଦାପୂର୍ଣ୍ଣ ଜୀବନ। ଏହି ନୈତିକତା ଓ ଆତ୍ମମର୍ଯ୍ୟାଦାର ମେରୁଦଣ୍ଡ ଥିଲା ଆମ ବିକଶିତ ଶିକ୍ଷା ବ୍ୟବସ୍ଥା। ଇଂରେଜମାନେ ଜାଣିଥିଲେ ଭାରତୀୟମାନଙ୍କୁ ଅଧିକ ଦିନ ପରାଧୀନ କରି ରଖିବାକୁ ହେଲେ ଭାରତର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଆବଶ୍ୟକ। ଏଭଳି ଆଭିମୁଖ୍ୟ ନେଇ ସେମାନେ ଆମ ଶିକ୍ଷା ବ୍ୟବସ୍ଥାରେ ଆଣିଲେ ବ୍ୟାପକ ପରିବର୍ତ୍ତନ। ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ପ୍ରତି ଯୁବ ଗୋଷ୍ଠୀକୁ ଆକର୍ଷିତ କରିବା ପାଇଁ ୟୁରୋପ ଢାଞ୍ଚାରେ ସ୍ଥାପନ ହେଲା ବିଶ୍ୱବିଦ୍ୟାଳୟ। ଏହି ଉପନିବେଶକାଳୀନ ଶିକ୍ଷା ବ୍ୟବସ୍ଥା (ମାକ୍‌ଲେଙ୍କ ଶିକ୍ଷାନୀତି)ରେ ନୈତିକ ଶିକ୍ଷାକୁ ଗୌଣ କରି ଦିଆଗଲା ଅତି ଚତୁରତାର ସହିତ। ପାଠ୍ୟକ୍ରମରେ ପ୍ରତିଫଳିତ ହେଲାନାହିଁ ଭାରତୀୟ ସଂସ୍କୃତି, ପରମ୍ପରା, ଦର୍ଶନ ଓ ଇତିହାସର ଝଲକ।

ଜାତୀୟ ଆନ୍ଦୋଳନ ସମୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଓ ଓଡ଼ିଶାର ଉତ୍କଳମଣି ଗୋପବନ୍ଧୁଙ୍କ ପରି କେତେଜଣ ମହାନ୍ ଶିକ୍ଷାବିତ୍‌ଙ୍କ ଦ୍ୱାରା ସରକାରଙ୍କ କର୍ତ୍ତୃତ୍ୱ ବାହାରେ କେତୋଟି ଆଦର୍ଶ ଶିକ୍ଷାନୁଷ୍ଠାନ ଗଢ଼ିଉଠିଥିଲା ସତ, କିନ୍ତୁ ମଣିଷ ତିଆରି ପାଇଁ ଉଦ୍ଦିଷ୍ଟ ଏସବୁ ଶିକ୍ଷାନୁଷ୍ଠାନର ସଂଖ୍ୟା ଥିଲା ଖୁବ୍ ନଗଣ୍ୟ କୁହାଯାଏ ତିନି କୋଣରେ ବାଟ ବଦଳେ, ତିନି ମୋଡ଼ରେ ନଈ ବଦଳେ ଓ ତିନି ପିଢ଼ିରେ ବଦଳିଯାଏ ଭାଗ୍ୟ। ମାତ୍ର ଇଂରେଜମାନେ ଏ ଦେଶରୁ ଯିବା ସହିତ ତିନି ପିଢ଼ି ବିତିଗଲା ପରେ ବି ଜାତୀୟ ଶିକ୍ଷା ନୀତିରେ ଆସିଲାନି ଉଲ୍ଲେଖନୀୟ ପରିବର୍ତ୍ତନ। ସ୍ୱାଧୀନତା ପରେ ଶିକ୍ଷାର ପ୍ରସାର ପାଇଁ ଗଠନ ହେଲା କମିଶନ। ତିଆରି ହେଲା ଯୋଜନା ପରେ ଯୋଜନା। ବିନିଯୋଗ ହେଲା ପର୍ଯ୍ୟାପ୍ତ ପୁଞ୍ଜି। ଛତୁ ଫୁଟିଲାପରି ଖୋଲିଲା ଶିକ୍ଷାଳୟ। ମାତ୍ର ଯେଉଁ ପରିମାଣରେ ଶିକ୍ଷାର ପ୍ରସାର ଘଟିଲା, ସେହି ପରିମାଣରେ ପ୍ରତୀୟମାନ ହେଲା ମୂଲ୍ୟବୋଧର ଅବକ୍ଷୟ। କାରଣ ଭିତ୍ତିଭୂମିର ବିକାଶ ଦିଗରେ ଯେତିକି ଗୁରୁତ୍ୱ ଦିଆଗଲା, ସେତିକିଧ୍ୟାନ ଦିଆଗଲାନିଶିକ୍ଷାଳୟର ଶୈକ୍ଷିକ ପରିବେଶ ଉପରେ। ଅଥଚ ସୁସ୍ଥ ଶୈକ୍ଷିକ ପରିବେଶ ହେଉଛି ଗୋଟିଏ ଶିକ୍ଷାଳୟର ଅସଲ ପୁଞ୍ଜି। ତେଣୁ ଭିତ୍ତିଭୂମିର ବିକାଶକୁ ନେଇ କୌଣସି ଶିକ୍ଷାନୁଷ୍ଠାନ ଆଦର୍ଶସ୍ଥାନୀୟ ହୋଇପାରେନି, ଏଥିପାଇଁ ଆବଶ୍ୟକ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କର ନିରବଚ୍ଛିନ୍ନ ସାଧନା। ଅର୍ଥାତ୍ ବୃତ୍ତି ନୁହେଁ, ଶିକ୍ଷାଦାନକୁ ବ୍ରତ ଭାବରେ ଗ୍ରହଣ କରିଥିବା ଗୁରୁ ରାମଦାସମାନେ ହିଁ ତିଆରି କରନ୍ତି ଶହ ଶହ ଶିବାଜୀ। ପଣ୍ଡିତ ଗୋଦାବରୀଶ ମିଶ୍ର ଯେଉଁଦିନ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗଦେଲେ ସେଦିନ ତାଙ୍କୁ ଆଉ ଥରେ ବ୍ରତ ହେଲା ପରି ଲାଗିଲା ବୋଲି ସେ ଲେଖିଛନ୍ତି ତାଙ୍କ ଆତ୍ମଜୀବନୀରେ।

ମାତ୍ର ସ୍ୱାଧୀନ ଭାରତରେ ଶିକ୍ଷାକୁ ବିକାଶର ଏକ ଅଙ୍ଗ ଭାବରେ ଗ୍ରହଣ କଲେନି ସରକାର। ସେଥିପାଇଁ କ୍ରମାଗତ ଅବହେଳାର ଶିକାର ହୋଇ ଶିକ୍ଷା କ୍ଷେତ୍ରରୁ ଅପସରି ଗଲେ ଅନେକ ଉତ୍ସର୍ଗୀକୃତ ଶିକ୍ଷକ। ବର୍ଷ ବର୍ଷ ଧରି ପୂରଣ ହେଲାନାହିଁ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ୁଥିବା ଶିକ୍ଷକ ପଦବୀ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ହେଲାନି ଶିକ୍ଷା ଓ ଶିକ୍ଷକମାନଙ୍କ ସମସ୍ୟା। ଅପରପକ୍ଷେ ଶିକ୍ଷକର ସ୍ୱରକୁ ଦବେଇ ରଖିବା ପାଇଁ ସରକାର ଅବଲମ୍ବନ କଲେ ଭେଦ ନୀତି। ସେଥିପାଇଁ ଆମ ଶିକ୍ଷା ବ୍ୟବସ୍ଥାରେ ଏବେ ସୃଷ୍ଟି ହୋଇଛି ଅନେକ ପ୍ରକାର ଶିକ୍ଷକ ପଦବୀ। ନିୟମିତ ଶିକ୍ଷକ, ଠିକା ଶିକ୍ଷକ, ଗଣ ଶିକ୍ଷକ, ଶିକ୍ଷା ସହାୟକ, ଅନୁଦାନପ୍ରାପ୍ତ ଶିକ୍ଷକ ଓ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଆଦି ବର୍ଗୀକରଣ ଭିତରେ ବିଚରା ଶିକ୍ଷକ ନିଜେ ବି ଜାଣିପାରୁନି ସେ କେଉଁ ବର୍ଗର। ସବୁ ବର୍ଗର ଶିକ୍ଷକଙ୍କ ପାଇଁ କାମ ସମାନ ହେଲେ ବି ଦରମାରେ ରହିଛି ଆକାଶପାତାଳ ଫରକ। ଏହାଫଳରେ ବୃତ୍ତି ପ୍ରତି ବୀତସ୍ପୃହ ହୋଇପଡ଼ିଲା ଶିକ୍ଷକ।

ଶିକ୍ଷା ବ୍ୟବସ୍ଥା ଭିତରକୁ ଯେବେଠାରୁ ଟ୍ୟୁଶନ୍ କଥାଟି ପ୍ରବେଶ କଲାଣି, ସେବେଠୁ ଆରମ୍ଭ ହୋଇଛି ଶିକ୍ଷା ବେପାରୀଙ୍କଠାରୁ ଶିକ୍ଷା କିଣିବାର ପରମ୍ପରା। ଅତୀତରେ ନିଜ ପିଲାମାନଙ୍କୁ ଭଲ ମଣିଷ କରି ଗଢ଼ିତୋଳିବା ପାଇଁ ଶିକ୍ଷକଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ ଅଭିଭାବକ। ଏକଦା ଜଣେ ମହାନ୍ ବ୍ୟକ୍ତି ନିଜ ପୁଅର ଶିକ୍ଷକଙ୍କ ପାଖକୁ ଲେଖିଥିବା ଏକ ଐତିହାସିକ ଚିଠିର ଭାବାର୍ଥ ଥିଲା- ମହାଶୟ, ପୁଅକୁ ମଣିଷ କରିବାର ଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ। ଆପଣ ଅନ୍ତତଃ ତାକୁ ଏ କଥା ଶିଖାଇବେ ଯେ ଅସତ୍ ପଥରେ ଯାଇ ସଫଳ ହେବା ଅପେକ୍ଷା ସତ୍ ପଥରେ ଯାଇ ବିଫଳ ହେବା ଶତଗୁଣେ ଶ୍ରେୟସ୍କର। ଏବେ କିନ୍ତୁ ପିଲାମାନେ କିପରି ଅସତ୍ ଉପାୟ ଅବଲମ୍ବନ କରି ସଫଳତା ଗୋଟେଇବେ ସେ ଦିଗରେ ଶିକ୍ଷକମାନଙ୍କ ସହାୟତା ଲୋଡୁଛନ୍ତି ଅଧିକାଂଶ ଅଭିଭାବକ। ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ କିଛି ଶିକ୍ଷକ ବି ଖୋଲିଛନ୍ତି ଦୋକାନ। ଶିକ୍ଷାର୍ଥୀକୁ ଅବାଟରେ ନେଉଥିବା ଏହି ଶିକ୍ଷକମାନଙ୍କ ପାଇଁ କ୍ରମଶଃ ହଜିଯାଉଛି ଶ୍ରେଣୀକକ୍ଷର ମହକ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ କହିଥିଲେ- ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଆଧୁନିକ ଭାରତର ଏକ ଏକ ମନ୍ଦିର। ସେହି ମନ୍ଦିରଗୁଡ଼ିକ ଏବେ ପାଲଟିଯାଇଛି ରାଜନୀତିର ପାନ୍ଥଶାଳା। ଗ୍ରାମାଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସବୁ ଚାଲିଛି ସ୍ଥାନୀୟ ନେତା ଓ ମାଫିଆଙ୍କ ଇସାରାରେ। ମାଟ୍ରିକ ପାସ୍ କରି ନ ଥିବା କୁଜି ନେତାମାନେ ଲେଖୁଛନ୍ତି ଅଧ୍ୟାପକଙ୍କ ଭାଗ୍ୟପଞ୍ଜିକା। ଯୋଗ୍ୟତା ପରିବର୍ତ୍ତେ ଲାଞ୍ଚ ଜରିଆରେ ଚାଲିଛି ଶିକ୍ଷକ ନିଯୁକ୍ତି। କେଉଁଠି ବରିଷ୍ଠ ଥାଉ ଥାଉ କନିଷ୍ଠମାନେ ଅଧ୍ୟକ୍ଷ ପଦ ହାତେଇ ନେଉଛନ୍ତି ତ କେଉଁଠି ଶିକ୍ଷା ସହାୟକଙ୍କୁ ମିଳୁଛି ପ୍ରଧାନ ଶିକ୍ଷକ ପଦବୀ। କିଏ ସାରା ଜୀବନ ଖଟି ଖଟି ଅନୁଦାନ ପାଉ ନାହିଁ ତ କିଏ ଅନୁଦାନ ପାଇଁ ଯୋଗ୍ୟ ହେଉଛି ଚାକିରିରେ ଯୋଗଦେବା ମାତ୍ରେ।

ଶିକ୍ଷାର ପ୍ରସାର ଉପରେ ନିର୍ଭର କରେ ଦେଶର ସର୍ବାଙ୍ଗୀଣ ଉନ୍ନତି। ମାର୍ଟିନ୍ ଲୁଥର କହିଥିଲେ, କୌଣସି ଦେଶର ବିକାଶ ସେ ଦେଶର ପାହାଡ଼, ଜଙ୍ଗଲ, ନଦୀ, ସମୁଦ୍ର ଓ ଖଣିଜ ପଦାର୍ଥ ଉପରେ ନିର୍ଭର କରେନି, ବରଂ ନିର୍ଭର କରେ ରାଷ୍ଟ୍ରର ଚରିତ୍ର ଉପରେ। ଏଥିପାଇଁ ନୈତିକ ଶିକ୍ଷାର ବିକାଶ ହେବା ଜରୁରୀ। ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ଅନୁସାରେ ଅଶ୍ରୁତ ଓ ଅଦୃଶ୍ୟ ଭାବରେ ପଡୁଥିବା ଶିଶିର ଯେମିତି ରାଶି ରାଶି ଗୋଲାପ କଢ଼ିକୁ ପ୍ରସ୍ଫୁଟିତ କରାଏ, ଠିକ୍ ସେମିତି ନୈତିକ ଶିକ୍ଷାର ବିକାଶ ଦ୍ୱାରା ସମ୍ଭବ ହୁଏ ସମାଜରେ ଅଭୂତପୂର୍ବ ପରିବର୍ତ୍ତନ। ମାତ୍ର ନୈତିକ ଶିକ୍ଷାକୁ ଅବହେଳା କରିବା ଦ୍ୱାରା ଏଠାରେ ଶୈଶବରୁ କକ୍ଷଚ୍ୟୁତ ହେଉଛି ଚରିତ୍ର ଗଠନର ସମ୍ଭାବନା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୪୫୦୮

# ନିର୍ଯ୍ୟାତିତାଙ୍କ ତ୍ରାଣକର୍ତ୍ତ୍ରୀ

## ବ୍ୟକ୍ତିତ୍ୱ



ନାଦିଆ ମୁରାଦ

ନିର୍ଯ୍ୟାତନାକାରୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଲାଗି ଯୌନ ପୀଡ଼ିତାଙ୍କୁ ବଳ ଦେଉଥିବା 'ମିଟୁ' ଆନ୍ଦୋଳନ ଚଳିତବର୍ଷ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ପରିପ୍ରେକ୍ଷୀରେ ନରୱେଜିଆନ୍ ନୋବେଲ କମିଟି ୨୦୧୮ ମସିହା ଶାନ୍ତି ପୁରସ୍କାର ସକାଶେ ଇରାକ୍‌ର ମାନବ ଅଧିକାର କର୍ମୀ ୨୫ ବର୍ଷୀୟା ନାଦିଆ ମୁରାଦ ଓ କଙ୍ଗୋର ୬୩ ବର୍ଷୀୟ ଡାକ୍ତର ଡେନିସ୍ ମୁକ୍‌ୱେଗେଙ୍କୁ ଚୟନ କରିଛି। ଯୁଦ୍ଧ ଓ ସଶସ୍ତ୍ର ସଂଘର୍ଷ ବେଳେ ଯୌନ ହିଂସାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ବିରୋଧରେ ଦୁହେଁ ସଂଗ୍ରାମ କରି ସଫଳ ହୋଇଛନ୍ତି। ଡେନିସ ଜଣେ ମହିଳା ରୋଗ ବିଶେଷଜ୍ଞ। ଯୁଦ୍ଧ ପ୍ରଭାବିତ କଙ୍ଗୋରେ ଯୌନ ହିଂସାର ଶିକାର ହୋଇଥିବା ଅସଂଖ୍ୟ ମହିଳା, କିଶୋରୀ ଓ ଶିଶୁଙ୍କୁ ଚିକିତ୍ସା କରି ସେମାନଙ୍କ ରକ୍ଷାକର୍ତ୍ତା ପାଲଟିଛନ୍ତି। କିନ୍ତୁ ନାଦିଆ ନିଜେ ଏହି ହିଂସାର ଭୁକ୍ତଭୋଗୀ ଥିବାରୁ ତାଙ୍କ ସାହସିକ ପଦକ୍ଷେପ ଏବେ ପୃଥିବୀବ୍ୟାପୀ ପ୍ରଶଂସା ସାଉଁଟିବାରେ ଲାଗିଛି। ସଂଘର୍ଷରୁ ସଫଳତା ପାଇ ଦୁନିଆକୁ ଆଲୋକ ଦେଖାଇଚାଲିଥିବା ଏହି ମହିଳାଙ୍କ କାହାଣୀ ସମ୍ପୂର୍ଣ୍ଣ ଭାବେ ଭିନ୍ନ ବିଷୟବସ୍ତୁ ଧାରଣ କରିଥିବାରୁ ସମସ୍ତେ ତାଙ୍କ କଥା ଜାଣିବାକୁ ଇଚ୍ଛା କରିବା ସ୍ୱାଭାବିକ।

ନାଦିଆ ୧୯୯୩ ମସିହାରେ ଇରାକ୍‌ର ସିଞ୍ଜାର ଜିଲାର କୋଜୋଠାରେ ଜନ୍ମଗ୍ରହଣ କରିଥିଲେ। ପରିବାର ୟାଜିଦି ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ବେଳେ କୃଷି ଉପରେ ମୂଳତଃ ନିର୍ଭରଶୀଳ। ନାଦିଆଙ୍କୁ ଯେତେବେଳେ ୧୯ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଗାଁରେ ପାଠ ପଢୁଥିଲେ। ସେହି ସମୟରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଇରାକ୍‌ର ଏହି ଉତ୍ତରାଞ୍ଚଳ ଉପରେ ଅତ୍ୟାଚାର ଜାରି ରଖିଥିଲା। ଦୁର୍ଭାଗ୍ୟର ବିଷୟ ଯେ କୋଜୋ ଉପରେ ସେମାନଙ୍କ ଆଖି ପଡ଼ିବା ପରେ ଅତ୍ୟାଚାର ସୀମା ଲଂଘିଥିଲା। ଆତଙ୍କବାଦୀମାନେ ୟାଜିଦି ସମ୍ପ୍ରଦାୟର ୬୦୦ ଲୋକଙ୍କୁ ହତ୍ୟା କରିଥିଲେ। ଏହିମାନଙ୍କ ମଧ୍ୟରେ ନାଦିଆଙ୍କ ଭାଇ ଅନ୍ତର୍ଭୁକ୍ତ ଥିଲେ। ଅତ୍ୟାଚାର ଏତିକିରେ ସୀମିତ ନ ଥିଲା। ଆତଙ୍କବାଦୀମାନେ ସେହି ଅଞ୍ଚଳର କିଶୋରୀମାନଙ୍କୁ ଅପହରଣ କରିନେଇ ଯୌନଦାସୀ ସଜାଇଥିଲେ। ଇରାକର ୬,୭୦୦ରୁ ଊର୍ଦ୍ଧ୍ୱ ଯେଉଁ ୟାଜିଦି ମହିଳାଙ୍କୁ ବନ୍ଦୀ କରାଯାଇ ବଳାତ୍କାର କରାଯାଇଥିଲା ସେମାନଙ୍କ ମଧ୍ୟରୁ ନାଦିଆ ଥିଲେ ଅନ୍ୟତମ। ମୋସୁଲ ସହରରେ ବନ୍ଦୀ ଜୀବନ କଟାଇବା ବେଳେ ଖସି ପଳାଇଯିବା ଲାଗି ଯେତେବେଳେ ଚେଷ୍ଟା କରିଛନ୍ତି ଅନ୍ୟମାନଙ୍କ ଭଳି ସେ ମଧ୍ୟ ସିଗାରେଟ ଚେଙ୍କ ଓ ମାଡ଼ର ସମ୍ମୁଖୀନ ହୋଇଛନ୍ତି। ତେବେ ତାଙ୍କୁ ଜଗୁଥିବା ବ୍ୟକ୍ତି ଘରର କବାଟ ଖୋଲା କରିଦେଇଥିବାର ସୁଯୋଗ ନେଇ ସେ ଖସିଯିବାରେ ସଫଳ ହୋଇଥିଲେ। ପରେ ସେ ଡୁହୋକ ଶରଣାର୍ଥୀ ଶିବିରରେ ରହିଥିଲେ। ନାଦିଆ ପରବର୍ତ୍ତୀ ସମୟରେ ରୁୱାଙ୍ଗା ଶିବିରରେ ଥିବା ବେଳେ ୨୦୧୫ ଫେବୃୟାରୀରେ ବେଲଜିୟମ୍‌ର ଏକ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ୟାଜିଦି ମହିଳାଙ୍କ ଦୁଃଖ ବଖାଣିଥିଲେ। ସେହିବର୍ଷ ତାଙ୍କ ସହ ୧,୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ଜର୍ମାନୀର ଏକ ଶରଣାର୍ଥୀ ଶିବିରରେ ରହିବାର ସୁଯୋଗ ପାଇଥିଲେ। ଏବେ ଜର୍ମାନୀ ତାଙ୍କ ପାଇଁ ଘର ପାଲଟିଯାଇଛି।

ସଂଘର୍ଷମୟ ଜୀବନ ନାଦିଆଙ୍କୁ ବଞ୍ଚିବାର ରାହା ଦେଇଥିବାରୁ ସେ ଅନ୍ୟାନ୍ୟ ପୀଡ଼ିତା ଓ ନିର୍ଯ୍ୟାତିତାଙ୍କୁ ରକ୍ଷା କରିବାକୁ ସଂକଳ୍ପ ନେଇଥିଲେ। ୨୦୧୫ ଡିସେମ୍ବର ୧୬ରେ ଜାତିସଂଘ ନିରାପତ୍ତା ପରିଷଦ ତାଙ୍କ ପାଇଁ ବୃହତ୍ ମଞ୍ଚ ସୃଷ୍ଟି କରିଥିଲା। ମାନବ ଚାଲାଣ ଓ ସଂଘର୍ଷ ସଂକ୍ରାନ୍ତ ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିବା ଲାଗି ତାଙ୍କୁ ସୁଯୋଗ ମିଳିଥିଲା। ପରିଷଦ ଇତିହାସରେ ତାହା ମଧ୍ୟ ପ୍ରଥମଥର ପାଇଁ ମାନବଚାଲାଣର ଦୁଃଖଦ କାହାଣୀ ଉପରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେବେଠାରୁ ନାଦିଆ ବିଭିନ୍ନ ଶରଣାର୍ଥୀ ଶିବିର ଯାଇ ସେମାନଙ୍କ ଦୁଃଖ ବୁଝିଥିଲେ। ବିଶ୍ୱବ୍ୟାପୀ ଏ ନେଇ ସମର୍ଥନ ପାଇବା ପରେ ୨୦୧୬ ସେପ୍ଟେମ୍ବରରେ ସେ 'ନାଦିଆ ଇନିସିଏଟିଭ୍' ନାମରେ ଏକ ସଙ୍ଗଠନ ଗଢ଼ିଥିଲେ। ନ୍ୟୁୟର୍କ ସିଟିର ଟିନା ବ୍ରାଉନ୍ ଏହି ଅଭିଯାନକୁ ଆଗକୁ ନେବା ପାଇଁ ସହାୟତାର ହାତ ବଢ଼ାଇଥିଲେ। ଫଳସ୍ୱରୂପ ମାନବ ଚାଲାଣ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇଥିବା ବ୍ୟକ୍ତିଙ୍କ ମର୍ଯ୍ୟାଦା ରକ୍ଷା ଲାଗି ଜାତିସଂଘ ପକ୍ଷରୁ ନାଦିଆଙ୍କୁ ଗୁଡ୍‌ଉଇଲ୍ ଆମ୍ବାସଡର ମାନ୍ୟତା ମିଳିଥିଲା। ୨୦୧୭ ମେ ୩ରେ ସେ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟି ୟାଜିଦିଙ୍କ ଦୁଃଖ ଦୂର କରିବାକୁଅନୁରୋଧ କରିଥିଲେ। ଏଥିସହିତ ସେ ତାଙ୍କ ଜୀବନୀ ଓ ସଂଘର୍ଷର ଯାତ୍ରାକୁ 'ଦି ଲାଷ୍ଟ ଗର୍ଲ: ମାଇଁ ଷ୍ଟୋରୀ ଅଫ୍ କାପ୍‌ଟିଭିଟି' ପୁସ୍ତକ ଜରିଆରେ ପ୍ରକାଶ କରି ଚହଳ ସୃଷ୍ଟି କରିଛି। ବିଶ୍ୱର ପୀଡ଼ିତାଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଦୂର କରିବା ଲାଗି ନାଦିଆ ନେଇଥିବା ପଦକ୍ଷେପକୁନୋବେଲ କମିଟି ଚିହ୍ନି ଯେଉଁ ଶାନ୍ତିର ପୁରସ୍କାର ଦେଇଛି, ତାହା ନିର୍ଯ୍ୟାତିତଙ୍କୁ ନୈତିକ ଚାବୁକ ପ୍ରହାର ବୋଲି କୁହାଯାଇପାରିବ।

-ଜିତେନ୍ଦ୍ର

## ପାଠକ ଶ୍ରେଷ୍ଠ ବିଚାରକ

### ଉବୁଣ୍ଟୁ-ଜୀବନର ମହାମନ୍ତ୍ର

ମହାଶୟ,

ପ୍ରକାଶ ତ୍ରିପାଠୀଙ୍କ ପ୍ରବନ୍ଧ 'ଉବୁଣ୍ଟୁ-ଜୀବନର ମହାମନ୍ତ୍ର' ଏକ ପ୍ରେରଣାଦାୟୀ ଲେଖା। ବାସ୍ତବରେ ସୁଖ ବାଣ୍ଟିଲେ ବଢ଼େ, ଦୁଃଖ ବାଣ୍ଟିଲେ କମେ। ଆପେ ବଞ୍ଚିଲେ ବାପର ନାଁ ଏକ ସଂକୀର୍ଣ୍ଣ ଚିନ୍ତାଧାରା। ବାଲ୍‌ଟିରୁ ପାଣି ନେଲେ ସରେ କିନ୍ତୁ କୂଅରୁ ପାଣି କାଢିଲେ ଝରେ। ତେଣୁ ଦେବାର ଆନନ୍ଦ ନେବାରେ ନାହିଁ। ମନେପଡେ ସମ୍ରାଟ ହର୍ଷବର୍ଦ୍ଧନ କଥା, ଯିଏ କୁମ୍ଭମେଳା ଶେଷରେ ସମସ୍ତ ରାଜକୋଷକୁ ବାଣ୍ଟି ଦେଉଥିଲେ ପ୍ରଜା ହିତରେ। ଶେଷରେ ପିନ୍ଧା ବସ୍ତ୍ରକୁ ମଧ୍ୟ ଦାନ ଦେଉଥିଲେ। ପୃଥିବୀରେ ସବୁ ଧର୍ମରେ ଦାନର ମହତ୍ତ୍ୱ ରହିଛି। ସତରେ ବାଣ୍ଟିକୁଣ୍ଟି ଚଳିଲେ ଏ ବସୁନ୍ଧରା ସ୍ୱର୍ଗ ପାଲଟିଯା'ନ୍ତା।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

### ମତାମତ ପାଇଁ ଦ୍ୱିଧା କାହିଁକି

ଧରିତ୍ରୀ(୪।୮)ରେ 'ସଂରକ୍ଷଣ ଆଉ କେତେକାଳ' ଶିରୋନାମାରେ ପ୍ରକାଶିତ ବିଷୟବସ୍ତୁ ଉପରେ କ୍ଷୁବ୍ଧ ହୋଇ ଜଣେ ପାଠକ ରୋଷ ପ୍ରକାଶ କରି ନିଜ ନାମ ଉଲ୍ଲେଖ ନ କରି ଅଶାଳୀନ ମନ୍ତବ୍ୟ ଦେଇଥିବା ଖଣ୍ଡିଏ ଚିଠି ମୋର ହସ୍ତଗତ ହୋଇଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତାମତ ଦେବାର ଅଧିକାର ସମସ୍ତଙ୍କର ଅଛି। ସଂରକ୍ଷଣ ନୀତି ଦେଶରେ ୭୦ ବର୍ଷ ହେଲା ଚାଲିଛି। ସୁପ୍ରିମକୋର୍ଟ ବହୁ ବିଚାର କରି ଏହାକୁ ଶତକଡା ପଚାଶରେ ସୀମିତ ରଖିଛନ୍ତି। ତା'ସତ୍ତ୍ୱେ ବିଭିନ୍ନ ସ୍ୱାର୍ଥ ଦୃଷ୍ଟିରୁ ବହୁ ମାମଲା ରାଜ୍ୟମାନଙ୍କର ହାଇକୋର୍ଟରେ ବିଚାରାଧୀନ ଅଛି। ତେବେ ପାଠକ ଅସହିଷ୍ଣୁ ହୋଇ ଏପରି ରୁଚିହୀନ ମନ୍ତବ୍ୟ ସହ ବେନାମୀ ଚିଠି ଦେବା ଅପେକ୍ଷା ନିଜର ସ୍ୱାଧୀନ ମତାମତ ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ଦେଇଥିଲେ ଭଲ ହୋଇଥାନ୍ତା।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଦୁର୍ଘଟଣା ଧନଜୀବନ ହାନିର କାରଣ ହୋଇଥାଏ। କିନ୍ତୁ ଦୁର୍ଘଟଣା ଆଶଙ୍କା ରହୁଥିବା କୌଣସି କାର୍ଯ୍ୟକଳାପ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଭୋଗିବାକୁ ପଡ଼େ। ଏପରି ଏକ ଘଟଣା ଘଟିଛି ଜଣେ ବସ୍ ଡ୍ରାଇଭରଙ୍କ କ୍ଷେତ୍ରରେ। କର୍ଣ୍ଣାଟକର ଦବନଗିରି ଜିଲାର ବସ୍ ଡ୍ରାଇଭର ଏମ୍. ପ୍ରକାଶ ଗୋଟିଏ ମାଙ୍କଡକୁ ପାଖରେ ବସାଇ ଷ୍ଟିୟରିଂ ବୁଲାଇବାକୁ ସୁଯୋଗ ଦେଇଥିଲେ। କର୍ଣ୍ଣାଟକ ରାଜ୍ୟ ପରିବହନ ନିଗମର ଉକ୍ତ ବସ୍‌ଟି ଏହି ଜିଲାର ଦବନଗିରିଠାରୁ ହାଲେକଲ୍ ଯାତ୍ରା କରୁଥିବା ବେଳେ ଜଣେ ଯାତ୍ରୀ ମାଙ୍କଡକୁ ସାଥିରେ ଧରି ବସ୍‌ରେ ଚଢ଼ିଥିଲେ। ବସ୍ ଯାତ୍ରା କରୁଥିବାବେଳେ ମାଙ୍କଡଟି ହଠାତ୍ ଷ୍ଟିୟରିଂ ଉପରକୁ ଡେଇଁ ପଡ଼ିଥିଲା। ଡ୍ରାଇଭର ଜଣକ ତାକୁ ହଟେଇବା ପରିବର୍ତ୍ତେ କୌତୂହଳବଶତଃ ଷ୍ଟିୟରିଂ ବୁଲାଇବାକୁ ସୁଯୋଗ ଦେଇଥିଲେ। ଏଥିଯୋଗୁ ୩୦ ବସ୍‌ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। କେତେକ ଯାତ୍ରୀ ଏହି ଘଟଣାର ଭିଡିଓ ପ୍ରସ୍ତୁତ କରି ହ୍ୱାଟ୍‌ସଆପ୍‌ରେ ଅପଲୋଡ୍ କରିଥିଲେ। ପରବର୍ତ୍ତୀ ଦିନ ଡ୍ରାଇଭର ସହିତ ମାଙ୍କଡର ଭିଡିଓ କ୍ଲିପ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ବସ୍ ଡିପୋ ମ୍ୟାନେଜର ଉକ୍ତ ଭିଡିଓ କ୍ଲିପକୁ ଦେଖିବାକୁ ପାଇଥିଲେ। ଦଣ୍ଡବିଧାନ ସ୍ୱରୂପ ମ୍ୟାନେଜର ଉକ୍ତ ଡ୍ରାଇଭରଙ୍କୁ ଦାୟିତ୍ୱରୁ ହଟାଇ ଦେଇଛନ୍ତି।



## ଜିଲା ଡାଏରୀ
## କଟକ

### ପ୍ରକୃତି ଯାଉନି

ଏତେ ସରି ହେଲେଣି ହେଲେ ଏମାନଙ୍କର ପ୍ରକୃତି ଯାଉନି। ନିଜ ଭିତରେ ବାଡିଆପିଟା ହୋଇ ଏକପ୍ରକାର ସଫା ହୋଇଗଲେଣି। ତଥାପି ଗୋଡ଼ ଟଣାଟଣି ହୋଇ ସମ୍ପୂର୍ଣ୍ଣ କିଭଳି ସଫା ହୋଇଯିବେ ସେ ଯୋଜନାରେ ଲାଗିପଡ଼ିଛନ୍ତି। ଏକ ଜାତୀୟ ଦଳର କଟକ ଜିଲାରେ ଥିବା ନେତାମାନଙ୍କ କାର୍ଯ୍ୟକଳାପ ଏହିଭଳି। ନିକଟରେ ସେହି ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ୪୪ ଜଣ ପ୍ରାର୍ଥୀଙ୍କ ନାଁ ପ୍ରଥମ ପର୍ଯ୍ୟାୟରେ ଦଳ ମୁଖିଆଙ୍କ ପାଖକୁ ପଠାଯାଇଛି। ତେବେ ଏହି ୪୪ ଜଣଙ୍କ ମଧ୍ୟରେ କାହା ନାଁ ଅଛି କାହା ନାଁ ନାହିଁ ତାକୁ ନେଇ ଜିଲାବ୍ୟାପୀ ବାଡ଼ିଆପିଟା ଆରମ୍ଭ ହେଲେଣି। ଏପରିକି ସିଧାସଳଖ ଏହି ଦଳର ନେତାମାନେ କହିବୁଲିଲେଣି: ଯଦି ମୋତେ ଟିକଟ ନ ମିଳେ ତେବେ ମୋ ସହିତ ମୋ କର୍ମୀମାନଙ୍କୁ ଅମୁକ ଦଳକୁ ସମୁକ ଦଳକୁ ପଠାଇଦେବୁ। ଏମାନଙ୍କ ଏଭଳି ମତିଗତି ଦେଖି ରାଜନୈତିକ ପଣ୍ଡିତମାନେ କଟାକ୍ଷ କରି କହୁଛନ୍ତି, ଏହା କ'ଣ ତୁମର ଜନ୍ମଗତ ଚରିତ୍ର। ଏଇଥିପାଇଁ ଦେଶରୁ ପୋଛି ହୋଇଗଲଣି। ଯେଉଁ କେତେଜଣ ଜିତିକରି କୁଳକୁ ବିହନ ଭଳି ରହିବେ ବୋଲି ଆଶା ଅଛି ସେତକ ବି ତୁମେମାନେ ବୁଡେଇ ଦେବ?

– ନିର୍ମଳ ପଣ୍ଡା

## ୨୫ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୯୩

- ଥାଇଲାଣ୍ଡକୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ନାମ୍)ର ସ୍ଥାୟୀ ସଦସ୍ୟ ରୂପେ ଅନ୍ତର୍ଭୁକ୍ତ କରାଗଲା।
- ଫିଲିପାଇନ୍ସର ଉତ୍ତରାଞ୍ଚଳରେ ୩ଦିନ ଧରି ଝଡ ଲାଗିରହିବା ଫଳରେ ୧୫ଜଣଙ୍କ ମୃତ୍ୟୁ।




## ସଂକ୍ଷେପରେ

### ରାଜ୍ୟ ସରକାରୀ କର୍ମଚାରୀଙ୍କୁ ପୂଜା ଅଗ୍ରିମ ୨୦ ହଜାର

**ଭୁବନେଶ୍ୱର, ୬।୧୦(ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଚଳିତ ବର୍ଷ ପୂଜା ଅଗ୍ରିମ ବାବଦକୁ ୨୦ ହଜାର ଟଙ୍କା ମିଳିବ। ଅର୍ଥ ବିଭାଗ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଶନିବାର ଅନୁମୋଦନ କରିଛି। ପୂର୍ବରୁ ପୂଜା ଅଗ୍ରିମ ବାବଦକୁ ୧୫ ହଜାର ଟଙ୍କା ମିଳୁଥିଲା। ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ରାଜ୍ୟ ପେ-ମାଟ୍ରିକ୍ସ ଅନୁଯାୟୀ ପେ-ଲେଭଲ ୯ କିମ୍ବା ତା'ତଳକୁ ଥିବା କର୍ମଚାରୀ ଏହି ଅଗ୍ରିମ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହି ଅଗ୍ରିମ ପରବର୍ତ୍ତୀ ମାସର ଦରମାରୁ ୧୦ଟି ସମାନ କିସ୍ତିରେ ପରିଶୋଧ କରାଯିବ। ଯେଉଁ କର୍ମଚାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଗ୍ରିମ ପରିଶୋଧ କରିପାରିବେ ନାହିଁ, ସେମାନେ ଋଣ ସମ୍ପୂର୍ଣ୍ଣ ପରିଶୋଧ ନ କରିପାରିବା ପର୍ଯ୍ୟନ୍ତ ପରବର୍ତ୍ତୀ ବର୍ଷ ପୂଜା ଅଗ୍ରିମ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

■ ଦିନରେ ବଢ଼ୁଛି ତାତି

### ଆସୁଛି ଲଘୁଚାପ

**ଭୁବନେଶ୍ୱର,୬।୧୦(ବ୍ୟୁରୋ):** କିଛିଦିନ ହେବ ରାଜ୍ୟରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଚାଲିଯିବା ପରେ ବାୟୁମଣ୍ଡଳ ଶୁଷ୍କ ହୋଇଯାଇଛି। ଦିନ ବେଳା ପାରଦ ୩୬ ଡିଗ୍ରୀ ଉପରକୁ ଚାଲିଯାଉଛି। ଆସନ୍ତା ୪ ଦିନ ଯାଏ ଏଭଳି ପାଗ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୮ ତାରିଖରେ କେନ୍ଦ୍ରୀୟ ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ । ଏହା ଘନୀଭୂତ ହୋଇ ଓଡିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ଦେଇ ସ୍ଥଳଭାଗକୁ ଅତିକ୍ରମ କରିବ। ଏହାର ପ୍ରଭାବରେ ଉପକୂଳ, ଦକ୍ଷିଣ ଓଡିଶା ସମେତ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି।
ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୩୬.୨, ବାଲେଶ୍ୱର ୩୬, ସୋନପୁର ୩୬, ଅନୁଗୋଳ ୩୫.୧, ମାଲକାନଗିରି ୩୫, ତାଳଚେରରେ ସର୍ବୋଚ୍ଚ ତାପମାତ୍ରା ୩୫.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ସିପେଟ୍ ମହାନିର୍ଦ୍ଦେଶକଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ



ସିପେଟ୍ ମହାନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ନାୟକ (ମଝି)ଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ବିଶିଷ୍ଟ ଓଡ଼ିଆ ବୈଜ୍ଞାନିକ ତଥା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍)ର ମହାନିର୍ଦ୍ଦେଶକ ପ୍ରଫେସର ଡ.ସଞ୍ଜୟ କୁମାର ନାୟକଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇରେ ଅକ୍ଟୋବର ୪ରୁ ୬ ତାରିଖ ଯାଏ ଅନୁଷ୍ଠିତ 'ଇଣ୍ଡିଆ କେମ୍-୨୦୧୮'ରେ ତାଙ୍କୁ ସମ୍ମାନିତ କରଯାଇଛି। ପ୍ଲାଷ୍ଟିକ ଶିଳ୍ପକୁ ବିଶେଷ ଅବଦାନ ଲାଗି ଡ. ନାୟକଙ୍କୁ ଏହି ଆୱାର୍ଡ ମିଳିଥିବା ବେଳେ ଓଡ଼ିଶା ଗୌରବାନ୍ୱିତ ହୋଇଛି। ସେ ଏକା ଧାରାରେ ଜଣେ ଶିକ୍ଷାବିତ୍, ପ୍ରଶାସକ, ବାଣିଜ୍ୟ ବିକାଶକ, ଶିଳ୍ପ ପରାମର୍ଶଦାତା,

**ଓଡ଼ିଶା ଗୌରବାନ୍ୱିତ**

ଉଚ୍ଚକୋଟୀର ଗବେଷକ ଅଟନ୍ତି। ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନ ରସାୟନ ଏବଂ ପେଟ୍ରୋ ରସାୟନ ବିଭାଗ ସମେତ ଶିଳ୍ପ ସଂଘ ଫିକି (ଏଫ୍‌ଆଇସିସିଆଇ)ର ମିଳିତ ଆନୁକୂଲ୍ୟରେ ଦେଶର ସର୍ବବୃହତ୍ କେମିକାଲ୍ ଏବଂ ପେଟ୍ରୋକେମିକାଲ୍ ପ୍ରଦର୍ଶନୀ 'ଇଣ୍ଡିଆ କେମ୍-୨୦୧୮' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରମୁଖ ଶିଳ୍ପ ସଂସ୍ଥା, ଶିଳ୍ପପତି, ବୈଜ୍ଞାନିକ, ଗବେଷକମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପେଟ୍ରୋ ରସାୟନ ବିଭାଗ ସଚିବ ପି.ରାଘବେନ୍ଦ୍ର ରାଓ, ଅତିରିକ୍ତ ସଚିବ ମୀନାକ୍ଷୀ ଗୁପ୍ତା ଉପସ୍ଥିତ ଥିଲେ।

## 'ନିର୍ମାଣ କୁସୁମ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କ ବୈଷୟିକ ଶିକ୍ଷା ପାଇଁ 'ନିର୍ମାଣ କୁସୁମ' ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶୁଭାରମ୍ଭ କରିଛନ୍ତି। ସୂଚନାଭବନଠାରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ କଲେଜରେ ଆଇଟିଆଇ, ପଲିଟେକ୍‌ନିକ୍ ଓ ଡିପ୍ଲୋମା କରିବା ପାଇଁ ଶତ ପ୍ରତିଶତ ଆର୍ଥିକ ସୁବିଧା ଦିଆଯିବ। ଏହି ଯୋଜନାରେ ନିର୍ମାଣ ଶ୍ରମିକଙ୍କ କନ୍ୟା ସନ୍ତାନମାନଙ୍କ ଶିକ୍ଷା ପାଇଁ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ସ୍ନାତକୋତ୍ତର ଶିକ୍ଷା ପର୍ଯ୍ୟନ୍ତ ପ୍ରତି ସ୍ତରରେ ସହାୟତା ରାଶିର ପରିମାଣକୁ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଇଟିଆଇ ଶିକ୍ଷା ପାଇଁ ୨୩,୬୦୦ ଟଙ୍କା ଓ ଡିପ୍ଲୋମା ଶିକ୍ଷା ପାଇଁ ୨୬,୩୦୦ ଟଙ୍କାର ଆର୍ଥିକ ସୁବିଧା ପ୍ରଦାନ କରାଯାଉଛି। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ୧୮୭୮ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୧.୦୯ କୋଟି ଟଙ୍କାର ସହାୟତା ଜମା କରାଯାଇଛି। ଏଥି ସହିତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ସହାୟତା ରାଶିର ପରିମାଣକୁ ମଧ୍ୟ ଦୁଇଗୁଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ମାଣ ଶ୍ରମିକଙ୍କ ସ୍ୱାଭାବିକ ମୃତ୍ୟୁକ୍ଷେତ୍ରରେ ସେମାନଙ୍କ ପରିବାରକୁ ଅନୁକମ୍ପା ରାଶିର ପରିମାଣକୁ ୧ଲକ୍ଷରୁ ୨ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶିର ପରିମାଣ ୨ଲକ୍ଷରୁ ୪ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସମସ୍ତଙ୍କ ଭଳି ନିର୍ମାଣ ଶ୍ରମିକଙ୍କର ମଧ୍ୟ ସ୍ୱପ୍ନ ରହିଛି ଯେ ସେମାନଙ୍କ ପିଲା ଭଲ ମଣିଷ ହେବେ ଓ ସୁଖରେ ରହିବେ। ରାଜ୍ୟ ସରକାରଙ୍କ ଏହି ଯୋଜନା ନିର୍ମାଣ ଶ୍ରମିକଙ୍କ ସେହି ସ୍ୱପ୍ନକୁ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ପୌରୋହିତ୍ୟ କରି କହିଲେ, ରାଜ୍ୟର ୩୦ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୪ଲକ୍ଷ ୩୭ହଜାର ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ଏହା ୨୫ଲକ୍ଷରେ ପହଞ୍ଚିବ। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରମ କମିଶନର ଅଞ୍ଜନ କୁମାର ମାଣିକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ବଲୱନ୍ତ ସିଂ, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ସଞ୍ଜୟ କୁମାର ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ଝିଅପୁଅଙ୍କୁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଇଟିଆଇ ଏବଂ ଡିପ୍ଲୋମା ଶିକ୍ଷାରେ ଅଧ୍ୟୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



'ନିର୍ମାଣ କୁସୁମ' ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟମାନେ ।

■ ନିର୍ମାଣ ଶ୍ରମିକ ପିଲାଙ୍କ ବୈଷୟିକ ଶିକ୍ଷା ପାଇଁ ଦିଆଯିବ ଆର୍ଥିକ ସହାୟତା

■ ୨ଗୁଣ ବଢ଼ିଲା ମୃତ୍ୟୁକାଳୀନ ଅନୁକମ୍ପା ରାଶି

## ରାଜ୍ୟର ୧୦୦ ସ୍ଥାନରେ ଏଲପିଜି ପଞ୍ଚାୟତ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଓଡ଼ିଶାର ୧୦୦ ସ୍ଥାନରେ ଶନିବାର ଆୟୋଜିତ ହୋଇଥିଲା ଏଲପିଜି ପଞ୍ଚାୟତ। ଏଥିରେ ସାମିଲ ହୋଇଥିଲେ ଉଜ୍ଜ୍ୱଳା ଯୋଜନାର ୧୮ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ। ସେମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାବବିନିମୟ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଧର୍ମେନ୍ଦ୍ର କହିଥିଲେ ଯେ, ଗରିବ ମା'ଭଉଣୀମାନଙ୍କ ସେବା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ପ୍ରତିଶ୍ରୁତି କେବଳ ଭାଷଣ ନ ଥିଲା, ତାହା ଥିଲା ଏକ ଦାୟିତ୍ୱ। ଉଜ୍ଜ୍ୱଳା ଯୋଜନାରେ ଏଲପିଜି ସଂଯୋଗ ପହଞ୍ଚାଇ ମା'ଆଖିରୁ ଲୁହ ପୋଛି ସେ ତାଙ୍କ ପ୍ରତିଶ୍ରୁତିକୁ କାମରେ ପରିଣତ କରିଛନ୍ତି।

କେନ୍ଦ୍ରରେ ଏନ୍‌ଡିଏ ସରକାର ଆସିବା ପରେ ରାଜ୍ୟର ୫୩ ଲକ୍ଷ ପରିବାରକୁ ନୂଆ ଏଲ୍‌ପିଜି ସଂଯୋଗ ଦିଆଯାଇଛି। ତନ୍ମଧ୍ୟରୁ ୩୪ ଲକ୍ଷ ଉଜ୍ଜ୍ୱଳା ଯୋଜନା ଜରିଆରେ ସଂଯୋଗ କରାଯାଇଛି। ରାଜ୍ୟରେ ଥିବା ପ୍ରାୟ କୋଟିଏ ପରିବାର ମଧ୍ୟରୁ ୨୦୧୪ ସୁଦ୍ଧା ୨୦ ଲକ୍ଷ ଘରେ ଗ୍ୟାସ ସଂଯୋଗ ହୋଇଥିଲା, ଯାହା ବର୍ତ୍ତମାନ ପ୍ରାୟ ୭୩ ଲକ୍ଷରେ ପହଞ୍ଚିଛି। ଧର୍ମେନ୍ଦ୍ର କହିଛନ୍ତି ଯେ, ୨୦୧୪ ସୁଦ୍ଧା ଦେଶରେ ୧୩ କୋଟି ଏଲ୍‌ପିଜି ସଂଯୋଗ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହା ୨୩ କୋଟିରେ ପହଞ୍ଚିଛି। ଉଜ୍ଜ୍ୱଳା ମାଧ୍ୟମରେ ଦେଶର ୫ କୋଟିରୁ ଅଧିକ ପରିବାରକୁ ମାଗଣା ଗ୍ୟାସ ସଂଯୋଗ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ମୟୂରଭଞ୍ଜ, କୋରାପୁଟ, ଅନୁଗୋଳ, ସମ୍ବଲପୁର ଓ ଗଞ୍ଜାମ ଜିଲାରେ ୨୫ ହିତାଧିକାରୀଙ୍କ ସହ ସିଧା ଆଲୋଚନା କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ମହିଳାମାନେ ଉଜ୍ଜ୍ୱଳା ବ୍ୟବହାର କରି ସମୟ ବଞ୍ଚାଇ ପାରିବା ସହ କ୍ଷତିକାରକ ଧୂଆଁରୁ ରକ୍ଷା ପାଇ ପାରୁଥିବା ମତବ୍ୟକ୍ତ କରିଛନ୍ତି। ଶେଷରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ମା' ଭଉଣୀଙ୍କ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ଉଜ୍ଜ୍ୱଳା ଯୋଜନାରେ କୌଣସି ଅଧିକାରୀ ଲାଞ୍ଚ ମାଗୁଥିଲେ, ତୁରନ୍ତ ଜଣାନ୍ତୁ। କୌଣସି ବିତରକ ଦଲାଲି କଲେ ତାଙ୍କୁ ଜେଲ୍ ପଠାଯିବ। ଯୋଜନାର ସଫଳତା ପାଇଁ ନାଗରିକଙ୍କ ସହଯୋଗର ଆବଶ୍ୟକତା ରହିଛି। ସେହିପରି ଏଲ୍‌ପିଜି ବ୍ୟବହାର ସମୟରେ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବାକୁ ସେ ମହିଳା ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।



ଭିଡିଓ କନଫରେନ୍ସ ଜରିଆରେ ଉଜ୍ଜ୍ୱଳା ଯୋଜନାର ମହିଳା ହିତାଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭାବ ବିନିମୟ।

■ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ଭାଷଣ ନୁହେଁ, ଏକ ଦାୟିତ୍ୱ: ଧର୍ମେନ୍ଦ୍ର

■ ୧୮ ହଜାର ମହିଳାଙ୍କ ସହ କଥା ହେଲେ କେନ୍ଦ୍ରମନ୍ତ୍ରୀ







## ସଂକ୍ଷେପରେ

### ଭାଜପାର ଜନଜାଗରଣ ଯାତ୍ରା

ଆଳି,୬। ୧୦(ଡି.ଏନ୍.ଏ.): କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ଦେବା ଯୋଗାଇ ଦେବା ନିମନ୍ତେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର ରାଜ୍ୟ ସରକାର ଏହି ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରୁନାହାନ୍ତି। ଏହିଭଳି ଅଭିଯୋଗ କରି ଆଳି ଭାଜପା ପକ୍ଷରୁ ଶନିବାର ପୂର୍ବାହ୍ନରେ ଏକ ଜନଜାଗରଣ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଆଳି ପୂର୍ତ୍ତବିଭାଗ ଡାକବଙ୍ଗଳା ଛକରୁ ଏକ ଶୋଭାଯାତ୍ରା ବାହାରି ଆଳି ନୂଆବଜାର ପରିକ୍ରମା କରି ଦୁର୍ଗା ମଣ୍ଡପ ଛକରେ ପହଞ୍ଚିଥିଲା। ସେଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଭାଜପା ଜିଲା ଉପସଭାପତି ଭକ୍ତବନ୍ଧୁ ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନବାଳା ଦାସ, କରୁଣାକର ତ୍ରିପାଠୀ, ବାଦଲ ନନ୍ଦ, ରତ୍ନାକର ମହାନ୍ତି, ଶରତ ଜଗଦେବ, ସମରେନ୍ଦ୍ର ପାଢୀ, ପ୍ରିୟଦର୍ଶନୀ ନନ୍ଦ, ଉତ୍କଳ କେଶରୀ ସାମଲ, ନୀହାର ସ୍ୱାଇଁ, ନୀହାର ନାୟକ ଓ ପରମାନନ୍ଦ ମଲିକ ପ୍ରମୁଖ ଯୋଗଦେଇଥିଲେ।

■ ଆଳି ବିଧାୟକଙ୍କ ଖବରଦାତା ସମ୍ମିଳନୀ

# କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ଆଳି,୬।୧୦(ଡି.ଏନ.ଏ.)

ଆଳି ବ୍ଲକ ଅନ୍ତର୍ଗତ ଭୁଇଁପୁର ଗ୍ରାମ ପଞ୍ଚାୟତରେ ଜଣେ କଂଗ୍ରେସ କର୍ମୀଙ୍କୁ କେତେଜଣ ଶୁକ୍ରବାର ମରଣାନ୍ତକ ଆକ୍ରମଣ କରିଥିଲେ। ସେ ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମର ଉମାକାନ୍ତ ନାୟକ। ଏହି ଘଟଣାକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ନିଆଳହାଟସ୍ଥିତ ତାଙ୍କ ବାସଭବନରେ ଶନିବାର ଏକ ଖବରଦାତା ସମ୍ମିଳନୀ ଡକାଇ ବିଜୁ ଯୁବବାହିନୀର କର୍ମକର୍ତ୍ତାମାନେ ଏହି ଆକ୍ରମଣ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଉମାକାନ୍ତ ଭଉଣୀଘର ଡିମିରିପାଳରୁ ଫେରୁଥିବା ବେଳେ ମାନପୁର-ଗୋବିନ୍ଦପୁର ରାସ୍ତାର କଲଭର୍ଟ ନିକଟରେ ଏହି ପଞ୍ଚାୟତର ୮ରୁ ୧୦ ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋବିନ୍ଦପୁର ଚିକିତ୍ସାଳୟ ଓ ପରେ ଆଳି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ପରେ ଅବସ୍ଥା



ଖବରଦାତା ସମ୍ମିଳନୀରେ ଆଳି ବିଧାୟକ ଓ ଅନ୍ୟମାନେ।

ଅଧିକ ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଆଳି ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ (ମାମଲା ନଂ ୧୪୩/୧୮) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏହି ଘଟଣାକୁ ବିଧାୟକ ଶର୍ମା ଏକ ରାଜନୈତିକ ଗଣ୍ଡଗୋଳ ବୋଲି ଦର୍ଶାଇବା ସହ ଆଳିରେ ବିଜୁ ଯୁବବାହିନୀର କର୍ମୀମାନେ ଆତଙ୍କ ରାଜ ଚଳାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ବଦଳରେ ପୋଲିସ ଘଣ୍ଟ ଘୋଡାଇବାକୁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି। ଆକ୍ରମଣକାରୀମାନେ ଉମାକାନ୍ତଙ୍କୁ ଆକ୍ରମଣ କରିବା ପୂର୍ବରୁ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ ବୋଲି ଶର୍ମା କହିଛନ୍ତି। ଏହାର ପ୍ରମାଣ ସେମାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ରୁଜୁ କରିଥିବା ମାମଲା(ନଂ- ୧୪୨/୧୮)ରୁ ସ୍ପଷ୍ଟ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ମାମଲା ନଂ ୧୪୩ ହୋଇଥିବା ବେଳେ ପୂର୍ବରୁ ୧୪୨/୧୮ରେ କିପରି ମାମଲା ରୁଜୁ ହୋଇଥିଲା ସେନେଇ ବିଧାୟକ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ଜାଣି ଶୁଣି କେତେଜଣ କଂଗ୍ରେସ କର୍ମୀଙ୍କ ନାମରେ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଜିଲାରେ ବିଜୁ ଯୁବବାହିନୀର ନେତାମାନେ ଥାନାଗୁଡ଼ିକୁ ହାତବାରିଶ କରି କଂଗ୍ରେସ କର୍ମୀଙ୍କୁ ହଇରାଣ କରୁଛନ୍ତି ବୋଲି ସେ କହିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ନ କଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ଅକ୍ଟୋବର ୯ ତାରିଖରେ ମନ୍ତ୍ରୀଙ୍କ ଆଳି ଗ୍ରସ୍ତକୁ ବିରୋଧ କରାଯିବ ସହ କଳାପତକା ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଆଳି ବ୍ଲକ କଂଗ୍ରେସ ସଭାପତି ପର୍ଶୁରାମ ରାଉତରାୟ, ରାଜକନିକା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବାବୁରାମ ଜେନା, ସର୍ବେଶ୍ୱର ସାମଲ, ପ୍ରଭାକର ସାହୁ,ମାନଗୋବିନ୍ଦ ଦାସ, ଅଜୟ କୁମାର ଦାସ ଓ ରାଜମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଷେ ବରଷେ ସର୍ବନାଶେ,**
**ମାଘେ ବରଷେ ସୁନା ଖସେ,**
**ଚଷାଭାଇ କିରି କିରି ହସେ ।**

ଉତ୍ତମ ଚାଷ ପାଇଁ ଭଲ ବର୍ଷାର ଆବଶ୍ୟକତା ରହିଥାଏ। ଉଚିତ ସମୟରେ ସଠିକ୍ ପରିମାଣର ବର୍ଷା ହେଲେ ଚାଷକାର୍ଯ୍ୟ ଭଲ ହୋଇପାରିଥାଏ ଓ ସେହି ଅନୁସାରେ ଫସଲ ମଧ୍ୟ ଅଧିକ ମିଳିଥାଏ। ସାଧାରଣତଃ ପୌଷ ମାସରେ ଅଧିକ ବର୍ଷା ନଈବଢ଼ିର ଆଶଙ୍କାକୁ ବଢ଼ାଇ ଦେଇଥାଏ, ଯାହାକି ଚାଷ ପାଇଁ ସର୍ବନାଶର କାରଣ ପାଲଟି ଯାଇଥାଏ। ପରନ୍ତୁ ମାଘମାସରେ ବର୍ଷାର ପରିମାଣ ଅଧିକ ହେଲେ ଚାଷ ପାଇଁ ତାହା ବେଶ୍ ଉପଯୋଗୀ ବା ବରଦାନ ସାବ୍ୟସ୍ତ ହୋଇପାରିଥାଏ। ଏପରିସ୍ଥଳେ ମାଘମାସରେ ହେଉଥିବା ବର୍ଷା ଚାଷୀ ମନରେ ଖୁସି ଓ ଆନନ୍ଦ ଭରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପେଚା ବୋବାଏ ଯାହାର ବାଡ଼ି,**
**ତା'ଘରେ ପଶଇ କଳି ଧୋକଡ଼ି ।**

ପେଚା ପକ୍ଷୀର ରାବକୁ ଅଶୁଭର ପ୍ରତୀକ ବୋଲି ଧରାଯାଇଥାଏ। ଯାହାଘରେ ବା ବାଡ଼ି ବଗିଚାରେ ପେଚା ବୋବାଏ ତା' ଘରେ ଅକାରଣରେ କଳିଝଗଡ଼ା ସୃଷ୍ଟି ହେବା ସହ କିଛି ଅମଙ୍ଗଳ ଘଟିବାର ଆଶଙ୍କା ବଢ଼ିଯାଉଥିବା ନେଇ ମନରେ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆଶାସାଥୀଙ୍କ ଗଣବିକ୍ଷୋଭ



ଆଶା ସାଥୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ରାପଡା ଅଫିସ, ୬।୧୦

ଦୀର୍ଘ ୫ ବର୍ଷ ଧରି ଆଶସାଥୀ ଭାବେ କାର୍ଯ୍ୟ କରି ଆସୁଥିବା ମହିଳାଙ୍କୁ ନିଜ ଅଞ୍ଚଳରେ ଆଶା ପଦବୀରେ କାର୍ଯ୍ୟ କରିବାକୁ ହେବ। ଏନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ଉନ୍ନୟନ ବିଭାଗ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟର ସମସ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଜିଲା ମିଶନ ନିର୍ଦ୍ଦେଶକଙ୍କ ନିକଟକୁ ଗୁରୁବାର ଚିଠି (ନଂ- ୧୩୨୪୧) ପଠାଇଛନ୍ତି। ଆଶାସାଥୀରୁ ଆଶାକୁ ପଦଚ୍ୟୁତ ହୋଇଥିବା କର୍ମୀମାନେ ଏହାକୁ ବିରୋଧ କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଆଶାସାଥୀମାନେ ଗଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଏଡିଏମ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ନିଖିଳ ଓଡିଶା ଆଶାସାଥୀ ସଂଘ କେନ୍ଦ୍ରାପଡା ଜିଲା କମିଟି ସମ୍ପାଦିକା ସଞ୍ଜୁକ୍ତା ରାଉତ କହିଛନ୍ତି, ଆଶାସାଥୀଙ୍କ ପାଇଁ ଏହା ଅପମାନ ସଦୃଶ । ୨୦୧୩ରେ ଆଶାସାଥୀଙ୍କୁ ଚୟନ କରାଯାଇ ମାତୃ, ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଏଥିଯୋଗୁ ମାତୃ ଶିଶୁ ମୃତ୍ୟୁହାର ରାଜ୍ୟରେ କମିବାରେ ଲାଗିଛି। ଅଭିଜ୍ଞତା ଦୃଷ୍ଟିରୁ ଏମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ନର୍ସ ପଦବୀରେ ରାଜ୍ୟ ସରକାର ନିଯୁକ୍ତି ଦେବା କଥା । ମାତ୍ର ମିଶନ ନିର୍ଦ୍ଦେଶିକା ଆଶାସାଥୀଙ୍କୁ ପଦୋନ୍ନତି ଦେବା ବଦଳରେ ପଦଚ୍ୟୁତ କରୁଛନ୍ତି। ଏହାକୁ ଆଶାସାଥୀ ସଂଘ ବିରୋଧ କରିବା ସହ ଏନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସମ୍ପାଦିକା ରାଉତ ପ୍ରକାଶ କରିଛନ୍ତି। ଏହି ଗଣବିକ୍ଷୋଭରେ ସଂଘ କର୍ମକର୍ତ୍ତା କ୍ରାନ୍ତିପ୍ରଭା ନାୟକ, ନନ୍ଦିନୀ ସ୍ୱାଇଁ. ଦମୟନ୍ତୀ କୁଣ୍ଡୁ ଓ କବିତା ବେହେରାଙ୍କ ସମେତ ବହୁ ଆଶାସାଥୀ ସାମିଲ ହୋଇଥିଲେ।

■ ଥାନା ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# ଡିଏନ୍‌ଏ ଟେଷ୍ଟ ପାଇଁ ହେବ ରକ୍ତ ସଂଗ୍ରହ

କେନ୍ଦ୍ରାପଡା ଅଫିସ, ୬।୧୦

ମହାକାଳପଡା ଥାନା ହାଜତରୁ ଫେରାର ହେବା ପରେ ମାର୍ଶାଘାଇ ଥାନା ଅନ୍ତର୍ଗତ ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ ମୂଷାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତ ମୂଷାଙ୍କ ସଂଗୃହୀତ ଭିସେରାର ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି ଶନିବାର ଆଇନଜୀବୀ ଅନନ୍ତ ଚରଣ ଖଟୁଆ ସୂଚନା ଦେଇଛନ୍ତି। ଏନେଇ ଆସନ୍ତା ମଙ୍ଗଳବାର ତାଙ୍କ ମା ଓ ବାପାଙ୍କ ରକ୍ତ ନମୁନା ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଷ୍ଟେଟ ଫୋରେନସିକ ସାଇନ୍ସ ଲାବୋରୋଟୋରୀ (ଏସଏଫଏସଏଲ) ପକ୍ଷରୁ କେନ୍ଦ୍ରାପଡା ଏସଡିଜେଏମଙ୍କୁ ଏକ ଚିଠି (ନଂ- ୧୧୦୩୪) ହୋଇଛି । ଅପରପକ୍ଷେ ଏହି ଘଟଣାରେ ଅଭିଯୁକ୍ତ ମହାକାଳପଡାର ଥାନାର ତତ୍କାଳୀନ ଅଧିକାରୀ ଶ୍ୟାମଘନ ବେହେରାଙ୍କ ଗିରଫ ଦାବିରେ ସେପ୍ଟେମ୍ବର ୧୨ରୁ ତାଙ୍କ ପରିବାର ଲୋକେ ଧାରଣାରେ ବସିଛନ୍ତି। ମୂଷାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରି ଧାରଣାରୁ ବିରତ କରିବା ପାଇଁ କଟକସ୍ଥିତ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ଏକ ଚିଠି (ନଂ- ୨୬୮୭) ଆସିଛି। ଏହି ଚିଠି ଗୁରୁବାର କ୍ରାଇମବ୍ରାଞ୍ଚ ଏସପି ଓ କେନ୍ଦ୍ରାପଡା ଏସପିଙ୍କୁ ଦିଆଯାଇଛି। ଏହି ୨ଟି ଚିଠି ସମ୍ପର୍କରେ ଜାଣିବା ପରେ ଏବେ ତାଙ୍କ ପରିବାର ଲୋକେ ତୁରନ୍ତ ନ୍ୟାୟ ମିଳିବ ବୋଲି ଆଶା ପ୍ରକଟ କରିଛନ୍ତି। ଏହି ଘଟଣାରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ମିଳୁ ବୋଲି ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟଯେ, ମହାକାଳପଡା ଥାନା ଅନ୍ତର୍ଗତ ଚଢ଼େଇଗୁହା ଅଞ୍ଚଳର ଶାନ୍ତିଲତା ସାମଲଙ୍କ ଏକ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଗତ ଏପ୍ରିଲ ୨୮ ତାରିଖରେ ଅଭିଯୋଗ ହୋଇଥିଲା । ପରେ ଫୋନ ଟ୍ରାକିଂ ମାଧ୍ୟମରେ ମେ ୪ରେ ମୂଷାର ଏକ ସାଙ୍ଗ ନିକଟରୁ ଏହି ମୋବାଇଲ ଫୋନ ଉଦ୍ଧାର ହୋଇଥିଲା । ତେବେ ଏଥିରେ ମେମୋରୀ କାର୍ଡ ନ ଥିବାରୁ ଗତ ଅଗଷ୍ଟ ୨୫ ତାରିଖରେ ଥାନା ପୋଲିସ ନିକଟସ୍ଥ କେନାଲ ବ୍ରିଜ ନିକଟରୁ ମୂଷାଙ୍କୁ ଉଠାଇ ନେଇଥିଲା। ପରଦିନ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ଅଜୟ ମଲ୍ଲିକଙ୍କ ଘରୁ ମୂଷାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା। ପୋଲିସ ହାଜତରୁ ଫେରାର ହୋଇ ମୂଷା ଆତ୍ମହତ୍ୟା କରିଛନ୍ତି ବୋଲି ଥାନା ପକ୍ଷରୁ କୁହାଯାଇଥିଲା। ମାତ୍ର ତତ୍କାଳୀନ ଥାନା ଅଧିକାରୀ ବେହେରା ମୂଷାଙ୍କୁ ନିର୍ଯାତନା ଦେଇ ମାରି ଦେବା ପରେ ଏହାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ମୂଷାଙ୍କ ବଡବାପା ଦଇତାରୀ ପାଇଟାଳ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ଓ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଏହାର ତଦନ୍ତ ଚାଲିଛି। ତଦନ୍ତ ସମୟରେ ବିଭିନ୍ନ ସ୍ଥାନରୁ ରକ୍ତ ଚିହ୍ନ ମିଳିଛି। ଏହି ରକ୍ତ ମୃତ ମୂଷାଙ୍କର ନା ଆଉ କାହାର ଜାଣିବା ନିମନ୍ତେ ଡିଏନ୍‌ଏ ଟେଷ୍ଟ ପାଇଁ ଏସଏଫଏସଏଲ ପକ୍ଷରୁ କେନ୍ଦ୍ରାପଡା ଏସଡିଜେଏମ କୋର୍ଟଙ୍କୁ ଚିଠି ଲେଖାଯାଇଛି। ଏଥିପାଇଁ ମୂଷାଙ୍କ ମା'ବାପା, ସ୍ତ୍ରୀ ଅବା ପୁଅର ରକ୍ତ ଆବଶ୍ୟକ ବୋଲି ସେଥିରେ ଉଲ୍ଲେଖ କରିବା ସହ ତୁରନ୍ତ ରକ୍ତ ପ୍ରଦାନ ପାଇଁ ଅନୁମତି ମଗାଯାଇଛି। ଏ ସମ୍ପର୍କରେ ଧାରଣା ସ୍ଥଳରେ ବସିଥିବା ମୂଷାଙ୍କ ବାପା ଶରତ ପାଇଟାଳ କହିଛନ୍ତି ଯେ, ରକ୍ତ ନମୁନା ଦେବା ପାଇଁ ଆମେ ପ୍ରସ୍ତୁତ ଅଛୁ। ତେବେ ଅଭିଯୁକ୍ତ ଥାନା ଅଧିକାରୀ ବେହେରା ଗିରଫ ନ ହେବା ପର୍ଯ୍ୟନ୍ତ ଆମେ ଧାରଣା ବସିରହିବୁ ବୋଲି ସେ କହିଛନ୍ତି । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା କରିବା ପାଇଁ ଗଣେଷ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ଅମରବର ବିଶ୍ୱାଳ, ପ୍ରକାଶ ସ୍ୱାଇଁ ଓ ବାନାମ୍ବର ସାହୁ ଓ ନଳିନୀକାନ୍ତ ବେହେରା ପ୍ରମୁଖ ଦାବି କରିଛନ୍ତି ।

### ବ୍ଲକସ୍ତରୀୟ ଶୀତକାଳୀନ ୨୪ତମ କ୍ରୀଡା ପ୍ରତିଯୋଗିତା

ମହାକାଳପଡା, ୬।୧୦ (ଡି.ଏନ.ଏ.)

ମହାକାଳପଡାରେ ୨୪ତମ ବ୍ଲକସ୍ତରୀୟ ଶୀତକାଳୀନ କ୍ରୀଡା ପ୍ରତିଯୋଗିତା-୨୦୧୮ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବଉଳକଣୀସ୍ଥିତ ପ୍ରେମଚାନ୍ଦ ବିଦ୍ୟାପୀଠ ପରିସରରେ ଶୁକ୍ରବାର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବୈଷ୍ଣବ ଚରଣ ରାଉତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ସୁଶୀଲ ନାଥ ଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ବ୍ଲକର ୧୮ ବିଦ୍ୟାଳୟର ୧୧୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୌଡ ପ୍ରତିଯୋଗିତା, ସଟ୍‌ପୁଟ ଥ୍ରୋ, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଆଦି କ୍ରୀଡା ଆୟୋଜନ କରାଯାଇଥିଲା। ପ୍ରତିଯୋଗୀତାରୁ ୨୫ ଛାତ୍ରୀଛାତ୍ର ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। କ୍ରୀଡା ବିଭାଗର ସମ୍ପାଦକ ବ୍ୟାସଦେବ ବେବର୍ତ୍ତା ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ ପତି ଓ ଦିଲୀପ କୁମାର ସ୍ୱାଇଁଙ୍କ ସମେତ ପ୍ରେମଚାନ୍ଦ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି
ସମସ୍ତ ଋଣ
ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟକୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋଲ, ହରିୟାଣା

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DADLS-131



## ସଂକ୍ଷେପରେ

■ ପୁରୀରୁ ଲଢ଼ିବା ପ୍ରସଙ୍ଗ

### 'ପ୍ରଧାନମନ୍ତ୍ରୀ, ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବେ'



ଅରୁଣ ସିଂ

**ଭୁବନେଶ୍ୱର,୬।୧୦(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ପ୍ରସଙ୍ଗରେ ଶନିବାର ମତ ରଖିଛନ୍ତି ରାଜ୍ୟ ଭାଜପା ପ୍ରଭାରୀ ଅରୁଣ ସିଂ। ପୁରୀରୁ ପ୍ରାର୍ଥୀ ହେବା ନେଇ ନିଜେ ପ୍ରଧାନମନ୍ତ୍ରୀ ଓ ଭାଜପା ସଂସଦୀୟ ବୋର୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଓଡ଼ିଶାରେ ଭାଜପା ଏକତରଫା ବିଜୟ ହାସଲ କରିବ । ଆମେ ମିଶନ ୧୨୦+ ଲକ୍ଷ୍ୟରେ ଆଗକୁ ବଢୁଛୁ ବୋଲି ଅରୁଣ କହିଛନ୍ତି।

ଭାଜପା ପ୍ରଭାରୀଙ୍କ ଏପରି ଦୃଢୋକ୍ତି ଉପରେ ମତ ରଖିଛନ୍ତି ପୁରୀ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସେ କହିଛନ୍ତି ଯେ, ବିଜୁ ଜନତା ଦଳର ଚେର ତଳକୁ ଯାଇଛି। ପୁରୀ ଲୋକ ସଭା ଆସନରୁ ମୋଦି ଛିଡ଼ା ହେଲେ କିଛି ଅସୁବିଧା ହେବ ନାହିଁ। କିଏ କେଉଁଠି ଛିଡ଼ା ହେବେ, ତାହା ତାଙ୍କ ଅଧିକାର ଓ ପସନ୍ଦ । ବିଜେଡି ପ୍ରତି ଲୋକଙ୍କ ଭଲପାଇବା ଓ ସମର୍ଥନ ରହିଛି। ଭାଜପା ଲୋକଙ୍କୁ ଅଯଥା ବିଭ୍ରାନ୍ତ କରି ଗୋଳିଆ ପାଣିରୁ ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ମହେଶ୍ୱର କହିଛନ୍ତି ।

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଆଗ୍ରା, ମଥୁରା ଗଲେ ୯୬୪ ତୀର୍ଥଯାତ୍ରୀ

■ ଚଳିତବର୍ଷ ଟିଟିଲାଗଡ଼, ରାୟଗଡ଼ାରୁ ଗଡ଼ିବ ଟ୍ରେନ

ଭୁବନେଶ୍ୱର (ବ୍ୟୁରୋ)/ ବାଲେଶ୍ୱର ଅଫିସ, ୬।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାଲେଶ୍ୱରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୭ମ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏଥିରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଜିଲାର ୯୬୪ ତୀର୍ଥଯାତ୍ରୀ ଆଗ୍ରା, ଫତେପୁର-ସିକ୍ରି ଓ ମଥୁରା ଅଭିମୁଖେ ଯାତ୍ରା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀମାନଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ। ତୀର୍ଥଯାତ୍ରୀମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କ ଖୁସି ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଉପକାର କେବେ ବି ଭୁଲିପାରିବେ ନାହିଁ ବୋଲି ରାସବିଦ୍ୟାଧରପୁରର ତୀର୍ଥଯାତ୍ରୀ ଅମ୍ବିକା ମହାନ୍ତି କହିଥିଲେ। ୨୬ ଜଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲାରୁ ୩୦୫, ଭଦ୍ରକ ଜିଲାରୁ ୧୭୯, ମୟୂରଭଞ୍ଜ ଜିଲାରୁ ୨୭୦ ଏବଂ ଯାଜପୁର ଜିଲାରୁ ୨୧୦ ତୀର୍ଥଯାତ୍ରୀ ଟ୍ରେନରେ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ବର୍ଷକୁ ୩ଟି ଟ୍ରେନ୍‌ରେ ପ୍ରାୟ ୩ ହଜାର ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଉଛନ୍ତି। ଚଳିତବର୍ଷଠାରୁ ୬ଟି ଟ୍ରେନ୍‌ରେ ୬ହଜାର ଯାତ୍ରୀ ତୀର୍ଥଯାତ୍ରା କରିବା ବ୍ୟବସ୍ଥା ହୋଇଛି। ପୂର୍ବରୁ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରୁ ତୀର୍ଥଯାତ୍ରା ଟ୍ରେନ ବାହାରୁଥିଲା। ଚଳିତବର୍ଷଠାରୁ ବାଲେଶ୍ୱର ସମେତ ଟିଟିଲାଗଡ଼ ଓ ରାୟଗଡ଼ାରୁ ମଧ୍ୟ ତୀର୍ଥଯାତ୍ରୀମାନେ ଟ୍ରେନ୍ ଯୋଗେ ଯାତ୍ରା କରିବେ। ସଚିବାଳୟଠାରେ ଶୁଭାରମ୍ଭ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ଏବଂ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ସେହିପରି ବାଲେଶ୍ୱରଠାରେ ଶିକ୍ଷ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ସୋର ବିଧାୟକ ପର୍ଶୁରାମ ଧଡ଼ା, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଗିରିଶ ଚନ୍ଦ୍ର ଦାଶ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଜନାର ଶୁଭାରମ୍ଭ କରୁଛନ୍ତି।

## ସ୍ୱାସ୍ଥ୍ୟସେବା ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ସ୍ୱୀକୃତି

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ସ୍ୱୀକୃତି ପୁରସ୍କାର ମିଳିଛି। ଏହି ପୁରସ୍କାର ନୂଆଦିଲ୍ଲୀରେ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ହେଲ୍‌ଥକେୟାର ସଭାରେ ପ୍ରଦାନ କରାଯାଇଛି। ଅନୁଷ୍ଠିତ ସଭାରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ସୂଚକାଙ୍କରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଦର୍ଶିତ ଉପଲବ୍ଧିକୁ ଆଧାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଏଥିରେ ଝାଡଖଣ୍ଡ, ତାମିଲନାଡୁ, ଆସାମ ସହିତ ଓଡ଼ିଶାକୁ ପୁରସ୍କୃତ କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସୂଚକାଙ୍କରେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଥିବାରୁ ଏହି ପୁରସ୍କାର ପାଇଛି। ସଭାରେ ନୀତି ଆୟୋଗ ସଦସ୍ୟ ତଥା ଭାରତୀୟ ମେଡିକାଲ କାଉନସିଲର ପରବର୍ତ୍ତୀ ଅଧ୍ୟକ୍ଷ ଡ. ଭି.କେ. ପଲ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

# ତୈଳ ଦର ବୃଦ୍ଧିକୁ ନେଇ ଥମୁନି ରାଜନୀତି



ଶଶିଭୂଷଣ ବେହେରା



ସଜ୍ଜନ ଶର୍ମା

■ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି କେନ୍ଦ୍ର : ଶଶିଭୂଷଣ

■ ରାଜ୍ୟ ସରକାରଙ୍କ ଅସଲ ମୁଖା ପଦାରେ ପଡିଛି : ସଜ୍ଜନ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

କେନ୍ଦ୍ର ସରକାର ଦୈନିକ ତୈଳ ଦର ବୃଦ୍ଧି ଓ ହ୍ରାସକୁ ନେଇ ଦ୍ୱନ୍ଦ୍ୱ ଓ କୁହେଳିକା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା । ତେଲରୁ ଭାଟ୍ ହ୍ରାସ ନେଇ ରାଜ୍ୟକୁ କେନ୍ଦ୍ରର ପ୍ରସ୍ତାବ ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ରଖି ଶନିବାର ଏପରି ମନ୍ତବ୍ୟ ରଖିଛନ୍ତି ।

ଶଶିଭୂଷଣ କହିଛନ୍ତି ଯେ, ତେଲରୁ ଭାଟ୍ କମାଇବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ନେଇ ତର୍ଜମା ଚାଲିଛି । ସମସ୍ତ ଦିଗରୁ ତର୍ଜମା ପରେ ନିଷ୍ପତ୍ତି ନିଆଯିବ । ହେଲେ ୧୨ଟି ରାଜ୍ୟରେ ଓଡ଼ିଶାଠାରୁ ଅଧିକ ଦାମ୍‌ରେ ପେଟ୍ରୋଲ ବିକ୍ରି ହେଉଛି । ୨୦୧୪ରେ କେନ୍ଦ୍ର ଟିକସ ବାବଦକୁ ଲିଟର ପିଛା ୯ଟଙ୍କା ୪୭ ପଇସା ନେଉଥିଲା । ବିଗତ ୪ ବର୍ଷ ମଧ୍ୟରେ ୯ଥର ଦର ବୃଦ୍ଧି କରି ୧୯ ଟଙ୍କାରୁ ଅଧିକ ନେଲାଣି। ଏବେ ରାଜ୍ୟଗୁଡ଼ିକ ତୈଳରୁ ୯୬ ହଜାର କୋଟି ଟଙ୍କା ଟିକସ ପାଉଛି । ତେବେ କେନ୍ଦ୍ର ସରକାର ତୈଳ ବାବଦ ଟିକସ ଅଢେଇ ହଜାର କୋଟି ଟଙ୍କା ନେଉଥିବା ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଶଶିଭୂଷଣ କେନ୍ଦ୍ରୀୟ ଟିକସ ହ୍ରାସ ପରେ କେନ୍ଦ୍ର ଏବଂ ରାଜ୍ୟର ଭାଗ ନେଇ ମଧ୍ୟ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଲିଟର ପିଛା ୧ଟଙ୍କା ୯୬ ପଇସା ହ୍ରାସ କରିଥିବାବେଳେ ରାଜ୍ୟର ପୂର୍ବାପେକ୍ଷା ୫୧ ପଇସା କମିଛି। ଆମେ ୫ ଟଙ୍କା ଟିକସ ହ୍ରାସ କରିବା ପାଇଁ ଦାବି କରିଥିଲୁ। କେନ୍ଦ୍ର ୫ଟଙ୍କା କମାଇଥିଲେ ଆମେ ୧ଟଙ୍କା ୩୦ ପଇସା ଛାଡିଥାନ୍ତୁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଅର୍ଥମନ୍ତ୍ରୀଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଭାଜପା ମୁଖପାତ୍ର ସଜ୍ଜନ ଶର୍ମା। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ୨.୫୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିସାରିଛନ୍ତି। ସଂଖ୍ୟାଧିକ ରାଜ୍ୟ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ଶୁଳ୍କ ହ୍ରାସ କରିଛନ୍ତି। ହେଲେ ଓଡ଼ିଶା ସରକାର ଏହା କରିନାହିଁ। ଏତେବେଳ ଯାଏ ଶୁଳ୍କ ହ୍ରାସ ନେଇ ନିଷ୍ପତ୍ତି ନ ନେବା ସରକାରଙ୍କ ଅସଲ ମୁଖାକୁ ପଦାରେ ପକାଇଥିବା ସଜ୍ଜନ କହିଛନ୍ତି।

**INSTITUTE OF NANO SCIENCE AND TECHNOLOGY**
(An Autonomous Institute of Department of Science and Technology, GOI)
Habitat Centre, Sector 64, Phase X, Mohali – 160062, Punjab
"Advanced Techniques in Nano Science and Technology" from 03rd – 08th December 2018
(A Special Workshop for young researchers from Schedule Tribes sponsored by Department of Science and Technology, Government of India)
Institute of Nano Science and Technology (INST) invites applications from M.Sc/M.Tech and Ph.D students and Young Faculty (Natural Sciences/Engineering/Agricultural Sciences) belonging to Schedule Tribes category to participate in the workshop entitled "Advanced Techniques in Nano Science and Technology. For details, candidate may visit institute website: (http://inst.ac.in/ST_outreach.php)

**DIRECTORATE OF DISTANCE AND CONTINUING EDUCATION**
**FAKIR MOHAN UNIVERSITY**
Vyasa Vihar, Balasore - 756019, Odisha, India
Tele Phone: 06782 - 241840, Email: cdce_fmu@yahoo.co.in
Website: www.fmuddce.org/www.fmuniversity.nic.in
Letter No. DDCE/FMU/534/2018 Date: 06.10.2018
**EXTENSION OF ADMISSION DATE**
In continuation to the previous Admission Notice No-DDCE/FMU/609/2018 dtd.25.08.2018, the last date of admission into BCA, BLIS, B.Com (Hons.), B.A.(Education Hons), MLIS, MA Odia, MA English, MA History, MA Pol. Science, MA Economics, MA Sociology, MA Education, M.Com under Distance Mode for the session 2018-19 is hereby extended upto 13th October 2018. For details refer to the website **www.fmuddce.org**.
Sd./- Director
DDCE, F.M. University, Balasore

■ ୫୫ନଂ. ଜାତୀୟ ରାଜପଥରେ ପାଉଁଶ ପ୍ରଦୂଷଣ

# ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍

ରତନ ନାୟାର
ଢେଙ୍କାନାଳ ଅଫିସ, ୬।୧୦

ରାଜ୍ୟର ୪ ପ୍ରମୁଖ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ (ପୁରୁଣା ୪୨ନମ୍ବର)କୁ ଚାରିଲେନ୍ ବିଶିଷ୍ଟ କରାଯାଉଛି। ଏଥିଲାଗି ଆରମ୍ଭ ହୋଇଛି ପ୍ରଶସ୍ତୀକରଣ କାର୍ଯ୍ୟ। ଏହି ପ୍ରକଳ୍ପ ୨୦୧୫ରୁ ଆରମ୍ଭ ହେବାକୁ ପ୍ରସ୍ତାବ ରହିଥିଲା। ହେଲେ ଜମି ଅଧିଗ୍ରହଣ ପ୍ରକ୍ରିୟା, ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ୩ବର୍ଷ ପରେ ଅର୍ଥାତ୍ ୨୦୧୮ ମାର୍ଚ୍ଚରେ ଏହାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୦ ସୁଦ୍ଧା ଏହାକୁ ଶେଷ କରିବାକୁ ଲକ୍ଷ୍ୟ ରଖିଛି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)। ହେଲେ ଖୋଲାଖୋଲି ଆଇନ ଉଲ୍ଲଂଘନ କରାଯାଇ ଏହାର ନିର୍ମାଣ କାର୍ଯ୍ୟଚାଲିଛି। ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଠିକାସଂସ୍ଥା ନିଜର ଲାଭ ଉଠାଇବାରେ ବ୍ୟସ୍ତ ଥିବାବେଳେ ସାଧାରଣ ଜନତା ଭୋଗୁଛନ୍ତି ଦୁର୍ଦ୍ଦଶା। ଏପରି କି, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ମଧ୍ୟ ଫାଙ୍କି ଚାଲିଛି ଠିକା କମ୍ପାନୀ, ଯାହା ରାସ୍ତା ନିର୍ମାଣର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

କଟକ, ଢେଙ୍କାନାଳ, ଅନୁଗୋଳ ଏବଂ ସମ୍ବଲପୁର ଜିଲା ମଧ୍ୟଦେଇ ଯାଇଛି ରାଜ୍ୟର ଅନ୍ୟତମ ବ୍ୟସ୍ତବହୁଳ ୫୫ନଂ. ଜାତୀୟ ରାଜପଥ। ଯାତାୟାତରେ ସୁବିଧା ଯୋଗୁ ଏହାକୁ ପ୍ରଶସ୍ତୀକରଣ କରାଯାଇ ୪ ଲେନ୍ ବିଶିଷ୍ଟ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କଟକ ଜିଲା ମଙ୍ଗୁଳିରୁ ଢେଙ୍କାନାଳ ଜିଲା ଝାରଗାଡ଼ିଆ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଝାରଗାଡ଼ିଆରୁ ଅନୁଗୋଳ ଜିଲାର ବଅଁରପାଳ ଏବଂ ପରେ ସମ୍ବଲପୁର ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟହେବ।

ମଙ୍ଗୁଳି-ଝାରଗାଡ଼ିଆ-ବଅଁରପାଳ ପର୍ଯ୍ୟନ୍ତ ମୋଟ ୧୧୨ କିମି ରାସ୍ତା ପାଇଁ ୧୧୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଜମି ଅଧିଗ୍ରହଣ ପରେ ରାଜପଥ ପାର୍ଶ୍ୱ ଜମି ଖୋଳି କାମ ଆରମ୍ଭ ହୋଇଛି। ତେବେ ଖାଲୁଆ ଜାଗା ସମତଳ କରିବାକୁ ଶିଳ୍ପାନୁଷ୍ଠାନରୁ ବିପୁଳ ପରିମାଣର ପାଉଁଶ (ଫ୍ଲାଏ ଆଶ୍) ଆଣି ପକାଯାଉଛି। ହେଲେ ପାଉଁଶ ପରିଚାଳନା କରିବାକୁ ଭୁଲିଯାଇଛି ଏନ୍‌ଏଚ୍‌ଏଆଇ, ଯାହା ସାଧାରଣ ଜୀବନଯାତ୍ରାକୁ ଦୁର୍ବିଷହ କରିପକାଇଲାଣି। ରାସ୍ତାକଡ଼ରେ ଦୈନିକ ଶତାଧିକ ଟ୍ରକ୍ ପାଉଁଶ ଗଦା କରାଯାଉଛି। ସାମାନ୍ୟ ପବନ କିମ୍ବା ଯାନବାହନ ଯାତାୟାତ କଲେ ପାଉଁଶ ଉଡ଼ି ଗୁରୁତର ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛି।

ମଙ୍ଗୁଳି-ଝାରଗାଡ଼ିଆ-ବଅଁରପାଳ ମଧ୍ୟରେ ରାଜପଥରେ ୨୩୩ଟି ବ୍ରିଜ୍ ନିର୍ମାଣ ହେବ। ସେଥିରୁ ୩ଟି ବଡ଼ ସେତୁ ରହିଛି। ରାସ୍ତାର ଦୁଇପାର୍ଶ୍ୱକୁ ସୁରକ୍ଷିତ ରଖିବାକୁ ୭୩ କିମି କଂକ୍ରିଟ ରାସ୍ତା ନିର୍ମାଣ କରାଯିବ। ଏହାକୁ ବାଦ୍ ଦେଲେ ୫ ଓଭରବ୍ରିଜ୍, ଗୋଟିଏ ରେଲୱେ ଓଭରବ୍ରିଜ, ୭ ସ୍ଥାନରେ ଭେହିକିଲ ଅଣ୍ଡରପାସ୍, ୩୨ ଜଙ୍କସନ୍ ଏବଂ ୩୧ କିମି ସର୍ଭିସ୍ ରୋଡ ନିର୍ମିତ ହେବ। ହେଲେ ଠିକାସଂସ୍ଥା ପକ୍ଷରୁ ହେଉଥିବା କାର୍ଯ୍ୟର ଠିକ୍ ଭାବେ ତଦାରଖ କରୁନି ଏନ୍‌ଏଚ୍‌ଏଆଇ। ଢେଙ୍କାନାଳ ସହରସ୍ଥିତ ଶକ୍ତିସୁଗାର କମ୍ପାନୀ ନିକଟରୁ କୋରିଆଁ ବାଇପାସ୍ ଛକ ପର୍ଯ୍ୟନ୍ତ ଖୋଳାଯାଇଥିବା ରାସ୍ତାରେ କମ୍ପାନୀ ପାଉଁଶ ଭର୍ତ୍ତି କରାଯାଉଛି। ଅନବରତ ପାଉଁଶ ଉଡ଼ିବା କାରଣରୁ କୁହୁଡ଼ିର ଭ୍ରମ ସୃଷ୍ଟି ହେଉଛି। ରାସ୍ତା ଦେଖି ନ ପାରି ଯାନାବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି କମ୍ପାନୀ ପାଉଁଶ ଯୋଗୁ ରାସ୍ତାକଡ଼ରେ ଥିବା ସବୁଜ ବନାନୀ ନଷ୍ଟ ହେବାରେ ଲାଗିଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଗାୟତ୍ରୀ କନଷ୍ଟ୍ରକ୍‌ସନ କମ୍ପାନୀ ଅଧିକାରୀ ମୁରଲୀକ୍ରିଷ୍ଣା କୁହନ୍ତି, ଭାରତ ସରକାରଙ୍କ ଗାଇଡ୍‌ଲାଇନ୍ସରେ ରାଜପଥ ନିର୍ମାଣ କାର୍ଯ୍ୟରେ ପାଉଁଶ ପକାଇବା ପାଇଁ ନିର୍ଦ୍ଦେଶନାମା ରହିଛି। ପ୍ରଦୂଷଣ ବୋର୍ଡ ମଧ୍ୟ ଏହାକୁ ସ୍ୱୀକୃତି ଦେଇଛି। ପାଉଁଶ ସହ ପାଣି ମିଶାଇ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଗଲେ ଏହା ବାଲି ଫିଲିଂ ଅପେକ୍ଷା ଅଧିକ ମଜଭୁତ ହେବ। ଏଥିରେ କୌଣସି ସମସ୍ୟା ନାହିଁ। ସରକାରଙ୍କ ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଏ ନେଇ ଢେଙ୍କାନାଳସ୍ଥିତ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ କୁହନ୍ତି, ଏନ୍‌ଟିପିସି ଓ ନାଲ୍‌କୋରୁ ପାଉଁଶ ଆଣି ପକାଯିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରାଯାଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମଧ୍ୟ ରହିଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।



୫୫ନଂ. ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟରେ ପାଉଁଶର ବ୍ୟବହାର।

### କ'ଣ ରହିଛି ଭାରତ ସରକାରଙ୍କ ନିୟମ

ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ପାଉଁଶ ସମ୍ପର୍କରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟରେ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ଅନୁଯାୟୀ, ରାଜପଥ ନିର୍ମାଣ ପାଇଁ ୧ରୁ ୩ ମିଟର ଉଚ୍ଚତା ଯାଏ ପାଉଁଶ ପକାଯାଇପାରିବ। ଗୋଟିଏ ସ୍ତର ପାଉଁଶ ଉପରେ ୦.୩ରୁ ୦.୫ ମିଟର ମାଟି ପକାଯିବ। ସେହିପରି ସମ୍ପୂର୍ଣ୍ଣ ଉପରସ୍ତର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୦.୫ ମିଟର ମାଟି ଆସ୍ତରଣ ରହିବା ଜରୁରୀ। ଏପରି କି ବର୍ଷା ପାଣିରେ ଧୋଇଯିବା ଆଶଙ୍କା ଥିଲେ ତାହା ଉପରେ ପଥର ପ୍ୟାକିଂ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ପ୍ରତିସ୍ତରକୁ ଅଧିକ ଦୃଢ଼ କରିବାକୁ ୪୦୦ମିମି ପାଉଁଶ ଉପରେ ଭାଇବ୍ରେଟୋରି ରୋଲର ଏବଂ ୨୦୦ମିମି ପାଉଁଶ ଉପରେ ୮ରୁ ୧୦ଟନ୍ କ୍ଷମତା ବିଶିଷ୍ଟ ଷ୍ଟାଟିକ୍ ରୋଲର ବ୍ୟବହୃତ କରାଯିବାକୁ ନିୟମ ରହିଛି। ଏତଦ୍‌ବ୍ୟତୀତ ରୋଲର ଚଳାଇବାବେଳେ ପାଉଁଶର ଆର୍ଦ୍ରତା ପ୍ରତି ମଧ୍ୟ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ। ଶୁଖିଲା ପାଉଁଶ ଉପରେ ନିର୍ଦ୍ଧାରିତ ପରିମାଣର ପାଣି ସିଞ୍ଚନ କରି ରୋଲିଂ କଲେ ତାହା ଅଧିକ ଦୃଢ଼ ହୋଇପାରିବ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ମହାକାଳପଡା,୬।୧୦ (ଡି.ଏନ.ଏ.):** ମହାକାଳପଡା ବ୍ଲକ ଅନ୍ତର୍ଗତ ଜମ୍ବୁ ପଞ୍ଚାୟତର ଉତ୍ତର ଜମ୍ବୁ ଗ୍ରାମରେ ଶନିବାର ପୋଖରୀରେ ବୁଡିଯିବାରୁ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଶଙ୍କର ଜାନାଙ୍କ ଶିଶୁପୁତ୍ର ରାଜୀବ ଜାନା (୨)। ଘରବାଡି ପୋଖରୀ ନିକଟରେ ଖେଳୁଥିବା ବେଳେ ସେ ହଠାତ୍ ପାଣିରେ ବୁଡିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଜକନିକା,୬।୧୦(ଡି.ଏନ୍.ଏ.):** ରାଜକନିକାର ବ୍ଲକର ଚରପଡା ପଞ୍ଚାୟତରୁ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ପଦଯାତ୍ରାରେ ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ, ବିଜେଡିର ବରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ, କେନ୍ଦ୍ରାପଡା ଜିଲା ପରିଷଦ ସଭ୍ୟ ଜୟଦେବ ଦାସ ଓ ରାଜକନିକା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଅୟସ ସାମଲ ସାମିଲ ହୋଇ ଚରପଡା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ଏହାପରେ ରାଜ୍ୟସଭା ସଦସ୍ୟ ଦେବ ପଣସଗଣ୍ଡ ଓ ପଧାନପଡା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ନବୀନ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ପଣସଗଣ୍ଡ ପଞ୍ଚାୟତର ସରପଞ୍ଚ ଦେବଦତ୍ତ ଦାସଙ୍କ ନେତୃତ୍ୱରେ ବିଜେଡିର କର୍ମୀ ଓ ମହିଳାମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ପଧାନପଡା ପଞ୍ଚାୟତରେ ସରପଞ୍ଚ ପ୍ରବୀଣା ଦାସ ପଦଯାତ୍ରାର ନେତୃତ୍ୱ ନେଇଥିଲେ । ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ ଦାସ, ରଙ୍ଗାଧର ଦାସ ଓ ବୈଷ୍ଣବ ମିଶ୍ର ପ୍ରମୁଖ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ । ସେହିପରି ଅବଦୁଲପୁର ପଞ୍ଚାୟତରେ ପ୍ରାକ୍ତନ ସରପଞ୍ଚ ସାରଙ୍ଗଧର ସାହୁ ଓ ହାଟସାହି ପଞ୍ଚାୟତରେ ସରପଞ୍ଚ ସଂଯୁକ୍ତା ଯେନାଙ୍କ ନେତୃତ୍ୱରେ ବିଜେଡିର କର୍ମୀ ଓ ମହିଳାମାନେ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ଏହି ପଦଯାତ୍ରାରେ ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଶ୍ରୀନିବାସ ପ୍ରଧାନ, ଯୁବନେତା ହରିଶ ମହାପାତ୍ର, ସମିତିସଭ୍ୟା ପ୍ରୀୟଦର୍ଶିନୀ ଯେନା, ବିଜେଡିର ଯୁବ ନେତା ହୃଷୀକେଶ ବେଉରିଆ ଓ ଉମାକାନ୍ତ ବେଉରିଆ ପ୍ରମୁଖ ସାମିଲ ହୋଇଥିଲେ ।

### ସମୀକ୍ଷା ବୈଠକ

**ପାଟକୁରା, ୬।୧୦ (ଡି.ଏନ୍.ଏ.):** ଗରଦପୁର ବ୍ଲକ ସଭାଗୃହରେ ଗ୍ରାମ୍ୟ ଗୃହନିର୍ମାଣ ସମ୍ପର୍କିତ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ତଥା ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧୀର କୁମାର ବେହେରା ଏଥିରେ ଅଧକ୍ଷତା କରିଥିଲେ। ପମୋଦ କୁମାର ଦାସ ଓ ଚୈତନ୍ୟ ବିଶ୍ୱାଳ ଏଥିରେ ସହାୟତା କରିଥିଲେ।

■ ନଦୀ ଗତିପଥ ପରିବର୍ତ୍ତନ ଯୋଗୁ ବାସଗୃହରେ ଫାଟ ଘଟଣା

# ପଲିଥିନ୍ ଦାବି କଲେ କ୍ଷତିଗ୍ରସ୍ତ ପରିବାର

**ମହାକାଳପଡା, ୬।୧୦ (ଡି.ଏନ.ଏ.)**

ଲଘୁ ଚାପଜନିତ ବର୍ଷା ସହ ଲୁଣାନଦୀର ଗତିପଥ ପରିବର୍ତ୍ତନ ଯୋଗୁ ମହାକାଳପଡା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମସ୍ଥିତ ୧୦ରୁ ଊର୍ଦ୍ଧ୍ୱ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହି କ୍ଷତିଗ୍ରସ୍ତ ପରିବାରଗୁଡିକୁ କୌଣସି ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ଏପରିକି ପ୍ରଶାସନ ପକ୍ଷରୁ ପଲିଥିନ ଖଣ୍ଡେ ମିଳିନାହିଁ ବୋଲି ଗ୍ରାମର ସୁଦର୍ଶନ ପାଇଟାଳ, ଗୋବର୍ଦ୍ଧନ ପାଇଟାଳ, ଅନୁପ ପାଇଟାଳ, ମଳିକ ସାମନ୍ତରାୟ, ରବୀନ୍ଦ୍ର ସାମନ୍ତରାୟ ଓ ହୀରାମଣି ପାଇଟାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ହିରାମଣୀଙ୍କ ଅଭିଯୋଗ ଅନୁଯାୟୀ, ଲଘୁଚାପ ଜନିତ ବର୍ଷାରେ ତାଙ୍କ ଘରେ ବିଭିନ୍ନ ସ୍ଥାନରେ ଫାଟ ପଡିଯାଇଛି। ମାତ୍ର ସରକାରୀ ସହାୟତା ମିଳୁ ନ ଥିବାରୁ ବିପଦ ସଙ୍କୁଳ ଅବସ୍ଥାରେ ଉକ୍ତ ଘରେ ରୋଷେଇ ସହ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରି ପଲିଥିନ୍ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକମାନେ ବାସ୍ତବ ରିପୋର୍ଟ ଦେଇ ନ ଥିବାରୁ ବହୁ ହିତାଧିକାରୀଙ୍କୁ ପଲିଥିନ ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି କ୍ଷତିଗ୍ରସ୍ତ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ରମେଶଚନ୍ଦ୍ର ସେଠୀ, କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ବାସଗୃହ ତଦନ୍ତ କରାଯାଇ ପଲିଥିନ ବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ଅଭିଯୋଗ ମିଳିବା ପରେ ବରିଷ୍ଠ ଭାଜପା ନେତା ବିଷ୍ଣୁ ଦାସ କ୍ଷତିଗ୍ରସ୍ତ ପରିବାରକୁ ଭେଟିଥିଲେ। ଏସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି।


ଫାଟିଯାଇଥିବା ଘରେ ଜଣେ ବୃଦ୍ଧା ରୋଷେଇ କରୁଛନ୍ତି ।

# କଂଗ୍ରେସର ତହସିଲ ଆଗରେ ଗଣଧାରଣା

**ଡେରାବିଶ,୬।୧୦(ସ୍ୱ.ପ୍ର.)**

ଗତ ସେପ୍ଟେମ୍ବର ମାସରେ ଲଘୁଚାପଜନିତ ଲଗାଣ ବର୍ଷାରେ ଡେରାବିଶ ବ୍ଲକ ଅଧୀନ ୨୬ଗୋଟି ପଞ୍ଚାୟତରେ ବ୍ୟାପକ ଫସଲ ହାନି ଘଟିଥିଲା । ଏଥିଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ଦାବିରେ ଶନିବାର ଡେରାବିଶ ବ୍ଲକ କଂଗ୍ରେସ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଏହି ଅବସରରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଆଇନ ସେଲ୍ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଧରଣୀଧର ନାୟକ, ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହୁରା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସେବାଦଳ ଅଧ୍ୟକ୍ଷ ଜୟଦେବ ପରିଡା, ଯୁବ କଂଗ୍ରେସ ନେତା ଦିଲିପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଓ ଋଣ ଛାଡ଼ କରିବା ପାଇଁ ଦାବି କରିଥିଲେ । ସରକାର ଚାଷୀଙ୍କ ଋଣ ଛାଡ଼ କରନ୍ତୁ ,ନହେଲେ ଗାଦି ଛାଡନ୍ତୁ ବୋଲି ନେତୃମଣ୍ଡଳୀ ଚେତାଇ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କୁମାର ଚନ୍ଦ୍ର ବଳ, ପୂର୍ଣ୍ଣାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ଧରଣୀଧର ଜେନା, ଯୁବନେତା ରାଜକିଶୋର ମିଶ୍ର, ପୂର୍ବତନ ସମିତି ସଭ୍ୟ ଉମେଶ ଚନ୍ଦ୍ର ତ୍ରିପାଠୀ, ଖଗେଶ୍ୱର ସିଂହ, ହରେକୃଷ୍ଣ ପରିଡା, କରୁଣାକର କର, ଗୁରୁଚରଣ ନାଥ ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତିରେ ରାଜ୍ୟ ସରକାରଙ୍କ ବିଫଳତା ନେଇ ଆଲୋକପାତ କରିଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାର କାହ୍ନୁ ଚରଣ ଲେଙ୍କାଙ୍କୁ ପ୍ରଦାନ କରାଯାଇଥିଲା ।



କଂଗ୍ରେସ କର୍ମୀମାନେ ତହସିଲ ଆଗରେ ଧାରଣା ଦେଇଛନ୍ତି ।

# ଘରେ ପଶି ଦୁର୍ବୃତ୍ତଙ୍କ ଆକ୍ରମଣ, ୪ ଆହତ

**ରାଜନଗର,୬।୧୦(ଡି.ଏନ.ଏ.)**

ଶୁକ୍ରବାର ମଧ୍ୟରାତ୍ରିରେ ରାଜନଗର ଥାନା ଅନ୍ତର୍ଗତ ବଡମରିଚାପଲ୍ଲୀ ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଦୁର୍ବୃତ୍ତମାନେ ପଶି ପରିବାର ସଦସ୍ୟଙ୍କୁ ଆକ୍ରମଣ କରିବା ସହ ସୁନା ରୁପା ଲୁଟି ନେଇଛନ୍ତି। ସେମାନଙ୍କ ଆକ୍ରମଣରେ ପରିବାରର ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ କରାଯାଇଥିବା କୁହାଯାଉଛି।

ପ୍ରକାଶ ଯେ, ରାତି ପ୍ରାୟ ଗୋଟାଏ ସମୟରେ ବଡମରିଚାପଲ୍ଲୀ ଗାଁର ନଟବର ବେହେରାଙ୍କ ପୁଅ ସୁରେନ୍ଦ୍ର ଶୋଇଥିବା ଘରର କବାଟକୁ ୪-୫ଜଣ ଦୁର୍ବୃତ୍ତ ବାଡେଇ ଥିଲେ। ସୁରେନ୍ଦ୍ର ଓ ତାଙ୍କ ସ୍ତ୍ରୀ କବାଟ ନ ଖୋଲିବାରୁ ସେମାନେ କବାଟ ଭାଙ୍ଗି ଘରେ ପଶିବା ସହ ହଠାତ୍ ଠେଙ୍ଗା, ଭୁଜାଲିରେ ଆକ୍ରମଣ କରିଥିଲେ। ସୁରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରଭାତି ଦୁର୍ବୃତ୍ତଙ୍କ ଆକ୍ରମଣରେ ଲହୁ ଲୁହାଣ ହୋଇ ଚିତ୍କାର କରିବାରୁ ପାଟି ଶୁଣି ବାପା ନଟବର ଓ ବୋଉ ପ୍ରେମଲତା ସେଠାକୁ ଦୌଡି ଆସିଥିଲେ । ଦୁର୍ବୃତ୍ତମାନେ ସେମାନଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ପ୍ରେମଲତା ଓ ପ୍ରଭାତି ପିନ୍ଧିଥିବା ସୁନା ଅଳଙ୍କାର, ରୁପା ଓ ଦୁଇଟି ବାକ୍ସ ନେଇ ଫେରାର ହୋଇ ଯାଇଥିଲେ । ଆକ୍ରମଣକାରୀମାନେ ବାହାର ଲୋକ ହୋଇଥିବାରୁ ନଟବରଙ୍କ ପରିବାର ଲୋକେ ସେମାନଙ୍କୁ ଚିହ୍ନି ପାରି ନ ଥିଲେ । ଆହତ ୪ଜଣଙ୍କୁ ପଡୋଶୀ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ପ୍ରେମଲତା ଓ ପ୍ରଭାତିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ନଟବରଙ୍କ ଘରୁ ଗାଁ ମୁଣ୍ଡରେ ଥିବା ନଈ ପାଖକୁ ଯାଇ ଫେରୁଥିବାରୁ ଦୁର୍ବୃତ୍ତମାନେ ନଦୀପଟରେ ଆସି ଆକ୍ରମଣ କରିବା ସହ ଚୋରି କରି ପଳାଇଥିବା ପୋଲିସ ସନ୍ଦେହ କରୁଛି।

# ଟ୍ରାକ୍ଟର ଓଲଟି ଜଣେ ମୃତ, ୫ ଆହତ

**ପଟ୍ଟାମୁଣ୍ଡାଇ,୬।୧୦(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଳଭା-ଗଣ୍ଡାକିଆ ଜଳସମ୍ପଦ ବିଭାଗ ରାସ୍ତାର ଖଡିଅଣ୍ଟା କେନାଲ ପୋଲ ନିକଟରେ ଶନିବାର ଅପରାହ୍ନରେ ଜିଆଇ ପାଇପ ବୋଝେଇ ଏକ ଟ୍ରାକ୍ଟର ଓଲଟି ପଡିବାରୁ ହୃଷୀକେଶ ଷଣ୍ଢ (୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ରାଜନଗର ଥାନା ପରିପାଙ୍ଗରା ଗ୍ରାମରେ। ଏହି ଦୁର୍ଘଟଣାରେ ଉକ୍ତ ଟ୍ରାକ୍ଟର ଉପରେ ବସିଥିବା ୫ଜଣ ନଳକୂପ ତିଆରି ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରାଜନଗର ବ୍ଲକ ହାତୀନା ଗ୍ରାମର ସୋମନାଥ ନାଥ (୫୦), ଜଗନ୍ନାଥପୁର ଗ୍ରାମର ମଦନ ସ୍ୱାଇଁ (୨୮), ସେହି ଗ୍ରାମର ବାପୁଲି ସ୍ୱାଇଁ (୨୨), ସିଧାବସନ୍ତ ଗ୍ରାମର ବୈଲୋଚନ ଜେନା (୨୭) ଓ ମହାକାଳପଡା ବ୍ଲକ ବଅଡି ଗ୍ରାମର ବସନ୍ତ ସାହୁ (୫୦)। ଆହତମାନଙ୍କୁ ଦମକଳ କର୍ମଚାରୀ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୪ ଜଣଙ୍କୁ ଛାଡି ଦିଆଯାଇଛି। ଜଗନ୍ନାଥପୁର ଗ୍ରାମର ବାପୁଲିଙ୍କ ମୁଣ୍ଡ, ଅଣ୍ଟା ଓ ଛାତିରେ ଶକ୍ତ ଆଘାତ ଯୋଗୁ ସେ ଚିକିତ୍ସିତ ହେଉଛନ୍ତି। ପଟ୍ଟାମୁଣ୍ଡାଇ ପୋଲିସ ଦୁର୍ଘଟଣା ସ୍ଥଳରୁ ମୃତଦେହ ଜବତ କରିଛି । ନଳକୂପ ସ୍ଥାପନ କରି ମିସ୍ତ୍ରୀ ଓ ଶ୍ରମିକମାନେ ଗଣ୍ଡାକିଆ ପଟରୁ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ପଟ୍ଟାମୁଣ୍ଡାଇ ଫେରୁଥିବା ବେଳେ ରାସ୍ତା ମରଣଯନ୍ତା ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୭।୧୦।୨୦୧୮ (ରବିବାର)**

■ ବିଜେଡି ମହିଳା ସମାବେଶ ।
**ସ୍ଥାନ**-ଚଅଁପୁର ଖେଳପଡିଆ, ବଙ୍ଗାଳପୁର, ଗରଦପୁର ବ୍ଲକ , **ସମୟ**-୧୦ଟା ।

■ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ପରିଷଦ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ।
**ସ୍ଥାନ**-ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ, ଉଦୟନଗର, ତିନିମୁହାଣୀ, କେନ୍ଦ୍ରାପଡା, **ସମୟ**- ପୂର୍ବାହ୍ନ ୧୦ଟା ।

■ ବିଶ୍ୱ ବଧିର ଦିବସ ପାଳନ ।
**ସ୍ଥାନ**-ଟାଉନ ହଲ, କେନ୍ଦ୍ରାପଡା, **ସମୟ**- ପୂର୍ବାହ୍ନ ୧୦ଟା ।

■ ବଡାମ୍ବିଳା ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ।
**ସ୍ଥାନ**-କେଶବାନନ୍ଦ ବାଳିକା ବିଦ୍ୟାପୀଠ, ବଡାମ୍ବିଳା, ଆଳି, **ସମୟ**-ପୂର୍ବାହ୍ନ ୯ଟା ।

■ ସତୀର୍ଥ ଅନୁଷ୍ଠାନର କାର୍ଯ୍ୟାଳୟ ଉଦ୍‌ଘାଟନ ଓ କବି ସମ୍ମିଳନୀ ।
**ସ୍ଥାନ**-ସତୀର୍ଥ, କୋରୋ, କେନ୍ଦ୍ରାପଡା ବ୍ଲକ, **ସମୟ**-ପୂର୍ବାହ୍ନ ୧୦ଟା ।

**୯।୧୦।୨୦୧୮ (ମଙ୍ଗଳବାର)**

■ ମିଳିତ ଜନଶୁଣାଣି ଶିବିର ।
**ସ୍ଥାନ**-ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ,ପଟ୍ଟାମୁଣ୍ଡାଇ,**ସମୟ**-ପୂର୍ବାହ୍ନ ୧୦.୩୦ ମିନିଟ ।

■ ଓଡିଶା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାର ଖାଉଟି କାର୍ଡ ବଣ୍ଟନ ।
**ସ୍ଥାନ**-ପଞ୍ଚାୟତ ସମିତି ସଭାଗୃହ, ଆଳି, **ସମୟ**- ପୂର୍ବାହ୍ନ ୧୦ଟା ।

■ ଗୋପବନ୍ଧୁଙ୍କ ୧୪୫ ତମ ଜୟନ୍ତୀ ।
**ସ୍ଥାନ**-ଗୋପବନ୍ଧୁ କ୍ଲବ, ମାର୍ଶାଘାଇ, **ସମୟ**- ପୂର୍ବାହ୍ନ ୧୦ଟା ।

**୧୦।୧୦।୨୦୧୮ (ବୁଧବାର)**

■ ମୁଁ କାହିଁକି ପ୍ରାର୍ଥୀ ହେଲି ସଭା ।
**ସ୍ଥାନ**-କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ**- ପୂର୍ବାହ୍ନ ୧୦ଟା ।

■ ମୁଁ କାହିଁକି ପ୍ରାର୍ଥୀ ହେଲି ସଭା ।
**ସ୍ଥାନ**-ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡା । **ସମୟ**- ପୂର୍ବାହ୍ନ ୧୦ଟା ।

■ ସ୍ୱଚ୍ଛ ଭାରତ ସମ୍ପର୍କରେ ବୈଠକ ।
**ସ୍ଥାନ**- ଜିଲାପାଳଙ୍କ ସଦଭାବନା ସଭାଗୃହ, **ସମୟ**- ମଧ୍ୟାହ୍ନ ୧୨ଟା ।

■ କେନ୍ଦ୍ରାପଡା ପୌରପାଳିକା ମାଷ୍ଟର ପ୍ଲାନ ସମ୍ପର୍କରେ କର୍ମଶାଳା ।
**ସ୍ଥାନ**-ଡିଆରଡିଏ ହଲ, କେନ୍ଦ୍ରାପଡା, **ସମୟ**- ଅପରାହ୍ନ ୩ଟା ।

**୧୧।୧୦।୨୦୧୮ (ଗୁରୁବାର)**

■ ଛାତ୍ର ସଂସଦ ନିର୍ବାଚନ ।
**ସ୍ଥାନ**-କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡା, **ସମୟ**- ପୂର୍ବାହ୍ନ ୮ଟା ।

■ ପୌରପାଳିକା ମାଷ୍ଟର ପ୍ଲାନ ସମ୍ପର୍କରେ କର୍ମଶାଳା ।
**ସ୍ଥାନ**- ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସଭାଗୃହ, **ସମୟ**- ଅପରାହ୍ନ ୩ଟା ।

**୧୨।୧୦।୨୦୧୮ (ଶୁକ୍ରବାର)**

■ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ।
**ସ୍ଥାନ**-ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଦନପୁର, ଆଳି, **ସମୟ**- ପୂର୍ବାହ୍ନ ୧୦ଟା ।

■ ସାମାଜିକ ଉନ୍ନୟନ, ପାନୀୟ ଜଳ, ମାତୃ ଶିଶୁ ସୁରକ୍ଷାର ସମୀକ୍ଷା ବୈଠକ ।
**ସ୍ଥାନ**-ଗରଦପୁର ବ୍ଲକ ସଭା ଗୃହ, **ସମୟ**- ପୂର୍ବାହ୍ନ ୧୦ଟା ।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୧୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ମାର୍ଶାଘାଇରେ ରାଶନ କାର୍ଡ ବଣ୍ଟନ


ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉଛି ।

**ମାର୍ଶାଘାଇ,୬।୧୦(ଡିଏନ୍ଏ)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମାର୍ଶାଘାଇ ବ୍ଲକର ତାଳସଙ୍ଗା ପଞ୍ଚାୟତଠାରେ ଶନିବାର ଅପରାହ୍ନରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡା ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ । ମାର୍ଶାଘାଇ ବ୍ଲକର ୧୭ଟି ପଞ୍ଚାୟତର ୮୪୧ ଜଣ ପରିବାରଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ,ବ୍ଲକ ଯୋଗାଣ ଅଧିକାରୀ ରବିନ୍ଦ୍ର ବେହେରା,ବିଡିଓ ସୁବାଦାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା,ଉପାଧ୍ୟକ୍ଷା ମମତା ପ୍ରଧାନ,ଜିଲା ପରିଷଦ ସଭ୍ୟ, ପ୍ରଦୀପ୍ତ ଗାହାଣ,ଜିଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡ଼ା, ପ୍ରଫୁଲ୍ଲ ଦାସ,ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା,ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ମଲ୍ଲିକ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ,ତାଳସଙ୍ଗା ସରପଞ୍ଚ କବିନ୍ଦ୍ର ଜେନା,ସମିତିସଭ୍ୟା ରାଜଲକ୍ଷ୍ମୀ ସେନାପତି ,ପୁଷ୍ପାଞ୍ଜଳୀ ମହାନ୍ତି,ରଞ୍ଜିତ ପରିଡା, ହୀରକ ପରିଡା,ପ୍ରିୟବ୍ରତ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ,ବିଜେଡି ଯୁବ ବାହିନୀଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

■ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ୫ ଦିନରେ ୯୫ ପ୍ରକଳ୍ପର ଶିଳାନ୍ୟାସ

**ରାଜନଗର, ୬।୧୦(ଡି.ଏନ.ଏ.)**

ରାଜନଗର ବ୍ଲକ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଠାରୁ ଜନସଂପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ଲକର କୋଇଲିପୁର ପଞ୍ଚାୟତ ଠାରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଶନିବାର ସୁଦ୍ଧା ଘଡିଆମାଳ, ଈଶ୍ୱରପୁର, ଖମାରସାହି, ଡାଙ୍ଗମାଳ, ବାଘମାରି, କେରୁଆଁପାଳ, କୃଷ୍ଣନଗର ପଞ୍ଚାୟତରେ ଜନସଂପର୍କ ପଦଯାତ୍ରା କରାଯାଇଛି। ୫ ଦିନରେ ବିଜୁ ଜନତା ଦଳର ନେତା ବ୍ଲକର ବିଭିନ୍ନ ସ୍ଥାନରେ ୯୫ଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୩ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ।କୋଇଲିପୁର ପଞ୍ଚାୟତର ବଡପାଳ ଅଙ୍ଗନୱାଡି କେନ୍ଦ୍ର, ବାଘମାରି ପଞ୍ଚାୟତରେ ଅମରାବତୀ ଅଙ୍ଗନୱାଡି କେନ୍ଦ୍ର ଓ ରାଧାମାଳିପୁର ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି । ସେହିପରି ଅମରାବତୀ ଯୁବଗୋଷ୍ଠୀ କେନ୍ଦ୍ର, ଉଦ୍ୟାନ ମିଶନ ଶକ୍ତି ଗୃହ, ବାଘମାରି ପାଠାଗାର, ଖାସମୁଣ୍ଡା ଯୁବଗୋଷ୍ଠୀ କେନ୍ଦ୍ର, ଶୈଳେନ୍ଦ୍ର ସରାଇ ଯୁବ ବିକାଶ କେନ୍ଦ୍ର, କେରୁଆଁପାଳ ଚିତ୍ତ ବିନୋଦନ କେନ୍ଦ୍ର, ଅହିରାଜପୁର ଯୁବଗୋଷ୍ଠୀ କେନ୍ଦ୍ର, ଗର୍ତ୍ତ ଯୁବଗୋଷ୍ଠୀ କେନ୍ଦ୍ର, ଜୁନୁସନଗର ନେହେରୁ ଯୁବଗୋଷ୍ଠୀ କେନ୍ଦ୍ର ସମେତ ୯୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ତଥା ଜିଲା ଯୋଜନା ବୋର୍ଡ ସଦସ୍ୟ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ସରପଞ୍ଚ ମୁକ୍ତିକାନ୍ତ ପାତ୍ର, ରତିକାନ୍ତ ସେଠୀ, ସପନ ପରିଡା, ପର୍ଶୁରାମ ବାରିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗବନ୍ଧୁ ନାୟକ, ସମିତିସଭ୍ୟ କବିତା ମାଇତି, ଅନ ଦାସ, ମାଧବୀ ପ୍ରଧାନ, ୩୨ ନଂ ଜୋନ ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ସେଠୀ ପ୍ରମୁଖ ଏହି ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ପଦଯାତ୍ରାରେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଯୁବନେତା ଗଣେଶ ଗୁଡିଆ, ନିରନ ରାଉତ, ପ୍ରଭାତ ମହାନ୍ତି, ରବିନ୍ଦ୍ର ସିଂ, ଗୋବର୍ଦ୍ଧନ ପ୍ରଧାନ, ବଳରାମ ମଣ୍ଡଳ, ରାମକୃଷ୍ଣ ମାଇତି, ଚନ୍ଦନ ସାମଲ, ଶୁକଦେବ ମାଇତି, ସୁକଦେବ ପ୍ରଧାନ, ମଧୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


ବିଜେଡି ପକ୍ଷରୁ କେରୁଆଁପାଳ ପଞ୍ଚାୟତରେ ପଦଯାତ୍ରା।

# ଦୁର୍ଘଟଣାରେ ପ୍ରଧାନଶିକ୍ଷକ ଗୁରୁତର

**ଡେରାବିଶ, ୬।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ଧରମପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖ ଅବଦୁଲ କରିମ ଶନିବାର ଦୁର୍ଘଟଣାରେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପ୍ରକାଶ ଯେ, ଶନିବାର ସକାଳୁଆ ସ୍କୁଲ ହୋଇ ଛୁଟି ହେବା ପରେ ଅବଦୁଲ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ବ୍ଲକର ତିଲକପୁର ଛକରେ ଏକ କୁକୁର ହଠାତ୍ ଗାଡି ଆଗକୁ ମାଡି ଆସିବାରୁ ସେ ଭାରସାମ୍ୟ ହରାଇ ତଳେ ପଡି ଅଚେତ ହୋଇ ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଅବଦୁଲଙ୍କ ଘର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ଗ୍ରାମରେ ବୋଲି ଜଣାଯାଇଛି।



ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍, ସେହିମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।

- ପ୍ଲାଟୋ



# କମିଛି କଂଗ୍ରେସ, ବିଜେଡିର ଭୋଟ୍ ହାର

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ**

- ପଞ୍ଚାୟତ ନିର୍ବାଚନରେ କଂଗ୍ରେସର କମିଥିଲା ୧୫ ହଜାର ଭୋଟ୍
- ବିଜେଡିର ମଧ୍ୟ ୧,୯୦୦ ଭୋଟ୍ କମିଥିଲା
- ଭାଜପା ଭୋଟ ବଢ଼ିଥିଲା ୨୦ ହଜାର

ଜଗତ୍‌ସିଂହପୁର ଅଫିସ,୬।୧୦

୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଉଭୟ ବିଜେଡି, ଭାଜପା ପୃଥକ ଭାବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡିକ କିପରି ଲୋକାଭିମୁଖୀ ହୋଇପାରୁଛି ତାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରୁଛନ୍ତି। କଂଗ୍ରେସ କିନ୍ତୁ ଉଭୟ ସରକାରଙ୍କ ଉପରେ ଙ୍ଗୁଳି ଉଠାଇ ଯୋଜନାଗୁଡିକ ଓଡ଼ିଶାରେ ବାଟବଣା ହେଉଥିବା ଅଭିଯୋଗ କରୁଛି। ଏଥିସହ ଆଗାମୀ ନିର୍ବାଚନରେ କେଉଁମାନେ ପ୍ରାର୍ଥୀ ହେବେ ସେନେଇ ଆଗୁଆ ପ୍ରକ୍ରିୟା ଆରମ୍ଭ କରିଦେଇଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଜଗତ୍‌ସିଂହପୁର ଆସନରୁ ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ପ୍ରାର୍ଥୀ ହୋଇପାରନ୍ତି। ତେବେ ଏଥର ବିଶ୍ୱାଳଙ୍କୁ ନିର୍ବାଚନ ମଇଦାନରେ ଲଢେଇ କରିବା କଷ୍ଟକର ହେବ। କାରଣ ୨୦୧୪ ନିର୍ବାଚନରେ ତାଙ୍କ ସପକ୍ଷରେ ଯାହା ଭୋଟ ଯାଇଥିଲା, ଗତ ପଞ୍ଚାୟତ ନିର୍ବାଚନରେ ଦଳୀୟ ଭୋଟ ହିସାବ କଲେ ଏହି ସଂଖ୍ୟା ପାଖାପାଖି ୧୫ ହଜାର କମିଥିବା ଜଣାଯାଇଛି। ବିଜେଡି ଭୋଟ ପାଖାପାଖି ୨ ହଜାର କମିଥିଲେ ସୁଦ୍ଧା ଜିଲା ପରିଷଦ ଆଶନ ସଂଖ୍ୟା ବଢିଛି। ସବୁଠାରୁ ବଡ କଥା ହେଲା ଭାଜପା ଭୋଟ ପାଖାପାଖି ୨୦ ହଜାର ବଢିଛି, ଯାହାକି ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ଗତ ପଞ୍ଚାୟତ ନିର୍ବାଚନକୁ ଅନୁଶୀଳନ କଲେ ଜଣାଯାଏ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ୬ ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ ସଂଖ୍ୟା ୧ରେ ବିଜେଡି ସପକ୍ଷରେ ୧୩,୦୯୧ (୪୧.୭୫%), କଂଗ୍ରେସ ୯,୪୪୦ (୩୦.୧୧%) ଓ ଭାଜପା ପ୍ରାର୍ଥୀଙ୍କୁ ୩,୬୫୨ (୧୧.୬୪%) ଭୋଟ ମିଳିଥିଲା। ସେହିପରି ଜୋନ୍ ୨ରେ ବିଜେଡି ପ୍ରାର୍ଥୀଙ୍କୁ ୯,୭୯୧ (୩୨.୨୭%), କଂଗ୍ରେସ ୯,୪୭୯ (୩୧.୨୪%) ଓ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ୫,୩୫୪ (୧୭.୬୪%) ଭୋଟ ଯାଇଥିଲା। ଜୋନ ସଂଖ୍ୟା ୩ରେ ବିଜେଡି ସପକ୍ଷରେ ୧୧,୨୫୪ (୩୯.୮୮%), କଂଗ୍ରେସ ୮,୨୨୫ (୨୯.୧୪%) ଓ ଭାଜପା ପ୍ରାର୍ଥୀଙ୍କୁ ୩,୩୧୧ (୧୩.୭୩%) ଭୋଟ ମିଳିଛି । ଜୋନ ସଂଖ୍ୟା ୪ରେ ବିଜେଡି ପ୍ରାର୍ଥୀଙ୍କୁ ୧୦,୬୧୭ (୪୦.୫୩%), କଂଗ୍ରେସ ୫୯୩୪ (୨୨.୬୫%) ଓ ଭାଜପା ସପକ୍ଷରେ ୪୫୩୪ (୧୭.୩୦%) ଭୋଟ ଯାଇଥିଲା। ନାଉଗାଁ ଜିଲା ପରିଷଦ ଜୋନ ସଂଖ୍ୟା ୧ରେ ବିଜେଡି ସପକ୍ଷରେ ୯୮୬୪ (୩୦.୩୦%), କଂଗ୍ରେସ ୭୨୩୩ (୨୨.୨୧%) ଓ ଭାଜପା ପ୍ରାର୍ଥୀଙ୍କୁ ୬୯୯୭ (୨୧.୪୯%) ଭୋଟ ମିଳି ପାରିଥିଲା। ଏହି ନିର୍ବାଚନରେ ସ୍ୱାଧୀନ ଭାବେ ନିଲମ ସ୍ୱାଇଁ ୨,୦୫୭ (୬.୩୧%) ଖଣ୍ଡ ଭୋଟ ପାଇଥିଲେ। ନାଉଗାଁ ଜୋନ ସଂଖ୍ୟା ୨ରେ ବିଜେଡି ପ୍ରାର୍ଥୀଙ୍କୁ ୧୨,୩୪୦ (୩୫.୩୧%), କଂଗ୍ରେସ ୧୧,୩୭୮ (୩୨.୫୬%) ଓ ଭାଜପା ସପକ୍ଷରେ ୩,୧୩୨ (୮.୯୬%) ଭୋଟ ଯାଇଥିଲା। ଏହି ୬ ଜିଲା ପରିଷଦ ଜୋନରେ ଦଳୀୟ ସ୍ଥିତି ଦେଖିଲେ ଜଣାଯାଏ ବିଜେଡି ସପକ୍ଷରେ ୬୨,୨୭୪, କଂଗ୍ରେସ ୫୧,୬୮୯ ଓ ଭାଜପା ପ୍ରାର୍ଥୀଙ୍କୁ ୨୬,୯୮୦ ଭୋଟ ମିଳିଥିଲା। ଏହି ଭୋଟ ସଂଖ୍ୟାକୁ ନେଇ ଦଳ ପକ୍ଷରୁ ତର୍ଜମା ଆରମ୍ଭ ହୋଇଯାଇଛି। ୨୦୧୪ ସାଧାରଣ ନିର୍ବାଚନକୁ ଅନୁଧ୍ୟାନ କଲେ ଜଣାଯାଏ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ସପକ୍ଷରେ ସର୍ବାଧିକ ୬୭,୦୬୭ ଭୋଟ ଯାଇଥିବା ବେଳେ ବିଜେଡିକୁ ୬୪,୧୭୯ ଓ ଭାଜପା ପ୍ରାର୍ଥୀଙ୍କୁ ୭,୦୫୮ ଭୋଟ ମିଳିଥିଲା। ଏଥିରେ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ୨,୮୮୮ ଭୋଟ ବ୍ୟବଧାନରେ ହରାଇ କଂଗ୍ରେସର ଚିରଞ୍ଜୀବ ବିଶ୍ୱାଳ ବିଧାୟକ ହୋଇଥିଲେ। ଭାଜପା ସ୍ଥିତି ଅତି ଦୁର୍ବଳ ଥିଲା। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ଭୋଟ ୨୦୧୪ ବିଧାନସଭା ନିର୍ବାଚନ ଫଳାଫଳ ତୁଳନାରେ ୧୫,୩୭୮ ଖଣ୍ଡ କମିଯାଇଛି, ଯାହାକି ବିଶ୍ୱାଳଙ୍କ ପାଇଁ ଚିନ୍ତାର ବିଷୟ। କାରଣ ସେ ବିଧାୟକ ହେଲା ପରେ ବିଧାୟକ ପାଣ୍ଠି ସହ ତାଙ୍କ ଭାଇ ରଞ୍ଜୀବଙ୍କ ତରଫରୁ ଏମ୍‌ପି (ରାଜ୍ୟସଭା) ପାଣ୍ଠିର ସିଂହ ଭାଗ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଖର୍ଚ୍ଚ କରିଛନ୍ତି। ଏହାସତ୍ତ୍ୱେ ଭୋଟ ହାର ଆଶାତୀତ ଭାବରେ କମିଛି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦାସଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ସେ ଜିତିଥିଲେ। ଏବେ ଏତେ ଭୋଟ କମିଯିବାପରେ ଠିକଣା ସମୟରେ ଭରଣା କରିପାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ବିଜେଡି ଭୋଟ ମଧ୍ୟ ଗତ ବିଧାନସଭା ନିର୍ବାଚନ ତୁଳନାରେ ପଞ୍ଚାୟତ ନିର୍ବାଚନରେ ୧,୯୦୫ କମିଯାଇଛି। ଭାଜପା ଭୋଟ ଆଶାତୀତ ଭାବରେ ବଢିଛି। ଗତ ବିଧାନସଭା ନିର୍ବାଚନରେ ଦଳୀୟ ଭୋଟଠାରୁ ପଞ୍ଚାୟତ ନିର୍ବାଚନରେ ଏହି ସଂଖ୍ୟା ୧୯,୯୨୨ ଅଧିକ ହୋଇଛି। ଭାଜପାର ଏହି ଉତ୍‌ଥାନ ପ୍ରକାରାନ୍ତରେ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ଅଡୁଆ କରିପାରେ।

## ସଂକ୍ଷେପରେ

### ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ



**ବାଲିକୁଦା, ୬।୧୦(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବିଧାୟକ ପ୍ରଶାନ୍ତ ମୁଦୁଲି ୧୦୮ ଜଣ ହିତାଧିକାରୀଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି ଅବସରରେ ଏବିଡିଓ ଅଜୟ ବେହେରାଙ୍କ ଅଧକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଦାସ, ବିଡିଓ କଲ୍ୟାଣୀ ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପରେ ୬୦ ଜଣ ହିତାଧିକାରୀଙ୍କୁ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସହାୟତା ରାଶି ଓ ୧୧୮ ଜଣଙ୍କୁ ବିଜୁ ପକ୍କାଘର ଯୋଜନା ପ୍ରୋତ୍ସାହନ ରାଶି ଦିଆଯାଇଥିଲା।

### ଦୁଇ ବଖରା ଜଳିଗଲା

**ବାଲିକୁଦା, ୬।୧୦(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ତିତିରା ପଞ୍ଚାୟତର ସୁମୁତା ଗାଁରେ ଶନିବାର ସୁଦର୍ଶନ ମହାନ୍ତିଙ୍କ ଦୁଇ ବଖରା ପୋଡିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ବାଲିକୁଦା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଗ୍ୟାସ ବ୍ୟବହାର ସଚେତନତା ଶିବିର

**ବାଲିକୁଦା,୬।୧୦(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨ ଶହରୁ ଅଧିକ ମହିଳା ଯୋଗଦେଇ ଏଲପିଜିର ବ୍ୟବହାର ସମ୍ପର୍କରେ ଅବଗତ ହୋଇଥିଲେ। ନିରାପଦ ଗ୍ୟାସ ସଂଯୋଗ ଓ ଏହାକୁ ବ୍ୟବହାର କରି କମ୍ ଖର୍ଚ୍ଚରେ କମ ସମୟ ମଧ୍ୟରେ ମହିଳାମାନେ ନିଜ ପରିବାର ପାଇଁ ଅଧିକ କାର୍ଯ୍ୟ କରି ପାରିବେ ବୋଲି ଏହି ଶିବିରରେ କୁହାଯାଇଥିଲା। ଏଥିରେ ଅଳାଭର ସରପଞ୍ଚ ଅଶୋକ ବିଶ୍ୱାଳ, ଭିଏଲଇ ସନ୍ତୋଷ ଶତପଥୀ, ସିଏସସି ଜିଲ୍ଲା ସମ୍ପାଦକ ଏସ.ଡି. ରିୟାଜ୍, ଆଇଓସିଏଲ ପକ୍ଷରୁ ସବିତା ଭୂୟାଁ, ବାବା ବୃକ୍ଷରାଜ ଗ୍ରାମୀଣ ବିତରକ ସଂସ୍ଥା କାଳିଓର ପରିଚାଳନା ନିର୍ଦ୍ଦେଶକ ଅକ୍ଷୟ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।




ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀ ଶୁଭାରମ୍ଭ ଅବସରରେ ଅତିଥିମାନେ ଡାକଟିକେଟ ପ୍ରଦର୍ଶନ କରୁଛନ୍ତି।

## ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀ

ପାରାଦୀପ,୬।୧୦(ସ୍ୱ.ପ୍ର.)

ପାରାଦୀପ ମହାବିଦ୍ୟାଳୟ ପରିସରରେ ଶନିବାରଠାରୁ ଦୁଇଦିନିଆ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ଆରମ୍ଭ ହୋଇଛି। ସର୍ବପୁରାତନ ସଂସ୍ଥା ଡାକର ହୃତଗୌରବ ଫେରାଇ ଆଣିବା ପାଇଁ ଏଭଳି ପ୍ରଦର୍ଶନ କରାଯାଉଛି। ଏଥିରେ ଜିଲାର ସଂସ୍କୃତି, ପରମ୍ପରା, ଐତିହାସିକ ସ୍ଥିତି, ଦର୍ଶନୀୟ ସ୍ଥାନ ଆଦି ସ୍ଥାନିତ ହୋଇଛି। ଏତଦ୍‌ବ୍ୟତୀତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ମଧ୍ୟ ସ୍ଥାନ ପାଇଛି। ଏହି ପ୍ରଦର୍ଶନୀର ନାମ ରହିଛି ପାରାଦୀପ ପେକ୍ସ-୨୦୧୮। ଡାକ ବିଭାଗର ଦକ୍ଷିଣ ମଣ୍ଡଳ କଟକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଡିଜି ଅମୀୟ ଭୂଷଣ ତ୍ରିପାଠୀ, ପୋଷ୍ଟାଲ ନିର୍ଦ୍ଦେଶକ ଜି. ଗୁରୁନାଥନ, ଅନିଲ କୁମାର ଧିର, ଆଦିତ୍ୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଡାକ ଟିକେଟରେ ଜଗତ୍‌ସିଂହପୁର ଜିଲାର ଶାରଳା ମନ୍ଦିର, ଲୋକନାଥ ମନ୍ଦିର ସ୍ଥାନୀୟ ହୋଇଛି। ଏହି ଶିବିରରେ ପାରାଦୀପ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଡାକ ବିଭାଗ ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ କରାଯାଇଛି।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଶୁଭାରମ୍ଭ

ବାଲିକୁଦା,୬।୧୦(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ଶନିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରାଯାଇଛି। ଏଥିରେ ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏବିଡିଓ ଅଜୟ ବେହେରାଙ୍କ ଅଧକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଦାସ, ବିଡିଓ କଲ୍ୟାଣୀ ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବ୍ଲକ ଯୋଗାଣ ନିରୀକ୍ଷକ ବିଜୟ କେତନ ସିଂ ପ୍ରମୁଖ ଯୋଗଦେଇ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକର ୩୦ ପଞ୍ଚାୟତ ମଧ୍ୟରୁ ୨୦ ପଞ୍ଚାୟତର ୧୦୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। କେନ୍ଦ୍ର ସରକାର କରିଥିବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ଗରିବ ହିତାଧିକାରୀ ବାଦ୍‌ପଡିଥିଲେ। ସେମାନଙ୍କୁ ମୁଣ୍ଡ ପିଛା ଚାଉଳ ଯୋଗାଇ ଦେବା ଲକ୍ଷ୍ୟରେ ଓଡିଶା ସରକାର ଏହି ନୂତନ ଓ ନିଜସ୍ୱ ଯୋଜନା କରିଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

## ଡଙ୍ଗାରେ ମତ୍ସ୍ୟଜୀବୀ ମୃତ

ପାରାଦୀପ,୬।୧୦(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଜଣେ ମତ୍ସ୍ୟଜୀବୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଉଦୟବଟର ସମରେଶ ଢାଲି(୫୮)। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ସେ ଅନ୍ୟ ୫ଜଣଙ୍କ ସହ ମିଶି ସମୁଦ୍ରରେ ମାଛ ଧରୁଥିଲେ। ମଧ୍ୟାହ୍ନରେ ଦେହ ଅସୁସ୍ଥ ହେବାରୁ ସେ ଡଙ୍ଗାରେ ଶୋଇଥିଲେ। ତାଙ୍କୁ କୂଳକୁ ଆଣିବା ପରେ ବିଜୁ ମେମୋରିଆଲ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଠୋରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରାଦୀପ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୧୩/୧୮ ରୁଜୁ ହୋଇଛି।

## ସମ୍ପତ୍ତି ବିବାଦରୁ ବାପ ପୁଅ ହଣାକଟା, ୨ ଗିରଫ

ପାରାଦୀପ,୬।୧୦(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବୃନ ଗ୍ରାମରେ ଶନିବାର ସମ୍ପତ୍ତି ଭାଗବଣ୍ଟାକୁ ନେଇ ପାରିବାରିକ ହିଂସାକାଣ୍ଡ ଘଟିଛି। ଏଥିରେ ବାପ ଓ ଦୁଇ ପୁଅ ମଧ୍ୟରେ ହଣାକଟା ଘଟିଛି। ଉଭୟ ପକ୍ଷରୁ ମାମଲା ରୁଜୁ ହେବା ପରେ ପୋଲିସ ଗ୍ରାମର ଧନେଶ୍ୱର ମହାପାତ୍ର ଓ ତାଙ୍କ ବଡ଼ପୁଅ ମହେଶ୍ୱର ମହାପାତ୍ରଙ୍କୁ ଗିରଫ କରିଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଚିନ୍ମୟ ରାଉତ କହିଛନ୍ତି। ଆକ୍ରମଣରେ ଗୁରୁତର ଆହତ (ଧନେଶ୍ୱରଙ୍କ ସାନ ପୁଅ)ଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଜଗତ୍‌ସିଂହପୁର ବ୍ଲକ ସରାଗ୍ୟୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଷୋଡଶ ଉପଚାର ପୂଜାର ୫ ମ ଦିବସରେ ମା ସିଦ୍ଧିଦାତ୍ରୀଙ୍କ ବରାହୀ ବେଶ।

## ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ

କୁଜଙ୍ଗ,୬।୧୦(ସ୍ୱ.ପ୍ର.)

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ପକ୍ଷରୁ ଜନସେବା କେନ୍ଦ୍ର ତତ୍ତ୍ୱାବଧାନରେ କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରେ ପ୍ରଧାନମନ୍ତ୍ରୀ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଇଓସିଏଲର ଡିଏନଓ ଅଙ୍କୁର ଅଭିନବ ଯୋଗଦେଇ ଗ୍ୟାସ୍‌ର ବ୍ୟବହାର ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇଥିଲେ। ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ୨ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବକ୍ତବ୍ୟ ପ୍ରଦାନ କରି ଏନଡିଏ ସରକାରଙ୍କ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ କହିଥିଲେ। ଜନସେବା କେନ୍ଦ୍ର ଭିଏଲଇ ବିକ୍ରମ ମହାନ୍ତି କେନ୍ଦ୍ର ସରକାରଙ୍କ ଜରିଆରେ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ଏଲପିଜି ସଂଯୋଗ ବ୍ୟବସ୍ଥାକୁ ଗ୍ରହଣ କରିବାକୁ କହିଥିଲେ। ବିଭାଗୀୟ ଯନ୍ତ୍ରୀ ପ୍ରଦୀନ କୁମାର ମହାନ୍ତି, କୁଜଙ୍ଗ ଅଞ୍ଚଳରେ ଏଲପିଜି ବିତରଣ ଅଧିକାରପ୍ରାପ୍ତ ମହାପାତ୍ର ଇଣ୍ଡେନ, ଅରବିନ୍ଦ ଇଣ୍ଡେନ ଡିଷ୍ଟ୍ରିବ୍ୟୁଟର ସ୍ୱତ୍ୱାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ରମେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ତ୍ରୀ, ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

ବାଲିକୁଦା,୬।୧୦(ସ୍ୱ.ପ୍ର.)

ବାଲିକୁଦା ଭାଜପା ପକ୍ଷରୁ ଶନିବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପାଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର, ମନ୍ତ୍ରୀ ପ୍ରଦୀପ ମହାରଥୀ ଓ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଭାଜପା ସାଧାରଣ ସମ୍ପାଦକ ମୋହିତ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି କୁଶପୁତ୍ତଳିକା ଦାହ କରିଥିଲେ। କେନ୍ଦ୍ର ସରକାର ତୈଳ ଦର ହ୍ରାସ କରିଥିବାବେଳେ ରାଜ୍ୟ ସରକାର ହ୍ରାସ ନ କରିବା, କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ଓ ବାଲିକୁଦା-ଏରସମାରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ସେମାନେ ଏଭଳି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରଘୁନନ୍ଦନ ଦାସ, ବାଲିକୁଦା ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାସ, ଅଡଙ୍ଗା ସମିତିସଭ୍ୟ ଜଟାଧାରୀ ଦାସ, ପ୍ରଦୀପ୍ତ ବାରିକ, ପ୍ରଦୀପ୍ତ ମହାନ୍ତି, ଶିବ ଦାସ, ଶିବ ଚରଣ ନାୟକ, ପ୍ରକାଶ ପ୍ରଧାନ, ଲଲାଟ ମହାନ୍ତି, ଶରତ ଚନ୍ଦ୍ର ଦାସ, ନିରଞ୍ଜନ ସ୍ୱାଇଁ, ଅଭିନାରାୟଣ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ କହିଛନ୍ତି ମନ୍ତ୍ରୀ ଓ ବିଧାୟକଙ୍କ ଲୋକପ୍ରିୟତା ସହ୍ୟ କରି ନ ପାରି ଭାଜପା ଏଭଳି ହୀନ ରାଜନୀତି କରୁଛି। କେବଳ ସେତିକି ନୁହେଁ ଭାଜପା ଔଷଧ ବିକଳରେ ତାଟିଆ କାମୁଡୁଛି। ଏସବୁ ବାଲିକୁଦା ଏରସମାବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସେ କହିଛନ୍ତି।



ଭାଜପା ନେତା ଓ କର୍ମୀମାନେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।

## ବାତିଲ ହେବନି ଛାତ୍ର ସଂସଦ ନିର୍ବାଚନ

**ଅଳକା ମହାବିଦ୍ୟାଳୟ**

- ସ୍ପେଶିଆଲ ଅଫିସରଙ୍କୁ ଭେଟିଲେ କଲେଜ ଅଧକ୍ଷ
- ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ କାର୍ଯ୍ୟାନୁଷ୍ଠାନ

ବାଲିଆ,୬।୧୦

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ନେଇ ଅଳକା ମହାବିଦ୍ୟାଳୟରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। କଲେଜ ପରିସରରେ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ବୋମାମାଡ଼ କରିବା ଘଟଣାକୁ ନେଇ ଏଭଳି ପରିସ୍ଥିତି ହୋଇଛି। ଏ ସମ୍ପର୍କରେ ଶନିବାର କଲେଜ ଅଧକ୍ଷ ବନମାଳି ବେହେରା କଲେଜର ସ୍ପେଶିଆଲ ଅଫିସର ତଥା ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର କୁମାର ମହାନ୍ତିଙ୍କୁ ଭେଟି ଆଲୋଚନା କରିଛନ୍ତି। ଅଧକ୍ଷଙ୍କଠାରୁ ସମସ୍ତ ବିଷୟ ବୁଝିସାରିବା ପରେ ବର୍ତ୍ତମାନ ପରିସ୍ଥିତିରେ ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯିବ ନାହିଁ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି। ଏଥିସହ ଅଳକା ମହାବିଦ୍ୟାଳୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିରିଡି ଥାନା ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି। ସେଭଳି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ, ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଥିବା ଅଧକ୍ଷ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହାର କିଛିଦିନ ପରେ କଲେଜରେ ବୋମାମାଡ଼ ହୋଇଥିଲା। ଘଟଣାକୁ ୩ ଦିନ ବିତିଥିଲେ ମଧ୍ୟ କିଏ କାହିଁକି ବୋମାମାଡ଼ କଲା ତାହା ଜଣାପଡିନାହିଁ। ଏସବୁ ଘଟଣା ଯୋଗୁ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ, ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ନିର୍ବାଚନ ବାତିଲ କରିବା ପାଇଁ କେତେଜଣ ଛାତ୍ରୀଛାତ୍ର ଓ ଅଭିଭାବକ କଲେଜ ଅଧକ୍ଷ ବେହେରାଙ୍କୁ ଲିଖିତ ଭାବେ ଜଣାଇଥିଲେ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ନିର୍ବାଚନ ବାତିଲ କରାଯିବା ଉଚିତ୍ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଥିଲା। ଏସବୁ ଘଟଣାକୁ ନେଇ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅଧକ୍ଷ ବେହେରାଙ୍କ ଅଧକ୍ଷତାରେ ଷ୍ଟାଫ କାଉନ୍‌ସିଲ ବୈଠକ ହୋଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ୧୦୨ ଅଧ୍ୟାପିକା ଅଧ୍ୟାପକ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ମତଦେବା ସହ ରିଜୋଲ୍ୟୁଶନ ପାଶ୍ କରିଥିଲେ। ଏସବୁ ଘଟଣା ସମ୍ପର୍କରେ ଅଧକ୍ଷ ବେହେରା ଉପଜିଲାପାଳଙ୍କୁ ବିସ୍ତୃତ ଭାବେ ଜଣାଇଥିଲେ।

### ଅଳକା କଲେଜ ପିଛା ଛାଡୁନି ବିବାଦ

ବିରିଡ଼ି,୬।୧୦(ଡି.ଏନ.ଏ)

ବିରିଡ଼ି ବ୍ଲକ ଅନନ୍ତବଟ ଅଣଖିଆର ଶୁଷ୍କ ଅଳକା ନଦୀପଠାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ନଦୀର ନାମ ଅନୁସାରେ ପ୍ରତିଷ୍ଠିତ ଏହି ଅଳକା ମହାବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରି ସମଗ୍ର ଜଗତସିଂହପୁର ଜିଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୨୦୦୯ ନିର୍ବାଚନମଣ୍ଡଳୀ ପୁନର୍ଗଠନ ବେଳେ ଉକ୍ତ ମହାବିଦ୍ୟାଳୟଟି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀକୁ ଚାଲିଆସିଲା। ସେହି ବର୍ଷଠାରୁ ବିବାଦ ଏହି କଲେଜର ପିଛା ଛାଡୁନାହିଁ। କାରଣ କଲେଜର ଅର୍ଦ୍ଧେକ ଅଂଶ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ରହିଛି ବୋଲି ସେଠାକାର ଭୋଟରମାନେ ଦାବି କରିଆସୁଛନ୍ତି। ଏପରିକି ସରକାରୀ ନିୟମ ମୁତାବକ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଦବୀଟି ସ୍ଥାନୀୟ ବିଧାୟକଙ୍କୁ ଦିଆଯିବା କଥା। ଏଥିପାଇଁ ଦୁଇ ନିର୍ବାଚନମଣ୍ଡଳୀର ବିଧାୟକଙ୍କ ମଧ୍ୟରେ ଟଣାଓଟରା ଚାଲିଛି। ତେଣୁ ବାଧହୋଇ ଜଗତ୍‌ସିଂହପୁର ଉପଜିଲାପାଳଙ୍କୁ ମହାବିଦ୍ୟାଳୟର ସ୍ପେଶିଆଲ ଅଫିସର ଭାବେ ମନୋନୀତ କରାଯାଇଛି। ଉଭୟ ନିର୍ବାଚନମଣ୍ଡଳୀରେ ଥିବା ଏହି ମହାବିଦ୍ୟାଳୟର ଶାନ୍ତ ପରିବେଶ ପ୍ରତିବର୍ଷ ଛାତ୍ର ସଂସଦ ନିର୍ବାଚନ ଆସିଲେ କିଛି ଦିନ ପାଇଁ ଅଶାନ୍ତ ହୋଇପଡେ। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ଅବ୍ୟବହିତ ପୂର୍ବରୁ କଲେଜ ପରିସରରେ ବୋମା ବିସ୍ଫୋରଣ ଘଟିବା ଉଭୟ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ବ୍ୟତିବ୍ୟସ୍ତ କରିଛି। ସୂଚନାଯୋଗ୍ୟ, ୨୦୦୯-୨୦୧୪ ଅବଧି ମଧ୍ୟରେ ଜଗତ୍‌ସିଂହପୁରର ତତ୍କାଳୀନ ବିଧାୟକ ବିଷ୍ଣୁ ଦାସ କଲେଜ ପରିଚାଳନା କମିଟିର ସଭାପତି ଦାୟିତ୍ୱରେ ଥିଲେ। କାରଣ ତାଙ୍କ ନିକଟତମ ବ୍ୟକ୍ତି କୁହାଯାଉଥିବା ତତ୍କାଳୀନ ତିର୍ତ୍ତୋଲ ବିଧାୟକ ରବୀନ୍ଦ୍ର ନାଥ ଭୋଇ ସେତେବେଳେ ଏହା ଉପରେ କୌଣସି ଆପତି ଉଠାଇ ନ ଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭୋଟରମାନେ ଡା. ରାଜଶ୍ରୀ ମଲ୍ଲିକଙ୍କୁ ନିର୍ବାଚିତ କରିଥିଲେ। ଅପରପକ୍ଷରେ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବିଷ୍ଣୁ ଦାସ ପରାସ୍ତ ହୋଇଥିବାବେଳେ କଂଗ୍ରେସ ବିଜୟୀ ହୋଇଥିଲା। ଫଳରେ କଲେଜର ବିବାଦ ଆହୁରି ବଢିଯାଇଛି। ଦ୍ୱୈତ ନିର୍ବାଚନମଣ୍ଡଳୀରେ ଏହି ମହାବିଦ୍ୟାଳୟ ଥିବାରୁ ବିଭିନ୍ନ ରାଜନୈତିକ ଦଳର ଦୃଷ୍ଟି ଏହା ଉପରେ ରହିଛି, ଯାହାର ପରିଣାମ ସ୍ୱରୂପ ଛାତ୍ର ସଂସଦ ନିର୍ବାଚନ ବେଳେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ସାଧାରଣରେ ଆଲୋଚନା ହେଉଛି।



“ଭାରତରେ ‘ମହାମେଣ୍ଟ’ ଚେଷ୍ଟା ଓ ପରୀକ୍ଷା ପରେ ବିଫଳ ହୋଇଥିବା ଏକ ବିଚାରଧାରା। ଏଭଳି ଏକ ମେଣ୍ଟ ପୁନର୍ବାର ଗଠନ ହେଲେ ୨୦୧୯ରେ ଜଣେ ଦୃଢ଼ ନେତାଙ୍କ ନେତୃତ୍ୱାଧୀନ ସ୍ଥିର ସରକାର ଓ ଏକଛତ୍ରବାଦୀଙ୍କ ମେଳି ମଧ୍ୟରେ ଲଢ଼େଇ ହେବ।

- ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ଡାକ୍ତରଖାନାରେ ଖାଲେଦା

ଢାକା,୬।୧୦(ପି.ଟି.)-ଦୁର୍ନୀତି ମାମଲାରେ ଜେଲଦଣ୍ଡ ଭୋଗୁଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଏନ୍‌ପିର ଅଧ୍ୟକ୍ଷା ଖାଲେଦା ଜିଆ ଗୁରୁତର ଥିବା ଜଣାପଡ଼ିଛି। ଜେଲରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବା ପରେ ଏଠାକାର ‘ବଙ୍ଗବନ୍ଧୁ ଶେଖ୍ ମୁଜିବ୍ ମେଡିକାଲ୍



ୟୁନିଭର୍ସିଟି’ (ବିଏସ୍ଏମ୍ଏମ୍‌ୟୁ) ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୭୩ ବର୍ଷୀୟା ଖାଲେଦାଙ୍କୁ ଉଚିତ ଚିକିତ୍ସା ଯୋଗାଇଦେବା ଲାଗି କୋର୍ଟ ଆଦେଶ ଦେବା ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଖାଲେଦା ୧୯୦୦ ଶତାବ୍ଦୀର ବ୍ରିଟିଶ୍ ଅମଳର ଏକ ଜେଲ୍‌ରେ ଏକମାତ୍ର କଏଦୀ ଭାବେ ସଜା କାଟୁଛନ୍ତି। କିଛିଦିନ ତଳେ ହାତ ଏବଂ ଗୋଡ଼ରେ ସମସ୍ୟା ଦେଖା ଦେଇଥିବା ସେ କହିଥିଲେ। ଡାକ୍ତରଖାନାରେ ଭର୍ତ୍ତି କରିବା ଲାଗି ଦଳର ନେତାମାନେ ମଧ୍ୟ ଦାବି କରିଥିଲେ। କିନ୍ତୁ ଜେଲରେ ହିଁ ତାଙ୍କର ଚିକିତ୍ସା ଚାଲିଥିଲା।

### ଇଣ୍ଟରପୋଲ୍ ମୁଖ୍ୟ ଚାଇନାରେ ଅଟକ

ବେଜିଂ,୬।୧୦(ପି.ଟି.)-ଚାଇନାରେ ନିଖୋଜ ହୋଇଥିବା ଇଣ୍ଟରପୋଲ ସଭାପତି ମେଙ୍ଗ୍ ହଙ୍ଗ୍‌ୱେଇଙ୍କ ବିଷୟରେ ଶନିବାର



ସୂଚନା ମିଳିଛି। ନିଜ ଦେଶର ତଦନ୍ତକାରୀ ଅଧିକାରୀ ହଙ୍ଗ୍‌ୱେଇଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଗତ ସପ୍ତାହ ଫ୍ରାନ୍ସର ଲିଓନ୍‌ରୁ ହଙ୍ଗ୍‌ୱେଇ ବେଜିଂରେ ପହଞ୍ଚିଥିଲେ। କିନ୍ତୁ ସପ୍ତାହେରୁ ଅଧିକ ସମୟ ହେଲା ତାଙ୍କର କିଛି ଖୋଜ୍‌ଖବର ମିଳି ନ ଥିବା ପରିବାର ପକ୍ଷରୁ ଶୁକ୍ରବାର ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଉଠିଥିବା ଏକ ମାମଲାର ତଦନ୍ତ ଚଳାଇଥିବା ଚାଇନା ତଦନ୍ତକାରୀ ଅଧିକାରୀମାନେ ହଙ୍ଗ୍‌ୱେଇଙ୍କୁ ବିମାନବନ୍ଦରରୁ ହିଁ ନେଇ ଯାଇଥିଲେ ବୋଲି ହଂକଂ ଖବରକାଗଜ ‘ସାଉଥ୍ ଚାଇନା ମର୍ନିଂ ପୋଷ୍ଟ’ ରିପୋର୍ଟରେ ଉଲ୍ଲେଖ କରିଛି। ତେବେ କେଉଁ ମାମଲାରେ ତାଙ୍କୁ ଅଟକ ରଖାଯାଇଛି ସେ ବିଷୟରେ ଖବରକାଗଜରେ କିଛି ସ୍ପଷ୍ଟ କରାଯାଇନାହିଁ।

## ■ ୫ ରାଜ୍ୟରେ ବିଧାନସଭା ନିର୍ବାଚନ: ଇସିଙ୍କୁ କଂଗ୍ରେସର ଟାର୍ଗେଟ୍

# ଭାଜପା ଚାପରେ ଘୋଷଣା ବିଳମ୍ବ

ନୂଆଦିଲ୍ଲୀ/କଲିକତା,୬।୧୦(ପି.ଟି.)

■ ଇସି କେବେ କାହା ଚାପରେ କାର୍ଯ୍ୟ କରେ ନାହିଁ: ରାୱତ୍

■ ଆଦର୍ଶ ଆଚରଣ ବିଧିକୁ ଡଷ୍ଟବିନ୍‌ରେ ଫୋପାଡ଼ିବାକୁ ମୋଦିଙ୍କୁ ସୁଯୋଗ ଦିଆଯାଉଛି: ସୁର୍ଜେୱାଲା



ପାଞ୍ଚ ରାଜ୍ୟରେ ନିର୍ବାଚନୀ ବିଗୁଲ୍ ବାଜିବା କ୍ଷଣି ଦେଶରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇଛି। ମଧ୍ୟପ୍ରଦେଶ, ଛତିଶଗଡ଼, ମିଜୋରାମ, ରାଜସ୍ଥାନ ଏବଂ ତେଲେଙ୍ଗାନା ବିଧାନସଭା ନିର୍ବାଚନ ନେଇ ନିର୍ବାଚନ କମିଶନ (ଇସି) ଶନିବାର ଅପରାହ୍ଣରେ ତାରିଖ ଘୋଷଣା କରିଛନ୍ତି। ତେବେ ନିର୍ଦ୍ଧାରିତ ସମୟରୁ ୩ ଘଣ୍ଟା ବିଳମ୍ବରେ ଇସିର ଘୋଷଣା ପଛରେ ଶାସକ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତ ଥିବା ଅଭିଯୋଗ ଆଣିଛି କଂଗ୍ରେସ। କିନ୍ତୁ ନିର୍ବାଚନ କମିଶନ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି।

ପ୍ରକାଶ ଯେ, ପୂର୍ବାହ୍ନ ୧୨ଟା ୩୦ରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍ ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ ତାରିଖ ଘୋଷଣା କରିବା ନେଇ ସ୍ଥିର ହୋଇଥିଲା। କିନ୍ତୁ ଏହାକୁ ଅପରାହ୍ନ ୩ଟାକୁ ଘୁଞ୍ଚାଇ ଦିଆଯାଇଥିଲା। ଇତିମଧ୍ୟରେ ରାଜସ୍ଥାନରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେବା ପ୍ରସଙ୍ଗକୁ ନେଇ ଆପତ୍ତି ଉଠାଇଛି କଂଗ୍ରେସ। ସିଇସି ମଧ୍ୟାହ୍ନରେ ନିର୍ବାଚନ ତାରିଖ ଘୋଷଣା କରିଥାଆନ୍ତେ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ରାଲିରେ ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା ଚଳାଇଥିବାବେଳେ ଜାଣିଶୁଣି ଘୋଷଣାକୁ ୩ ଘଣ୍ଟା ବିଳମ୍ବ କରାଯାଇଥିଲା। ନିଜ ରାଲି ପାଇଁ ମୋଦି ଇସିଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଖବରଦାତା ସମ୍ମିଳନୀ ବିଳମ୍ବ କରିବା ଲାଗି ସେ କହିଥିଲେ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କଲିକତାରେ କହିଛନ୍ତି। ଏହି ପ୍ରସଙ୍ଗରେ ସିଇସି ସ୍ପଷ୍ଟୀକରଣ ରଖିବା ପରେ ଏହା ନିରର୍ଥକ ବୋଲି ସୁର୍ଜେୱାଲା କହିଛନ୍ତି। ଭାଜପା ‘ସୁପର୍ ଇସି’ କି ବୋଲି କଂଗ୍ରେସ ନେତା ଆଶ୍ଚର୍ଯ୍ୟବ୍ୟକ୍ତ କରିଛନ୍ତି। ପରେ ସେ ଟୁଇଟ୍ କରି କହିଛନ୍ତି, ଡିୟର୍ ଇସି, ଆପଣ ମୋଦିଙ୍କୁ ଆଦର୍ଶ ଆଚରଣ ବିଧି ଡଷ୍ଟବିନ୍‌ରେ ଫୋପାଡ଼ିବାକୁ ଅନୁମତି ଦେଇଛନ୍ତି। ୨୦୧୭ରେ ଗୁଜରାଟରେ ଭୋଟ୍ ଦେଇ ଫେରିବା ବେଳେ ମୋଦି ରୋଡ୍ ଶୋ କରିଥିଲେ। ଆଜି ରାଜସ୍ଥାନରେ ଭୋଟରଙ୍କୁ ରାଜନୈତିକ ଲାଞ୍ଚ ଦେବା ପାଇଁ ମୋଦି ଏବଂ ବସୁନ୍ଧରାଙ୍କୁ ଅନୁମତି ଦେଇଛ। କ୍ଷମତାର ଚାଟୁକାରତା ବନ୍ଦ କରନ୍ତୁ ବୋଲି ସୁର୍ଜେୱାଲା କହିଛନ୍ତି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇସିସି ସାଧାରଣ ସମ୍ପାଦକ ମଧ୍ୟ ଇସିଙ୍କୁ ଟାର୍ଗେଟ୍ କରିଛନ୍ତି। ନିର୍ବାଚନ କମିଶନ କେତେଦିନ ଯାଏ ମୋଦିଙ୍କୁ ସୁବିଧାସୁଯୋଗ ଦେଇଆସୁଥିବେ ବୋଲି ଗେହଲୋଟ୍ କହିଛନ୍ତି।

ସ୍ପଷ୍ଟୀକରଣ ରଖି ସିଇସି କହିଛନ୍ତି, ଇସି କେବେ କାହା ଚାପରେ କାର୍ଯ୍ୟ କରି ନ ଥାଏ। ଖବରଦାତା ସମ୍ମିଳନୀ ୩ ଘଣ୍ଟା ବିଳମ୍ବ ହେବାର ୩ଟି କାରଣ ରହିଛି। ତେଲେଙ୍ଗାନା ନିର୍ବାଚନ ସମୟକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ରାଜ୍ୟରେ ଖରାପ ପାଗ ଯୋଗୁ ନିର୍ବାଚନ ପ୍ରକ୍ରିୟା ଘୁଞ୍ଚାଇବା ପାଇଁ ନିବେଦନ କରାଯାଇଥିଲା। ଏହାସହ ଏସଂକ୍ରାନ୍ତରେ ହାଇକୋର୍ଟରୁ ମଧ୍ୟ ଏକ ନିର୍ଦ୍ଦେଶନାମା ଆସିବାର ଥିଲା। ଆହୁରି ଅନ୍ୟାନ୍ୟ ସମସ୍ୟା ରହିଥିଲା। ଫଳରେ ୩ ଘଣ୍ଟା ବିଳମ୍ବ ହୋଇଥିଲା। କିନ୍ତୁ ଘୋଷଣାକୁ ନେଇ ସେମାନଙ୍କର ଅଭିଯୋଗ ଆଣିବା ପୂର୍ଣ୍ଣ ଅଧିକାର ରହିଛି ବୋଲି ସିଇସି କହିଛନ୍ତି। ନିର୍ବାଚନ କମିଶନ ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପାଇଁ ସଦା ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ‘କେବଳ ଧନୀଙ୍କ ପାଇଁ କାର୍ଯ୍ୟ କରୁଛି ଭାଜପା’



ମୋରେନା,୬।୧୦(ପି.ଟି.)-ନିର୍ବାଚନ ଦ୍ୱାରଦେଶରେ ଥିବା ମଧ୍ୟପ୍ରଦେଶକୁ ଶନିବାର ଗସ୍ତ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଆଦିବାସୀ ଏକତା ପରିଷଦର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶାସକ ଭାଜପା ଅଳ୍ପ କେତେଜଣ ଧନୀଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ କୃଷକ ଓ ପଛୁଆ ବର୍ଗର ଲୋକଙ୍କ କଥା ଭୁଲିଯାଇଛି। କିନ୍ତୁ କଂଗ୍ରେସ ସର୍ବଦା ଗରିବଙ୍କ ପାଇଁ ଚିନ୍ତା କରୁଛି ବୋଲି ଏଠାରେ ରାହୁଲ କହିଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ତାଙ୍କ ଦଳ କ୍ଷମତାକୁ ଆସିଲେ ସେ ଆଦିବାସୀ ଅଧିକାର ବିଲ୍ କାର୍ଯ୍ୟକାରୀ କରିବା ସହ କୃଷିଋଣ ଛାଡ଼ କରିବେ ବୋଲି କଂଗ୍ରେସ ମୁଖ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ରାଫାଲ୍ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗ ଉଠାଇ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଗସ୍ତ କାଳରେ ରାହୁଲ ନର୍ମଦା ପୂଜାରେ ସାମିଲ ହୋଇଛନ୍ତି। ଦଳର ନେତାମାନଙ୍କ ସହ ମିଶି ପବିତ୍ର ନଦୀକୂଳରେ ସେ ପୂଜା ଆରତି କରିଛନ୍ତି।

## ‘ଭୋଟବ୍ୟାଙ୍କ ରାଜନୀତି ଚଳାଇଛି କଂଗ୍ରେସ’



ଅଜମେର,୬।୧୦(ପି.ଟି.)- ଶନିବାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବାର କିଛି ଘଣ୍ଟା ପୂର୍ବରୁ ରାଜସ୍ଥାନର ଅଜମେରରେ ର୍‍ୟାଲି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟବାସୀଙ୍କ ମନ ଜିଣିବା ପାଇଁ ସେ ନିଜ ସରକାରର ସଫଳତା ବଖାଣିବା ସହ ବିରୋଧୀ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଦଳୀୟ ସଭାରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି ଯେ, କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ଚଳାଇଛି। କ୍ଷମତା ଅକ୍ତିଆର ପାଇଁ ଏହି ଦଳ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛି। କିନ୍ତୁ ରାଜସ୍ଥାନବାସୀ କଂଗ୍ରେସକୁ ଆଉ ସରକାର ଗଠନ ଲାଗି ସୁଯୋଗ ନ ଦିଅନ୍ତୁ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ରାଜ୍ୟବ୍ୟାପୀ ଚଳାଇଥିବା ଗୌରବ ଯାତ୍ରା ଶନିବାର ଶେଷ ହୋଇଛି। ଏହି ଅବସରରେ ଅଜମେରରେ ଅନୁଷ୍ଠିତ ର୍‍ୟାଲିରେ ମୋଦି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ଅବସରରେ ବସୁନ୍ଧରା ମଧ୍ୟ ନିର୍ବାଚନୀ ଥୋପ ପକାଇ ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଘୋଷଣା କରିଛନ୍ତି।

## କଂଗ୍ରେସର ହାତ ଛାଡ଼ିଲେ ଅଖିଳେଶ

ଲକ୍ଷ୍ନୌ,୬।୧୦(ଆଇଏଏନ୍‌ଏସ୍)



ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପରେ ଏବେ କଂଗ୍ରେସର ହାତ ଛାଡ଼ିଛି ସମାଜବାଦୀ ପାର୍ଟି (ଏସ୍‌ପି)। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଏସ୍‌ପି କଂଗ୍ରେସ ସହ ମିଶି ଲଢ଼ିବ ନାହିଁ, ବରଂ ଏକୁଟିଆ ଲଢ଼ିବ ବୋଲି ଶନିବାର ଦଳର ସଭାପତି ଅଖିଳେଶ ଯାଦବ ଘୋଷଣା କରିଛନ୍ତି। ପୂର୍ବରୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ମଧ୍ୟ କଂଗ୍ରେସ ସହ ମେଣ୍ଟ କରିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି। ଫଳରେ ବିରୋଧୀଙ୍କ ତଥାକଥିତ ମହାମେଣ୍ଟ ଯୋଜନା ଏବେ ଫସର ଫାଟିବାରେ ଲାଗିଥିବା କୁହାଯାଉଛି।

ଏଠାରେ ଥିବା ଦଳୀୟ ମୁଖ୍ୟାଳୟରେ ଏସ୍‌ପି ନେତାଙ୍କୁ ଉଦ୍‌ବୋଧନ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ କହିଛନ୍ତି, ଭାଜପାକୁ ପରାଜିତ କରିବା ଉଦ୍ଦେଶ୍ୟରେ ସମଭାପାପନ୍ନ ଦଳଗୁଡ଼ିକୁ ଏକ୍‌ଜୁଟ କରିବା ଲାଗି ଦୀର୍ଘଦିନ ହେଲା ବୁଝାମଣା ଚାଲିଛି। ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ଲାଗି ଲମ୍ବା ଅପେକ୍ଷା କରିବାକୁ ପଡ଼ିଲାଣି। କିନ୍ତୁ ସମଭାବାପନ୍ନ ଦଳଗୁଡ଼ିକ ସହ ହାତ ମିଶାଇବା ପାଇଁ କଂଗ୍ରେସ ଇଚ୍ଛୁକ ନ ଥିବା ଜଣାପଡୁଛି। ମଧ୍ୟପ୍ରଦେଶରେ ଏସ୍‌ପି ଏକୁଟିଆ ନିର୍ବାଚନ ଲଢ଼ିବ ଅବା ଜିଜିପି ଦଳ ସହ ମେଣ୍ଟ କରିବ। କିନ୍ତୁ କଂଗ୍ରେସ ସହ ହାତ ମିଶାଇବନାହିଁ ବୋଲି ଅଖିଳେଶ ସ୍ପଷ୍ଟ କରିଛନ୍ତି। ଏପରି କି ରାଜ୍ୟରେ ବିଏସ୍‌ପି ସହ ମଧ୍ୟ ମେଣ୍ଟ କରିପାରନ୍ତି ବୋଲି ଅଖିଳେଶ କହିଛନ୍ତି। ସେହିପରି ଏସ୍‌ପି ଏବଂ ବିଏସ୍‌ପି କେବେ କାହାକୁ ଭୟ କରନ୍ତି ନାହିଁ ବୋଲି କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ଏକ ମନ୍ତବ୍ୟର ଜବାବ ଦେଇ ଅଖିଳେଶ କହିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ସିବିଆଇ ଏବଂ ଇଡି ତଦନ୍ତ ପରିସରଭୁକ୍ତ ହେବା ଭୟରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଏସ୍‌ପି ଏବଂ ବିଏସ୍‌ପି କଂଗ୍ରେସ ସହ ହାତ ମିଶାଇବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ଦିଗ୍‌ବିଜୟ ଏକ ମନ୍ତବ୍ୟ ଦେଇଥିଲେ।

## ନିର୍ବାଚନ ଲଢ଼ିବେ ନାହିଁ ପାୱାର

ମୁମ୍ବାଇ,୬।୧୦(ପି.ଟି.)



୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେ ନାହିଁ ଏନ୍‌ସିପି ସଭାପତି ଶରଦ୍ ପାୱାର। ଶନିବାର ଏ ନେଇ ଦଳର ବରିଷ୍ଠ ନେତା ଜିତେନ୍ଦ୍ର ଅହୱଦ୍ ସୂଚନା ଦେଇଛନ୍ତି। ପାୱାର ଆଗାମୀ ଲୋକ ସଭା ନିର୍ବାଚନରେ ପୁଣେ ଆସନରୁ ଲଢ଼ିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। କିନ୍ତୁ ଅହୱଦ୍‌ଙ୍କ ଏହି ଘୋଷଣା ସବୁ ଚର୍ଚ୍ଚାରେ ପୂର୍ଣ୍ଣବିରାମ ଲଗାଇ ଦେଇଛି। ଅହୱଦ୍ କହିଛନ୍ତି, ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ପାୱାର ୨୦୧୪ରୁ ହିଁ ସ୍ପଷ୍ଟ କରିସାରିଥିଲେ। ଆଗାମୀ ନିର୍ବାଚନରେ ତାଙ୍କର ପ୍ରାର୍ଥିତ୍ୱ ବିଷୟରେ ଦଳର ନେତାମାନେ ପ୍ରସ୍ତାବ ନ ଦେବା ଲାଗି ସେ କହି ସାରିଛନ୍ତି। ଅଜିତ୍ ପୱାରଙ୍କ ପୁଅ ପାର୍ଥ ପାୱାରଙ୍କୁ ମାୱଲ୍ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବା ପ୍ରସଙ୍ଗରେ ଶରଦ କେବେ ବିରୋଧ କରି ନ ଥିବା ମଧ୍ୟ ଅହୱଦ୍ ସ୍ପଷ୍ଟ କରିଛନ୍ତି। ନିର୍ବାଚନକୁ ନେଇ ଦଳର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରକ୍ରିୟା ଜାରିରହିଛି। ଦଳର ସଭାପତିଙ୍କ ନେତୃତ୍ୱରେ ଶନିବାର ଦୁଇଦିନିଆ ବୈଠକ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମହାରାଷ୍ଟ୍ରର ନିର୍ବାଚନୀ ମେଣ୍ଟ ପାଇଁ ୪୮ଟି ଆସନରେ ଏନ୍‌ସିପି କଂଗ୍ରେସଠାରୁ ୫୦-୫୦ ଆସନ ବଣ୍ଟନ ଫର୍ମୁଲା ଉପସ୍ଥାପନ କରିଛି। ୨୦୧୪ରେ କଂଗ୍ରେସ ୨୭ ଆସନରେ ନିର୍ବାଚନ ଲଢ଼ିଥିବାବେଳେ ଏନ୍‌ସିପି ୨୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା।

## ଫୁରସତ

## ଶ୍ରୀଲଙ୍କା ଏୟାରଲାଇନ୍ସ ସର୍ବାଧିକ ସମୟାନୁବର୍ତ୍ତୀ

କଲମ୍ବୋ:





ଶ୍ରୀଲଙ୍କାର ନ୍ୟାଶନାଲ୍ ଏୟାର କ୍ୟାରିୟର (ଶ୍ରୀଲଙ୍କା ଏୟାରଲାଇନ୍ସ) ‘ବିଶ୍ୱର ସର୍ବାଧିକ ସମୟାନୁବର୍ତ୍ତୀ ଏୟାରଲାଇନ୍’ର ମର୍ଯ୍ୟାଦା ଲାଭ କରିଛି। ଗ୍ଲୋବାଲ ଫ୍ଲାଇଟ୍ ଡାଟା ଆନାଲିସିସ୍ କମ୍ପାନି ଫ୍ଲାଇଟ୍‌ଷ୍ଟାଟ୍ସ ଦ୍ୱାରା ଏହି ମାନ୍ୟତା ମିଳିଥିବା ଏୟାରଲାଇନ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଫ୍ଲାଇଟ୍‌ଷ୍ଟାଟ୍ସ ଦ୍ୱାରା ତଥ୍ୟ ବିଶ୍ଳେଷଣ ଅନୁଯାୟୀ, ଶ୍ରୀଲଙ୍କା ଏୟାରଲାଇନ୍‌ସକୁ ‘ଗ୍ଲୋବାଲ୍ ଏୟାରଲାଇନ୍ସ’ ଏବଂ ‘ମେଜର ଏୟାରଲାଇନ୍ସ’ ଶ୍ରେଣୀରେ ଚୟନ କରାଯାଇଥିଲା। ଉକ୍ତ ତଥ୍ୟରୁ ଜଣାଯାଏ, ସେପ୍ଟେମ୍ବରରେ ଶ୍ରୀଲଙ୍କାର ୯୧.୩୭% ବିମାନ ଯଥାର୍ଥ ସମୟରେ ଯାତ୍ରା କରିବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଥିଲା।

ୟୁରୋପ୍, ଉତ୍ତର ଆମେରିକା, ଏସିଆ, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ଆମେରିକା ସମେତ ବିଶ୍ୱର ବୃହତ୍ ଏବଂ ସମ୍ମାନଜନକ ଏୟାରଲାଇନ୍ସ ଭଳି ୪୧ଟି ଦେଶର ଏୟାରଲାଇନ୍ସର ସମୟାନୁବର୍ତ୍ତୀ ତଥ୍ୟ ବିଶ୍ଳେଷଣ କରାଯାଇଥିଲା। ଏଥିରେ କୁହାଯାଇଛି ଯେ, ଶ୍ରୀଲଙ୍କାର ଏୟାରଲାଇନ୍ସ ଯଥାର୍ଥ ସମୟ ଉପରେ ଗୁରୁତ୍ୱ ଦିଏ। ଏହାର ସୁବ୍ୟବସ୍ଥିତ ପରିଚାଳନା ପ୍ରକ୍ରିୟା ଦ୍ୱାରା ବିମାନବନ୍ଦର କର୍ମଚାରୀ ଏବଂ ବିଭାଗୀୟ କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରେ। ବିମାନଯାତ୍ରାର ସମୟାନୁବର୍ତ୍ତିତା ଉପରେ ଅଧିକ ଧ୍ୟାନ ଦିଆଯିବା ସହିତ ଏହି ପ୍ରକ୍ରିୟାରେ ତ୍ରୁଟି ନ ହେବା ପାଇଁ ଶୂନ୍ୟ ସହନୀୟ ବ୍ୟବସ୍ଥା ଅବଲମ୍ବନ କରାଯାଏ ବୋଲି ଏୟାରଲାଇନ୍ସ ପକ୍ଷରୁ ପ୍ରକାଶ ପାଇଛି।

## ‘ଇଡିଓକ୍ରାସି’, ‘ଫାମ୍’ ନୂଆ ଶବ୍ଦ

**ଲଣ୍ଡନ:** ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରି(ଓଇଡି) ଏହାର ସର୍ବଶେଷ ସଂସ୍କରଣରେ ‘ଇଡିଓକ୍ରାସି’, ‘ନଥିଙ୍ଗ୍‌ବର୍ଗର’ ଏବଂ ‘ଫାମ୍’ ଭଳି ଶବ୍ଦକୁ ସାମିଲ କରିଛି। ଏଥିରେ ୧୪୦୦ ନୂତନ ଶବ୍ଦକୁ ସ୍ଥାନ ଦିଆଯାଇଛି।

ଇଡିଓକ୍ରାସିର ଭାବାର୍ଥ ହେଉଛି ଏହା ଏପରି ଏକ ସମାଜକୁ ବୁଝାଏ ଯାହା ଇଡିଅଟ୍ ଚରିତ୍ରର ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ। ଆଧୁନିକ ରାଜନୀତିର ପ୍ରତିଫଳନକୁ ଏହା ସୂଚାଉଛି। ଉକ୍ତ ଶବ୍ଦର ସଂଜ୍ଞା ହେଉଛି ନିର୍ବୋଧ, ଅଜ୍ଞାତ ଏବଂ ମୂଢ଼ ବ୍ୟକ୍ତିଙ୍କ ଦ୍ୱାରା ଗଠିତ ହେଉଥିବା ଏକ ସରକାର।

ଡେମୋକ୍ରାସି ଏବଂ ଆରିଷ୍ଟୋକ୍ରାସି ଭଳି ଶବ୍ଦ ପ୍ରାଚୀନ ଗ୍ରୀକ୍‌ରୁ ଉତ୍ପତ୍ତି ହୋଇଥିବା ବେଳେ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଇଂଲିଶ ଶବ୍ଦ ସହିତ ‘-ଓକ୍ରାସି’ ସଂଯୁକ୍ତ ହୋଇଛି ବୋଲି ଓଇଡି ର ୟୁଏସ୍ ଡିକ୍ସନାରିଜ୍





ମୁଖ୍ୟ କାଥେରାଇନ୍ କନୋର ମାର୍ଟିନ୍ ପ୍ରକାଶ କରିଛନ୍ତି। ନଥିଙ୍ଗବର୍ଗର ଅର୍ଥ ହେଉଛି ପ୍ରାଧାନ୍ୟ ବା ଗୁରୁତ୍ୱ ନ ଥିବା କୌଣସି ବ୍ୟକ୍ତି ବା ପଦାର୍ଥ। ସେହିଭଳି ଫ୍ୟାମିଲି ଶବ୍ଦକୁ ସଂକ୍ଷେପରେ ଫାମ୍ କରାଯାଇଛି। ପରିବାର ବା ଘନିଷ୍ଠ ବନ୍ଧୁବାନ୍ଧବଙ୍କ ନିମନ୍ତେ ଏହା ପ୍ରୟୋଗ କରାଯାଏ।

ଓଇଡିର ସୂଚନା ଅନୁଯାୟୀ ବ୍ରିଟେନ୍ ବିଶେଷକରି ଲଣ୍ଡନ ଏବଂ ସୋସିଆଲ୍ ମିଡିଆରେ ଏହି ଶବ୍ଦକୁ ବହୁଳ ଭାବରେ ବ୍ୟବହାର କରାଯାଏ। ଆଉ ଏକ ଶବ୍ଦ ହେଉଛି ଅଲ୍ଟ-ରାଇଟ୍। ‘ଅଲଟର୍‌ନେଟିଭ୍-ରାଇଟ୍’ର ଏହା ସଂକ୍ଷିପ୍ତ ରୂପ। ରାଷ୍ଟ୍ରପତି ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଏହି ଶବ୍ଦକୁ ଆମେରିକାରେ ବହୁଳ ଭାବରେ ବ୍ୟବହାର କରାଯାଉଛି। ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରି ବର୍ଷକୁ ୪ଥର ଅପଡେଟ୍ କରାଯାଏ। ଡିସେମ୍ବରରେ ପରବର୍ତ୍ତୀ ଅପଡେଟ୍ ହେବାର ଅଛି। ଏହି ସମୟରେ କିଛି ନୂଆ ଶବ୍ଦ ଅନ୍ତର୍ଭୁକ୍ତ କରାଯିବା ସହିତ ପୁରୁଣା ଶବ୍ଦର ସଂଶୋଧିତ ରୂପକୁ ନେଇ ନୂଆ ସଂସ୍କରଣ କରାଯାଏ।

[ଇତିହାସର ଆଇନାରେ]

## ଅକ୍ଟୋବର ୭ର ପ୍ରମୁଖ ଘଟଣା

୧୯୫୦ ଅକ୍ଟୋବର ୭ରେ କୋଲକାତାରେ ମଦର ଟେରେସା ମିଶନାରିଜ୍ ଅଫ୍ ଚାରିଟିର ସ୍ଥାପନା କରିଥିଲେ। ଏହି ସଂସ୍ଥା ୧୩୩ଟି ଦେଶରେ ସକ୍ରିୟ ରହିଛି। ଏଚ୍‌ଆଇଭି/ଏଡସ୍, କୁଷ୍ଠରୋଗ, ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ସହିତ ପିଲାଙ୍କ ପାଇଁ ସ୍କୁଲ, ଅନାଥ ଆଶ୍ରମ ନିର୍ମାଣ ଏବଂ ଗରିବଙ୍କୁ ଏହା ମାଧ୍ୟରେ ସାହାଯ୍ୟ କରାଯାଉଥିଲା। ଏଥିପାଇଁ ମଦର ଟେରେସାଙ୍କୁ ୧୯୬୨ରେ ରେମନ୍ ମଗ୍‌ସେସେ ଏବଂ ୧୯୭୯ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

୧୯୮୭ ଅକ୍ଟୋବର ୭ରେ ଶିଖ୍ ରାଷ୍ଟ୍ରବାଦୀମାନେ ଭାରତଠାରୁ ଖଲିସ୍ତାନ ସ୍ୱାଧୀନ ହେବା ନେଇ ଘୋଷଣା କରିଥିଲେ। ଖଲିସ୍ତାନ ପାଇଁ ଶିଖ୍ ବିଚ୍ଛିନ୍ନତାବାଦୀଙ୍କ ଆନ୍ଦୋଳନରେ ଭାରତ ଏବଂ ପାକିସ୍ତାନରେ ଥିବା ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ରାଜସ୍ଥାନର କିଛି ଅଂଶକୁ ନେଇ ସ୍ୱତନ୍ତ୍ର ଖଲିସ୍ତାନ ରାଷ୍ଟ୍ର ଗଠନ ଘୋଷଣା କରିଥିଲେ। ୧୯୭୦ ରୁ ୮୦ ମଧ୍ୟରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କରିଥିଲା।

## ବିଦେଶରେ ରିଲିଜ ହେଉ ‘ମାଣ୍ଟୋ’

**ସିଙ୍ଗାପୁର:** ପାକିସ୍ତାନ ସମେତ ବିଶ୍ୱର ବିଭିନ୍ନ ଦେଶରେ ତାଙ୍କ ନିର୍ଦ୍ଦେଶିତ ତଥା ପ୍ରଯୋଜିତ ମଣ୍ଟୋ ରିଲିଜ ହେବା ଚାହାନ୍ତି ଅଭିନେତ୍ରୀ-ନିର୍ଦ୍ଦେଶିକା ନନ୍ଦିତା ଦାସ। କାରଣ ଉକ୍ତ ଫିଲ୍ମ ହେଉଛି ଏକ ବାୟୋଗ୍ରାଫିକାଲ ଡ୍ରାମା। ପ୍ରସିଦ୍ଧ ଉର୍ଦ୍ଦୁ ଲେଖକ ସାଦତ ହସନ୍ ମଣ୍ଟୋଙ୍କ ଜୀବନୀ ଉପରେ ଏହି ଫିଲ୍ମ ନିର୍ମିତ। ଯିଏ କି ବିଭାଜନ ସମୟରେ ଭାରତ ଛାଡ଼ିଥିଲେ।

ଶୁକ୍ରବାର ସାଉଥ ଏସିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ମଣ୍ଟୋ ସ୍କ୍ରିନିଂ ହେବା ପରେ ନନ୍ଦିତା ତାଙ୍କ ପ୍ରତିକ୍ରିୟାରେ କହିଲେ, ଅନେକ ଫିଲ୍ମ ଭଳି ମଣ୍ଟୋ ମଧ୍ୟ ପାକିସ୍ତାନରେ ରିଲିଜ ହେବା ଆବଶ୍ୟକ। କାରଣ ଉକ୍ତ ବାୟୋଗ୍ରାଫିକାଲ୍ ଡ୍ରାମାର ଲେଖକ ଜଣେ ଭାରତୀୟ ଏବଂ ପାକିସ୍ତାନୀ ମଧ୍ୟ। ଉକ୍ତ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ନୱାଜୁଦ୍ଦିନ୍ ସିଦ୍ଦିକ୍। ୧୯୪୭ରେ ଭାରତ ଓ ପାକିସ୍ତାନ ବିଭାଜନ ପରବର୍ତ୍ତୀ କରୁଣ ଦୃଶ୍ୟ ଏଥିରେ ପ୍ରଦର୍ଶିତ ହୋଇଛି।

ନନ୍ଦିତାଙ୍କ କହିବାନୁଯାୟୀ, ଭାରତୀୟ ଲେଖକମାନେ ବିଶ୍ୱବ୍ୟାପୀ ପରିଚିତ ହେବା ଉଚିତ। ମହାନ୍ ଇଂଲିଶ ଲେଖକ ସେକ୍ସପିୟର କେବଳ ଇଂଲଣ୍ଡରେ ନୁହେଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ସେହିଭଳି ମଣ୍ଟୋ ଫିଲ୍ମ ଦ୍ୱାରା ଭାରତୀୟ ଲେଖକ ବିଶ୍ୱ ପରିଚିତି ହାସଲ କରିବା ଉଚିତ। ସିଙ୍ଗାପୁରର ୧୦୦୦ ଆସନ ବିଶିଷ୍ଟ ସିନେମା ହଲ୍‌ରେ ମଣ୍ଟୋ ପ୍ରଦର୍ଶିତ ହୋଇଥିବା ବେଳେ ଭରପୂର ଦର୍ଶକ ଏହାକୁ ଉପଭୋଗ କରିଥିଲେ। ଏହି ୧୦ ଦିନିଆ ଉତ୍ସବରେ ଦକ୍ଷିଣ ଏସୀୟ ଦେଶଗୁଡିକର ୩୫ଟି ଫିଲ୍ମ ପ୍ରଦର୍ଶିତ ହେବ। ମଣ୍ଟୋ ଫିଲ୍ମ ସିଙ୍ଗାପୁରରେ ଅଣ-ଦକ୍ଷିଣ ଏସୀୟ ପ୍ରଶଂସକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିବା ଆୟୋଜନକାରୀ ଦେଶସମୂହର ସିଇଓ ଅଭୟାନନ୍ଦ ସିଂ ପ୍ରକାଶ କରିଛନ୍ତି।





## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୪.୫ |
| ଚାନ୍ଦବାଲି | ୩୪.୮ | ୨୫.୬ |
| କଟକ | ୩୩.୮ | ୨୪.୫ |
| ପାରାଦ୍ୱୀପ | ୩୩.୯ | ୨୬.୬ |
| ଭୁବନେଶ୍ୱର | ୩୪.୫ | ୨୫.୪ |
| ଗୋପାଳପୁର | ୩୪.୮ | ୨୫.୭ |
| ପୁରୀ | ୩୪.୦ | ୨୭.୬ |
| ଅନୁଗୋଳ | ୩୫.୧ | ୨୧.୬ |
| ବାରିପଦା | ୩୪.୬ | ୨୪.୦ |
| ଝାରସୁଗୁଡ଼ା | ୩୫.୮ | ୨୩.୨ |
| କେନ୍ଦୁଝର | ୩୩.୦ | ୨୧.୯ |
| ସମ୍ବଲପୁର | ୩୬.୨ | ୨୪.୨ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୬.୨ | ୨୪.୯ |
| ତାଳଚେର | ୩୫.୭ | ୨୩.୩ |
| ଭବାନୀପାଟଣା | ୩୩.୦ | ୨୨.୦ |
| ବଲାଙ୍ଗୀର | --- | ୨୩.୫ |
| କୋରାପୁଟ | ୩୧.୦ | ୧୭.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୪.୫ | ୨୨.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୬.୦ | ୨୨.୬ |
| ଦାରିଙ୍ଗିବାଡ଼ି | ୩୦.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ସଂକ୍ଷେପରେ

### ଜମିବାଡ଼ି ଗଣ୍ଡଗୋଳ, ଜଣେ କୋର୍ଟଚାଲାଣ

ରାହାମା,୬।୧୦(ଡି.ଏନ୍.ଏ.): ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ କିଲିପାଳ ଗ୍ରାମର ପବିତ୍ର ଦାଶ ଓ ଶିବ ପ୍ରସାଦ ସାହୁଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ମାରପିଟ୍ ଓ ଏସିଡ୍ ମାଡ଼ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ଶିବ ପ୍ରସାଦ ସାହୁ ଓ ଅନ୍ୟ ଜଣେ ଗିରଫ ହୋଇ ଜେଲ୍ ଯାଇଥିବାବେଳେ ଶନିବାର କୃଷ୍ଣାନନ୍ଦପୁର ଫାଣ୍ଡି ଅଧିକାରୀ ସୁଶୀଲ କୁମାର ବିଶ୍ୱାଳ ପବିତ୍ରଙ୍କୁ ଗିରଫ କରିଛନ୍ତି। ତାଙ୍କୁ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମାଲା ନଂ.୩୦୬/୧୮, ଥାନା ମାମଲା ନଂ.୨୨୩ /୧୮ ଅନୁଯାୟୀ ହାଜର କରାଯାଇଛି। ସୂଚନାଯୋଗ୍ୟ, ପାଇଖାନା ନିର୍ମାଣକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘଦିନ ଧରି ବାଦ ବିବାଦ ଲାଗି ରହିଥିଲା। ଘଟଣାଦିନ ଶିବଙ୍କ ପରିବାରକୁ ପବିତ୍ରଙ୍କ ପରିବାର ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ଶିବ ଆହତ ହୋଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଘଟଣା ସମ୍ପର୍କରେ ଉଭୟ ପକ୍ଷରୁ ମାମଲା ହୋଇଥିଲା। ଶିବଙ୍କ ଅଭିଯୋଗ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ତାଙ୍କ ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ନିର୍ଦ୍ଦେଶ କ୍ରମେ କୃଷ୍ଣାନନ୍ଦପୁର ଫାଣ୍ଡି ଅଧିକାରୀ ବିଶ୍ୱାଳ ପବିତ୍ରଙ୍କୁ ଗିରଫ କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ

ତିର୍ତ୍ତୋଲ,୬।୧୦(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ସଅଁରା ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ପଦଯାତ୍ରା ଅଭିଯାନ ଆରମ୍ଭ ହୋଇଛି। ସଭାପତି ପ୍ରଭୁଦତ୍ତ ଦାଶଙ୍କ ତତ୍ତ୍ୱାବଧାନରେ ହେଉଥିବା ପଦଯାତ୍ରାରେ ପ୍ରତ୍ୟେକ ଗାଁରେ ଘରକୁ ଘର ବୁଲି ବର୍ତ୍ତମାନ ସମାଜରେ ନିଶା ଦ୍ୱାରା ସୃଷ୍ଟି ହେଉଥିବା ସାମାଜିକ ସମସ୍ୟା ସମ୍ପର୍କରେ ଯୁବ ବାହିନୀ ସଦସ୍ୟମାନେ ସଚେତନ କରାଇଥିଲେ। ଏଥିରେ ପୂର୍ବତନ ନାଏବ ସରପଞ୍ଚ ବସନ୍ତ ମହାରଣା, ପୂର୍ବତନ ସମିତିସଭ୍ୟ ଦିଲୀପ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ରାଜେଶ କୁମାର ଜେନା, ଶାରଦା ଚରଣ ଶତପଥୀ ପ୍ରମୁଖ ସାମିଲ ହୋଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ଦାସ, ପବିତ୍ର ପ୍ରଧାନ, ପ୍ରଭାକର ଷଡଙ୍ଗୀ, ସଚିତ୍ର ମୁଦୁଲି, ଶରତ ବଲ୍ଲଭ ଦାସ, ଲୋକନାଥ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

### ମତ୍ସ୍ୟ ବିକାଶ ପରିଷଦ ଅଧ୍ୟକ୍ଷଙ୍କ ପିତୃ ବିୟୋଗ

ତିର୍ତ୍ତୋଲ,୬।୧୦(ଡି.ଏନ.ଏ.): ଓଡିଶା ମତ୍ସ୍ୟ ବିକାଶ ପରିଷଦ ଅଧକ୍ଷ ତଥା ବଣିତୋର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାହୁଙ୍କ ପିତା ମଧୁସୁଦନ ସାହୁଙ୍କ ଶୁକ୍ରବାର ରାତିରେ ବଣିତୋସ୍ଥିତ ବାସଗୃହରେ ପରଲୋକ ହୋଇଯାଇଛି। ବୈଶ୍ୟ ସମ୍ପ୍ରଦାୟର ମଣ୍ଡଳ ମୁଖ୍ୟ ଭାବରେ ଦାୟିତ୍ୱରେ ରହି ସେ ସମ୍ପ୍ରଦାୟ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ।

■ ଏରସମାରେ ସମର୍ଥକଙ୍କୁ ଭେଟିଲେ ଦାମ

# 'ଏରସମାବାସୀଙ୍କ ସହ ପ୍ରଶାନ୍ତଙ୍କୁ ମୁଁ ପ୍ରଥମେ ପରିଚିତ କରାଇଥିଲି'

ଏରସମା,୬।୧୦(ସ୍ୱ.ପ୍ର.)



ବୈଠକରେ ବିଧାୟକ ଦାମୋଦର ରାଉତ ନିଜ ସମର୍ଥକଙ୍କ ସହ ଆଲୋଚନା କରୁଛନ୍ତି।

ବିଜେଡିରୁ ବହିଷ୍କୃତ ହେବା ପରେ ପାରାଦୀପ ବିଧାୟକ ଦାମୋଦର ରାଉତ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ନିଜର ପ୍ରଭାବକୁ ପୁନର୍ଜୀବୀତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହି ନିର୍ବାଚନମଣ୍ଡଳୀରେ ସେ ନିଜର କ୍ଷମତା ବିସ୍ତାର କରିବା ସହିତ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ରୋକ ଲଗାଇବାକୁ ଯୋଜନା କରୁଛନ୍ତି। ଏଥିପାଇଁ ସେ ଏହି ଅଞ୍ଚଳର ସମର୍ଥକମାନଙ୍କୁ ଭେଟି ଆଲୋଚନା କରୁଛନ୍ତି। ଏପରି କି ଆସନ୍ତା ୧୨ ତାରିଖରେ ଏରସମା ବ୍ଲକରେ ସେ ନିଜର ଶକ୍ତି ପ୍ରଦର୍ଶନ କରିବେ ବୋଲି ସ୍ଥିର କରିଛନ୍ତି। ଏଥିପାଇଁ ଶନିବାର ସନ୍ଧ୍ୟାରେ ଏରସମା ସଦରମହକୁମାସ୍ଥିତ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ଦାମ ଏକ ପ୍ରସ୍ତୁତି ବୈଠକ କରିଛନ୍ତି। ଏଥିରେ ସେ କହିଛନ୍ତି ଯେ, ବିଧାୟକ ହେବାର ଅବ୍ୟବହିତ ପୂର୍ବରୁ ପ୍ରଶାନ୍ତଙ୍କୁ ମୁଁ ଏରସମାବାସୀଙ୍କ ସହିତ ପରିଚିତ କରାଇଥିଲି। ମୁଁ ପାରାଦୀପ ଯାଉଛି, ମୋ ଆତ୍ମା ଏରସମାରେ ରହିଲା ବୋଲି ସେତେବେଳେ କହିଥିଲି। ମାତ୍ର ପ୍ରଶାନ୍ତ ବିଧାୟକ ହେବା ପରେ ମୋ ପ୍ରତି ବିରୋଧ ମନୋଭାବ ପୋଷଣ କରୁଥିବା ପ୍ୟାରୀ ମହାପାତ୍ରଙ୍କୁ ଆଣି ଏରସମାରେ ସଭା କରିଥିଲେ। ତାହା ଥିଲା ମୋ ପ୍ରତି ତାଙ୍କର ପ୍ରଥମ ଅପମାନ। ସେତେବେଳେ ଲୋକେ ତାହା ଜାଣିପାରି ପ୍ୟାରୀବାବୁଙ୍କୁ ଗୋ ବ୍ୟାକ କହି ଉଚିତ ଜବାବ ଦେଇଥିଲେ। ତେଣୁ ଯିଏ ଉପକାରକୁ ଭୁଲି ଯାଏ, ତାକୁ ଉଚିତ ଜବାବ ଦେବାର ସମୟ ଆସିଛି। ଆପଣମାନେ ଏକଜୁଟ ହୁଅନ୍ତୁ ବୋଲି ଏହି ଅବସରରେ ନିଜ ସମର୍ଥକମାନଙ୍କୁ ଦାମ ଆହ୍ୱାନ ଦେଇଥିଲେ। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ଜେନା ଯୋଗଦେଇ କହିଲେ ଯେ ଦୁର୍ନୀତି ହଟାଅ ମଞ୍ଚ ପକ୍ଷରୁ ଏକ ସର୍ବ ଦଳୀୟ ସଭା ଅନୁଷ୍ଠିତ ହେବ। ଏଥିରେ ଦାମବାବୁଙ୍କ ସହିତ ବୈଜୟନ୍ତ ପଣ୍ଡା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ତ୍ରିପାଠୀ, ଜପା ସରପଞ୍ଚ ତପନ ଗଛାୟତ, ସୀମାଇ ଭୋଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚନ୍ଦ୍ରଭାନୁ ମଲ୍ଲିକ, ଏରସମା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ଧିରେନ୍ଦ୍ର ଚୌଧୁରୀ, ପଲିକଣ୍ଠା ସରପଞ୍ଚ ତଥା ପିସିସି ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ ପ୍ରମୁଖ ଦାମଙ୍କ ସମର୍ଥକ ଯୋଗ ଦେଇଥିଲେ।

**୧୨ରେ କରିବେ ଶକ୍ତି ପ୍ରଦର୍ଶନ**

- **ପାରାଦୀପ ଯାଇଛି, କିନ୍ତୁ ଆତ୍ମା ଏରସମାରେ ରହିଛି**
- **ପ୍ୟାରୀଙ୍କୁ ଆଣି ସଭା କରି ପ୍ରଥମ ଅପମାନ ଦେଇଥିଲେ ପ୍ରଶାନ୍ତ**

■ ମୋ' ସ୍କୁଲ ଅଭିଯାନ ପ୍ରସ୍ତୁତି ବୈଠକ

# ବିଦ୍ୟାଳୟର ଉନ୍ନତି ପାଇଁ ସାମୂହିକ ସହଯୋଗ ଲୋଡା

ରାହାମା,୬।୧୦(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଅତିଥିମାନେ।

ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ବିଦ୍ୟାଳୟରେ ମୋ' ସ୍କୁଲ ଅଭିଯାନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଖଣ୍ଡୁଆଳ ସଭାପତିତ୍ୱ କରିଥିଲେ। ବୈଠକରେ ସାମାଜିକ କର୍ମୀ ହିମାଂଶୁ ଭୂଷଣ ମଲ୍ଲିକ, ପୂର୍ବତନ ସରପଞ୍ଚ କିଶୋର କୁମାର ସାହୁ, ପାଲା ଗାୟକ କୈଳାସ ଚନ୍ଦ୍ର ଜେନା, ନିହାର ରଞ୍ଜନ ନାୟକ, ଫିରୋଜ କୁମାର ନାୟକ, ବିଷ୍ଣୁଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷକ, ପୂର୍ବତନ ଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀମାନେ ସହଯୋଗ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଦୀର୍ଘ ୩୦ ବର୍ଷଧରି ଗଢ଼ିଉଠିଥିବା ଏହି ବିଦ୍ୟାଳୟ ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବାରୁ ଏହାର ଆବଶ୍ୟକ ଉନ୍ନତି ହୋଇପାରୁନାହିଁ। ଗରାମ ଶାସନ ଗ୍ରାମର ମୁଖ୍ୟରାସ୍ତାଠାରୁ ୫୦୦ମିଟର ଭିତରକୁ କଚ୍ଚାରାସ୍ତାରେ ଗଲେ ଏକ ନିଛାଟିଆ ସ୍ଥାନରେ ଅବ୍ୟବସ୍ଥା ଘେରରେ ଏହି ବିଦ୍ୟାଳୟ ରହିଛି। ବିଦ୍ୟାୟର ପାଚେରି ଅବସ୍ଥା ନକହିବା ଭଲ। ମୁଖ୍ୟ ଫାଟକରେ ଗ୍ରୀଲ୍‌ଟିଏ ମଧ୍ୟ ନାହିଁ। ଛାତ୍ରୀଛାତ୍ର ଆଉ ଶିକ୍ଷୟିତ୍ରୀ ଶିକ୍ଷକ ବସିବା ପାଇଁ ଓ ଅଫିସ କାଗଜପତ୍ର ରଖିବା ପାଇଁ ଆବଶ୍ୟକ ପରିମାଣର ବେଞ୍ଚ, ଟେବୁଲ, ଚୌକି, ଅଲମୀରା ଆଦି ନାହିଁ। ସରକାରଙ୍କ ଶିକ୍ଷା ବିକାଶ ଓ ଉନ୍ନତିର ନାରା ଏହି ବିଦ୍ୟାଳୟକୁ ଛୁଇଁ ପାରିନଥିବା ଦେଖିବାକୁ ମିଳିଛି। ସାମାଜିକ କର୍ମୀ ହିମାଂଶୁ ଭୂଷଣ ମଲ୍ଲିକ ଓ ତାଙ୍କ ସାନଭାଇ ଅଜିତ ମଲ୍ଲିକ ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥା ଅନୁଭବ କରି ନିଜସ୍ୱ ଅର୍ଥରେ ବିଦ୍ୟୁତକରଣ, ବିଦ୍ୟାଳୟ କାର୍ଯ୍ୟାଳୟ ପାଇଁ ଆନୁସାଙ୍ଗିକ ସାମଗ୍ରୀ ପୂର୍ବରୁ ଯୋଗାଇ ଦେଇଥିଲେ। ବୈଠକରେ ମଲ୍ଲିକ ଛାତ୍ରୀଛାତ୍ରଙ୍କ ପାଇଁ ଆଣିଥିବା ସମସ୍ତ କ୍ରୀଡ଼ା ସାମଗ୍ରୀ ଶିକ୍ଷକ ଦିଗାମ୍ବର ରାଉତଙ୍କୁ ପ୍ରଦାନ କରିଥିଲେ। ଏ କ୍ଷେତ୍ରରେ ସାମାଜିକ କର୍ମୀ ଦେବପ୍ରସାଦ ନାୟକଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଲ୍ଲିକ ମତବ୍ୟକ୍ତ କରିଥିଲେ। ଆଗାମି ଦିନରେ ବିଦ୍ୟାଳୟର ଉନ୍ନତି ପାଇଁ ଅଭିଭାବକ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ଏକଜୁଟ ହୋଇ କାର୍ଯ୍ୟ କରିବେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଶ୍ରୀପତି କୁମାର ଲେଙ୍କା, ସୌମ୍ୟ ରଞ୍ଜନ ମହାନ୍ତି, ସ୍ମୃତି ରଞ୍ଜନ ସ୍ୱାଇଁ, ପୁଷ୍ପାଂଶୁ ବଲ୍ଲଭ ପୃଷ୍ଟି, ଅରବିନ୍ଦ ସ୍ୱାଇଁ, ଇନ୍ଦ୍ର ନୀଳମଣି ମଲ୍ଲିକ, ଅଭିଜିତ ବିଶ୍ୱାଳ, ବିଶ୍ୱରଞ୍ଜନ ଲେଙ୍କା, ଅଜିତ୍ ମଲ୍ଲିକ, ଅଭିଜିତ୍ ସାହୁ, ଶିକ୍ଷକ ରବିନାରାୟଣ ପ୍ରଧାନ, ସେଖ ଅବଦୁଲ ଅୟସ, ଦିବାକର ସାହୁ, ଶ୍ରୀକାନ୍ତ ବେହେରା, ବୀରବର ବେଉରା, କୃଷ୍ଣ ଚନ୍ଦ୍ର ବାରିକ, ଶିକ୍ଷୟିତ୍ରୀ ସରଳା ବାରିକ, ଦୀପ୍ତିମୟୀ ଜେନା, ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୯।୧୦।୧୮(ମଙ୍ଗଳବାର)**
- ଜିଲାପାଳଙ୍କ ଜନଶୁଣାଣି। ସ୍ଥାନ-ରଘୁନାଥପୁର ବ୍ଲକ, ସମୟ-ପୂର୍ବାହ୍ନ ୧୦.୩୦।
- ଜିଲାପାଳଙ୍କ ସବ୍‌ରେଜିଷ୍ଟ୍ରି ଅଫିସ ପରିଦର୍ଶନ। ସ୍ଥାନ-ରଘୁନାଥପୁର, ସମୟ-ଅପରାହ୍ନ ୧ଟା।
- ଶ୍ରମ ଓ ଇଏସ୍‌ଆଇ ପ୍ରମୁଖ ଶାସନ ସଚିବଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା। ସ୍ଥାନ-ଜଗତ୍‌ସିଂହପୁର

**୧୧।୧୦।୧୮(ଗୁରୁବାର)**
- ଜିଲାପାଳଙ୍କ କୋର୍ଟ କାର୍ଯ୍ୟ। ସ୍ଥାନ-ଜିଲାପାଳଙ୍କ ଚାମ୍ବର, ସମୟ-ପୂର୍ବାହ୍ନ ୧୧ଟା।
- ଆମ ଗାଁ, ଆମ ବିକାଶ ଉପରେ ଜିଲାପାଳଙ୍କ ସମୀକ୍ଷା। ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ-ଅପରାହ୍ନ ୧୨.୩୦।
- ଆର୍‌ଡିସିଙ୍କ ଇଲେକ୍ଟୋରାଲ ରୋଲ ସମୀକ୍ଷା। ସ୍ଥାନ-ଜଗତ୍‌ସିଂହପୁର।

**୧୨।୧୦।୧୮(ଶୁକ୍ରବାର)**
- ବିଦ୍ୟାଳୟ ରୋଷେଇ ଘର ନିର୍ମାଣ ଉପରେ ସମୀକ୍ଷା। ସ୍ଥାନ-ଜଗତ୍‌ସିଂହପୁର, ସମୟ-ପୂର୍ବାହ୍ନ ୧୧ଟା।
- ବିପଦସଙ୍କୁଳ ବୁଥ୍ ସମ୍ପର୍କରେ ପୋଲିସ-ମାଜିଷ୍ଟ୍ରେଟ୍ ବୈଠକ

# ତୀର୍ଥମଠରେ ଶାରଦୀୟ ପାର୍ବଣ ପୂଜା ଆରମ୍ଭ

ତିର୍ତ୍ତୋଲ,୬।୧୦(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ତୁଳଙ୍ଗ ପଞ୍ଚାୟତ ତଅଁରାସ୍ଥିତ ପର୍ଶୁରାମକ୍ଷେତ୍ର ତୀର୍ଥମଠଠାରେ ପବିତ୍ର ମୂଳାଷ୍ଟମୀଠାରୁ ମା ଭଗବତୀ ଓ ମା ରେଣୁକାଦେବୀଙ୍କ ପାର୍ବଣ ପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେଉଛି। ପଣ୍ଡିତ ମହେଶ୍ୱର ତ୍ରିପାଠୀଙ୍କ ଦ୍ୱାରା ଏହା ସମ୍ପାଦିତ ହେଉଛି। ମୂଳାଷ୍ଟମୀ ଦିନ କଳସ ଯାତ୍ରା ପରେ ଶ୍ରୀ ପର୍ଶୁରାମଙ୍କ ମନ୍ଦିରରେ ପୂଜା ପାଉଥିବା ଦୁର୍ଗା ମାଧବ ମା'ଙ୍କ ସିଂହାସନରେ ବିଜେ ହୋଇଥାନ୍ତି। ପରେ ଚଣ୍ଡୀ ପାଠ ହୋଇଥାଏ। ସପ୍ତମୀ ଦିନ ଲେଖନି ଖଣ୍ଡା ପୂଜା ହୋଇଥାଏ। ଦଶହରା ଦିନ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏକ ପଟୁଆରରେ ଲାଖବିନ୍ଧା ପଡିଆକୁ ଯାଇ ଲାଖ ବିନ୍ଧିଥାନ୍ତି। ଏହି ଷୋଡଶ ଦିନ ବ୍ୟାପୀ ପାର୍ବଣ ପୂଜା କାର୍ଯ୍ୟକୁ ମଠର ମହନ୍ତ ଶ୍ରୀଜଗନ୍ନାଥ ଦାସ ଗୋସ୍ୱାମୀ ପରିଚାଳନା କରୁଛନ୍ତି।

■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# ୧୩୧୦ ପରିବାରଙ୍କୁ ରାଶନକାର୍ଡ ବଣ୍ଟନ

ରଘୁନାଥପୁର, ୬।୧୦( ଡି.ଏନ.ଏ.)

ରଘୁନାଥପୁର ଖାଦ୍ୟ ସୁରକ୍ଷା ହିଁ ଦାରିଦ୍ର୍ୟ ହ୍ରାସ କରିବାର ପ୍ରଥମ ଉପାୟ। ଏହି ଲକ୍ଷ୍ୟ ନେଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ହୋଇଥିବା ପ୍ରତ୍ୟେକ ଗରିବ ପରିବାରଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି କିଗ୍ରା ପ୍ରତି ୧ ଟଙ୍କା ମୂଲ୍ୟରେ ମାସିକ ମୁଣ୍ଡ ପିଛା ୫ କିଗ୍ରା ଚାଉଳ ଯୋଗାଇ ଦିଆଯାଇଛି। ଏହି ଅବସରରେ ରଘୁନାଥପୁର ବ୍ଲକ ପରିସରରେ ଅନୁଷ୍ଠିତ ଉତ୍ସବରେ ୧୩୧୦ ପରିବାର ତଥା ୪୩୬୯ ବ୍ୟକ୍ତିଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଉଛି। ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହାଛଡା ଜଣେ ହେଲେ ବି ଯୋଗ୍ୟ ବ୍ୟକ୍ତି ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଆମେ ସଜାଗ ରହିବା ଉଚିତ ବୋଲି ଡା. ମଲ୍ଲିକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ର, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଗୌତମ ପାଲିତ ପ୍ରମୁଖ ରହି ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଡିଓ ପଞ୍ଚାନନ ପଟାୟତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବାବେଳେ ଦାୟିତ୍ୱରେ ଥିବା ଏମଆର ମୋଚ୍ଛିରାମ ଦାସ ସଭା ପରିଚାଳନା ଓ କାର୍ଡ ବଣ୍ଟନରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ କି ପ୍ରଥମ ପର୍ଯ୍ୟାୟରେ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଥିଲେ ସୁଧା ଆହୁରି ଦୁଇଶହ କାର୍ଡ ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ବ୍ୟବସ୍ଥା ଜାରି ରହିଥିବା ସମ୍ପର୍କରେ ଏମଆର ଦାସ ପ୍ରକାଶ କରିଛନ୍ତି।



ବିଧାୟିକା ରାଜଶ୍ରୀ ମଲିକ ହିତାଧିକାରୀଙ୍କୁ ରାଶନ କାର୍ଡ ବାଣ୍ଟୁଛନ୍ତି।

# ଜିଲାସ୍ତରୀୟ ୬୪ତମ ବନ୍ୟପ୍ରାଣୀ ସପ୍ତାହ




ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବରେ ଉପସ୍ଥିତ ଅତିଥି।

ରଘୁନାଥପୁର, ୬।୧୦( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଦେଉଳିସାହିସ୍ଥିତ ଅନ୍ତ୍ୟୋଦୟ ହାଇସ୍କୁଲ ଜଗତ୍‌ସିଂହପୁର ଜିଲାସ୍ତରୀୟ ୬୪ ତମ ବନ୍ୟପ୍ରାଣୀ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କଟକ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଶରତ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ବୃଦ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ବନ୍ୟପ୍ରାଣୀଙ୍କ ଉପରେ ହିଂସ୍ର ଆଚରଣରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ରେଞ୍ଜର ବଳରାମ ସାହୁ, ଅବୈତନିକ ବନ୍ୟଜନ୍ତୁ ସୁରକ୍ଷାକାରୀ ବିଜୟ କୁମାର ସ୍ୱାଇଁ, ଏନସିସି ଅଫିସର ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ହୋଇ ମୂଲ୍ୟଭିତ୍ତିକ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାଛଡା ଛାତ୍ରୀଛାତ୍ରମାନେ ମଧ୍ୟ ଏ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ଏହି ସଚେତନତା ଧର୍ମୀ ବାର୍ତ୍ତା ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିପରି ପହଞ୍ଚି ପାରିବ ସେଥିପ୍ରତି ଅନୁରକ୍ତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଫରେଷ୍ଟର ରାଜେନ୍ଦ୍ର ସାମନ୍ତରାଏ ଓ ବାନାମ୍ବର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପ୍ରଧାନଶିକ୍ଷକ ଅଦ୍ୱୈତ ପ୍ରସାଦ ବସ୍ତିଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

■ ବିଇଓ କାର୍ଯ୍ୟାଳୟରେ ଅଚାନକ ପହଞ୍ଚିଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ

# ସବୁ କାମ ଅସଜଡ଼ା, ବିଇଓଙ୍କ ଉପରେ ଅସନ୍ତୁଷ୍ଟ

ବିରିଡ଼ି,୬।୧୦(ଡି.ଏନ.ଏ.)

- **ଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗର ରିପୋର୍ଟ ଠିକ୍ ଭାବେ ହୋଇନାହିଁ**
- **ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**
- **ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଖର୍ଚ୍ଚ ହିସାବ ଦେଇପାରିଲେନି ଏବିଇଓ**

ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତଥା ଜଗତ୍‌ସିଂହପୁର ଜିଲା ଶିକ୍ଷା ବିଭାଗ ନୋଡାଲ ଅଫିସର ବିଭୁପ୍ରସାଦ ଷଡ଼ଙ୍ଗୀ ଶୁକ୍ରବାର ଅଚାନକ ବିରିଡ଼ି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଅପରାହ୍ନରେ ସେ ଅଣଖିଆସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନିଜ ସିଟ୍‌ରେ ଥିଲେ। ଏପରିକି ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିନ୍ଦ୍ର କୁମାର ମହାନ୍ତି ମଧ୍ୟ ନିଜ ପ୍ରକୋଷ୍ଠରେ ନ ଥିବା ଦେଖିବାକୁ ପାଇଥିଲେ। କିଛି ସମୟ ପରେ କର୍ମଚାରୀମାନେ ନିର୍ଦ୍ଦେଶକ ଆସିବା କଥା ଜାଣି ତରବରିଆ ଭାବେ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଆଳ ଦେଖାଇ କ୍ଷେତ୍ରସ୍ଥଳକୁ ଯାଇଥିବା କଥା କହିଥିଲେ। ପ୍ରଥମେ ଶିକ୍ଷକ ଓ କର୍ମଚାରୀମାନେ ସରକାରଙ୍କ ବିରୋଧରେ ବିଭିନ୍ନ ଅଦାଲତରେ କରିଥିବା ମାମଲାର ରେକର୍ଡ ଦେଖିବାକୁ ନିର୍ଦ୍ଦେଶକ ଚାହିଁଥିଲେ। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହେଲ୍‌ପଲାଇନରେ ଅଭିଭାବକମାନେ କରିଥିବା ଅଭିଯୋଗର ତଦନ୍ତ ରିପୋର୍ଟ ଠିକ ଭାବରେ ବିଇଓ କରି ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ସେହିପରି କେତେଜଣ ଶିକ୍ଷକ ବିଭିନ୍ନ ଆଳ ଦେଖାଇ ଗତ ୧୨ ତାରିଖରେ ବିଇଓ କାର୍ଯ୍ୟାଳୟରେ ଧାରଣାରେ ବସିଥିବାରୁ ସେମାନଙ୍କର ସେହି ଦିନର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଯେଉଁ ଶିକ୍ଷକମାନେ ଠିକ ଭାବେ ଶିକ୍ଷାଦାନ ନ କରି ଅଯଥାରେ ଅନ୍ୟ ଶିକ୍ଷକଙ୍କୁ ମତାଇ ଗଣ୍ଡଗୋଳ ଭିଆଉଛନ୍ତି, ସେମାନଙ୍କୁ ସେଠାରୁ ଅନ୍ୟତ୍ର ବଦଳି କରିବା ପାଇଁ ନିର୍ଦ୍ଦେଶକ ଷଡଙ୍ଗୀ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଭିଯୁକ୍ତ ଶିକ୍ଷକଙ୍କୁ ନ ଜାଣି ତାଙ୍କ କାର୍ଯ୍ୟାବଳୀ ସମୀକ୍ଷା କରି ବିଇଓ ରାଜ୍ୟ ସରକାରଙ୍କୁ ଦେଇଥିବା ରିପୋର୍ଟ ସମ୍ପର୍କରେ ତର୍ଜମା କରିଥିଲେ। ବିଇଓ ମହାନ୍ତି ସମ୍ପୃକ୍ତ ଅଭିଯୁକ୍ତ ଶିକ୍ଷକମାନଙ୍କ କାର୍ଯ୍ୟାକଳାପ, କର୍ତ୍ତବ୍ୟ, ଦାୟୀତ୍ୱ ସହ ଆତ୍ମବିବରଣୀ ଜଣାଇବାରେ ଅକ୍ଷମତା ପ୍ରକାଶ କରିଥିଲେ। ପରକଥାରେ ପରିଚାଳିତ ହୋଇ କପୋଳ କଳ୍ପିତ ଓ ମନଗଢା ରିପୋର୍ଟ ବିଇଓ କାର୍ଯ୍ୟାଳୟ ତରଫରୁ ଦିଆଗଲେ ସରାକର ଅଦାଲତରେ ମାମଲା ହାରିବା ସହ ଦୋଷୀ ଶିକ୍ଷକମାନଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣକୁ ଆସି ପାରିବ ନାହିଁ ବୋଲି କହି ନିର୍ଦ୍ଦେଶକ ବିରକ୍ତି ପ୍ରକାଶ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହୋଇଥିବା ସରକାରୀ ପାଣ୍ଠିର ହିସାବ ଦାୟୀତ୍ୱରେ ଥିବା ଏବିଇଓ କନକଲତା ଦାଶଙ୍କୁ ମଗାଯାଇଥିଲା। ଆର୍ଥିକ ବର୍ଷ ୨୦୧୭-୧୮ ବିତିଯାଇଥିଲେ ସୁଦ୍ଧା ଖର୍ଚ୍ଚର ବିବରଣୀ ନିର୍ଦ୍ଦେଶକଙ୍କ ସମ୍ମୁଖରେ ଦାଶ ଉପସ୍ଥାପନ କରିପାରି ନ ଥିଲେ। ବିଦ୍ୟାଳୟ ଖୋଲା ରହିଥିବା ସମୟରେ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ ଛାଡି ରାଜନୈତିକ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ରହୁଥିବାର ଅଭିଯୋଗ ସଚ୍ଚିବାଳୟକୁ ଯାଉଥିବାରୁ ତା'ର ତଦନ୍ତ ରିପୋର୍ଟ ବିଇଓଙ୍କୁ ମାଗିଥିଲେ। କୌଣସି ଗୋଟିଏ ହେଲେ ସଠିକ ରେକର୍ଡ ବା ତଥ୍ୟ ବିଇଓ କାର୍ଯ୍ୟାଳୟ ଦେଇପାରି ନ ଥିବାରୁ ଶେଷରେ ଷଡଙ୍ଗୀ ଉତକ୍ଷିପ୍ତ ହୋଇ ବିଇଓଙ୍କୁ ନିଲମ୍ବନ କରିବା ପାଇଁ ଚେତାବନୀ ଦେଇଥିଲେ।

ସମସ୍ତ ବିଷୟର ସଠିକ ତଥ୍ୟ ଶୀଘ୍ର ନିର୍ଦ୍ଦେଶାଳୟକୁ ପଠାଇବା ପାଇଁ ତାଗିଦ କରିଥିଲେ। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଜିଲାପାଳଙ୍କ ସହ ଆଲୋଚନା ପାଇଁ ଯାଉଥିବାବେଳେ ଅଚାନକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯାଇଥିଲେ। ତେବେ ବିଇଓ କାର୍ଯ୍ୟାଳୟରେ ହୋଇଥିବା ସର୍ବଶିକ୍ଷା ଯୋଜନାରେ ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି।

ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ଏବଂ ନାରୀକୁ ସମାନ ଭାବେ ଗ୍ରହଣ କରାଯାଉଛି। ଧୀରେ ଧୀରେ ସେମାନଙ୍କ ପ୍ରତି ସମାଜରେ ଥିବା ଭେଦଭାବ ହ୍ରାସ ପାଉଛି। ଯେଉଁଥିରୁ ବାଦ୍ ପଡ଼ିନି ଫ୍ୟାଶନ୍। ତେବେ ମେନ୍ ଏବଂ ଓମେନ୍ ଫ୍ୟାଶନ ମଧ୍ୟରେ କେବଳ ଦୂରତା କମିନି ବରଂ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ଫ୍ୟାଶନ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି...



# ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ





ଦିନ ଥିଲା ପୁରୁଷ ଏବଂ ନାରୀଙ୍କ ପରିଧାନ ଏବଂ ସେମାନଙ୍କ ଫ୍ୟାଶନ୍ ପରସ୍ପରଠୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପରିବର୍ତ୍ତିତ ସମୟ ସହ ଏଥିରେ କିଛିଟା ସାମଞ୍ଜସ୍ୟ ଦେଖିବାକୁ ମିଳିଲା। ହେଲେ ବର୍ତ୍ତମାନ ଫ୍ୟାଶନ୍ ଡିଜାଇନରମାନଙ୍କ ଦ୍ୱାରା ଉଭୟ ଫ୍ୟାଶନ୍‌କୁ ମିକ୍ସ ମ୍ୟାଚ୍ କରି ପ୍ରସ୍ତୁତ କରାଯାଉଥିବା ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ୍ ଅଧିକାଂଶ ବିଶେଷକରି ଯୁବପିଢ଼ିଙ୍କ ଦ୍ୱାରା ବେଶ୍ ଆଦୃତ ହେଉଥିବା ଦେଖିବାକୁ ମିଳୁଛି।

## ବଢୁଛି ସମାନତା

ବର୍ତ୍ତମାନ ମେନ୍ ଏବଂ ଓମେନ୍ ଫ୍ୟାଶନରେ ଅନେକ ସମାନତା ଦେଖିବାକୁ ମିଳୁଛି। ପୂର୍ବରୁ ଯେଉଁସବୁ ସାମଗ୍ରୀ କେବଳ ପୁରୁଷ କିମ୍ବା କେବଳ ନାରୀଙ୍କ ଲାଗି ବ୍ୟବହାର କରାଯାଉଥିଲା ବର୍ତ୍ତମାନ ତାହା ସେତିକିରେ ସୀମିତ ନ ରହି ଉଭୟ ଫ୍ୟାଶନ୍ ଉତ୍ପାଦରେ ବ୍ୟବହାର କରାଯାଉଛି। ଏହା ଜରିଆରେ ଡିଜାନରମାନେ ସ୍ତ୍ରୀ ପୁରୁଷ ଭିତରେ ଭେଦଭାବ ନ ରଖି କାହା ପର୍ସନାଲିଟିକୁ କ'ଣ ସୁଟ୍ କରୁଛି ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ଆଉ ଏହି ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ୍ ମଣିଷର ବ୍ୟକ୍ତିତ୍ୱ ଏବଂ ସୌନ୍ଦର୍ଯ୍ୟ ଉଭୟକୁ ହାଇଲାଇଟ୍ କରିବାରେ ଖୁବ୍ ସାହାଯ୍ୟ କରୁଛି।

## ବଦଳୁଛି ପସନ୍ଦ

ବ୍ଲେଜର, ଟ୍ରାଉଜର, ଓଭରସାଇଜ୍ ଶର୍ଟ୍ସ, ଜିନ୍ସ, ଶାର୍ଟ ଆଦି ଯାହାକି ସାଧାରଣତଃ ମେନ୍ ଫ୍ୟାଶନରେ ପରିଗଣିତ ହେଉଥିଲା ଏବେ ଓମେନ୍ ୱାର୍ଡରୋବ୍‌ରେ ବି ଦେଖିବାକୁ ମିଳୁଛି। ଏହା ପ୍ରାୟତଃ ସବୁ ପ୍ରକାର ଫିଗରର ଝିଅଙ୍କୁ ଭଲ ଲାଗୁଛି। ଏମିତିକି ପୁରୁଷଙ୍କ ଧୋତି- କୁର୍ତ୍ତା ଭଳି ପାରମ୍ପରିକ ପରିଧାନ ନୂଆ ରୂପରେ ଧୋତିପ୍ୟାଣ୍ଟ ଏବଂ କୁର୍ତ୍ତୀ ଭାବେ ଝିଅମାନେ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଓମେନ୍ ଫ୍ୟାଶନ ବି ମେନ୍ ଫ୍ୟାଶନରେ ଆଦୃତ ହେଉଥିବା ଦେଖିବାକୁ ମିଳୁଛି।

## ଫେବ୍ରିକ୍, କଲର, ପ୍ରିଣ୍ଟ

ନିଅନ୍ ଅରେଞ୍ଜ, ପିଙ୍କ୍, ରେଡ୍, ପ୍ୟାରୋଟ୍ ଗ୍ରୀନ୍ ଭଳି ରଙ୍ଗ ସାଧାରଣତଃ ମହିଳାଙ୍କ ପରିଧାନ ଭାବେ ଗ୍ରହଣ କରାଯାଏ। ହେଲେ ବର୍ତ୍ତମାନ ଏଭଳି ରଙ୍ଗ ମେନ୍ ଫ୍ୟାଶନରେ ଲାଟେଷ୍ଟ ଟ୍ରେଣ୍ଡ ସାଜୁଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଡ୍ରେସ୍ ଶପ୍‌ରେ ଏଭଳି ରଙ୍ଗର ପୋଷାକ ଖୁବ୍ ସହଜରେ ମିଳୁଛି ଏବଂ ଏହାର ଚାହିଦା ମଧ୍ୟ ବଢୁଥିବା ଦେଖିବାକୁ ମିଳୁଛି। ମେନ୍‌ୱେର୍‌ରେ ବ୍ୟବହାର କରାଯାଉଥିବା ଷ୍ଟିଫ୍ କଟନ୍, ଲେନିନ୍ ଭଳି ଫେବ୍ରିକ୍ ବର୍ତ୍ତମାନ ଓମେନ୍‌ୱେର୍‌ରେ ମଧ୍ୟ ବ୍ୟବହାର କରାଯାଉଛି। ସେହିପରି ସିଲ୍କ, ସାଟିନ୍ ଭଳି ବିଭିନ୍ନ ସାଇନିଂ ଏବଂ କଲରଫୁଲ୍ କ୍ଲଥ୍ ଯାହାକି ସାଧାରଣତଃ ଓମେନ୍‌ୱେର୍ ଭାବେ ପରିଚିତ ଏବେ ମେନ୍‌ୱେର୍‌ରେ ବହୁଳ ଭାବେ ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ପୋଲ୍‌କା ଡଟ୍, ଫ୍ଲାୱାର ଭଳି ପ୍ରିଣ୍ଟ ମଧ୍ୟ ମେନ୍‌ୱେର୍‌ରେ ବ୍ୟବହାର ହେଉଛି।

## ଆସେସରିଜ୍

ଫୁଟ୍‌ୱେର୍‌ରେ ବର୍ତ୍ତମାନ ୟୁନିସେକ୍ସ ଫ୍ୟାଶନ୍ ଟ୍ରେଣ୍ଡ ଚାଲିଛି। ପୁଅମାନଙ୍କ ଭଳି ଶୁ' ବର୍ତ୍ତମାନ ଝିଅମାନେ ଅଧିକ ବ୍ୟବହାର କରୁଥିବା ବେଳେ ଝିଅଙ୍କ ଭଳି ଷ୍ଟାଇଲିଶ୍ ଜୁତି ଏବଂ ଡିଜାଇନର ହାପ୍ ଶୁ' ଏବଂ ଚପଲ ମେନ୍‌ଫ୍ୟାଶନରେ ବେଶ୍ ଆଦୃତ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ରିଷ୍ଟୱାଚ୍, ନେକ୍‌ଲେସ୍, ଚେନ୍, ବ୍ରେସ୍‌ଲେଟ୍, ଇଅର ରିଂ ଏବଂ ଅନ୍ୟାନ୍ୟ ଆସେସରିଜ୍ ବି ଉଭୟେ ଏକାପରି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ହେୟାର ଷ୍ଟାଇଲରେ ବି ଏହି ସମାନତା ଧୀରେ ଧୀରେ ବଢୁଥିବା ଦେଖିବାକୁ ମିଳୁଛି।

## କ'ଣ କରନ୍ତି ଏମାନେ...



ଅଙ୍କିତା



ଆକାଶ



ମୁକେଶ

**ଅଙ୍କିତା ମହାନ୍ତି**( ଆଙ୍କର ଏବଂ ଅଭିନେତ୍ରୀ)- ମୋ ପାଇଁ ଫ୍ୟାଶନ ମାନେ ହେଉଛି କମ୍ଫର୍ଟ। ଯାହାକୁ ବ୍ୟବହାର କରିବା ଦ୍ୱାରା ନା କେବଳ ଏହା ମୋ ପର୍ସନାଲିଟିକୁ ସୁଟ୍ କରିବ ତଥା ଷ୍ଟାଇଲିଶ୍ ଲୁକ୍ ଦେବ ବରଂ ମୋତେ ଆରାମଦାୟକ ମଧ୍ୟ ହୋଇପାରୁଥିବ ତାହାକୁ ମୁଁ ପ୍ରଥମେ ବାଛିଥାଏ। ଏମିତିରେ ବଡ଼ ବଡ଼ ଫ୍ୟାଶନ ବ୍ରାଣ୍ଡ୍‌ରେ ବର୍ତ୍ତମାନ ବିଭିନ୍ନ ଭେରାଇଟିର ୟୁନିସେକ୍ସ ଆଉଟ୍‌ଫିଟ୍ ମାର୍କେଟ୍‌କୁ ଆସୁଛି, ଯାହାକୁ କ୍ୟାରିକରିବା ଅପେକ୍ଷାକୃତ କମ୍ଫର୍ଟେବଲ ବି ଲାଗୁଛି। ତା'ଛଡ଼ା ଏହି ଫ୍ୟାଶନ୍‌ର ପ୍ରଚଳନ ଦ୍ୱାରା ସମାଜରେ ପୁଅଝିଅଙ୍କୁ ନେଇ ଥିବା ଭେଦଭାବ ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ଫ୍ୟାଶନ୍ ମୋର ପ୍ରିୟ।

**ଆକାଶ ଅଗ୍ରୱାଲ୍**(କର୍ମଜୀବୀ, କଟକ)- ମାର୍କେଟ୍‌କୁ ଯାହା ଲାଟେଷ୍ଟ ଫ୍ୟାଶନ୍ ଆସେ ତାକୁ ମୁଁ ତୁରନ୍ତ ବ୍ୟବହାର କରିଥାଏ। ଠିକ୍ ଯେମିତି ବର୍ତ୍ତମାନ ଟ୍ରେଣ୍ଡ ପାଲଟିଛି ୟୁନିସେକ୍ସ ଆଉଟ୍‌ଫିଟ୍। ଜୋତା, ଟିଶାର୍ଟ, ଜିନ୍ସ ହେଉକି ବ୍ଲେଜର ଆଦି ଏଭଳି ଡିଜାଇନ୍ କରାଯାଉଛି ଯାହାକୁ ଉଭୟ ପିନ୍ଧିପାରିବେ। ଏସବୁର ଲୁକ୍ ଯେତିକି ଆକର୍ଷଣୀୟ ପିନ୍ଧିବାକୁ ସେତିକି କମ୍ଫର୍ଟେବ୍‌ଲ ବି। ତେଣୁ ମୋ ମତରେ ଫ୍ୟାଶନ୍‌ରେ ମେନ୍ ଅବା ଓମେନ୍‌କୁ ନେଇ ଡିଫରେନ୍ସ ରହିବାର କିଛି ଯଥାର୍ଥତା ନାହିଁ।

**ଶ୍ରୀକୁମାର ମୁକେଶ**(ଆଙ୍କର ଏବଂ ଅଭିନେତା)- ସତ କହିବାକୁ ଗଲେ ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ୍‌କୁ ମୁଁ ଅଗ୍ରାଧିକାର ଦେଇଥାଏ। ମେନ୍ ଏବଂ ଓମେନ୍ ଫ୍ୟାଶନ ଅଲଗା ଅଲଗା ବୋଲି ଦୀର୍ଘଦିନରୁ ସମସ୍ତଙ୍କ ମନରେ ଯେଉଁ ଧାରଣା ରହି ଆସିଛି ତା' ବାସ୍ତବରେ ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ କେଉଁ ଅକେଜନ୍‌ରେ କିଭଳି ଗେଟ୍‌ଅପ୍ ଆପଣଙ୍କୁ ପ୍ରେଜେଣ୍ଟେବଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ଦେବ ସେହି ଅନୁସାରେ ହିଁ ବାଛିବା ଦରକାର। ଜଣେ ଆଙ୍କର ହିସାବରେ ଅନେକ ସମୟରେ ବିଭିନ୍ନ ପ୍ରୋଗ୍ରାମରେ ମୋତେ କ୍ୟାମେରାକୁ ସାମ୍‌ନା କରିବାକୁ ପଡ଼େ। ତେଣୁ ଶୋ'ର ଡିମାଣ୍ଡ ହିସାବରେ ମୋତେ ଡ୍ରେସ୍ ସାଙ୍ଗକୁ ଆସେସରିଜ୍ ଯେମିତିକି କି ଷ୍ଟୋନ୍ ବ୍ରେସ୍‌ଲେଟ୍, ଡିଜାଇନର ରିଷ୍ଟୱାଚ୍, ଅନ୍ୟାନ୍ୟ ଜୁଏଲେରୀ ଆଦି ବ୍ୟବହାର କରିବାକୁ ପଡେ। ତେଣୁ ମୋ ମତରେ ଜେଣ୍ଡର ନ୍ୟୁଟ୍ରାଲ୍ ଫ୍ୟାଶନ୍ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ।





## ଏ ସପ୍ତାହର ପ୍ରଶ୍ନ

୧- ଭାରତର ପ୍ରଥମ ମକା ଉତ୍ସବ.......... ଠାରେ ପାଳିତ ହୋଇଯାଇଛି ?

୨- ୨୦୧୮ ୱାର୍ଲ୍ଡ ର୍‍ୟାବିସ୍ ଡେ' ବା ବିଶ୍ୱ ଜଳାତଙ୍କ ଦିବସର ଥିମ୍ .......... ?

୩- ନିକଟରେ ବର୍ଡର ସିକ୍ୟୁରିଟି ଫୋର୍ସର ନୂଆ ଡାଇରେକ୍ଟର ଜେନେରାଲ ଭାବେ ............ ନିଯୁକ୍ତ ହେଲେ ?

୪- ଚଳିତବର୍ଷ ପ୍ରଥମ ଥର ପାଇଁ ଇଣ୍ଟରନ୍ୟାଶନାଲ ଡେ' ଅଫ୍ ସାଇନ ଲାଙ୍ଗୁଏଜ୍........ତାରିଖରେ ପାଳନ କରାଯାଇଛି ?

୫- ଉନ୍ନତି ପ୍ରକଳ୍ପ.......... ର ବିକାଶ ଲାଗି କାର୍ଯ୍ୟକାରୀ କରାଯାଇଛି ?

## ଗତ ସପ୍ତାହର ଉତ୍ତର

୧ ଭାରତ

୨ ମହାତ୍ମା ଗାନ୍ଧୀ

୩ ଜୁନ୍ ୨୧

୪ ଅଲିସିଆ ପୁଟେଟା

୫ ସୁରଟ ସହର

## ଉତ୍ତର ଦାତା



ପ୍ରତାପ କର୍ମୀ, ଉଲୁଣ୍ଡା



ରିଙ୍କୁ ମିଶ୍ର ,ସୁବର୍ଣ୍ଣପୁର



ସଞ୍ଜୟ ଦଳାଇ,ଭଦ୍ରକ

ଜାଣନ୍ତୁ ଦୁନିଆ

# ରବୀନ୍ଦ୍ରନାଥ ଟାଗୋର

ଏହି ସ୍ତମ୍ଭରେ ଆମେ ପୃଥିବୀର ବିଭିନ୍ନ ସ୍ଥାନ ତଥା ବିଭିନ୍ନ ପ୍ରସଙ୍ଗରେ ବହୁ ଜଣା ଅଜଣା ତଥ୍ୟ ପଢ଼ିଆସୁଛେ। ହେଲେ ଏଥର ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଥିବା ଜଣେ ବେଶ୍ ପରିଚିତ ବ୍ୟକ୍ତିତ୍ୱ ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କରେ କିଛି ରୋଚକ କଥା ଜାଣିବା...



❖ରବୀନ୍ଦ୍ରନାଥ ଟାଗୋର ଭାରତ ତଥା ଏସିଆ ମହାଦେଶର କଳା କ୍ଷେତ୍ରରେ ପ୍ରଥମ ନୋବେଲ ପୁରସ୍କାର ବିଜେତା। ସେ ଏକାଧାରରେ ଜଣେ କବି, ଲେଖକ, ଦାର୍ଶନିକ, ନାଟ୍ୟକାର, ଔପନ୍ୟାସିକ, ଚିତ୍ରଶିଳ୍ପୀ, ଶିକ୍ଷାବିତ୍ ।

❖ସେ ନିଜ ନୋବେଲ ପୁରସ୍କାର ରାଶିରେ ୧୯୩୯ ମସିହାରେ ଶାନ୍ତିନିକେତନଠାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହା କି ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାବେ କାର୍ଯ୍ୟ କରୁଛି।

❖ଯଦିଓ ସେ ୨୨୩୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ସଙ୍ଗୀତ ଲେଖିଛନ୍ତି, ହେଲେ ଦୁଇଟି ଦେଶ ପାଇଁ ଜାତୀୟ ସଙ୍ଗୀତ ଲେଖିଥିବା ସେ ହେଉଛନ୍ତି ଏକମାତ୍ର କବି। ଆମ ଦେଶ ସହ ସେ ବାଂଲାଦେଶର ଜାତୀୟ ସଙ୍ଗୀତ ମଧ୍ୟ ଲେଖିଛନ୍ତି।

- ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ସହ ସେ ଅଳ୍ପ ସମୟ କଥା ହୋଇଥିଲେ, ଯାହାକୁ 'ନୋଟ୍ ଅନ୍ ଦି ନେଚର ଅଫ୍ ରିଆଲିଟି' ପୁସ୍ତକରେ ଲେଖାଯାଇଛି।
- ସେ ୫ଟି ମହାଦେଶର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଦେଶ ଭ୍ରମଣ କରିଛନ୍ତି। ସେଠାରେ ଆମ ଭାରତୀୟ ସଂସ୍କୃତିର ପ୍ରଚାର ପ୍ରସାର ମଧ୍ୟ କରାଇଛନ୍ତି। ସେ ପ୍ରତିଥର ଯେଉଁ ଦେଶକୁ ଭ୍ରମଣରେ ଯାଆନ୍ତି ସେଠାକାର ସରକାର ଖୁସିରେ ତାଙ୍କ ବିଶ୍ୱବିଦ୍ୟାଳୟକୁ ବହୁ ଅର୍ଥରାଶି ପ୍ରଦାନ କରିଥାନ୍ତି।

**DISTRICT OFFICE, SUNDARGARH**
**(Social Welfare Section)**

No. 1756 Dt.01.10.18

**TENDER CALL NOTICE**

Sealed tenders are invited from the intending Printing Firms for printing and supply of Nua Arunima Abhyasa Pustika I & II. The tender documents should reach in the office of the District Social Welfare Officer, Sundargarh only by Registered Post / Speed Post on or before 20th October 2018 by 11.30 AM and the tender will be opened and finallized at 12.30 PM on the same day. The specification and other details of the tender are mentioned in the terms and conditions which can be downloaded from the district website "**http://www.sundergarh.nic.in**" or can be seen in the tender notice displayed in the notice board of DSWO, Sundargarh. The samples of Nua Arunima Abhyasa Pustika I & II may be inspected by the intending agencies in any working day in the office of the District Social Welfare Officer, Sundargarh.

Tender papers required for the tender can be obtained from the office of Collector & District Magistrate, Sundargarh (DSWO section) in any working days from the date of publication of this notice till date 18th Oct.18 during office hour on payment of Rs. 5,000/- (Rupees Five Thousand) only in shape of cash which is non-fefundable towards cost of tender papers.

The undersigned reserves the right to cancel or modify any or all the tender without assigning any reason thereof.

**Sd./- Collector-cum-District Magistrate, Sundargarh**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, MALKANGIRI**

**e-Procurement Notice**

**Bid Identification No. online Mkg-03/2018-19**

midivmalkangiri@gmail.com, Phone No. 06861-230783

**No. 571-A:-** Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and necessary documents can be seen in e-Procurement portal https://tendersodisha.gov.in

| | | | |
|---|---|---|---|
| 1. | Name of the work | : | Improvement to MIP & Check Dams in different blocks of Malkangiri District. |
| 2. | No. of works | : | 6 nos. |
| 3. | Estimated Cost | : | Varies approximately from 7.03 lakh to 13.37 lakh |
| 4. | Period of completion | : | 3 (Three) calendar months |
| 5. | Date and time of availability of bid documents in the portal | : | 09.10.2018 (10.00AM) to 25.10.2018 upto 5.00PM |
| 6. | Last date/time for received of bids in the portal | : | 25.10.2018 upto 5.00PM |
| 7. | Date of opening of bids | : | 26.10.2018 at 11.00AM onwards |
| 8. | Mode of payment of bid cost and bid security | : | Online |
| 9. | Name of the Officer Inviting the bids | : | Executive Engineer, Minor Irrigation Division, Malkangiri |

Further details can be seen from the e-Procurement portal https://tendersodisha.gov.in

*Sd./- Executive Engineer*
*M.I. Division, Malkangiri*

32364/11/0002/1819

**DISTRICT OFFICE MAYURBHANJ, BARIPADA**
**(Social Welfare Section)**

**No. 3014** **Dt. 29.09.2018**

**TENDER CALL NOTICE**

Sealed tenders are invited from the intending Agencies for supply of steel Almirah to 1115 Nos. of Anganwady Centre / Mini AWC of Mayurbhanj District.

The details of tender documents are available with the District Social Welfare Office, Mayurbhanj. The same can be obtained from the Office of the District Social Welfare Office, Mayurbhanj on payment of Rs. 5000/- (Rupees Five Thousand) only in shape of Demand Draft drawn in any Nationalised Bank in favour of DSWO, Mayurbhanj towards cost of tender paper on any working day from date of publication of this notice to till dated 23.10.2018 upto 5.00 PM or the documents can be downloaded from the District website http://www.mayurbhanj.nic.in. The tender paper complete in all respect along with all required documents should reach in sealed cover by Registered / Speed Post only to the District Social Welfare Officer, Mayurbhanj on or before dated 23.10.2018 upto 5.00 P.M. The tender shall be opened on dated 25.10.2018 at 4.00 P.M. by the District Purchase committee in presence of the tenderers or their authorised representatives in the Office Chamber of Collector & District Magistrate, Mayurbhanj. The tender received beyond scheduled date and time shall not be taken in to consideration.

The Collector & District Magistrate, Mayurbhanj reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

**Sd./- Collector & District Magistrate, Mayurbhanj**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**

Mail ID: sepwdbalangir@gmail.com, Fax/Ph. No. 06652-231866

**e-Procurement Notice**

No.654-B

**BID IDENTIFICATION No.: SE(R&B) BGR/07/2018-19**

No. 1915 // Dtd. 26.09.2018

1. The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B / A / Special Class Contractors registered with the State Governemnts and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of work : Road work
3. No. of tender : Road works (5 nos.)
4. Tender cost : Rs. 10,000/-
5. Class of Contractor : 'B' Class, 'A' Class & 'Special' Class
6. Date & Time of sale & receipt of bids : From Dt.09.10.2018, 10.00AM to Dt.26.10.2018 upto 5.00PM
7. Date of opening of Bid : Dt. 29.10.2018 at 11.30AM
8. The bidders have to participate in ONLINE bidding only. Further details can be seen from the website http://tendersorissa.gov.in. All future corrigendum will be available on ONLINE MODE only.

*Sd./- Superintending Engineer*
*Balangir (R&B) Circle, Balangir*

34131/11/0017/1819

**DISTRICT OFFICE MAYURBHANJ, BARIPADA**
**(Social Welfare Section)**

**No. 3017** **Dt. 29.09.2018**

**TENDER CALL NOTICE**

Sealed tenders are invited from the intending printing press / firms / Agencies for printing of Calendar and Nua Arunima and Booklet on Early Childhood & Care Education (ECCE) to Anganwady Centre / Mini AWC and 26 ICDS Project of Mayurbhanj District.

The details of tender documents are available with the District Social Welfare Office, Mayurbhanj. The same can be obtained from the Office of the District Social Welfare Office, Mayurbhanj on payment of Rs. 3000/- (Rupees Three Thousand) only in shape of Demand Draft drawn in any Nationalised Bank in favour of DSWO, Mayurbhanj towards cost of tender paper on any working day from date of publication of this notice to till dated 23.10.2018 upto 5.00 PM or the documents can be downloaded from the District website http://www.mayurbhanj.nic.in. The tender paper complete in all respect along with all required documents should reach in sealed cover by Registered / Speed Post only to the District Social Welfare Officer, Mayurbhanj on or before dated 23.10.2018 upto 5.00 P.M. The tender shall be opened on dated 25.10.2018 at 4.00 P.M. by the District Purchase committee in presence of the tenderers or their authorised representatives in the Office Chamber of Collector & District Magistrate, Mayurbhanj. The tender received beyond scheduled date and time shall not be taken in to consideration.

The Collector, Mayurbhanj reserves the right to reject any or all the tenders without assigning any reason there of and shall bear no liability whatsoever consequent upon such decision.

**Sd./- Collector & District Magistrate, Mayurbhanj**




## BRIDE WANTED

ଧୋବାଜାତି ଇଞ୍ଜିନିୟର ଭୁବନେଶ୍ୱରରେ କମ୍ପାନୀ ଚାକିରି ପୁଅ ପାଇଁ ପାତ୍ରୀ ଆବଶ୍ୟକ। 8280036743, 9337065883. D-58699

Wanted smart, educated advocate, self employed Karan Kshatriya bride for income tax consultancy advocate with self employed groom. Contact: 9937460649. D-8744

Khandayat boy 29, B.Tech (CET), MBA (IIM) Manager, Bangalore. 9090605880. D-63391

## GROOM WANTED

Required any caste well established groom for without children divorcee girl (39), Kamakhya Nagar. Contact: 7381460016. D-60818

Brahmin girl 1990, 5'4", MBA, serving WIPRO, Hyderabad "Sunasansar". 9937512659. D-8772

ଗୁଡ଼ିଆ ଝିଅ 1991, 5'2", +2, ଚାକିରିଆ/ ବ୍ୟବସାୟୀ ପାତ୍ର ଆବଶ୍ୟକ, 'ସୁନାସଂସାର', 9937512659. D-8773

Divorcee bride Bank 30, Manager 39 (caste-no-bar). Contact: 7873374269. D-65013

ଗୌରବର୍ଣ୍ଣ, 5'3", B.Tech, 27ବର୍ଷ, ବ୍ୟାଙ୍କରେ ଚାକିରି କରିଥିବା ବଣିଆ ପାତ୍ରୀ ପାଇଁ ପାତ୍ର ଆବଶ୍ୟକ। ବ୍ୟାଙ୍କ କିମ୍ବା ସରକାରୀ ଚାକିରି କରିଥିବା ପାତ୍ର ଆବଶ୍ୟକ। 9777788899. D-64901

Beautiful Khandayat girl 29 years class one officer, Bhubaneswar. 8908955060. D-64706

Now Matrimonial ads. only on Wednesday & Sunday
Book 1 Get 1 FREE




## SALE

Tata Manza of white colour saloon, owner driven 2011 for sale. Contact: 9937203178. D-62128

Honda City- 2014, Innova- 2016, Ertiga- 2015, Swift Dezire- 2016, 2014, Swift VDI- 2016, Swift VXI- 2017, Bolero Plus- 2015, 2013, Bolero SLE- 2011, Alto- 800- 2015, MICRA- 2012, Ford Aspir- 2016, Ford Figo- 2016, Vento- 2011, Verito- 2015, Indigo-2016, 2013, 2012, Indica- 2013. 9124337333, 0674-2434970. D-63388

Honda City- 2014, WagonR- 2012, Swift Diesel- 2016, 2013, Maruti Scross- 2016, Pajero- 2012. 9438736070. D-63390

Hyundai Grand i10 Sportz 2016 Petrol 4.00 lakh. 7008776499, 8249909768. D-64704




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

**1500 sqft. gharabari boundary plot at Chakeisiani, Bhubaneswar. 9124232466, 9437460564.** D-64171

2BHK apartment flat near garage Chhak, Bhubaneswar. Buyer contact: 8328890345. D-63852

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64182

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

ଝାରପଡା ମହାଦେବନଗରରେ yellowzone ଘରବାରି plot patta ସହିତ ମିଳୁଛି। Contact: 9178031478. D-64610

ପଳାଶୁଣୀ ଛକରୁ 200 mtr ଦୂରରେ yellowzone ଘରବାରି boundary corner plot ବିକ୍ରିହେବ। 9178031478. D-64611

Duplex sale in GGP Colony Srustivilla, କେଶୁରାରେ ଘରବାରି plot ପଟ୍ଟା ସହିତ ମିଳୁଛି। 9178031478. D-64612

**3BHK readymade flats sales top floor, Patia KIIT Jagannath Temple near KIIMS Medical. Free sealing or 3 rooms AC, Contact. 8455826156.** D-64339

2000 sqft. gharabari plot with boundary, electric pole at Pitapalli, Khurdha, near Viswass College. 9437587142, 8339067811. D-8698

Gharabari plot with revenue road and electricity near Patia Station, Bhubaneswar. 7077110394. D-8711

ଭୁବନେଶ୍ୱର Infocity-2 ପାଖରେ BDA yellowzone plot 30' ରାସ୍ତାଥାଇ କିଣନ୍ତୁ। 9348767829. D-64338

**2/3 BHK flats sales near Patia Bigbazar Station road. 8455826156.** D-64340

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64195

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାଙ୍କୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

Ready studio 1R flat near Puri Seabeach Lighthouse @Rs. 10 lakhs onwards. Contact: 9776080988, 9238361409. D-63387

Readymade 3BHK new flat, 3rd floor at BJB Nagar, No Tax. 9439716901 (Broker Excuse). D-64196

1BR flat @ 12.50 lakhs & 2BR @ 15lakhs onwards apartment near Sai Temple, Tankapani Road, BBSR. 9776080988, 9238361409. D-63386

Prime location furnished bungalow, 11,000 sqft. construction on 5,500 sqft. land, Lewis Road, Bhubaneswar. 7008835631. D-63385

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact: 9937059891, 9348253463, 8908292617.** D-8750

ସୁନ୍ଦରପଦା କୁହା ମୌଜାରେ ଘରବାରି ପ୍ଲଟ ବିକ୍ରିହେବ। 9861964818, 9439364818, 9337766961. D-8670

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

Gharabari individual plots 2000X2 at Jharpada, 1750X2 at Pahal, 2300 at Satya Vihar ready for immediate construction with Bank loan facility details. 7008304833. (ଲକ୍ଷ୍ମୀଧର) D-8681

କେଶୁରା Puri bypass road NHକୁ ଲାଗି ବରଗଡ଼ ମୌଜାର ୨ଗୁଣ୍ଠ ୪ ଡିସିମିଲି plot ପଟା ଥାଇ ବିକ୍ରିହେବ। 8018496964. D-64607

Ready to Move 3BHK, 2BHK flat BJB Nagar/ GGP Canal road, Bhubaneswar. 9437018423. D-64606

2100 sqft. gharabari residential plot immediately sale Hanspal on NH-5, Bhubaneswar. Contact Deepak: 9937329999 (Conditions apply). D-64511

ଭୁବନେଶ୍ୱର AIIMS Medical DOON School ନିକଟ gharabari patta plot. 9777553622. D-64701

3BHK apartment, 1st floor, super built-up 1970 sft. near Gastro Hospital, Nayapalli. 7205072051. D-64513

**2/3 BHK flats within 400 mtrs of Patia Bigbazar. Contact: 9337416101, 8249655435.** D-64702

ଭୁବନେଶ୍ୱର ବାଲକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡ୍‌କୁ ଲାଗି sqft. 480/-ରେ ବିକ୍ରିହେବ। 9438855652, 9090053827. D-64335

Gharabari, 30' road with possession plot new Railway Station (Patia). 9439487505. D-8726

Well demarcated yellowzone gharabari plots sale at Hanspal and Pahal near NH. Rate- 1300/- and 1500/- sqft. 7077588608. D-64703

3500 sft homestead land sale Bhimatangi, Old Town, Bhubaneswar. Contact directly Deepak: 9937329999 (Conditions apply). D-64515

Gharabari with boundary plot for immediate sale at Mouza, Sundargaon, opposite to Dadhichi Pharmacy, Chitalpur. Contact for site visit. 9040611225, 7978452973. D-64516

Gharabari with boundary plot for immediate sale at Mouza Bagalpur, 100 mtr. from State Highway No.60, Nakhara- Niali Road. Contact for site visit: 9040611225, 7978452973. D-64517

Booking simplex 2BHK 1200 sqft. land Tankapaniroad Saitemple 26,19,000/- 7735738102. D-8741

**ଢେଙ୍କାନାଳରୁ ଶଙ୍କରପୁର ରାସ୍ତାକଡ଼ରେ ତାରିଣୀ ମନ୍ଦିର ସାମ୍ନାରେ 22 ଏବଂ 25 ଗୁଣ୍ଠ ଜାଗା ବିକ୍ରିହେବ। Contact: 9437084995, 7008388915.** D-58700

2BHK (1458 sqft.) ready to move semi furnished flat for sale near Lingaraj Temple, Electry Office, Old Town. Mob No.: 7008941861, 7894221170. D-62129

ମେଣ୍ଢାଶାଳ ପାଖରେ ହରିଡାମଡା ମୌଜାରେ ସାତ ଏକର ଉନ୍ନତମାନର ଚାଷ ଜମି ବିକ୍ରିହେବ। 7750899392, 9438323520. D-64614

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

4500 sqft. plot sale at Sahid Nagar, Bhubaneswar. 9439177563. D-8774

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-8797

1800 sqft. gharabari residential yellowzone plot having 30' road near Patia, Big Bazar, Bhubaneswar Rs. 44,00,000/-. Contact: 9078151122. D-65102

1500 sqft. land behind Saheed Nagar Police Station 60,00,00/- SC/ ST. 9438389968. D-8785

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

Book 3BHK duplex house at Talabania, Pokhariput, Bhubaneswar. Having land area 1260 sqft. and 1900 construction area, price- 77 lakh, Bank finance available. 7504392698. D-65103

2000 sqft. yellowzone gharabari boundaed plot for sale at Trisulia. Contact: 9583172766. D-8796




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8752

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64336

Top quality Labrador Puppys for sale in Bhubaneswar. Call Bikrant @ 9668706644. D-63389




300 sqft. AC furnished commercial showroom A/43, Ruchika Market near Reliance Fresh, Baramunda, Bhubaneswar suitable for ladies corner, boutique, jewellery, medicine. Contact: 8763246739. D-63383

2BR, hall, 2 bathroom, store/ study, family 12,000/-, BJB Nagar, Bhubaneswar. 9899619470. D-63384

3BHK on ground floor for residence at Nageswar tangi, Bhubaneswar. Contact: 9437011164. D-52881

Single room attached bath, kitchen Udayagiri Vihar, Patrapada, Bhubaneswar. 9861061549. D-58698

Furnished single room, AC, car parking, Old-Town, Bhubaneswar. 5,000/-. 9437388990. D-63379

3 BHK apartment, 3rd floor near Station Bazar, Bhubaneswar. Contact: 7205072051. D-64512

1BHK, 700 sqft., rent- 10,000/-, Forest Park, Bhubaneswar. 9437594470, 8218753767. D-63854

2BHK, dining, drawing independent house in Bajrangvihar, Patia, Bhubaneswar. Contact: 9866123690. D-65101

1000sqft 2BHK flat in 2nd floor available for family and 1000sqft. office space in ground floor for rent at N-3, IRC Village, Nayapalli. Contact: 7894450200. D-65014

**Furnished office space 2000 sqft. at Nalco Square, Chandrasekharpur, Bhubaneswar. (Preferable for IT). 9776021815.** D-64341




Shivam logistic packers movers. Household/ car relocation countrywide. 9777044177, 9338461133. D-8576




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Manson profesional massage. Contact Purple Orchid. 9776598888. D-64189

Saishree ayurvedic full body massage ladies & gents. Contact: 7438896074. D-64602

Ayurvedic full body massage ladies / gents smart expert therapist. 9114697517. D-64603

Newly open herbal full body massage with refreshment well trained therapist. 7381239385. D-64604

New open herbal full body massage ladies/ gents. Contact: 8117033493. D-64605

Herbal body massage relax, back joint pain treatment. 9114225221, 9437453813. D-64514

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38536

Experience full body massage with us by experts. Enquiry: 7377048581. D-64198

Herbal full body massage by smart/ expert therapist. Contact: 8338067247. D-64197

## LOST

ମୁଁ ପ୍ରଦୀପ କୁମାର ଦାସ, ହରିଦାସପୁର ମଉଜାରେ, ଗୋଟିଏ ଘରକୁ ତପନ କୁମାର ପାତ୍ରଙ୍କ ଠାରୁ କିଣିଥିଲି। ତପନ କୁମାର ପାତ୍ର କିଣିଥିବା ଦଲିଲ୍ (ନଂ– 10229/05.05.2010)କୁ ସେ ମୋତେ ଦେଇଥିଲେ କିନ୍ତୁ ମୁଁ ମଞ୍ଚେଶ୍ୱରରୁ ରସୁଲଗଡ଼ ଯିବାବେଳେ ତାହା କେଉଁଠାରେ ହଜିଯାଇଛି। ମୁଁ ଏହାକୁ କୌଣସି ଜାଗାରେ ବନ୍ଧକ ହିସାବରେ ଦେଇନାହିଁ। ଯଦି ଏହି ଦଲିଲ୍‌ଟି କାହାକୁ ମିଳେ ଦୟାକରି ଏହି ଫୋନ ନଂ. ରେ ଯୋଗାଯୋଗ କରନ୍ତୁ। ଫୋନ ନଂ: 9040845112. D-8766

## LOST

ସୁଷମା ମଞ୍ଜରୀ ରଣସିଂହ, ସ୍ୱାମୀ– ସ୍ୱର୍ଗତ ରମେଶ ଚନ୍ଦ୍ର ରଣସିଂହ, ସା/ପୋ– ଗଡରୋଡଙ୍ଗ, ଥାନା– ବ୍ରହ୍ମଗିରି, ଜିଲ୍ଲା– ପୁରୀଙ୍କ ନାମରେ ଥିବା ଦଲିଲ ନଂ– ୯୦୭ (ତା.୩୦।୦୫।୧୯୮୧) ନମ୍ବର ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି କିମ୍ବା ଏହି ଦଲିଲ ଉପରେ କାହାର କିଛି ଅଭିଯୋଗ ଥାଏ ନିମ୍ନ ଠିକଣା ଓ ଫୋନ ନମ୍ବରରେ ୧୫ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ। ପ୍ରଭାତ କୁମାର ମିଶ୍ର (ଆଇନଜୀବୀ), ସା– ନହରପଦା, ପୋ/ଥା– ବ୍ରହ୍ମଗିରି, ପୁରୀ– ୭୫୨୦୧୧, ମୋ: ୯୯୩୭୧୫୯୦୦୪, ୭୦୬୪୫୮୩୭୬୬। ଧ–୮୭୯୮

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar Dtd. 06.10.2018, I have changed the name of my minor son from Aishwarya Samantaray to Aishwarjya Kumar Samantaray. Hence forward he shall be known as Aishwarjya Kumar Samantray for all purpose. Sikha Biswal. D-64705

## 2nd Birthday Wish



(ଫୁଲେଇ)

**Neebgina Sahoo**

**Tangibanta, Patia, New BBSR, Khurdha**

ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଆମର କେବଳ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: **ବାପା, ମାମା, ଭାଇ, ଭଉଣୀ, ମାମୁ, ମାଇଁ, ପିଉସା, ପିଉସୀ।** ଧ–୮୭୬୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଲିପି**

ଚାହୁଁ ଚାହୁଁ ଏକ ବରଷ ହୋଇଗଲା
ଅଜଣା ରାଇଜେ ଗଲୁତୁ ଚାଲି,
ସେହି ରାଇଜକୁ ଥରେ ଯିଏ ଯାଏ
ଆଉ ନ ଆସଇ କେବେ ସେ ଫେରି।
ଠାକୁରଙ୍କ ପାଖେ କେତେ ଡାକିଥିଲି
ତୋ ଯିବା ଆଗରୁ ମୁଁ ଯାଆନ୍ତି ଚାଲି
ସିଏ ବି ନିଷ୍ଠୁର ଠକି ଦେଲେ ମୋତେ
ରହିଗଲି ମୁଁ, ଗଲୁ ତୁ ଚାଲି।
ଭଲ ଆତ୍ମା ତୋର ଭଲରେ ତୁ ଥିବୁ
ଏତିକି ବିଶ୍ୱାସ ରହିଛି ମୋର
ମୋ ହୃଦୟରେ ସଦା ରହିଥିବୁ ତୁହି
ଯିବା ଯାଏ ମୁହିଁ ସ୍ୱର୍ଗ ଦୁଆର।
ବିନ୍ଦୁ ମାଉସୀ
ଧ–୮୭୬୨

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡ. ଦୁର୍ବାଦଳ ମିଶ୍ର**

ଆବିର୍ଭାବ: ୧୦/୦୮/୧୯୬୩
ତିରୋଧାନ: ୨୧/୦୯/୨୦୧୪
ଦେଖୁ ଦେଖୁ ଚାରି ବର୍ଷ ବିତିଗଲା
ଅନ୍ତିମ ଦର୍ଶନେ ତୁମ।
ଅଶ୍ରୁ ନୁହେଁ ସେତ ବହ୍ନି ଝରୁଅଛି
ନୟନ ଯୁଗଳୁଆମ ॥
ବଞ୍ଚିନ୍ତୁ, ବଞ୍ଚିବୁ, ତୁମରି ବିହୁନେ
ଯଥା ମୀନ, ଜଳ ବିନା।
ତୁମରି ଆତ୍ମାର ସଦଗତି ହେଉ
ପ୍ରଭୁପାଦରେ ପ୍ରାର୍ଥନା ॥
ତୁମର ଶୋକ ସନ୍ତପ୍ତ ସ୍ତ୍ରୀ ରୀତା ଓ
ପରିବାର ବର୍ଗ। ଧ–୮୭୯୫

### ଏକାଦଶାହ ଉପଲକ୍ଷେ



**୰ ଶାନ୍ତିଲତା ଜଗଦ୍ଦେବ**

ସ୍ୱାମୀ ୰ ହରିହର ଜଗଦ୍ଦେବ
ବାହାଡା, ଖଣ୍ଡପଡା, ନୟାଗଡ
ଆବିର୍ଭାବ- ୨୭.୦୮.୧୯୨୮ | ତିରୋଧାନ- ୨୭.୦୯.୨୦୧୮

ଆମମାନଙ୍କୁ ଶୋକ ସାଗରରେ ଭସାଇ ଆରପାରିକୁ ଚାଲିଗଲ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମମାନଙ୍କର ଭକ୍ତିପୂତ ପ୍ରଣତୀ। ତୁମର ଆଶୀର୍ବାଦ ଆମମାନଙ୍କ ଉପରେ ସର୍ବଦା ରହିଥାଉ।

ଶୋକସନ୍ତପ୍ତ : ପୁତ୍ର- ସତ୍ୟ, ପ୍ରେମ, ଶୁଭ, ପୁତ୍ରବଧୂ- ରେଣ୍ଟୁ, ଟିକି, କୁନୁ, କନ୍ୟା- ବିଜୟା, ଜାମାତା- ମୁନା, ନାତି - କିଟୁ, ପିଙ୍କୁ, ରିଙ୍କୁ, ବୁଲୁ, ଆୟୁଷ, ନାତୁଣୀ- ଲିସା, ଲାଡ୍‌ଲୀ, ଅଣନାତୁଣୀ -ରେନା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ–୬୪୧୯୯

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଦିଲ୍ଲୀପ କୁମାର ରାଉତ**

ଆବିର୍ଭାବ: ୦୫।୦୮।୧୯୬୮
ତିରୋଧାନ: ୨୭।୦୯।୨୦୧୮
ସାମନ୍ତରାପୁର ଓ ଶ୍ରୀରାମ
ନଗରବାସୀ, ପୁରୁଣା ଭୁବନେଶ୍ୱର
ସମାଜସେବା ଓ କ୍ରିକେଟ ପାଇଁ
ହୋଇଥିଲ ଆମ ନିଜର ହଠାତ୍ କେମିତି
ଛାଡି ଚାଲିଗଲ କରିଦେଇ ଆମକୁ ପର
ଯେଉଁଠି ଥାଅ ଭଲରେ ଥାଅ,
ଆମ ଭାଇ ଗୁହାରି ଶୁଣ ଈଶ୍ୱର।
ଧ–୮୭୭୭

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ତାରାପ୍ରଣବ ସିଂହ (ରାଜା)**

ତିରୋଧାନ: ୧୩।୧୦।୨୦୧୨
ଆଶ୍ୱିନ କୃଷ୍ଣପକ୍ଷ ତ୍ରୟୋଦଶୀ
ରାଜା, ଆଜିକୁ ୬ବର୍ଷ ପୂରିଗଲା ତୋର
ଆମପାଖରୁ ଚାଲିଯିବାର। ତଥାପି
ଆମେ ବ୍ୟର୍ଥ ଜୀବନ ଧରି ବଞ୍ଚି ରହିଛୁ ଓ
ତତେ ପ୍ରତି ମୁହୂର୍ତ୍ତରେ ମନେ ପକାଉଛୁ।
ପ୍ରଭୁ ତତେ ଊର୍ଦ୍ଧ୍ୱଗତି ଦିଅନ୍ତୁ। ତୋର ମା,
ବାବା, ରିଙ୍କିଆ।
ଧ–୬୨୦୪୪

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

| | | |
|---|---|---|
| Dollar | 18 | 73.76 |
| Sensex | 792.17 | 34,376.99 |
| Nifty | 282.30 | 10,316.45 |
| Gold | ₹ 50 | 31,900.00 |
| Silver | ₹550 | 39,800.00 |

“ କୃଷି କ୍ଷେତ୍ରରେ ଋଣ ପ୍ରଦାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବ୍ୟାଙ୍କ ଅଫ୍ ବରୋଦା ପାକ୍ଷିକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ବ୍ୟାଙ୍କ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଋଣ ମେଳା ଆୟୋଜନ କରିବ।

– ଗୋପାଳ କୃଷ୍ଣ ଅଗ୍ରୱାଲ, ସ୍ୱାଧୀନ ଡାଇରେକ୍ଟର, ବ୍ୟାଙ୍କ ଅଫ ବରୋଦା



“ ଇରାନ ବିରୋଧରେ କଟକଣା ଯୋଗୁ ତେଲ ଉତ୍ପାଦନ ଯେପରି ପ୍ରଭାବିତ ନ ହେବ ତାହାକୁ ଦୃଷ୍ଟିରେ ରଖି ସୌଦି ଆରବ ପ୍ରତିଶ୍ରୁତି ଅନୁଯାୟୀ ଉତ୍ପାଦନ ବଢ଼ାଇଛି।

– ମହମ୍ମଦ ବିନ୍ ସଲମାନ, ଯୁବରାଜ, ସୌଦି ଆରବ



### ବ୍ୟାଙ୍କ, ଟେଲିକମ୍ କମ୍ପାନୀଙ୍କୁ ଆଧାର ବ୍ୟବହାର ଅନୁମତି

# ବିଲ୍‌କୁ ନେଇ ଜେଟ୍‌ଲୀ ନୀରବ

ନୂଆଦିଲ୍ଲୀ,୬-୧୦



ସଂସଦ ଦ୍ୱାରା ଅନୁମୋଦିତ ଆଉ ଏକ ବିଲ୍ ଜରିଆରେ ବ୍ୟାଙ୍କ ଓ ଟେଲିକମ କମ୍ପାନୀଙ୍କୁ ଆଧାର ବ୍ୟବହାର କରିବାର ଅଧିକାର ମିଳିପାରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମତବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଉ ଏକ ବିଲ୍ ଆଣିବା ଏବେ ଜରୁରୀ ହୋଇପଡିଥିଲେ ହେଁ ଏ ନେଇ ଅର୍ଥମନ୍ତ୍ରୀ କିଛି ସ୍ପଷ୍ଟ କଲେନି।

ଗତ ମାସରେ ସୁପ୍ରିମକୋର୍ଟ ତାଙ୍କ ରାୟରେ ବ୍ୟାଙ୍କ, ଘରୋଇ ଟେଲିକମ କମ୍ପାନୀ ଆଧାର ବ୍ୟବହାର କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବରୁ ସେମାନେ ଗ୍ରାହକଙ୍କ ପରିଚୟ ଯାଞ୍ଚ ଲାଗି ଆଧାର ବ୍ୟବହାର କରୁଥିଲେ। ଏହାଦ୍ୱାରା ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁଥିଲା। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଟ୍‌ଲୀ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଧାରର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଆଧାର ନାଗରିକଙ୍କ ଲାଗି ପରିଚୟପତ୍ର ନୁହେଁ। ଏହା ଏଭଳି ଏକ ବ୍ୟବସ୍ଥା ଯାହାଦ୍ୱାରା ସରକାରୀ ସହାୟତା ଓ ସବ୍‌ସିଡିକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଯାଇପାରୁଛି। ଏହା ହିଁ ଆଧାରର ମୂଳ ସିଦ୍ଧାନ୍ତ। ଆଧାରର ଅଧିକାଂଶ ଉଦ୍ଦେଶ୍ୟ ଓ ବୈଶିଷ୍ଟ୍ୟକୁ ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ବୋଲି ଉଲ୍ଲେଖ କରି କେନ୍ଦ୍ର ଅର୍ଥ ମନ୍ତ୍ରୀ କହିଛନ୍ତି ଯେ, ଆଧାରର ଧାରା ୫୭କୁ ନେଇ ସମସ୍ୟା ଉପୁଜିଛି। ଆଇନ ଅଥବା ଚୁକ୍ତି ମାଧ୍ୟମରେ ଘରୋଇ କମ୍ପାନୀଙ୍କୁ ଲୋକଙ୍କ ତଥ୍ୟ ବ୍ୟବହାର କରିବାର ଅଧିକାର ଏହି ଧାରା ଦେଉଛି ବୋଲି ସୁପ୍ରିମକୋର୍ଟ ମନେ କରିଛନ୍ତି। ଏହି କାରଣରୁ ସର୍ବୋଚ୍ଚ ଅଦାଲତ ଏହି ଧାରାକୁ ରଦ୍ଦ କରିଛନ୍ତି। ଏହାର ସମାଧାନ ଆଉ ଏକ ବିଲ୍ ହିଁ କରିପାରିବ ବୋଲି ଜେଟ୍‌ଲୀ କହିଛନ୍ତି। ତେବେ ସରକାର ଏଥିପାଇଁ ସଂସଦରେ ଆଉ ଏକ ବିଲ୍ ଆଣିବେ କି ନା ସେ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି।

## ସଂକ୍ଷେପରେ

### ତେଲ ଦର ପୁଣି ବଢ଼ିଲା



ନୂଆଦିଲ୍ଲୀ,୬-୧୦: ଦୁଇ ଦିନର ଆଶ୍ୱସ୍ତି ପରେ ସାରା ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଶନିବାର ବଢ଼ିଛି। ଦିଲ୍ଲୀରେ ଲିଟର ପିଛା ପେଟ୍ରୋଲ ଦର ୧୮ ପଇସା ଏବଂ ଡିଜେଲ ୨୯ ପଇସା ବୃଦ୍ଧି ପାଇଛି। ଦର ବୃଦ୍ଧି ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧.୬୮ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୩.୨୪ଟଙ୍କାରେ ବିକ୍ରି ହେଉଛି। ତେବେ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୮ ପଇସା ବୃଦ୍ଧି ସହ ୮୭.୧୫ଟଙ୍କାରେ ବିକ୍ରି ହେଉଥିଲେ ହେଁ ଡିଜେଲ ୭୦ ପଇସା ହ୍ରାସ କରାଯାଇ ୭୬.୭୫ଟଙ୍କାରେ ବିକ୍ରି କରାଯାଉଛି। ଦୁଇ ଦିନ ପୂର୍ବେ କେନ୍ଦ୍ର ସରକାର ତେଲ ଉପରେ ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କଲା ଡାଲମିଆ ଭାରତ ଗ୍ରୁପ୍

ଭୁବନେଶ୍ୱର,୬-୧୦




ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ ପକ୍ଷରୁ ପୂର୍ବଭାରତରେ ଏହାର ଡିଲର ତଥା ବିତରକଙ୍କ ମେଧାବୀ ପିଲାମାନଙ୍କୁ ‘ପ୍ରଜ୍ଞା’ ଶିକ୍ଷା ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରଜ୍ଞା ପୁରସ୍କାରର ଚତୁର୍ଥ ସଂସ୍କରଣରେ କମ୍ପାନୀ କଲିକତାର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଛି। ଉକ୍ତ ଛାତ୍ରୀଛାତ୍ରମାନେ ଦଶମ ତଥା ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୮୦%ରୁ ଅଧିକ ନମ୍ବର ରଖିଛନ୍ତି। ଡାଲମିଆ ସିମେଣ୍ଟର ବିକ୍ରି ଏବଂ ମାର୍କେଟିଂ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇନ୍ଦ୍ରଜୀତ ଚାଟାର୍ଜୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଶାର ୧୬ ଜଣ ରହିଥିବା ବେଳେ ପଶ୍ଚିମବଙ୍ଗର ୯ ଜଣ, ବିହାରର ୫ ଜଣ, ଝାଡଖଣ୍ଡର ୫ ଜଣ ରହିଛନ୍ତି। ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

## ସେଣ୍ଟ୍ରାଲ ବ୍ୟାଙ୍କର ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର,୬-୧୦

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। କ୍ଷେତ୍ରୀୟ ପ୍ରବନ୍ଧକ ସୋହେଲ ଅହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରର ଶିରିପୁର ମାର୍କେଟ ରାସ୍ତା, ପରିସର ଏବଂ ଦୋକାନ ବାରଣ୍ଡାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତର ଲକ୍ଷ୍ୟ ତଥା ଉଦ୍ଦେଶ୍ୟକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖିମଜୀ ହୋଣ୍ଡାର ସଡ଼କ ସଚେତନତା




ଭୁବନେଶ୍ୱର,୬-୧୦

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା କମ୍ପାନୀ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ଖିମଜୀ ହୋଣ୍ଡାର ମିଳିତ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟଠାରେ ଏକ ସଡକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ନେଇ ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥିଲା। ଛାତ୍ରୀମାନଙ୍କୁ ନିରାପଦରେ ସ୍କୁଟର ଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଠାରେ ସମସ୍ତ ତାଲିମ ନିଶୁଳ୍କ ରହିଥିଲା।

## ପାୱାରଗ୍ରିଡ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା



ଭୁବନେଶ୍ୱର,୬-୧୦

ପାୱାରଗ୍ରିଡ୍ ଭୁବନେଶ୍ୱର ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ନୀଳାଦ୍ରି ବିହାରସ୍ଥିତ ଶ୍ରୀକ୍ରିଷ୍ଣା ପଲ୍ଲୀଠାରେ ସ୍ୱଚ୍ଛତା କିଟ୍ ଏହି ଅବସରରେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାୱାର ଗ୍ରୀଡର କର୍ମଚାରୀମାନେ ଉପସ୍ଥିତ ରହିବା ସହ ଲୋକଙ୍କ ସଚେତନତା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିବା ସୂଚନା ରହିଛି।

## ଏମ୍‌ସିଏଲ୍‌ର ଅଖଣ୍ଡତା ପ୍ରତିଜ୍ଞା ସମାରୋହ

ଭୁବନେଶ୍ୱର,୬-୧୦

ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍) ପକ୍ଷରୁ କିସ୍ ପରିସରରେ ଅଖଣ୍ଡତା ପ୍ରତିଜ୍ଞା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭ୍ରଷ୍ଟାଚାର ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍‌ସିଏଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ମୁନାୱାର ଖୁର୍ସିଦ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଏଚ୍.କେ. ଶତପଥୀ, ସଚିବ ଆର୍.ଏନ୍ ଦାସ, ରେଜିଷ୍ଟ୍ରାର ଜୁଲିୟସ୍ ଲାକ୍ରା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପି.କେ. ରାଉତ, ସିଏମ୍‌ପିଆଇଡି ମୁଖ୍ୟ ଭିଜିଲାନ୍ସ ଅଧିକାରୀ ସନ୍ଦୀପ ରାଜ ଏବଂ ଇସିଏଲ୍ ସିଭିଓ ରାଜେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପ୍ରସିଦ୍ଧ ଖୋଖୋ ଖେଳାଳି ମନ୍ଦାକିନୀ ମାଝି ୫,୦୦୦ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ପି.କେ ପ୍ରଧାନ ଏଥିରେ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉପସ୍ଥିତି ଦୃଢ଼ କରିବ ଟେକ୍ ଆଣ୍ଟା

**ଗୋଟିଏ ଛାତ ତଳେ ଗ୍ରାହକଙ୍କୁ ସ୍ମାର୍ଟ ଫୋନ୍ ଏବଂ ସ୍ମାର୍ଟ ଗ୍ୟାଜେଟ୍‌ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଫ୍ଲାଗ୍‌ଶିପ ରେଟେଲ ଚେନ୍ ‘ଟେକ୍ ଆଣ୍ଟା’ କାର୍ଯ୍ୟ କରୁଛି। ମୋବାଇଲ ଶିଳ୍ପ ଅଭିବୃଦ୍ଧି ତ୍ୱରିତ ହୋଇଥିବା ବେଳେ ଗୋଟିଏ ସ୍ଥାନରେ ବିଭିନ୍ନ ବ୍ରାଣ୍ଡ ପ୍ରଡକ୍ଟ ତଥା ଆସେସୋରିଜ ପ୍ରଦାନ ଦିଗରେ କମ୍ପାନୀ ପଦକ୍ଷେପ ଗ୍ରହଣ କରୁଛି। ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ମୋବାଇଲ ବଜାର ହୋଇଥିବା ବେଳେ ଗ୍ରାହକଙ୍କୁ ଗୁଣବତ୍ତା ସେବା ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟରତ। ସଙ୍ଗଠିତ ରିଟେଲିଂ ଦ୍ୱାରା ଗ୍ରାହକଙ୍କ ନିକଟତର ହେବାକୁ ଏହା ପ୍ରୟାସ ଜାରି ରଖିଛି। ଏହାର ଏମ୍‌ଡି ନନ୍ଦନ ଶାହା ‘ଧରିତ୍ରୀ’କୁ ଦେଇଥିବା ସାକ୍ଷାତକାର...**



ନନ୍ଦନ ଶାହା

■ **ଓଡିଶାରେ କମ୍ପାନୀର ଉପସ୍ଥିତି କିଭଳି ରହିଛି ?**

▶ ଆମେ ପୂର୍ବ ଭାରତର ଏକ ପ୍ରମୁଖ ପ୍ଲେୟର ଭାବେ କାର୍ଯ୍ୟ କରୁଛୁ। ଜୁନ ୧୫ରେ ପ୍ରଥମ ଥର ଲାଗି ‘ଟେକ୍ ଆଣ୍ଟା’ ଫ୍ଲାଗଶିପ ଷ୍ଟୋରର ଚେନ୍ ଶୁଭାରମ୍ଭ କରିଛୁ। ବର୍ତ୍ତମାନ ‘ଟେକ୍ ଆଣ୍ଟା’ର ୩ ବ୍ରାଣ୍ଡ ଷ୍ଟୋର ଓଡିଶାରେ ରହିଛି। ଉକ୍ତ ଷ୍ଟୋରଗୁଡିକ ଭୁବନେଶ୍ୱର, କଟକ ଏବଂ ପୁରୀରେ ରହିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡିଶାରେ ୨୦-୨୫ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି। ନଭେମ୍ବର ସୁଦ୍ଧା ରାଜ୍ୟରେ ୧୦ ଷ୍ଟୋର ଖୋଲିବ।

■ **ଓଡିଶା ବଜାରରେ କିଭଳି ରେସ୍‌ପନ୍ସ ଦେଖୁଛନ୍ତି?**

▶ ଓଡିଶା ବଜାରକୁ ନେଇ ଖୁବ୍ ଆଶାବାଦୀ ରହିଛୁ। ଏଠାରେ ଗ୍ରାହକଙ୍କ ନିକଟରୁ ଭଲ ରେସପନ୍ସ ମିଳୁଛି। କୌଣସି ବ୍ରାଣ୍ଡ ଫୋନ୍ କ୍ରୟ କରିବା ଲାଗି ସେହି ବ୍ରାଣ୍ଡ ଷ୍ଟୋରକୁ ଯିବାକୁ ପଡୁଥିଲା। ମଲ୍ଟି ବ୍ରାଣ୍ଡ ଆଉଟଲେଟ୍‌ରେ ଯେ ସବୁ କମ୍ପାନୀର ସ୍ମାର୍ଟ ଡିଭାଇସ ତଥା ସ୍ମାର୍ଟ ଫୋନ ମିଳିବ ତାକୁ ନେଇ ଠିକ୍ ଭାବେ କହିବା ଭୁଲ। ଗୋଟିଏ ଛାତ ତଳେ ମୋବାଇଲ୍ ଡିଭାଇସ୍‌ଠାରୁ ଆରମ୍ଭ କରି ଆସେସୋରିଜ, ସ୍ମାର୍ଟ ଡିଭାଇସ୍ ଭଳି ପ୍ରଡକ୍ଟ ତଥା ସେବା ଯୋଗାଇ ଦେଉଛୁ, ଯାହାକୁ ନେଇ ଗ୍ରାହକଙ୍କ ନିକଟରୁ ଭଲ ରେସ୍‌ପନ୍ସ ମିଳୁଛି। ଏହି ଧାରାକୁ ଆଗାମୀ ଦିନରେ ମଧ୍ୟ ଜାରୀ ରଖିବା ଲାଗି ପ୍ରୟାସ ବଜାୟ ରଖିଛୁ। ଏଠାରେ ସଙ୍ଗଠିତ ଷ୍ଟୋର ବିଶେଷ ଭାବେ ନ ଥିବାରୁ ଅଭିବୃଦ୍ଧି ଲାଗି ଏହା ସହାୟକ ହେବ।

■ **ସମ୍ପ୍ରସାରଣ ନେଇ କ’ଣ ଯୋଜନା ରଖିଛନ୍ତି?**

▶ ସାରା ଦେଶରେ ଟେକ୍ ଆଣ୍ଟାର ବ୍ରାଣ୍ଡ ଷ୍ଟୋର ଖୋଲିବା ନେଇ ଯୋଜନା ରହିଛି। ୨ ମାସରେ ୪୦ ଷ୍ଟୋର ସହ ସେବା ଯୋଗାଉଛୁ। ୨୦୧୯ ମାର୍ଚ୍ଚ ସୁଦ୍ଧା ଆଉ ୬୦ ନୂଆ ଷ୍ଟୋର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛୁ। ପୂର୍ବାଞ୍ଚଳରେ କମ୍ପାନୀର ଉପସ୍ଥିତି ଦୃଢ କରିଛି। ପ୍ରଥମେ ଉତ୍ତର ଭାରତ ଏବଂ ପରେ ଦକ୍ଷିଣ ଭାରତରେ ସ୍ଥିତି ଦୃଢୀକରଣ ନେଇ ଯୋଜନା ରହିଛି। ପୂର୍ବାଞ୍ଚଳରେ ପ୍ରଥମେ ସ୍ଥିତି ଦୃଢୀକରଣ ନେଇ ଯୋଜନା ରଖିଛୁ। ଘରୋଇ ବଜାର କଥା ବିଚାରକୁ ନେଲେ ଆଗାମୀ ୩ରୁ ୪ ବର୍ଷ ମଧ୍ୟରେ ୫୦୦ ଷ୍ଟୋର ଖୋଲିବାକୁ ଲକ୍ଷ୍ୟ ରହିଛି। ଏହା ବାଦ୍ ଦେଶର ପଶ୍ଚିମାଞ୍ଚଳକୁ ପ୍ରବେଶ ନେଇ ମଧ୍ୟ ଧ୍ୟାନ ରଖିଛୁ। ପାର୍ବଣରେ ପଶ୍ଚିମବଙ୍ଗରେ ୧୦ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି।

■ **ବଜାର ଟ୍ରେଣ୍ଡକୁ କିଭଳି ଦେଖୁଛନ୍ତି?**

▶ ମୋବାଇଲ ଇଣ୍ଡଷ୍ଟ୍ରିର ବାର୍ଷିକ ଅଭିବୃଦ୍ଧି ପ୍ରାୟ ୨୦% ରହିଛି। ଗ୍ରାହକଙ୍କ ଚାହିଦା ବଢିଛି। ସେମାନେ ନୂଆ ଫିଚର, ନୂଆ ସୁବିଧା ଖୋଜୁଛନ୍ତି। ଆସେସୋରିଜ୍ ବ୍ୟବହାର ମଧ୍ୟ ବଢିଛି। ଏହାର ଚାହିଦା ଦ୍ରୁତ ହାରରେ ବଢୁଛି। ଆମେ ନୂଆ ଆସେସୋରିଜ ଏବଂ ଟେକ୍ନୋଲୋଜି ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ପଦକ୍ଷେପ ନେଉଛୁ। ଏହି ଆଧାରରେ ବିଭିନ୍ନ ନିବେଶ ଯୋଜନା ମଧ୍ୟ ହାତକୁ ନେଉଛୁ। ନୂଆ ପ୍ରଡକ୍ଟକୁ ପ୍ରାଥମିକତା ଦେଉଛୁ।

■ **ଷ୍ଟୋରର ସ୍ୱତନ୍ତ୍ରତା ସମ୍ପର୍କରେ କ’ଣ କହିବେ?**

▶ ଷ୍ଟୋରରେ ପ୍ରମୁଖ ବ୍ରାଣ୍ଡ ଉପଲବ୍ଧ ରହିଛି। ଉନ୍ନତ ସର୍ଭିସ ତଥା କ୍ରୟ ଅଭିଜ୍ଞତା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗ୍ରାହକଙ୍କୁ ଅପ୍‌ଗ୍ରେଡେଶନ, ୱାନ ପଏଣ୍ଟ ସଲ୍ୟୁଶନ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ଷ୍ଟୋରରେ ୱାଇଫାଇ ଜୋନ ରହିଛି। ମାଗଣା ସଫ୍ଟୱେର ଡାଉନଲୋଡ, ନେଟ୍ ସର୍ଫିଂ, ଟେକ୍ ଆଣ୍ଟାର ଷ୍ଟୋରରୁ ଫୋନ୍ କ୍ରୟ ଉପରେ ସାରା ଦେଶରେ ଥିବା ଆମର ଯେକୌଣସି ଷ୍ଟୋରରେ ବିଶେଷ ସର୍ଭିସ ସୁବିଧା ଦେଉଛୁ। ଷ୍ଟୋରଗୁଡିକରେ ସ୍ୱତନ୍ତ୍ର ତାଲିମ୍ ପାଇଥିବା ଆଣ୍ଟା ପାର୍ଟନର ମାନେ ଗ୍ରାହକଙ୍କୁ ସହାୟତା ପ୍ରଦାନ ଲାଗି କାର୍ଯ୍ୟ କରୁଛନ୍ତି। ଷ୍ଟୋରରେ ଗ୍ରାହକ ଲାଇଭ୍ ପ୍ରଡକ୍ଟ ଆସିଷ୍ଟାନ୍ସ ଲାଭ କରିପାରିବେ। ଟଚ୍ ଫିଲ୍ ପ୍ରଦାନ, ସର୍ବୋଚ୍ଚ ରେଞ୍ଜର ଆସେସୋରିଜ ଗ୍ରାହକମାନେ ଏଠାରେ ଲାଭ କରିପାରିବେ।

■ **ପାର୍ବଣରେ କିଛି ଅଫର ପ୍ରଦାନ କରୁଛନ୍ତି କି?**

▶ ବ୍ରାଣ୍ଡକୁ ଲୋକାଦୃତ କରାଇବା ଲାଗି ବିଭିନ୍ନ ପଦକ୍ଷେପ ନେଉଛୁ। ପୂଜା ପେଣ୍ଡାଲ ପ୍ରମୋଶନ ସହ ୩୬୦ ଡିଗ୍ରୀ କ୍ୟାମେନ୍ କରୁଛୁ। ଲାଟେଷ୍ଟ ଗ୍ୟାଜେଟ ସହ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରହିଛି। ଗ୍ରାହକଙ୍କୁ ଷ୍ଟୋର ପରିଦର୍ଶନରେ ଲଟେରି ଦ୍ୱାରା ନିଶ୍ଚିତ ଉପହାର ଦିଆଯିବ। ଏହା ଦିୱାଲି ପର୍ଯ୍ୟନ୍ତ ଚାଲିବ। ଏହା ସହ ଷ୍ଟୋର ପକ୍ଷରୁ କମ୍ପାନୀ ବାଦ୍ ଗୋଟିଏ ବର୍ଷର ସର୍ଭିସ ଆସିଷ୍ଟାନ୍ସ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

# ଡିପିଏସ୍ କଳିଙ୍ଗ ସମ୍ମାନିତ

ଭୁବନେଶ୍ୱର,୬-୧୦




ଡିପିଏସ୍ କଳିଙ୍ଗକୁ ଏଲିଟ୍ ଆୱାର୍ଡରେ ସମ୍ମାନୀତ କରାଯାଇଛି। ଆମେରିକାର ଏଡ୍‌ଫିନିଟି ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦି ଏଜୁକେଶନ ୱାର୍ଲଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଂ ମୁତାବକ ଡିପିଏସ୍ କଳିଙ୍ଗ ଉକ୍ତ ପୁରସ୍କାର ଲାଭ କରିଛି। ନୂତନତା, ଏକାଡେମିକ ଉତ୍କର୍ଷ ଭଳି ପ୍ରମୁଖ ପ୍ରସଙ୍ଗ ଲାଗି ପ୍ରତିଷ୍ଠାନକୁ ଚୟନ କରାଯାଇଛି। ଏକାଡେମିକ ଉତ୍କର୍ଷ ଏବଂ ଶିକ୍ଷକଙ୍କ ନିପୁଣତା ଲାଗି ଡିପିଏସ୍ କଳିଙ୍ଗ ଦେଶର ପ୍ରମୁଖ ୨୫ ସ୍କୁଲ ମଧ୍ୟରୁ ୧୩ତମ ସ୍ଥାନରେ ରହିଛି। ସହ ଶିକ୍ଷା କ୍ଷେତ୍ରରେ ଏହା ଦ୍ୱିତୀୟ ର୍‍ୟାଙ୍କ ଲାଭ କରିଛି। ଦିଲ୍ଲୀ ଭିତ୍ତିକ ମାର୍କେଟ ରିସର୍ଚ୍ଚ ଫାର୍ମ ସି-ଫୋର ପକ୍ଷରୁ ଦେଶର ୧୦୦ ସ୍କୁଲକୁ ନେଇ ଏକ ସର୍ଭେ ହୋଇଥିଲା। ଭିତ୍ତିଭୂମି, ଏକାଡେମିକ ଏକ୍ସଲେନ୍ସ, ଫାକଲଟି କମ୍ପିଟେନ୍ସ ଭଳି ପ୍ରମୁଖ ବିଷୟ ଆଧାରରେ ଉକ୍ତ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା। ଦୀର୍ଘ ୧୫ ବର୍ଷ ଧରି ଗୁଣବତ୍ତା ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଜାରି ରହିଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

**BHUBANESWAR MUNICIPAL CORPORATION**

**No. 33208 COMPETITIVE BIDDING THROUGH e-Procurement Dt.06/10/18**

**NOTICE INVITING TENDER**

**Bid Reference No. BMC-EED-II/07 (EL)/2018-19,Dt.06.10.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference **No. (BMC-EED-II/07(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of “Information for the Intending Bidders” of this Notice. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **07** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : **Rs. 110635/- to Rs. 481473/-**
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **“On-Line”** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **5.30 PM on dt.06.10.2018 to 5 P.M on dt.15.10.2018** for online bidding.
7. Bids received online will be opened at **11 A.M on dt.23.10.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **7** Nos. of work can be seen in the e-procurement portal https://www.tendersodisha.gov.in.

**On behalf of Commissioner, BMC, Bhubaneswar**

**Executive Engineer,BMC Division No.-II**

**Progress Through Partnership for a Better Bhubaneswar**

DISTRICT OFFICE,
MAYURBHANJ, BARIPADA
**(SOCIAL WELFARE SECTION)**

**No. 3126** **Dt. 05.10.18**

**CORRIGENDUM**

In continuation to Tender Call Notice No. 3014 dt. 29.09.2018, only the interested EP & M rate contract holders to take part in the tender process towards supply of Steel Almirahs to 1115 Nos. AWCs/ Mini AWCs of Mayurbhanj District.

The last date has been fixed on 23.10.2018 upto 5.00 P.M. and tender will be opened on 25.10.2018 at 4.00 P.M. The Tender Paper cost & EMD money will be levied as per Guideline stipulated vide Finance Deptt. Letter No. 4939/F dt. 13.02.2012 for procurement of goods and no exemption of EMD money will be accepted. All other terms and conditions remain the same.

**Sd./- Collector & District Magistrate, Mayurbhanj**

NANDANKANAN

NANDANKANAN ZOOLOGICAL PARK

**TENDER NOTICE No. 09 of 2018-19 Date: 06.10.2018**

Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ intrepreneurs for providing Sanitation Service to Nandankanan Zoological Park.

| | | |
|---|---|---|
| The last date of submission of sealed tender | : | 5.00 P.M. of 25.10.2018 |
| Opening of sealed tender (Technical bid | : | 11.30 A.M. of 26.10.2018 |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from **10.10.2018**. The downloaded tender papers must be accompanied with a Bank Draft of Rs. **5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director**
**Nandankanan Zoological Park**



“ ପର୍ତ୍ତୁଗିଜ୍ ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲଡୋଙ୍କୁ କେବଳ ଜଣେ ଷ୍ଟାର ଫୁଟ୍‌ବଲର କୁହାଯାଇପାରିବ ନାହିଁ ବରଂ ସେ ଜଣେ ମାର୍କେଟିଂ ସେଲିବ୍ରିଟି ମଧ୍ୟ।

–ଜିନ୍ ଫିଲିପ୍ ଡାଙ୍ଗ୍ଲେଡ, ମାର୍କେଟିଂ ଆଣ୍ଡ ସେଲିବ୍ରିଟି' ଲେଖକ



“ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ) ସଭାପତି ପଦବୀ ପାଇଁ ହେବାକୁଥିବା ନିର୍ବାଚନରେ ଏକାକୀ ପ୍ରାର୍ଥୀ ରହିବି ବୋଲି ଆଶା କରୁନାହିଁ ।

–ଗଫୁର ରାଖିମୋଭ, ଏଆଇବିଏ'ର କାମଚଳା ସଭାପତି

## ସଂକ୍ଷେପରେ

### ଫେରିଲେ ଫୁଟବଲ ପ୍ରତିଭା ସମୀର



**କଟକ ଅଫିସ,୬।୧୦:** ମାଲେସିଆରେ ଅନୁଷ୍ଠିତ ହୋଇଥିବା ଏଏଫ୍‌ସି ୧୬ବର୍ଷରୁ କମ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ପ୍ରତିଭା ସମୀର କେରକେଟା ଶନିବାର ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରଠାରେ ରାଜ୍ୟ ଫୁଟବଲ କୋଚ ନିପେନ୍ଦ୍ର କୁମାର ଦାସ ସମୀରଙ୍କୁ ସ୍ୱାଗତ ଜଣାଇଥିଲେ। ଜାତୀୟ ଦଳରେ ଖେଳି ରାଜ୍ୟ ପାଇଁ ଗୌରବ ଆଣିଥିବା ସମୀରଙ୍କୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଶୁଭେଚ୍ଛା ଜଣାଇଛି ।

### ନିଶିକୋରି ଫାଇନାଲରେ



**ଟୋକିଓ, ୬।୧୦ (ଏଏଫ୍‌ପି):** ସ୍ଥାନୀୟ ଖେଳାଳି ତଥା ଦୁଇଥର ଚାମ୍ପିୟନ କେଇ ନିଶିକୋରି ଜାପାନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ସେ ୮ମ ସିଡ୍ ତଥା ଫ୍ରେଞ୍ଚ ଖେଳାଳି ରିଚାର୍ଡ ଗାସ୍କେଟଙ୍କୁ ୭-୭ (୭/୨), ୬-୧ ସେଟରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ସେ ୮୯ ମିନିଟ୍ ସମୟ ନେଇଥିଲେ। ଏହି ବିଜୟ ଦ୍ୱାରା ସେ ତୃତୀୟ ଥର ପାଇଁ ଏଠାରେ ଟାଇଟଲ ଜିତିବା ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି। ରବିବାର ଫାଇନାଲରେ ସେ କ୍ୱାଲିଫାୟର ତଥା ରୁଷିଆର ଦାନିଲ ମେଦ୍‌ଭେଦେଭ୍‌ଙ୍କ ସହିତ ମୁକାବିଲା କରିବେ। ମେଦ୍‌ଭେଦେଭ କାନାଡ଼ାର ଡେନିସ୍ ଶାପୋଭାଲୋଭଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ନିଶିକୋରି ପୂର୍ବରୁ ୨୦୧୨ ଓ ୨୦୧୪ରେ ଜାପାନ ଓପନ ଜିତିସାରିଛନ୍ତି।

### ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ପାଇଁ ଦାବି

**କଟକ ଅଫିସ,୬।୧୦:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡାକିବା ପାଇଁ ବିରୋଧୀ କ୍ରୀଡ଼ା ସଙ୍ଗଠକମାନେ ଦାବି କରିଛନ୍ତି । ଓସିଏର ସମ୍ବିଧାନ ସଂଶୋଧନକୁ ପ୍ରତିବାଦ କରୁଥିବା ପ୍ରାୟ ୩୦ଜଣ କ୍ରୀଡ଼ା ସଙ୍ଗଠକ ଶନିବାର ଏ ନେଇ ଓସିଏ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ଓସିଏ କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ତେବେ ଏ ନେଇ ଅଧକ୍ଷ ପଲାଇ କହିଛନ୍ତି, ଦାବିପତ୍ର ସମ୍ପର୍କରେ ଆଇନଗତ ପରାମର୍ଶ ଲୋଡ଼ାଯିବ। ସମ୍ବିଧାନ ସଂଶୋଧନ ରିପୋର୍ଟ ଦାଖଲ ସରିଥିବା ବେଳେ ଏବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ ହେବ।

### ରାଜ୍ୟ ସ୍କୁଲ ଚେସ୍ ୧୩ରୁ

**କଟକ ଅଫିସ, ୬।୧୦:** ଆଇଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଓ ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୩ରୁ ଆରମ୍ଭ ହେବ ୨ୟ ପ୍ୟାରୀମୋହନ ସାମନ୍ତରାୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟୁର୍ଣ୍ଣାମେଣ୍ଟ। ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ୨ଦିନିଆ ଏହି ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ହେବ। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କା ଓ ୭୫ଟି ଟ୍ରଫି ରଖାଯାଇଛି। ବିଭିନ୍ନ ବୟସ ବର୍ଗରେ ୪୯ଟି ଟ୍ରଫି ଦିଆଯିବାକୁ ଥିବାବେଳେ ପ୍ରଥମଥର ଭାଗ ନେଉଥିବା ୧୦୦ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ସେଣ୍ଟରର ନିର୍ଦ୍ଦେଶକ ମାନସ ପାଣି ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ଆସନ୍ତା ୧୨ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ରହିଛି ।

# ବିଜୟରୁ ଭାରତର ଅଭିଯାନ

**ସୁଲତାନ ଜୋହର କପ୍ ଜୁନିୟର ହକି**

ଜୋହର ବାହରୁ, ୬।୧୦(ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ଅଷ୍ଟମ ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଆୟୋଜକ ମାଲେସିଆକୁ ୨–୧ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ ତମାନ ଦୟା ହକି ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ପକ୍ଷରୁ ହରମନଜିତ ସିଂ ୧୨ ଓ ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ୪୬ତମ ମିନିଟରେ ଗୋଲ କରିଥିଲେ ଓ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ତେବେ ୪୭ତମ ମିନିଟ୍‌ରେ ମାଲେସିଆର ମହମ୍ମଦ ଜାଇଦି ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ ମଧ୍ୟ ମ୍ୟାଚ୍ ବଞ୍ଚାଇ ପାରି ନ ଥିଲେ।

ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଦଶମ ମିନିଟରେ ଭାରତ ଏକ ସୁଯୋଗ ପାଇଥିଲା। ତେବେ ତାହା ହାତଛଡ଼ା ହୋଇଥିଲା। ପ୍ରଥମ କ୍ୱାର୍ଟରରେ ହରମନଜିତ ଗୋଲ ଦେଇ ଭାରତକୁ ୧–୦ରେ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ଥିଲା। ଭାରତୀୟ ଡିଫେନ୍ସକୁ ଭେଦ କରି ମାଲେସିଆ ଖେଳାଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ତେବେ ହାଫ୍ ଟାଇମ୍ ସୁଦ୍ଧା ଭାରତ ଅଗ୍ରଣୀ ବଜାୟ ରଖିଥିଲା। ତୃତୀୟ କ୍ୱାର୍ଟରରେ ଶିଳାନନ୍ଦ ଲାକ୍ରା ଗୋଲ ଦେଇ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ଶେଷହେବାକୁ ଆଉ ୧୩ ମିନିଟ ବାକିଥିବା ବେଳେ ଘରୋଇ ଦଳର ଜାଇଦି ଭାରତୀୟ ଗୋଲକିପର ପଙ୍କଜ ରଜାକଙ୍କୁ ଚକ୍‌ମା ଦେଇ ଗୋଲ ଦେବାକୁ ସକ୍ଷମ ହୋଇଥିଲେ। ଏହା ପରେ ଭାରତୀୟ ଡିଫେନ୍ସ ସଜାଗ ହୋଇଥିଲା ଓ ମାଲେସିଆକୁ କୌଣସି ସୁଯୋଗ ଦେଇ ନ ଥିଲା। ଫଳରେ ଶେଷରେ ୨–୧ ଗୋଲରେ ବିଜୟୀ ହୋଇଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।



ଗୋଲ୍‌ସ୍କୋର କରିବା ପରେ ଭାରତୀୟ ହକି ଖେଳାଳି।

# ରାଜସ୍ଥାନଠାରୁ ହାରିଲା ଓଡ଼ିଶା

**ଭିନୁ ମଙ୍କଡ ଟ୍ରଫି**

କଟକ ଅଫିସ,୬।୧୦

ଜୟପୁରର ଏସ୍‌ଏମ୍‌ଏସ୍ ଷ୍ଟାଡିୟମରେ ରାଜସ୍ଥାନ ଠାରୁ ୮ ଉଇକେଟରେ ପରାସ୍ତ ହୋଇ ୧୯ ବର୍ଷରୁ କମ୍ ବାଳକ ଭିନୁ ମଙ୍କଡ ଟ୍ରଫି ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ୩୪ତମ ଓଭରରେ ୨ ଉଇକେଟ ହରାଇ ହାସଲ କରିନେଇଥିଲା। ଟସ୍ ଜିତି ବ୍ୟାଟିଂ ନେଇଥିବା ଓଡ଼ିଶା ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୩୭ ରନ୍ କରିଥିଲେ। ଶୁଭମ ଶତ୍ରୁଜିତ ୨୮ ରନ୍, କୁନାଲ ମଲ୍ଲିକ ୨୩ ରନ୍ କରିଛନ୍ତି। ରାଜସ୍ଥାନ ପକ୍ଷରୁ ଆର୍. ଚୌଧୁରୀଙ୍କୁ ୩ଟି ଉଇକେଟ ମିଳିଥଲା। ରାଜସ୍ଥାନ ଓପନର ଡି.ଆର୍. ଗଜରାଜଙ୍କ ୮୩ରନ ଓ କେ.ଜି. ବନିୱାଲଙ୍କ ୪୩ରନ୍ ବଳରେ ଦଳ ବିଜୟୀ ହୋଇଛି । ଓଡ଼ିଶା ପକ୍ଷରୁ ଜ୍ୟୋତି ରଞ୍ଜନ ବେହେରା ଓ ଶିବାଶିଷ ସାହୁ ଗୋଟିଏ ଲେଖାଏଁ ଉଇକେଟ ପାଇଥିଲେ।

# ସରକାର, ମିଥୁନଙ୍କୁ ମିଳିଲାନି ଏନ୍‌ଓସି

ଢାକା, ୬।୧୦

ବାଂଲାଦେଶୀ ବ୍ୟାଟ୍ସମ୍ୟାନ ସୌମ୍ୟ ସରକାର ଓ ମହମ୍ମଦ ମିଥୁନ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଖେଳିପାରିବେ ନାହିଁ। କାରଣ ଉଭୟଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ ଏନ୍‌ଓସି ଦିଆଯାଇନାହିଁ। ଜିମ୍ବାୱେ ବିପକ୍ଷ ଘରୋଇ ସିରିଜ୍ ଲାଗି ବିସିବି ଏହି ନିଷ୍ପତ୍ତି ନେଇଛି। ''ଆଗାମୀ ଦୁଇଟି ଘରୋଇ ସିରିଜ୍‌କୁ ଦୃଷ୍ଟିରେ ରଖି ଆମେ ତାଙ୍କୁ ଅନୁମତି ଦେଇ ନାହୁଁ। କିନ୍ତୁ ଭିନ୍ନ କାରଣ ଯୋଗୁ ତାସ୍କିନ ଅହମ୍ମଦଙ୍କୁ ଏନ୍‌ଓସି ଦିଆଯାଇଛି। ସେ ଦୀର୍ଘଦ୍‌ଦିନ ହେଲା ଆହତ ଥିଲେ। ଏଣୁ ତାଙ୍କ ପ୍ରଦର୍ଶନ ଉପରେ ଆମେ ଦେଖିବାକୁ ଚାହୁଁ'' ବୋଲି ବିସିବି ଅଧକ୍ଷ ଆକ୍ରମ ଖାଁ କହିଛନ୍ତି। ତେବେ ସରକାର ଓ ମିଥୁନ କାନ୍ଦହାର ନାଇଟ୍ସ ପକ୍ଷରୁ ଖେଳିଥାନ୍ତେ। ଉଲ୍ଲେଖଥାଉ କି, ଚଳିତ ମାସ ୨୧ ତାରିଖରୁ ଡିସେମ୍ବର ୨୨ ପର୍ଯ୍ୟନ୍ତ ଜିମ୍ବାୱେ ଓ ଇଣ୍ଡିଜ୍ ବିପକ୍ଷରେ ଘରୋଇ ଦ୍ୱିପାକ୍ଷିକ ସିରିଜ୍ ଖେଳିବ।

■ ଜାତୀୟ ଜୁନିୟର ରୋଇଂ

# ଓଡ଼ିଶା ଚାମ୍ପିୟନ



କୋଚ୍ ପି.ଟି ପାଲୁସଙ୍କ ସହ ଓଡ଼ିଆ ମହିଳା ରୋୟର।

କଟକ ଅଫିସ, ୬।୧୦

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୩୯ତମ ଜୁନିୟର ଜାତୀୟ ରୋଇଂ ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହୋଇଛି। ରାଜ୍ୟ ବାଳିକା ପ୍ରତିଯୋଗୀମାନେ ୩ଟି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଏହି ସଫଳତା ପ୍ରଦାନ କରିଛନ୍ତି। ସିଙ୍ଗଲ୍ସ ସ୍କଲରେ ରେଶ୍ମା କୁମାରୀ ମିଞ୍ଜ, କକ୍ସଲେସ ପେୟାରରେ ସୋନାଲି ସ୍ୱାଇଁ, ରୀତୁ କୌଦି ଓ କକ୍ସଲେସ–୪ରେ ଦୀପିକା ଖେସ୍, ରେଶ୍ମା ଲାକ୍ରା, ରିଚେଲ ଲାକ୍ରା, ସବିତା ସୋରେଙ୍ଗ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ସୂଚନାଥାଉ କି, ଏହି ପ୍ରତିଯୋଗିତା କେବଳ ୧୦୦୦ ମିଟର ବିଭାଗରେ ହୋଇଥିଲା। ଏଥିରେ ରାଜ୍ୟର ୧୦ ଜଣ ବାଳିକା ଓ ୫ଜଣ ବାଳକ ପ୍ରତିଯୋଗୀ ଭାଗ ନେଇଥିଲେ। ରାଜ୍ୟ ଦଳର ଏହି ସଫଳତା ନେଇ ପରିଶ୍ରମର ଫଳ ମିଳିଛି ବୋଲି କୋଚ୍ ପି.ଟି ପାଲୁସ କହିଛନ୍ତି। ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ ଦଳକୁ ଶୁଭେଚ୍ଛା ଜଣାଇବା ସହ ସୋମବାର ଦଳ ପ୍ରତ୍ୟାବର୍ତ୍ତନ କରିବା ପରେ ଭବ୍ୟ ସ୍ୱାଗତ ଜଣାଯିବ ବୋଲି କହିଛନ୍ତି ।

## ରାଜ୍ୟ ଆସୋସିଏଶନର କମ୍ପ୍ଲିମେଣ୍ଟାରି ପାସ୍ ସଂଖ୍ୟା ବୃଦ୍ଧି

ନୂଆଦିଲ୍ଲୀ, ୬।୧୦

ବିସିସିଆଇର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ନୂତନ ସମ୍ବିଧାନ ଅନୁଯାୟୀ ମ୍ୟାଚ୍ ଆୟୋଜକ ରାଜ୍ୟ ଆସୋସିଏଶନକୁ ମିଳିବାକୁ ଥିବା କମ୍ପ୍ଲିମେଣ୍ଟାରି ପାସ୍ ସଂଖ୍ୟା ବୃଦ୍ଧି କରିବାକୁ ଶନିବାର ନିଷ୍ପତ୍ତି ନେଇଛି। କମ୍ପ୍ଲିମେଣ୍ଟାରି ପାସ୍‌କୁ ନେଇ ଚଳିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ର କେତେକ ମ୍ୟାଚ୍ ଆୟୋଜନ କରିବାରୁ ରାଜ୍ୟ ଆସୋସିଏଶନ ପଛ ଘୁଞ୍ଚା ଦେବା ପରେ ସିଓଏ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବିସିସିଆଇ ଅଂଶର ୬୦୦ ଟିକେଟ୍ ରାଜ୍ୟ ସଂଘକୁ ପ୍ରଦାନ କରାଯିବ। ନୂତନ ସମ୍ବିଧାନ ଅନୁଯାୟୀ, ଷ୍ଟାଡିୟମ୍ ଦକ୍ଷତାର ୯୦ ପ୍ରତିଶତ ଟିକେଟ୍ ସାଧାରଣ ଲୋକଙ୍କ ଲାଗି ଉପଲବ୍ଧ କରାଯିବ। ବଳକା ୧୦ ପ୍ରତିଶତ ଟିକେଟ୍ ତଥା କମ୍ପ୍ଲିମେଣ୍ଟାରି ପାସ ବିସିସିଆଇ ଓ ରାଜ୍ୟ ସଂଘ ମଧ୍ୟରେ ୫ ପ୍ରତିଶତ ଲେଖାଏ ବଣ୍ଟନ କରାଯିବ। ବିସିସିଆଇ ପାଇଁ ଉପଲବ୍ଧ ଟିକେଟ୍‌କୁ ଏହାର ପ୍ରାୟୋଜକ ଓ ପ୍ରସାରଣ ସଂସ୍ଥାକୁ ପ୍ରଦାନ କରାଯିବ। ଏହି ନିୟମ ଯୋଗୁ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ ଚଳିତ ମାସ ୨୪ ତାରିଖରେ କାର୍ଯ୍ୟସୂଚୀ ଅନୁଯାୟୀ ଇନ୍ଦୋରଠାରେ ଦିନିକିଆ ମ୍ୟାଚ୍ ଆୟୋଜନ କରିବକୁ ମନା କରିଦେଇଥିଲା। ଫଳରେ ଏହି ମ୍ୟାଚ୍‌ର ଆୟୋଜନ ଅଧିକାର ଭିଶାଖାପାଟଣାକୁ ଦିଆଯାଇଛି। ଶନିବାର ଦିଲ୍ଲୀଠାରେ ଅନୁଷ୍ଠିତ ସିଓଏ ବୈଠକରେ ବିସିସିଆଇର ପାସ୍ ସଂଖ୍ୟା ୧,୨୦୦ରୁ ୬୦୪କୁ ହ୍ରାସ କରାଯାଇଛି।



ପଦକ ଓ ପ୍ରମାଣପତ୍ର ସହ ଓଡ଼ିଆ ସ୍କେଟରମାନେ।

■ ସିବିଏସ୍‌ଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍

# ଓଡ଼ିଆ ସ୍କେଟରଙ୍କୁ ୧୨ ପଦକ

ଭୁବନେଶ୍ୱର, ୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଗତ ୩୦ରୁ ଅକ୍ଟୋବର ୨ ତାରିଖ ମଧ୍ୟରେ ଆୟୋଜିତ ହୋଇଥିବା ସିବିଏସ୍‌ଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସ୍କେଟରମାନେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶା ସ୍କେଟିଂ ଏକାଡେମୀର ଉଦୀୟମାନ ସ୍କେଟରମାନେ ମୋଟ ଉପରେ ୧୨ଟି ପଦକ ହାସଲ କରିଛନ୍ତି।

ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତୀକ ଅର୍ନବ ଜେନା ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ମଦର୍ସ ପବ୍ଲିକ ସ୍କୁଲର ପ୍ରୀତିଶ ଆର୍ଯ୍ୟନ ଜେନା ମଧ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୋଖରିପୁଟ୍ ଡିଏଭି ପବ୍ଲିକ ସ୍କୁଲର ସାଙ୍ଗଭି ମିଶ୍ର ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ପୋଖରିପୁଟ ଡିଏଭିର କମଲେଶ ନାୟକ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟପଟେ ବିଜେଇଏମ୍‌ର ଚିନ୍ମୟୀ ଗନ୍ତାୟତ୍ ଦୁଇ ବ୍ରୋଞ୍ଜ୍, କଟକ ଡିପିଏସ୍ କଳିଙ୍ଗର ଆରାଧ୍ୟା ମଞ୍ଜରୀ ଦେବୀ ଦୁଇଟି ବ୍ରୋଞ୍ଜ୍, ବଂଶିକା ଟିକମାନୀ ମଧ୍ୟ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତା ସ୍କେଟରଙ୍କୁ ସ୍ଥାନୀୟ ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କଠାରେ ଓଡ଼ିଶା ସ୍କେଟିଂ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇଂଲଣ୍ଡ ବିପକ୍ଷରେ ଭାରତର ବୃହତ୍ ବିଜୟ

**ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜ**

ବେଙ୍ଗାଲୁରୁ, ୬।୧୦(ପି.ଟି.)

ଚଳିତ ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜରେ ଶନିବାର ଭାରତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ବେଙ୍ଗାଲୁରୁରେ ଅନୁଷ୍ଠିତ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୯୮ ରନରେ ଇଂଲଣ୍ଡକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ମୋଟ ୬ ପଏଣ୍ଟ ହାସଲ କରିଛି। ଇଂଲଣ୍ଡ ଅଧିନାୟକ ଏଡ୍ ହୋସେଲ ଟସ୍ ଜିତି ଫିଲ୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ମିହାମ ଭଳି ପରିବେଶରେ ଅବଶ୍ୟ ତାଙ୍କ ଫିଲ୍ଡିଂ ନିଷ୍ପତ୍ତି କାମ ଦେଇ ନ ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଓପନରମାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଶତକୀୟ ଭାଗୀଦାରି ସ୍ଥାପନ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପଙ୍କଜ ଭୁଏ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ଅନିଲ ଘରଗିୟ ୯୨ ରନର ଦମ୍‌ଦାର ପାଳି ଖେଳିଥିଲେ ମଧ୍ୟ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ପଙ୍କଜ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୪୧ ଟାର୍ଗେଟର ପଛା କରି ଇଂଲଣ୍ଡ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା ଓ ମାତ୍ର ୪୨ ରନରେ ଅଲଆଉଟ ହୋଇ ଓ ଆତ୍ମସମର୍ପଣ କରିଥିଲା। ଆନ୍ତର୍ଜାତିକ ଦ୍ୱିପାକ୍ଷିକ ଓ ତ୍ରିକୋଣୀୟ କ୍ରିକେଟ ସିରିଜର ଏହି ମ୍ୟାଚଗୁଡ଼ିକୁ କ୍ରିକେଟ ଆସୋସିଏଶନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଆୟୋଜନ କରୁଛି। ଏହା ଗତ ୨ ତାରିଖରୁ ଆରମ୍ଭ ହୋଇଛି। ଏବେ ଏହି ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଗୋଆରେ ଖେଳାଯିବ। ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୮ ତାରିଖରେ ଖେଳାଯିବ ଓ ଏଥିରେ ଇଂଲଣ୍ଡକୁ ଶ୍ରୀଲଙ୍କା ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୪୦/୩ (ପଙ୍କଜ– ୧୦୧, ଅନିଲ– ୯୨)।

ଇଂଲଣ୍ଡ ୧୦ ଓଭରରେ ୪୨ ଅଲଆଉଟ୍ (ଅଜୟ–୪/୧୨, ପଙ୍କଜ– ୩/୨)।





ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ପଙ୍କଜ ଭୁଏ।

■ ଚାଇନା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

# କ୍ୟାମ୍ପକୁ ୨୯ଜଣଙ୍କୁ ଡାକରା

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** ଚଳିତ ମାସରେ ଖେଳାଯିବାକୁ ଥିବା ଚାଇନା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ପାଇଁ ମୁଖ୍ୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ ଏକ ଜାତୀୟ କ୍ୟାମ୍ପ ଲାଗି ଖେଳାଳିମାନଙ୍କୁ ଡକାଇଛନ୍ତି। ନୂଆଦିଲ୍ଲୀରେ ଦୁଇ ଦିନ ଧରି ହେବାକୁଥିବା ଏହି କ୍ୟାମ୍ପରେ ୨୯ ଖେଳାଳି ଯୋଗଦେବେ। ତନ୍ମଧ୍ୟରେ ନିକଟରେ ସାଫ୍ କପ୍ ଖେଳି ଫେରିଥିବା ୧୩ଜଣ ୨୩ ବର୍ଷରୁ କମ୍ ଖେଳାଳି ରହିଛନ୍ତି। ଭାରତ ଓ ଚାଇନା ମ୍ୟାଚ ଅକ୍ଟୋବର ୧୩ରେ ସୁଝୋ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟର ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ସିନିୟର ଦଳ ପ୍ରଥମ ଥର ଏକ ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚ ଖେଳିବା ଲାଗି ଚାଇନା ଯିବ। ଦୁଇ ଦେଶ ଶେଷଥର ପାଇଁ ୧୯୯୭ରେ କୋଚିଠାରେ ନେହେରୁ କପ୍‌ରେ ପରସ୍ପରକୁ ଭେଟିଥିଲେ। ଭାରତୀୟ ଦଳ ଅକ୍ଟୋବର ୧୦ରେ ଚାଇନା ଗସ୍ତ କରିବ। ଜାନୁୟାରୀରେ ହେବାକୁଥିବା ଏଏଫ୍‌ସି ଏସିଆନ କପ୍ ଲାଗି ପ୍ରସ୍ତୁତି ପାଇଁ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନ କରାଯାଇଛି।

**ସମ୍ଭାବ୍ୟ ଖେଳାଳି ତାଲିକା:**

**ଗୋଲକିପର:** ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କେଥ୍, ଅମରିନ୍ଦର ସିଂ, କରନଜିତ୍ ସିଂ।

**ଡିଫେଣ୍ଡର:** ପ୍ରୀତମ କୋଟାଲ, ସାର୍ଥକ ଗୋଲୁଇ, ସନ୍ଦେଶ ଝିନ୍‌ଗାନ, ଆନାସ ଏଦାଥୋଡିକା, ସଲାମ ରଞ୍ଜନ ସିଂ, ଶୁଭାଶିଷ ବୋଷ୍, ନାରାୟଣ ଦାସ।

**ମିଡ୍‌ଫିଲ୍ଡର:** ଉଦାନ୍ତ ସିଂ, ନିଖିଲ ପୂଜାରୀ, ପ୍ରଣୟ ହାଲ୍‌ଦାର, ରୋଲିନ୍ ବର୍ଗେସ, ଜର୍ମନପ୍ରୀତ ସିଂ, ଅନିରୁଦ୍ଧ ଥାପ୍ପା, ସୌଭିକ୍ ଚକ୍ରବର୍ତ୍ତୀ, ଭିନିତ୍ ରାୟ, ହାଲିଚରଣ ନାର୍ଜାରି, ବିକାଶ ଜାଇରୁ, ଆଶିକ୍ କୁରୁନିୟାନ, ଲାଲିଆନଜୁଆଲା ଛାଙ୍ଗ୍‌ଟେ।

**ଫରୱାର୍ଡ:** ସୁନୀଲ ଛେତ୍ରୀ, ଜେଜେ ଲାଲ୍‌ପେଖଲୁଆ, ବଲୱନ୍ତ ସିଂ, ସୁମିତ ପାସି, ମନଭିର ସିଂ ଓ ଫାରୁକ୍ ଚୌଧାରୀ।



❝ ଆକ୍ରମଣାତ୍ମକ ଓ ରକ୍ଷଣାତ୍ମକ ନୀତିରେ ସନ୍ତୁଳନ ରକ୍ଷା କରି ବ୍ୟାଟିଂ କରିଥିଲେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ହୁଏତ ଆମକୁ ଶୋଚନୀୟ ପରାଜୟବରଣ କରିବାକୁ ପଡ଼ି ନ ଥାନ୍ତା ।

–କ୍ରେଗ୍ ବ୍ରାଥ୍‌ୱେଟ୍, ୱେଷ୍ଟଇଣ୍ଡିଜ କାମଚଳା ଅଧିନାୟକ



❝ ରବିବାର ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବିଜୟ ହାସଲ କରିବାକୁ ହେଲେ ୟାସିର ଶାହଙ୍କୁ ଆକ୍ରମଣାତ୍ମକ ବୋଲିଂ କରି ଅଧିକ ଉଇକେଟ ନେବାକୁ ପଡ଼ିବ ।

–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ହାମିଲଟନଙ୍କୁ ପୋଲ ପୋଜିଶନ




**ସୁଜୁକା (ଜାପାନ), ୬।୧୦ (ଏଏଫ୍‌ପି):** ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ଜାପାନିଜ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ପାଇଁ ପୋଲ ପୋଜିଶନ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାଲିଫାଇଙ୍ଗରେ ତାଙ୍କ ଫେରାରି ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲ ଭୟାନକ ପ୍ରଦର୍ଶନ ସହ ୮ମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନର ଆଉ ୫ଟି ରେସ୍ ବାକି ରହିଥିବା ବେଳେ ଭେଟେଲଙ୍କଠାରୁ ହାମିଲଟନ ୫୦ ପଏଣ୍ଟ ଆଗରେ ରହିଛନ୍ତି। ହଟ୍ ଫେଭରାଇଟ୍ ମର୍ସିଡିଜ ଡ୍ରାଇଭର ରବିବାର ସୁଜୁକାଠାରେ ହଟ୍ ଫେଭରାଇଟ୍ ଭାବେ ଫ୍ରଣ୍ଟ୍ ରୋ'ରୁ ରେସ୍ ଆରମ୍ଭ କରିବେ। ହାମିଲଟନଙ୍କ ଏହା ହେଉଛି କ୍ୟାରିୟରର ୮୦ତମ ପୋଲ ପୋଜିଶନ। ଗତ ୬ଟି ରେସ୍ ମଧ୍ୟରୁ ସେ ୫ଟିରେ ବିଜୟ ହାସଲ କରିସାରିଛନ୍ତି। ଟିମ୍‌ମେଟ ଭାଲଟେରି ବୋଟାସ କ୍ୱାଲିଫାଇଙ୍ଗ ରେସ୍‌ରେ ଦ୍ୱିତୀୟ ଏବଂ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫୋର୍ସ ଇଣ୍ଡିଆର ଦୁଇ ଡ୍ରାଇଭର ଏଷ୍ଟିବାନ ଓକନ ଏବଂ ସର୍ଗିଓ ପେରେଜ ଯଥାକ୍ରମେ ୮ମ ଓ ୧୦ମ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମି ରାଇକୋନେନ (ଫେରାରି), ରୋମେନ ଗ୍ରୋସ୍‌ଜେଁ (ହାସ୍), ବ୍ରେଣ୍ଡନ ହାର୍ଟଲି(ଟୋରୋରୋସେ), ଓ ପିଏରେ ଗାସ୍‌ଲି ଯଥାକ୍ରମେ ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରିଥିଲେ।

### ଡୋନାଲ୍ଡଙ୍କୁ ପଛରେ ପକାଇଲେ ଅଶ୍ୱିନ

**ନୂଆଦିଲ୍ଲୀ,୬।୧୦:** ଭାରତୀୟ ବୋଲିଂ ବିଭାଗର କର୍ଣ୍ଣଧାର ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟ କ୍ରିକେଟ ମୋଟ ଉଇକେଟ ନେବାରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ଆଲାନ ଡୋନାଲ୍ଡଙ୍କୁ ପଛରେ ପକାଇଛନ୍ତି। ପୂର୍ବତନ ଦ. ଆଫ୍ରିକୀୟ ପେସର ୭୨ଟେଷ୍ଟରୁ ୩୩୦ ଉଇକେଟ ନେଇଥିଲେ। ରାଜକୋଟ ଟେଷ୍ଟ ପୂର୍ବରୁ ୩୨୭ ଉଇକେଟ ନେଇଥିବା ଅଶ୍ୱିନଙ୍କୁ ଡୋନାଲ୍ଡଙ୍କୁ ଅତିକ୍ରମ କରିବା ପାଇଁ ୪ ଉଇକେଟ ଦରକାର ଥିଲା। ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ସେ ମୋଟ ୬ ଉଇକେଟ ନେଇ ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ୨୪ତମ ସ୍ଥାନକୁ ଉଠିଛନ୍ତି। ତେବେ ସେ ଭାରତୀୟ ବୋଲରଙ୍କ ମଧ୍ୟରେ ୪ର୍ଥ ସ୍ଥାନରେ ରହିଛନ୍ତି। ୬୧୯ ଉଇକେଟ ନେଇଥିବା ଅନିଲ କୁମ୍ବଲେ ତାଲିକା ଶୀର୍ଷରେ ରହିଛନ୍ତି। କପିଳ ଦେବ (୪୩୪) ଓ ହରଭଜନ ସିଂ (୪୧୭) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିବାବେଳେ ୩୩୩ ଉଇକେଟ ସହ ଅଶ୍ୱିନ ୪ର୍ଥ ସ୍ଥାନରେ ରହିଛନ୍ତି।

# ଭାରତର ସର୍ବବୃହତ୍ ଇନିଂସ ବିଜୟ

**ରାଜକୋଟ, ୬।୧୦(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ମାତ୍ର ୩ ଦିନରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୨୭୨ ରନରେ ପରାସ୍ତ କରିଛି। ଏଥିସହ ଭାରତ ଟେଷ୍ଟରେ ସର୍ବବୃହତ୍ ଇନିଂସ ବିଜୟ ହାସଲ କରିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୪୯.୫ ଓଭରରେ ୯ ଉଇକେଟ ହରାଇ ୬୪୯ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୪୮ ଓଭରରେ ୧୮୧ ରନ କରି ଅଲଆଉଟ ହୋଇ ଫଲୋଅନ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅନୁରୂପ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୦.୫ ଓଭରରେ ୧୯୬ ରନ କରି ଅଲଆଉଟ ହେବା ସହ ଇନିଂସ ପରାଜୟର ସମ୍ମୁଖୀନ ହୋଇଥିଲା। ତୃତୀୟ ଦିବସରେ ୱେଷ୍ଟଇଣ୍ଡିଜର ୧୪ଟି ଉଇକେଟର ପତନ ଘଟିଥିଲା। ଏହି ବିଜୟ ସହ ଭାରତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ପଦାର୍ପଣରେ ୧୮ ବର୍ଷୀୟ ଭାରତୀୟ ଓପନର ପୃଥ୍ୱୀ ଶ ୧୩୪ ରନର ଶତକୀୟ ପାଳି ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ ଚଳିତ ବର୍ଷ ଜୁନ୍‌ରେ ଭାରତ ଏକ ଇନିଂସ ଓ ୨୬୨ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା ଓ ଏହା ଇନିଂସ ବିଜୟ ଦୃଷ୍ଟିକୋଣରୁ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ୧୨ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯୪/୬ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅଲଆଉଟ ହେବା ସହ ଫଲୋଅନ ହୋଇଥିଲା। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ରଷ୍ଟନ ଚେଜ୍ ଓ କିମୋ ପଲ ୨୭ ଓ ୧୩ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୫୩ ଓ ୪୭ ରନ କରି ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୭୩ ରନ ସଂଗ୍ରହ କରିଥିଲେ। ଏହା ପରେ ଶେରମାନ ଲୁଇସ୍ ଖାତା ଖୋଲିବା ପୂର୍ବରୁ ଆଉଟ ହେବା ପରେ ଶାନନ ଗାବ୍ରିଏଲ ୧ ରନ ପରି ପ୍ୟାଭିଲିୟନ ଫେରିଥିଲେ ଓ ଭ୍ରମଣକାରୀ ଦଳ ଅଲଆଉଟ ହୋଇଥିଲା। ବୋଲିଂରେ ଭାରତ ପକ୍ଷରୁ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୪, ମହମ୍ମଦ ସାମି ୨, ଉମେଶ ଯାଦବ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଭାରତୀୟ ସ୍ପିନରଙ୍କର ସମ୍ମୁଖୀନ ହୋଇପାରି ନ ଥିଲା। କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ହାସଲ କରି ଚାଇନାମ୍ୟାନ କୁଲଦୀପ୍ ଯାଦବ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ। ଭଲ ଆରମ୍ଭ କରିଥିଲେ ମଧ୍ୟ ପରେ ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଓପନର ତଥା ଅଧିନାୟକ କ୍ରେଗ ବ୍ରାଥୱେଟ ୧୦ ରନ କରି ଆଉଟ ହୋଇଥିଲେ ମଧ୍ୟ ଅନ୍ୟତମ ଓପନର କିରନ ପାଓ୍ୱେଲ ୮୩ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ସାଇ ହୋପ ୧୭, ଶିମରନ ହେଟମେୟର ୧୧, ରୋଷ୍ଟନ ଚେଜ୍ ୨୦, ଉଇକେଟ କିପର ବ୍ୟାଟ୍ସମ୍ୟାନ ଶେନ ଡୋରିଚ୍ ଅପରାଜିତ ୧୬ ଓ କିମୋ ପଲ ୧୫ ରନ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦେବେନ୍ଦ୍ର ବିଶୁ ୯, ଶେରମାନ ଲୁଇସ୍ ୪ ଓ ଶାନନ୍ ଗାବ୍ରିଏଲ ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ସୁନୀଲ ଅମ୍ବ୍ରିଶ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ଭାରତୀୟ ସ୍ପିନରମାନେ କମାଲ କରିଥିଲେ। କୁଲଦୀପ ୧୪ ଓଭର ବୋଲିଂ କରି ୨ଟି ମେଡେନ ନେବା ସହ ୫୭ ରନ ବ୍ୟୟ କରି କ୍ୟାରିୟରରେ ପ୍ରଥମଥର ପାଇଁ ୫ ଉଇକେଟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୩ ଓ ଅଶ୍ୱିନ ୨ଟି ଉଇକେଟ ହାସଲ କରିଥିଲେ।



ବିଜୟ ପରେ ପ୍ୟାଭିଲିୟନ ଫେରୁଛନ୍ତି ଭାରତୀୟ ଖେଳାଳି।

### ପୃଥ୍ୱୀ ପ୍ଲେୟାର ଅଫ୍ ଦି ମ୍ୟାଚ୍

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୧୪୯.୫ ଓଭରରେ ୬୪୯/୯ ଇନିଂସ ଘୋଷଣା।

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୪୮ ଓଭରରେ ୧୮୧ ଅଲଆଉଟ (ଚେଜ୍- ୫୩, ପଲ- ୪୭, ଅଶ୍ୱିନ- ୪/ ୩୭, ସାମି- ୨/୨୨)।

**ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ (ଫଲୋଅନ):** ୫୦.୫ ଓଭରରେ ୧୯୬ ଅଲଆଉଟ (ପାଓ୍ୱେଲ- ୮୩, କୁଲଦୀପ- ୫/୫୭, ଜାଡେଜା- ୩/୩୫, ଅଶ୍ୱିନ- ୨/୭୧)।

### ଘରୋଇ ମାଟିରେ ୧୦୦ତମ ଟେଷ୍ଟ ବିଜୟ

**ରାଜକୋଟ, ୬।୧୦ (ପି.ଟି.)**

ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ଏକ ଇନିଂସ ଓ ୨୭୨ ରନରେ ପରାସ୍ତ କରିବା ସହ ଘରୋଇ ଭାରତ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଥିସହିତ ଭାରତ ଘରୋଇ ମାଟିରେ ୧୦୦ତମ ଟେଷ୍ଟ ବିଜୟ ହାସଲ କରିଛି। ନିଜ ମାଟିରେ ୨୬୬ଟି ମ୍ୟାଚ୍ ଖେଳିବା ପରେ ଭାରତ ଏହି ସଫଳତା ହାସଲ କରିଛି। ଏହି କ୍ରମରେ ଭାରତ ଚତୁର୍ଥ ଦଳ ଭାବେ ଘରୋଇ ମାଟିରେ ୧୦୦ତମ ବିଜୟ ହାସଲ କରି ବିରଳ ସଫଳତା ପାଇଛି। ପୂର୍ବରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଏହି ବିରଳ ସଫଳତା ହାସଲ କରିସାରିଛନ୍ତି। ଏହି ଦୃଷ୍ଟିକୋଣରୁ ବିଚାର କଲେ ଅଷ୍ଟ୍ରେଲିଆ ଶୀର୍ଷରେ ରହିବ। ଅଷ୍ଟ୍ରେଲିଆ ଘରୋଇ ପରିବେଶରେ ୪୧୫ଟି ଟେଷ୍ଟ ଖେଳି ଏପର୍ଯ୍ୟନ୍ତ ୨୩୮ଟି ବିଜୟ ହାସଲ କରିଛି। ସେହିପରି ଇଂଲଣ୍ଡ ୫୧୫ଟି ମ୍ୟାଚ୍ ଖେଳି ୨୧୭ଟି ବିଜୟ ହାସଲ କରିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୨୩୦ଟି ଟେଷ୍ଟ ଖେଳି ୧୦୪ଟି ବିଜୟ ହାସଲ କରିଛି। ଭାରତ ୧୯୩୩–୩୪ରେ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲା। ତେବେ ଏହାର ଦୁଇ ଦଶନ୍ଧି ପରେ ଭାରତ ୧୯୫୨ରେ ଇଂଲଣ୍ଡକୁ ଏକ ଇନିଂସ ଓ ୮ ରନରେ ହରାଇ ଘରୋଇ ପରିବେଶରେ ପ୍ରଥମ ବିଜୟ ହାସଲ କରିବାକୁ ସକ୍ଷମ ହୋଇଥିଲା।

## କୁଲଦୀପଙ୍କ ବିରଳ ରେକର୍ଡ



**ନୂଆଦିଲ୍ଲୀ, ୬।୧୦:** ଭାରତୀୟ ଯୁବ ସ୍ପିନର କୁଲଦୀପ ଯାଦବ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଚାଇନାମ୍ୟାନ ସ୍ପିନର ଭାବେ ଗୋଟିଏ ଇନିଂସ୍‌ରେ ୫ ଉଇକେଟ ନେଇଛନ୍ତି। ମ୍ୟାଚର ୩ୟ ଦିବସରେ ୨୩ ବର୍ଷୀୟ ବୋଲର ଶାଇ ହୋପ (୧୭)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିବା ପରେ ଶିମରୋନ ହେଟମେୟର (୧୭) ଓ ସୁନୀଲ ଆମ୍ବ୍ରିସ (୦)ଙ୍କୁ ଗୋଟିଏ ଓଭର୍‌ରେ ଆଉଟ୍ କରିଥିଲେ। ଏହାପରେ ରଷ୍ଟନ ଚେଜ (୨୦)ଙ୍କୁ ରବିଚନ୍ଦ୍ରନ ଅଶ୍ୱିନଙ୍କ ହାତରେ କ୍ୟାଚ୍ କରାଇବା ପରେ କ୍ରିଜ୍‌ରେ ଜମି ଯାଇଥିବା କିରନ ପାଓ୍ୱେଲ(୮୩)ଙ୍କ ଉଇକେଟ ନେଇଥିଲେ। ଏସିଆର ଦ୍ୱିତୀୟ ଚାଇନାମ୍ୟାନ ଭାବେ ଏହି ସଫଳତା ପାଇଛନ୍ତି। ଏଥି ସହ ଭୁବନେଶ୍ୱର କୁମାରଙ୍କ ପରେ ଦ୍ୱିତୀୟ ଭାରତୀୟ ବୋଲର ଭାବେ କୁଲଦୀପ କ୍ରିକେଟର ୩ଟି ଯାକ ଫର୍ମାଟରେ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ବିଶ୍ୱର ସପ୍ତମ ବୋଲର ସାବ୍ୟସ୍ତ ହୋଇଛନ୍ତି।

# ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ

**କଟକ ଅଫିସ, ୬।୧୦**

ନୂଆଦିଲ୍ଲୀର ଫିରୋଜଶାହ କୋଟଲା ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ୍–ବିର ଏକ ମ୍ୟାଚରେ ଓଡ଼ିଶା ୧ ଉଇକେଟରେ ହାଇଦ୍ରାବାଦଠାରୁ ପରାସ୍ତ ହୋଇଛି। ଅନ୍ତିମ ଓଭରରେ ହାଇଦ୍ରାବାଦ୍ ଏହି ମ୍ୟାଚ୍‌କୁ ଜିତିଥିବା ବେଳେ ଓଡ଼ିଶା ୫ମ ପରାଜୟ ସହ ପ୍ରତିଯୋଗିତାରୁ ବାଦ ପଡ଼ିଛି । ଲିଗ୍ ପର୍ଯ୍ୟାୟରେ ୮ଟି ଯାକ ମ୍ୟାଚ୍ ଖେଳି ୨ଟି ବିଜୟ, ୫ଟି ପରାଜୟ ଓ ଗୋଟିଏ ଟାଇ ସହ ଓଡ଼ିଶା ମାତ୍ର ୧୦ ପଏଣ୍ଟ ସଂଗ୍ରହ କରିଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳରେ ଓପନର ରାଜେଶ ଧୂପରଙ୍କ ସ୍ଥାନରେ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ଓପନିଂ ଭାର ଦିଆଯାଇଥିଲା। ଗୋବିନ୍ଦ ଓ ଅନ୍ୟତମ ଓପନର ରଞ୍ଜିତ ସିଂ ପ୍ରଥମ ଉଇକେଟରେ ୧୪ରନ୍ ଯୋଡ଼ିବା ପରେ ରଞ୍ଜିତ ବ୍ୟକ୍ତିଗତ ୨ରନ୍ କରି ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଗୋବିନ୍ଦ ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୧୦୪ରନର ଭାଗୀଦାରି ହୋଇଥିଲା। ଇତି ମଧ୍ୟରେ ଗୋବିନ୍ଦ ୪୮ଟି ବଲରୁ ଅର୍ଦ୍ଧଶତକ ହାସଲ କରିସାରିଥିଲେ। ବିପକ୍ଷ ହାଇଦ୍ରାବାଦ ସମ୍ମୁଖରେ ଓଡ଼ିଶା ଏକ ବିଶାଳ ରନ୍ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ଶୁଭ୍ରାଂଶୁ ୪୧ରନ୍‌ରେ ଆଉଟ ହେବା ପରେ ଅଧିନାୟକ ଗୋବିନ୍ଦ ମଧ୍ୟ ବଡ ଶଟ୍ ଖେଳିବାକୁ ଯାଇ ୯୩ ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ସେ ୧୦୮ଟି ବଲ ଖେଳି ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ। ପରେ ବିପ୍ଳବ ସାମନ୍ତରାୟ ୩୧ ଓ ଅଭିଶେକ ରାଉତ ୩୪ ରନ କରିଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୨୧ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ୮ଟି ଉଇକେଟ ହରାଇ ୨୪୭ରନ୍ କରିଥିଲା। ପ୍ରୟାସ ସିଂ ୩ରନ୍, ଦୀପକ ବେହେରା ୧ରନ୍, ଶାନ୍ତନୁ ମିଶ୍ର ଓ ପି.ରୋଶନ କୁମାର ରାଓ ୪ରନ୍ ଲେଖାଏ କରିଥିଲେ । ହାଇଦ୍ରାବାଦ ପକ୍ଷରୁ ସି.ଭି. ମିଲିନ୍ଦ ୪୩ରନ୍‌ରେ ୬ଟି ଉଇକେଟ ଦଖଲ କରିଥିଲେ । ପ୍ରଥମ ଉଇକେଟରେ ହାଇଦ୍ରାବାଦ ୧୧୯ରନ୍ ସଂଗ୍ରହ କରି ଓଡ଼ିଶା ବୋଲରମାନଙ୍କୁ ନିରାଶ କରିଥିଲା। ଓପନର ତନ୍ମୟ ଅଗ୍ରୱାଲ ୭୬ରନ ଓ ଅକ୍ଷତ ରେଡ୍ଡୀ ୬୩ରନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ୫ରନ ମଧ୍ୟରେ ୪ଟି ଉଇକେଟ ଦଖଲ କରି ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ୧୬୨ରନ୍‌ରେ ଦ୍ୱିତୀୟ ଉଇକେଟ ହରାଇଥିବା ହାଇଦ୍ରାବାଦ ୧୬୭ରନ୍ ବେଳକୁ ୫ମ ଉଇକେଟ ହରାଇ ସାରିଥିଲା। ଉଇକେଟ କିପର ସୁମନ୍ତ କୋଲା ଅନ୍ତିମ ଓଭର ପର୍ଯ୍ୟନ୍ତ ତିଷ୍ଠି ରହି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସୁମନ୍ତ ଅପରାଜିତ ୪୩ରନ କରିଥିଲେ। ଓଡ଼ିଶା ପକ୍ଷରୁ ପପୁ ରାୟ ସର୍ବାଧିକ ୩ଟି ଉଇକେଟ ଦଖଲ କରିଛନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି, ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ ।

### ବିଜୟ ହଜାରେ ଟ୍ରଫି



ପପୁ ରାୟ

### ପଦାର୍ପଣରେ ପପୁଙ୍କ ସଫଳତା

ଚଳିତ ବିଜୟ ହଜାରେ ଟ୍ରଫି ସ୍ପିନର ପପୁ ରାୟଙ୍କ ନିମନ୍ତେ ସିନିୟର ବର୍ଗରେ ପଦାର୍ପଣ ସିରିଜ ଥିଲା। ପ୍ରତିଯୋଗିତାରେ ସେ ୮ଟି ଯାକ ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳି ଓଡ଼ିଶା ପକ୍ଷରୁ ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି । ୧୮.୪୨ ଆଭରେଜରେ ସେ ମୋଟ୍ ୧୪ଟି ଉଇକେଟ ଅକ୍ତିଆର କରିଛନ୍ତି । ହାଇଦ୍ରାବାଦ ବିପକ୍ଷରେ ୩୮ରନ୍ ବିନିମୟରେ ୩ଟି ଉଇକେଟ ପପୁଙ୍କ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ଅନ୍ୟପକ୍ଷରେ ବିପ୍ଳବ ସାମନ୍ତରାୟ (୨୬୯ରନ୍)ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଛନ୍ତି ।

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା:** ୨୪୭/୮ (ଗୋବିନ୍ଦ ପୋଦ୍ଦାର–୯୩, ଶୁଭ୍ରାଂଶୁ ସେନାପତି– ୪୧ରନ୍; ସି.ଭି. ମିଲିନ୍ଦ– ୬/୪୩)।

**ହାଇଦ୍ରାବାଦ:** ୨୫୦/୯ (ତନ୍ମୟ ଅଗ୍ରୱାଲ–୭୬, ଅକ୍ଷତ ରେଡ୍ଡୀ– ୬୩; ପପୁ ରାୟ–୩/୩୮)।

DSPL - 190






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
- ବେଞ୍ଜାମିନ୍ ଫ୍ରାଙ୍କଲିନ

## ସଂକ୍ଷେପରେ

### ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ରସୁଲପୁର,୬।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତରୁ ଶନିବାର ମଧାହ୍ନରେ କୁଆଖିଆ ପୋଲିସ ଚଢାଉ କରି ଗଣନାଥ ପ୍ରତିହାରୀଙ୍କ ଘରୁ ୨୦ବୋତଲ ଦେଶୀ ଓ ବିଦେଶୀ ମଦ ଜବତ କରିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଚୋରାରେ ମଦ କାରବାର କରୁଥିବା ସଂପର୍କରେ ଖବର ପାଇ ପୋଲିସ ଚଢାଉ କରିଥିଲା । ଏ ସମ୍ପର୍କରେ ଥାନାରେ ଏକ ମାମଲା ( ନଂ.୧୬୬/୧୮ ) ମାମଲା ରୁଜୁ କରିଛି।

### ମୋମୋ ଗେମ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ବାଲିଚନ୍ଦ୍ରପୁର,୬।୧୦(ସ୍ୱ.ପ୍ର):** ମାରାତ୍ମକ ମୋବାଇଲ ଗେମ୍ ମୋମୋ ଚ୍ୟାଲେଞ୍ଜଠାରୁ ଛାତ୍ରୀଛାତ୍ରଙ୍କୁ ଦୂରରେ ରଖିବାକୁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଏ ନେଇ ସାହସପୁର ମହାବିଦ୍ୟାଳୟରେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଥାନଧିକାରୀ ରାକେଶ ତ୍ରିପାଠୀ ଯୋଗଦେଇ ମୋମୋ ଖେଳର ଭୟବହତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିବା ସହ ଏ ଦିଗରେ ବିଭିନ୍ନ ସଚେତନତାମୂଳକ ପରାମର୍ଶ ଦେଇଥିଲେ। ଏହାଛଡା ବିଭିନ୍ନ ପ୍ରକାର ସାଇବର ଅପରାଧ ସମ୍ପର୍କରେ ମଧ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସାହାସପୁର ମହାବଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସନ୍ତୋଷ କୁମାର ବେହେରା, ଅଧାପକ ପ୍ରଦୀପ୍ତ ବିଶ୍ୱାଳ, କିଶୋର ବେହୁରା, ସ୍ଥାନୀୟ ସରପଞ୍ଚ ଫଣୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ବାଲୁଙ୍କେଶ୍ୱର ସାଧନ କେନ୍ଦ୍ର ପକ୍ଷରୁ ସୁରଭି କାର୍ଯ୍ୟକ୍ରମ

**ରସୁଲପୁର,୬।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାଲୁଙ୍କେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ମହେଶ୍ୱରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ରସ୍ତରୀୟ ୧୮ଟି ବିଦ୍ୟାଳୟରୁ ୧୭୭ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଦ୍ୟାର୍ଥୀଙ୍କ ମଧରେ ପ୍ରବନ୍ଧ,ବକ୍ତୃତା, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ତର୍କ, କୁଇଜ୍, ସଙ୍ଗୀତ, ନୃତ୍ୟ ସଂକ୍ରାନ୍ତୀୟ ଚିତ୍ରକଳା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ସାଧନ କେନ୍ଦ୍ର ଅଧିକାରୀ ପ୍ରତାପରୁଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ସେକ୍ ମଜିଦ୍, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଜଗବନ୍ଧୁ ଶତପଥୀ, ନରେନ୍ଦ୍ର କୁମାର ମହାଳିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆବିଦ୍ ଅଖତାର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ଧର୍ମଶାଳା/ଚଢ଼େଇଧରା/ଜେନାପୁର, ୬।୧୦(ଡିଏନଏ)**

**ଦୀପକ ମୃତ୍ୟୁ ଘଟଣା**
- ୫ଘଣ୍ଟା ଧରି ହେଲା ଅବରୋଧ
- ହତ୍ୟାକାରୀଙ୍କୁ ୨୪ଘଣ୍ଟା ମଧରେ ଧରିବାକୁ ମିଳିଲା ପ୍ରତିଶ୍ରୁତି
- ୨ ଜଣଙ୍କୁ ଅଟକ ରଖି ପଚରାଉଚରା

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୁଦନପୁର ପଞ୍ଚାୟତ ସୋରେଇ ଗ୍ରାମର ଦୀପକ ଦଳେଇ(୨୬)ଙ୍କୁ ହତ୍ୟା କରାଯାଇଛି। ତେଣୁ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ଦାବିରେ ଶନିବାର ସକାଳେ ପରିବାର ଓ ଗ୍ରାମବାସୀ ୫୩ନଂ ଜାତୀୟ ରାଜପଥର ଦଳଗାଁ ଛକଠାରେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୫ଘଣ୍ଟା ଧରି ରାସ୍ତା ଅବରୋଧ ପରେ କଳିଙ୍ଗ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦୋରା, ଯାଜପୁର ଏସ୍‌ଡିପିଓ କେଦାରନାଥ ସାହୁ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି ଓ ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ହତ୍ୟାକାରୀଙ୍କୁ ୨୪ ଘଣ୍ଟା ମଧରେ ଧରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ ଗତ ୩ ତାରିଖ ରାତିରେ ଦୀପକ ସେହି ଗ୍ରାମର ସମର ପଣ୍ଡା ଓ ଲିପୁ ସ୍ୱାଇଁଙ୍କ ସହିତ କେଉଁଆଡେ ଯାଇଥିଲେ। ୪ତାରିଖ ସକାଳେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଏକ ହୋଟେଲ ନିକଟରୁ ସଜ୍ଞାହୀନ ଅବସ୍ଥାରେ ଦୀପକଙ୍କୁ ଉଦ୍ଧାର କରାଯାଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।



ଦୀପକ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ୫୩ନଂ ଜାତୀୟ ରାଜପଥ ଅବରୋଧ।

ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କୁ ନ ଜଣାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରିଦେଇଥିଲା। ପରେ ପରିବାର ଲୋକ ଦୀପକଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜାଣି ସେଠାକୁ ଯାଇ ମୃତ ଦେହ ଗ୍ରହଣ କରିଥିଲେ। ଦୀପକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ମୃତକଙ୍କ ପରିବାର ପକ୍ଷରୁ ଜେନାପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୪୮/୧୮) ରୁଜୁ କରି ଏକ କେଶ ରୁଜୁ କରି ମୃତ ଦୀପକଙ୍କୁ ଘରୁ ଡାକି ନେଇଥିବା ସୋରେଇ ଗ୍ରାମର ସମର ଓ ଲିପୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ଥାନା ଅଧିକାରୀ ଦାସ ସୂଚନା ଦେଇଛନ୍ତି ।

### ସର୍ବ ଭାରତୀୟ ସିକୁ କପ୍ ୯ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୬।୧୦(ଡି.ଏନ୍.ଏନ୍.)**

ଅଶୁଂମାନ ମେମୋରିଆଲ ଟ୍ରଷ୍ଟ ତରଫରୁ ଧର୍ମଶାଳା କ୍ଲବ ପରିସରରେ ଏକ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ୯ମ ବାର୍ଷିକ (ସିକୁ କପ୍) ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅଶୁଂମାନ ମେମୋରିଆଲ ଟ୍ରଷ୍ଟର ସଭାପତି ବିଜୟ କୁମାର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡିଶା ଏବଂ ଓଡ଼ିଶା ବାହାରୁ ବିଭିନ୍ନଦଳର କ୍ରିକେଟ ଟିମ୍ ଅଂଶଗ୍ରହଣ କରିବେ। ଏଥିସହିତ ପ୍ରଥମ କରି ମହିଳାଙ୍କ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରଷ୍ଟର ଅଧକ୍ଷ ରାୟ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ମାସ ୪ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୧୧ ତାରିଖରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ସମ୍ପାଦକ ହିମାଶୁଂ ଶେଖର ସାହୁ ବୈଠକରେ ସୂଚନା ଦେଇଛନ୍ତି।





ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି' ଅଭିଯାନକୁ ଧର୍ମଶାଳା ବାଣୀପୀଠର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସମର୍ଥନ ଜଣାଉଛନ୍ତି।

■ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

## ମୁଖ୍ୟ ଅଭିଯୁକ୍ତ ଗିରଫ

**ବିଞ୍ଝାରପୁର,୬।୧୦(ଡି.ଏନ୍.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତର ୧୦ମ ଶ୍ରେଣୀରେ ପଢୁଥିବା ଜୈନିକା ନାବାଳିକା ଛାତ୍ରୀଙ୍କୁ ଗତ ୩ ତାରିଖରୁ ଅପହରଣ କରି ଏକାଧିକ ଯୁବକ ଗଣ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ଶୁକ୍ରବାର ରାତିରେ ପୀଡ଼ିତା ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୪୦/୨୦୧୮) ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଜେନା(୨୩)ଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖାଯାଇଛି ବୋଲି ପୋଲିସ କହିଛି। ଖବର ମୁତାବକ ଗତ ବୁଧବାର ଦିନ ୧୦ଶ୍ରେଣୀରେ ପଢୁଥିବା ଜନୈକା ନାବାଳିକା ସ୍କୁଲ ଯାଉଥିବାବେଳେ ପ୍ରଲୋଭନ ଦେଖାଇ ସନ୍ତୋଷ ତାଙ୍କ କେତେକ ସହଯୋଗୀଙ୍କ ସହିତ ନାବାଳିକାଙ୍କୁ ରାସ୍ତାରୁ ଅପହରଣ କରିନେଇଥିଲେ। ବୁଧବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସନ୍ତୋଷ ଓ ତାର ସହଯୋଗୀମାନେ ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର କରିଥିଲେ। ପୀଡିତା ଛାତ୍ରୀଙ୍କ ମା' କୌଣସି ସୂତ୍ରରୁ ଖବର ପାଇ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ କଏଣା- ରଘୁନାଥପୁର ପିଡେଇ ସାହିରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ସନ୍ତୋଷଙ୍କୁ ଗିରଫ କରିଛି। ତେବେ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ପୀଡିତାଙ୍କ ଡାକ୍ତରୀମାଇନା ଶନିବାର କରିବା ସହିତ ଅନ୍ୟଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଛାତ୍ର ସଂସଦ ନିର୍ବାଚନ ନେଇ କର୍ମଚାରୀ ପରିଷଦର ବୈଠକ

**ବରୀ/ରତ୍ନଗିରି,୬।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)**

ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ(ଜିସି)ର ଛାତ୍ର ସଂସଦ ନିର୍ବାଚନକୁ ନେଇ ଲାଗି ରହିଥିବା ବିବାଦ ଶେଷ ହୋଇଛି । ନିର୍ବାଚନକୁ ନେଇ ଶନିବାର ମହାବିଦ୍ୟାଳୟ ପରିସରରେ କର୍ମଚାରୀ ପରିଷଦର ଏକ ବୈଠକ ହୋଇଥିବା ଅଧକ୍ଷ ନାରାୟଣ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ବୈଠକରେ ନିର୍ବାଚନ ହେବ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। ନାମାଙ୍କନ ପତ୍ର ଦାଖଲ ପରେ ଦୁଇ ଛାତ୍ର ଗୋଷ୍ଠୀ ମଧରେ ବିବାଦ ସୃଷ୍ଟି ହେବାରୁ ନିର୍ବାଚନ ହେବା ନେଇ ସନ୍ଦେହ ପ୍ରକାଶ ପାଇଥିଲା । ଫଳରେ ଭାଜପା ଏବଂ କଂଗ୍ରେସ ସମର୍ଥିତ ଛାତ୍ର ନେତା ନିର୍ବାଚନ କରିବା ପାଇଁ ଅଡି ବସିଥିବାବେଳେ କଲେଜ ପରିସରରୁ ଶୁକ୍ରବାର ୪ ଅଫୁଟା ବୋମା ଜବତ ହୋଇଥିଲା । ତେବେ କଲେଜ ପରିସରରେ ଉତ୍ତେଜନା ଲାଗି ରହିଥିବାରୁ ଅଧିକ ପୋଲିସ ମୁତୟନ ପାଇଁ ଅଧକ୍ଷଙ୍କ ପକ୍ଷରୁ ବରୀ ରାମଚନ୍ଦ୍ରପୁର ଥାନାରେ ଅନୁରୋଧ କରାଯାଇଥିବା ଜଣାପଡିଛି। ଶନିବାର ପ୍ରଚାର ଜୋରଦାର ହୋଇଛି। ପୁନର୍ବାର ବିବାଦ ଦେଖାଦେଲେ ନିର୍ବାଚନ ବାତିଲ କରିଦିଆଯାଇପାରେ ବୋଲି ଅଧକ୍ଷ କହିଥିଲେ।

## ଇଣ୍ଟର ସ୍କୁଲ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଯାଜପୁରରୋଡ,୬।୧୦(ନି.ପ୍ର.)**

ଗ୍ଲୋରିୟସ ଇଂଲିଶ୍ ମିଡିୟମ ସ୍କୁଲ ପକ୍ଷରୁ ଶନିବାର ଇଣ୍ଟର ସ୍କୁଲ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପୁରାତନ ଖେଳ ଶିକ୍ଷକ ଅଶୋକ ବୋଷ ଖେଳ ପରିଚାଳନା କରିଥିଲେ । ଏହି ଖେଳରେ ଛାତ୍ରୀଛାତ୍ର ଅଗ୍ନି, ବାୟୁ, ପୃଥିବୀ ଓ ଆକାଶ ହାଉସ୍ ଭଳି ୪ ବର୍ଗରେ ବିଭାଜିତ ହୋଇଥିଲେ। ପୃଥିବୀ ହାଉସ୍ ଚାମ୍ପିୟନ୍ ଓ ବାୟୁ ହାଉସ୍ ରନର୍ସ ଅପ୍ ହୋଇଥିଲେ । ବିଦ୍ୟାଳୟ ସଭାପତି ଅସ୍ମିତା ପତି ଓ ପରିଚାଳନା ନିର୍ଦ୍ଦେଶକ ଅଭୟ ପତି ପ୍ରମୁଖ ଯୋଗଦେଇ ପୃଥିବୀ ହାଉସ୍‌ର ସୌରଭ ଷଣ୍ଢଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ରନର୍ସ ଅପ୍‌ର ଛାତ୍ର ରାଜକିଶୋର ଜେନାଙ୍କୁ ସଭାପତି ଅସ୍ମିତା ପତି ଟ୍ରଫି ପ୍ରଦାନ କରିଥିଲେ। ଅଧକ୍ଷ କଳ୍ପତରୁ ସାହୁ ଖେଳର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ ।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ଯାଜପୁରରୋଡ,୬।୧୦(ନି.ପ୍ର.)**

ଯାଜପୁର-କେନ୍ଦୁଝର ରେଲଷ୍ଟେଶନ ଡାକବଙ୍ଗଳା ଲେଭଲ୍ କ୍ରସିଂ ନିକଟରେ ଶନିବାର ସକାଳେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁର ଗ୍ରାମର ପ୍ରାଣକୃଷ୍ଣ ପାତ୍ରୀ(୩୨)। ସେ ନୀଳାଚଳ କାରଖାନାରେ କ୍ରେନ୍ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପ୍ରକାଶ ଯେ, ପ୍ରାଣକୃଷ୍ଣ ସକାଳୁ ଡ୍ୟୁଟି ସାରି ପ୍ଲାଣ୍ଟରୁ ଫେରୁଥିବାବେଳେ ଲେଭଲ କ୍ରସିଂ ପାର ହେବା ସମୟରେ ଟ୍ରେନ୍ ଧକ୍କା ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ । ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି । ଏ ନେଇ ଏକ ମାମଲା(୪୯/୧୮) ରୁଜୁ କରାଯାଇଛି।

## ଲକ୍ଷ୍ୟଧାର୍ଯ୍ୟଠାରୁ ଅଧିକ ଚାଷୀଙ୍କୁ ଖରିଫ ଚାଷ ପାଇଁ ଋଣ ପ୍ରଦାନ

**ଧର୍ମଶାଳା,୬।୧୦(ଡି.ଏନ୍.ଏ.)**

ଚଳିତ ଖରିଫ ଋତୁରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଧର୍ମଶାଳା ଶାଖା ପକ୍ଷରୁ ଚାଷୀଙ୍କୁ ଋଣ ପ୍ରଦାନରେ ଲକ୍ଷଧାର୍ଯ୍ୟଠାରୁ ଅଧିକ ଚାଷୀଙ୍କୁ ଅଧିକ ଋଣ ଦେଇଥିବା ଶାଖା ବ୍ୟାଙ୍କ ପରିଚାଳକ ସୂଚନା ଦେଇଛନ୍ତି। ଧର୍ମଶାଳା ବ୍ଲକରେ ୧୩ଟି ସମବାୟ ସମିତି ଚଳିତ ଖରିଫ ଋତୁରେ ୧୦ହଜାର ଚାଷୀଙ୍କୁ ୪୩ କୋଟି ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେପ୍ଟେମ୍ବର ମାସ ଶେଷସୁଦ୍ଧା ୧୦ ହଜାର ୧୭୬ଚାଷୀଙ୍କୁ ୪୩କୋଟି ୭୫ଲକ୍ଷ ୨୯ହଜାର ଟଙ୍କା ଋଣ ପ୍ରଦାନ କରିଛି। ଯାହା ଲକ୍ଷ୍ୟ ଧାର୍ଯ୍ୟ ଠାରୁ ୧୦୨ପ୍ରତିଶତ ବୋଲି ବ୍ୟାଙ୍କ ପରିଚାଳକ ପଦ୍ମଲୋଚନ ଦାସ ସୂଚନା ଦେଇଛନ୍ତି। ଗତ ବର୍ଷ ଧର୍ମଶାଳା ବ୍ଲକରେ ବ୍ୟାପକ ଅଞ୍ଚଳ ମରୁଡି ଘୋଷିତ ହୋଇଥିଲା। ଏନେଇ ରାଜସ୍ୱ ବିଭାଗ କ୍ଷତିଗ୍ରସ୍ତ ଧାନଚାଷୀଙ୍କୁ ମରୁଡି ସହାୟତା ପ୍ରଦାନ କରିଥିଲା। ମାତ୍ର ଗତବର୍ଷ ବୀମା କରିଥିବା ଚାଷୀଙ୍କ ମଧ୍ୟରୁ କେତେକ ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଇଥିବାବେଳେ ବ୍ୟାପକ ଧାନଚାଷ କ୍ଷତିଗ୍ରସ୍ତ ଦେଓଦା ଓ ଥାନୁଆଳ ଗ୍ରାମ ପଞ୍ଚାୟତ ଚାଷୀଙ୍କୁ ବୀମାରାଶି ଦିଆଯାଇ ନ ଥିଲା। ତେଣୁ ଚଳିତବର୍ଷ ଖରିଫ ଚାଷ ପାଇଁ ଋଣ କରିଥିବା ବହୁ ଚାଷୀ ବୀମା କରି ନ ଥିବା ଜଣାଯାଇଛି।

## ଧର୍ମଶାଳା ବିଜେଡିର ଜନସମ୍ପର୍କ ଯାତ୍ରା

**ଧର୍ମଶାଳା,୬।୧୦(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ପଞ୍ଚମ ଦିନରେ ପହଞ୍ଚିଛି। ଶନିବାର ନିର୍ବାଚନ ମଣ୍ଡଳୀର ୧୫ନଂ ଜୋନ୍‌ର ଉତ୍ତରପ୍ରତାପ ପଞ୍ଚାୟତରୁ ଏହି ପଦଯାତ୍ରା ଆରମ୍ଭ କରାଯାଇଥିଲା। ଦେଉଦା ଓ ମଙ୍ଗଳପୁର ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପାଦରେ ଚାଲି ଚାଲି ଲୋକମାନଙ୍କ ସୁବିଧା ଅସୁବିଧା କଥା ବୁଝିଥିଲେ। ସରକାରଙ୍କ ଯେତେଗୁଡ଼ିଏ ଯୋଜନା ରହିଛି ତାହା ଲୋକମାନେ ଠିକ୍ ଭାବରେ ପାଇପାରୁଛନ୍ତି କି ନାହିଁ ଲୋକମାନଙ୍କୁ ପଚାରି ବୁଝିଥିଲେ। ଏହି ପଦଯାତ୍ରାରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତ ରାୟ, ସାଂସଦ ପ୍ରତିନିଧି ଉତ୍କଳ କେଶରୀ ଦାସ, ନିର୍ବାଚନ ମଣ୍ଡଳୀ ସବାପତି ଜଳଧର ମହାନ୍ତି, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ୧୫ନମ୍ବର ଜୋନ୍ ପର୍ଯ୍ୟବେକ୍ଷକ ଅମରେନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟା ସୁରେଖା ନାୟକ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ମମତା ଦଣ୍ଡପାଟ, ଶରତ ନାୟକ, ପୀତାମ୍ବର ନାୟକ, ରାଜ୍ୟ ପରିଷଦ ସଭ୍ୟ ଜଳଧର ସାହୁ ଏବଂ ୧୫ ନଂ ଜୋନ୍‌ର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏହି ପଦଯାତ୍ରାରେ ଯୋଗଦେଇଥିଲେ।



ବିଜେଡି ଜନସମ୍ପର୍କ ଯାତ୍ରାରେ ବିଧାୟକ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଚେତୁ ନାହାନ୍ତି ଲୋକେ, ଡେଙ୍ଗୁରୋଗୀ ସଂଖ୍ୟା ୧୬ ଛୁଇଁଲା

**ରସୁଲପୁର,୬।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଜନସଚେତନତା ଅଭାବ କାରଣରୁ ରୋଗୀ ସଂଖ୍ୟା ବଢୁଛି ବୋଲି କୁହାଯାଉଛି। ଏ ନେଇ ଲୋକେ ଚେତୁ ନ ଥିବାରୁ ଡେଙ୍ଗୁ ରୋଗ ଡେଇଁ ଡେଇଁ ଚାଲିଛି। ସେପ୍ଟେମ୍ବର ଓ ଅକ୍ଟୋବରରେ ୧୫ଜଣ ଲୋକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଲେଣି। ଫେବୃୟାରୀ ମାସରେ ଜଣେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ଅଦ୍ୟାବଧି ମୋଟ ୧୬ଜଣ ଲୋକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଲେଣି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ମଧବୁନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରିଣୀ ହରପ୍ରିୟା ସେନାପତି କହିଛନ୍ତି।

ଏହି ବ୍ଲକର ବଡକଇଁଚି ପଞ୍ଚାୟତର ଗୁରୁସାହି ଓ ବାଲିସାହିରେ ଡେଙ୍ଗୁ ରୋଗକୁ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇ ଦେଇଛି। ଡେଙ୍ଗୁକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମିଳିତ ଭାବରେ ଗାଁ ପରିକ୍ରମା କରାଯାଉଛି। ଜଳର ଉତ୍ସଗୁଡିକୁ ଯାଞ୍ଚ କରାଯାଇଛି। ଲୋକଙ୍କ ଘରେ ଥିବା ଫ୍ରିଜ, କୁଲର, ପାତ୍ର, ବଗିଚାରେ ଥିବା ଫୁଲ କୁଣ୍ଡଗୁଡିକୁ ତନଖି କରାଯାଇଛି। ଡେଙ୍ଗୁର ବାହକ ଏଡିସ ମଶା ଦିନର ପ୍ରାୟତଃ ସକାଳ ୯ଟାରୁ ୧୧ଟା ଓ ଅପରାହ୍ନ ୪ଟା ରୁ ସନ୍ଧ୍ୟା ୬ଟା ମଧରେ ପଦାକୁ ବାହାରି ଲୋକଙ୍କୁ କାମୁଡି ଥାନ୍ତି। ଡେଙ୍ଗୁ ରୋଗ ପାଇଁ କୌଣସି ପ୍ରତିଶେଧକ ଟିକା ନାହିଁ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ନିରାକରଣ କରାଯାଇ ପାରିବ। ଡେଙ୍ଗୁ ମଶାମାନେ ଜମି ରହୁଥିବା ସ୍ୱଚ୍ଛ ପାଣିରେ ଅଣ୍ଡା ଦିଅନ୍ତି। ଖାଲୁଆ ସ୍ଥାନରେ, ଟାୟାର, ଡବା, ଫୁଲକୁଣ୍ଡ ଆଦି ସ୍ଥାନରେ ପାଣି ଜମି ରହିବାରୁ ମଶା ବଂଶ ବୃଦ୍ଧି ଘଟିବାରେ ସହାୟକ ହେଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସବୁ ସ୍ଥାନକୁ ଚିହ୍ନଟ କରାଯାଇ ଔଷଧ ସିଞ୍ଚନ କରାଯାଇଛି । ଏଥିସହ ସାହିର ଲୋକଙ୍କୁ ପରିବେଶକୁ ସଫା ସୁତୁରା ରଖିବା ସହ ମଶାରୀ ଟାଙ୍ଗି ଶୋଇବା, ଆକ୍ରାନ୍ତ ରୋଗୀମାନେ ଡାକ୍ତରଖାନାରୁ ଫେରିବା ପରେ ବି ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି । ତଥାପି ଲୋକେ ସଚେତନ ହେଉ ନ ଥିବାରୁ ଏହି ଗାଁରେ ରୋଗ ବ୍ୟାପୁଛି । ଏହାଛଡ଼ା ଏଡିସ୍ ମଶା ଅନ୍ୟୁନ ୫୦୦ମିଟର ପର୍ଯ୍ୟନ୍ତ ଉଡ଼ିପାରିବ । ଏହି କାରଣରୁ ଗୁରୁ ସାହିର ପଡୋଶୀ ଗାଁ ବାଲିସାହିକୁ ଏହି ରୋଗ ଡେଇଁଛି। ଅଦ୍ୟାବଧି ଗୁରୁସାହିର ତୋଫାନ ଗୁରୁ(୧୯) ପ୍ରଥମେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ସେ ଧର୍ମଶାଳା ବ୍ଲକ ଚଢେଇଧରା ଅଞ୍ଚଳରେ ରହୁଥିଲେ। ସେଠାରୁ ଏହି ରୋଗରେ ଆକ୍ରାନ୍ତ ହୋଇ ଗାଁକୁ ଆସିଥିଲେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି। ଏହାର ଦୁଇଦିନ ପରେ ସେହି ପରିବାରରେ ତୋଫାନର ବଡଭାଇ ଦୀପକ ଗୁରୁ(୨୪) ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହୋଇଥିଲେ । ପରେ ଏହି ସାହିରୁ ଜୟନ୍ତୀ ଗୁରୁ(୬୫), ରେଣୁକା ଗୁରୁ(୬୬), ମିଥୁନ ଗୁରୁ(୧୮), ଦୁଶାସନ ଗୁରୁ(୪୫), ଓଷା ଗୁରୁ(୮୦), କିରଣମୟୀ ପ୍ରିୟଦର୍ଶିନୀ ଗୁରୁ(୧୧), ଦାରା ଗୁରୁ(୪୫) ପ୍ରମୁଖ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିଲେ ।



ସେମାନେ ସମସ୍ତେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏବେ ପଡୋଶୀ ବାଲିସାହିର ୨ଜଣ ଚିତ୍ତରଞ୍ଜନ ସାହୁ(୪୫), ନରେନ୍ଦ୍ର ଗୁରୁ(୫୩), ଏବଂ ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗାଁର ଜୟରାମ ପାତ୍ର(୩୪), କରଜଂଗା ଗ୍ରାମର ରାଜେଶ ରାଉତ(୨୪), ମଙ୍ଗରାଜପୁର ପଞ୍ଚାୟତ ଲଙ୍କାବାଲି ସାହିର ମନମୋହନ ପ୍ରଧାନ(୩୧), ପ୍ରଥମାଖଣ୍ଡ ପଞ୍ଚାୟତ ଦାମୋଦରପୁର ଗ୍ରାମର ଉଦୟନାଥ ଭଦ୍ର(୨୨), ବାରବାଟୀ ପଞ୍ଚାୟତ ଓଡଙ୍ଗ ଗ୍ରାମର ସୁବାଶ ପରିଡା(୧୮) ପ୍ରମୁଖ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଡେଙ୍ଗୁ ଚିହ୍ନଟ ହୋଇଥିବା ସମସ୍ତ ଗାଁରେ ସ୍ୱାସ୍ଥ୍ୟ କର୍ମୀମାନେ ପହଁଚିଛନ୍ତି । ରୋଗରୁ ଦୂରେଇ ରହିବା ଦିଗରେ ଗାଁ ଲୋକଙ୍କୁ ସଚେତନ କରାଯାଉଛି । ଅଧିକାଂଶ ରୋଗୀ ବାହାରେ ଆକ୍ରାନ୍ତ ହୋଇ ଗାଁକୁ ଆସିଛନ୍ତି। ଉକ୍ତ ରୋଗରୁ ମୁକ୍ତି ପାଇବାକୁ ହେଲେ ଲୋକଙ୍କୁ ସତର୍କ ରହିବା ଏକମାତ୍ର ଉପାୟ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍, ସେହିମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।

- ପ୍ଲାଟୋ



## ସଂକ୍ଷେପରେ

### ସୁଲତାନ ସୈଫୁଲ୍ଲା ହେଲେ ବଡ଼ଚଣା କଂଗ୍ରେସ ସଂଖ୍ୟାଲଘୁ ସଭାପତି

ଚଣ୍ଡିଖୋଲ,୬।୧୦(ଡି.ଏନ୍.ଏ)- ଯାଜପୁର ଜିଲା କଂଗ୍ରେସ ସଂଖ୍ୟାଲଘୁ କମିଟିର ଅନୁମୋଦନ କ୍ରମେ ସୁଲତାନ ସୈଫୁଲ୍ଲାଙ୍କୁ ବଡ଼ଚଣା ବ୍ଲକ କଂଗ୍ରେସ ସଂଖ୍ୟାଲଘୁ ସଭାପତି ଭାବେ ନିଯୁକ୍ତି ମିଳିଛି। ଜିଲା ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ସେକ୍ ଅବୁ ସାମା ଏହି ନିଯୁକ୍ତି ଦେଇଛନ୍ତି। ସୁଲତାନଙ୍କୁ ନିଯୁକ୍ତି ମିଳିଥିବା ନେଇ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶୁଭେନ୍ଦୁ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଫକୀର ମୋହନ ବଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ଜୋନ ସଭାପତି ସେକ୍ ରିୟାସତ ଅଲ୍ଲୀ ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

### ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ଼ ବଣ୍ଟନ

ବିରଜାକ୍ଷେତ୍ର, ୬।୧୦(ଡିଏନ୍ଏ)- ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କୁ ଖାଦ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ଯୋଜନା ମାଧମରେ ହିତାଧିକାରୀଙ୍କୁ ରାଶନ କାର୍ଡ଼ ପ୍ରଦାନ କରିଛନ୍ତି ବୋଲି ବରୀ ବିଧାୟକ ଦେବାଶିଷ ନାୟକ ଶନିବାର ରାଶନ କାର୍ଡ ବଣ୍ଟନ ସଭାରେ ପ୍ରକାଶ କରିଛନ୍ତି। ଯାଜପୁର ବ୍ଲକ ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ ଅବସରରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ଦେବାଶିଷ ନାୟକ ଯୋଗଦେଇ ୨୬ଟି ପଞ୍ଚାୟତରୁ ଚୟନ କରାଯାଇଥିବା କିଛି ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଶନ କାର୍ଡ଼ ବଣ୍ଟନ ଉତ୍ସବରେ ବିଡିଓ ସୌରଭ ଚକ୍ରବର୍ତ୍ତୀ, ପୂର୍ବତନ ଯାଜପୁର ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବ୍ଲକ ଉପାଧ୍ୟକ୍ଷା ପ୍ରଣତୀ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟ ବିଶ୍ୱପ୍ରତାପ ମିଶ୍ର, ବ୍ଲକ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ବରୀ ବିଧାୟକଙ୍କ ପ୍ରତିନିଧି ଗଣେଶ ଚନ୍ଦ୍ର ମହାକୁଡ଼ ପ୍ରମୁଖ ଯୋଗଦେଇ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଯୋଜନାରେ ୧୧ହଜାର ୧୨୪ ପରିବାରଙ୍କୁ ଚୟନ କରାଯାଇଥିବା ବେଳେ ୯ହଜାର ୫୬୬ ପରିବାରଙ୍କୁ ପ୍ରଥମ ପର୍ଯ୍ୟାୟରେ ରାଶନକାର୍ଡ଼ ପ୍ରଦାନ ନିମନ୍ତେ ଚୟନ କରାଯାଇଛି। ଶନିବାର ବ୍ଲକ ପରିସରରେ ଅନୁଷ୍ଠିତ ରାଶନ କାର୍ଡ଼ ପ୍ରଦାନରେ ୨୬ଟି ପଞ୍ଚାୟତରୁ ୨୦୦ ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରାଯାଇଥିଲା। ସେହିପରି ଏହି ଉତ୍ସବରେ ପୌରାଞ୍ଚଳର କେତେକ ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରାଯିବ ବୋଲି ବ୍ଲକ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ବେହେରା ସୂଚନା ଦେଇଥିଲେ। ଏହି ଉତ୍ସବରେ ସରପଞ୍ଚ ନନ୍ଦ କିଶୋର ସାହୁ, ବିଶ୍ୱନାଥ ସ୍ୱାଇଁ, ସତ୍ୟଜିତ୍ ପରିଡ଼ା, ରାଜକିଶୋର ସ୍ୱାଇଁ, ସୁରେଶ ଚନ୍ଦ୍ର ପତି, କରୁଣାକର ବିଶ୍ୱାଳ, ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ୨୬ଗୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭ୍ୟା, ଜିଲା ପରିଷଦ ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରାଣକୃଷ୍ଣ ମହାବିଦ୍ୟାଳୟରେ ସ୍ୱଚ୍ଛଭାରତ ଅଭିଯାନ

କୋରେଇ,୬।୧୦(ସ୍ୱ.ପ୍ର)- କୋରେଇ ବ୍ଲକ ଅନ୍ତର୍ଗତ ପ୍ରାଣକୃଷ୍ଣ ମହାବିଦ୍ୟାଳୟରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରୀଛାତ୍ର କଲେଜ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଇକୋ କ୍ଲବର ତତ୍ୱାବଧାରଙ୍କ ଉତିହାସ ବିଭାଗ ଅଧାପକ ସତ୍ୟନାରାୟଣ ଖଣ୍ଡାଇ ଯୁକ୍ତ ୩ ଓ ଯୁକ୍ତ ୨ ସେବା ଯୋଜନାରେ ପ୍ରୋଗ୍ରମ ଅଫିସର ଅଧାପକ ମନ୍ମଥ ସାହୁ, ଶିଶିର କୁମାର ରାଉତରାୟ ଓ ଦର୍ଶନ ବିଭାଗର ବରିଷ୍ଠ ଅଧାପକ ଅଚ୍ୟୁତାନନ୍ଦ ନାୟକ ପ୍ରମୁଖ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ପିଲାଙ୍କ ସହିତ ଯୋଗ ଦେଇଥିଲେ।

# ସୁକିନ୍ଦା-ଅଶୋକଝରର ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି

ସୁକିନ୍ଦା,୬।୧୦(ଡି.ଏନ.ଏ.)



**ପାଣିରେ ପଡ଼ିବ ୧୦ କୋଟି**

- ବିନା ଜମି ଅଧିଗ୍ରହଣରେ ବଳପୂର୍ବକ ଚାଲିଛି ରାସ୍ତା ନିର୍ମାଣ
- ନିୟମ ଅନୁଯାୟୀ ହେଉନି କାର୍ଯ୍ୟ
- ବିଭାଗୀୟ ଅଧିକାରୀଙ୍କ ଜ୍ଞାତରେ ହେଉଛି ଅନିୟମିତତା

ଜିଲା ଖଣିଜ ପାଣ୍ଠି ବିନିଯୋଗରେ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣାଧୀନ ସୁକିନ୍ଦା-ଅଶୋକଝର ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ସୁକିନ୍ଦା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଅଶୋକଝରକୁ ସଂଯୋଗ କରୁଥିବା ଏହି ରାସ୍ତା ନିର୍ମାଣ ପାଇଁ ୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଶ୍ରୀ ଜଗନ୍ନାଥ କନଷ୍ଟ୍ରକ୍ସନ ନାମକ ଏକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସୁକିନ୍ଦାଠାରୁ ଅଶୋକଝର ପର୍ଯ୍ୟନ୍ତ ୧୦ କିଲୋମିଟର ରାସ୍ତାକୁ ୫.୫ ମିଟରରୁ ୭.୫ ମିଟର ପର୍ଯ୍ୟନ୍ତ ସଂପ୍ରସାରଣ ଓ ରାସ୍ତାର ଉଭୟ ପାର୍ଶ୍ୱରେ ୧.୫ ମିଟର ଓସାର ମାଟି କାର୍ଯ୍ୟ ପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଜିଲା ଖଣିଜ ପାଣ୍ଠି ଖର୍ଚ୍ଚରେ ସମ୍ପ୍ରସାରଣ ହେଉଥିବା ରାସ୍ତା ପାଇଁ ବହୁ ବେସରକାରୀ ଜମିକୁ ଅଧିଗ୍ରହଣ କରାଯିବାର ଅବଶ୍ୟକତା ଥିବା ବେଳେ ବିନା ଜମି ଅଧିଗ୍ରହଣରେ ପୋଲିସ ଲଗାଇ ବଳପୂର୍ବକ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ଚାଷୀ ତଥା ଜମି ମାଲିକମାନେ ଅଭିଯୋଗ କରିଛନ୍ତି। ସେହିପରି ଠିକାଦାର ନିମ୍ନମାନର ରାସ୍ତା କାର୍ଯ୍ୟ କରୁଥିଲେ ମଧ୍ୟ ଏହାର ପ୍ରତିବାଦ କରିବାକୁ କେହି ସାହସ କରି ପାରୁନାହାନ୍ତି।

ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ରାସ୍ତାର ଉଭୟ ପାର୍ଶ୍ୱକୁ ୨.୫ ମିଟର ଲେଖାଏ ଅର୍ଥାତ ମୋଟ ୫ ମିଟର ସମ୍ପ୍ରସାରଣ କରିବାକୁ ନିୟମ ଥିବା ବେଳେ ୭.୫ ମିଟର ପିଚୁ କାର୍ଯ୍ୟ ଓ ୩ ମିଟର ମାଟି କାର୍ଯ୍ୟ କରିବାକୁ ନିୟମ ରହିଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ୧୬ ଇଞ୍ଚର ମାଟି ବାହାର କରାଯାଇ ଗଭୀର କରାଯିବା ସହିତ ଭାଇବ୍ରେଟର ରୋଲର ସାହାଯ୍ୟରେ ରୋଲିଂ କରାଯାଇ ସେଥିରେ ୪ଇଞ୍ଚର ବାଲି ଏବଂ ୧୨ଇଞ୍ଚର ଡବ୍ଲ୍ୟୁଏମ୍ଏମ୍ (ପାଣି ମିଶା ବଜ୍ରୁରି, ଚିପ୍ସ ଗୋଳା ସାମଗ୍ରୀ) ପକାଇ ପୁନର୍ବାର ଭାଇବ୍ରେଟର ରୋଲର ଦ୍ୱାରା ଚପା ଯିବାର ନିୟମ ରହିଛି। ତେବେ ଏହି କାର୍ଯ୍ୟକୁ ତଦାରଖ କରୁଥିବା ସହକାରୀ ନିର୍ବାହୀଯନ୍ତ୍ରୀ ମନୋଜ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମନୋଜ ମାଝୀଙ୍କ ସଲାସୁତୁରାରେ ଠିକାଦାର ୮ରୁ ୧୦ଇଞ୍ଚ ଗଭୀର କରି ବିନା ବାଲି ଓ ବିନା ଭାଇବ୍ରେଟରରେ ଡବ୍ଲ୍ୟୁଏମ୍ଏମ୍ ପକାଇ ଅତି ନିମ୍ନମାନର କାର୍ଯ୍ୟ କରି ଚାଲିଛନ୍ତି। ପୂର୍ବରୁ ୨ କିଲୋମିଟର ଅତି ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ ସରିଥିବା ବେଳେ ମାତ୍ର ୪ମାସ ମଧ୍ୟରେ ସମ୍ପୃକ୍ତ ରାସ୍ତାରୁ ଚିପ୍ସ ଉଠିବା ଆରମ୍ଭ କରିଲାଣି। ସବୁଠାରୁ ବଡ କଥା ୧୦କୋଟି ଟଙ୍କାର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏ କାର୍ଯ୍ୟ ତଦାରଖ କରିବାକୁ କୌଣସି ସରକାରୀ କର୍ମଚାରୀ ବା କୌଣସି ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବା ଜଣାପଡିଛି। ତେଣୁ ଏହାର ଫାଇଦା ଉଠାଇ ଲାଭଖୋର ମନୋବୃତ୍ତିରେ ଠିକାଦାର ଉକ୍ତ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଭାବରେ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଠିକାଦାର ବନ ବିଭାଗ ଦ୍ୱାରା ରୋପଣ କରାଯାଇଥିବା ଲକ୍ଷାଧିକ ଟଙ୍କାର ବୃକ୍ଷକୁ ବିନା ଅନୁମତିରେ ନଷ୍ଟ କରିଥିଲା। ଏ ନେଇ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଠିକାଦାରଙ୍କର ସାହସ ବୃଦ୍ଧି ପାଇଥିଲା ବୋଲି ସଧାରଣରେ ମତ ପ୍ରକାଶ ପାଇଛି । ତେଣୁ ଲୋକଙ୍କ ଅଭିଯୋଗକୁ ଅଧାର କରି ଯାଜପୁର ଜିଲାପାଳ ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ସ୍ୱତନ୍ତ୍ର ଭାବରେ ତଦାରଖ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଉଭୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଯାଇଥିଲେ ହେଁ ସେମାନେ ଏ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସିଧାସଳଖ ମନା କରିଦେଇଥିଲେ।

## ଏନ୍‌ସି କଲେଜରେ ବୋମାମାଡ଼ର ତଦନ୍ତ ନେଇ ଦାବିପତ୍ର

ବିରଜାକ୍ଷେତ୍ର, ୬।୧୦(ଡିଏନ୍ଏ)

ଏନ୍‌ସି କଲେଜର ଛାତ୍ରୀ ନିବାସ ଉପରକୁ ହୋଇଥିବା ବୋମା ମାଡ଼ ଯୋଗୁ କଲେଜ ନିର୍ବାଚନକୁ ବାତିଲ କରାଯାଇଥିବା ଓ କଲେଜର ବିଭିନ୍ନ ସମସ୍ୟାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ପ୍ରଦାନ କରିଛନ୍ତି। ଏନ୍‌ସି କଲେଜର ଛାତ୍ରୀ ନିବାସ ଉପରକୁ ବୋମା ମାଡ଼ କରାଯିବାରୁ କଲେଜ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରିଦେଇଛନ୍ତି। କିନ୍ତୁ ଅଦ୍ୟାବଧି ବୋମା ମାଡ଼ ଘଟଣା ଉପରେ ପୋଲିସ କୌଣସି ତଦନ୍ତ କରି ନ ଥିବା ଏବିଭିପି ଅଭିଯୋଗ କରିଛି। ରାଜନୈତିକ ବଶବର୍ତ୍ତୀ ହୋଇ କଲେଜ କର୍ତ୍ତୃପକ୍ଷ କଲେଜ ନିର୍ବାଚନକୁ ବାତିଲ କରିବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରିଛନ୍ତି ବୋଲି ଏବିଭିପି ପକ୍ଷରୁ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେହିପରି କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏବିଭିପି ନଗର ସମ୍ପାଦିକା ସଙ୍ଗୀତା ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଦାବିପତ୍ର ପ୍ରଦାନରେ ସାମିଲ ହୋଇଥିଲେ।

## ପୃଥକ ସ୍ଥାନରେ କେନାଲରେ ବୁଡ଼ି ୨ ଶିଶୁ ମୃତ

ବିରଜାକ୍ଷେତ୍ର/ବାଲିଚନ୍ଦ୍ରପୁର, ୬।୧୦ (ଡିଏନ୍ଏ/ସ୍ୱ.ପ୍ର.)

ଯାଜପୁର ଜିଲାରେ ଶନିବାର ୨ସ୍ଥାନରେ କେନାଲରେ ବୁଡି ୨ଶିଶୁଙ୍କ ମୃତ୍ୟୁ ହୋଇଛି । ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତ ଜାଲପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ହିମାଂଶୁ (୪) ମଧ୍ୟାହ୍ନରେ କେନାଲ ପାର୍ଶ୍ୱରେ ଖେଳୁଥିବା ବେଳେ କୌଣସି କାରଣବଶତଃ କେନାଲ ଭିତରକୁ ଖସି ପଡ଼ିଥିଲେ। ପରିବାର ଲୋକ ଖୋଜାଖୋଜି କରି ପୁଅର ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପୁଅକୁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ ହେଁ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ସେହିପରି ଶୌଚ ହେବା ସମୟରେ ପଟ୍ଟାମୁଣ୍ଡାଇ କେନାଲରେ ଭାସିଯାଇ ଖାଦିମ ମହାଲା ଗ୍ରାମର ସେକ ମନଜର ଅଲ୍ଲିଙ୍କ ଝିଅ ଯାହେଦା ପରବିନ (୮)ଙ୍କର ମୃତ୍ୟୁ ହୋଇଛି। ଯାହେଦା ଚାରିନଙ୍ଗଳ ନୋଡାଲ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ। ସେ ଶନିବାର ସକାଳୁ ଶୌଚ ପାଇଁ କେନାଲକୁ ଆସିଥିବା ବେଳେ ହଠାତ୍ ଗୋଡ ଖସି ଯାଇ ଭାସିଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପ୍ରାୟ ଦିନ ଗୋଟାଏ ବେଳେ ଘରଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂର ଖଡଗପୁରଠାରେ କେନାଲରେ ଜଣେ ନାବାଳିକାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ ଏବଂ ମୃତଦେହ ଯାହେଦାଙ୍କର ବୋଲି ଜଣାପଡିଥିଲା।

## ୯ ଟ୍ରକ, ୨ଟ୍ରାକ୍ଟର ଜବତ: ଜଣେ ଗିରଫ

ବାଲିଚନ୍ଦ୍ରପୁର,୬।୧୦(ସ୍ୱ.ପ୍ର)

ରାଜସ୍ୱ ବିଭାଗ ଓ ପୋଲିସ ପକ୍ଷରୁ ଶନିବାର ଅଚାନକ ଜାତୀୟ ରାଜପଥର କୃଷ୍ଣଦାସପୁର ଛକ ନିକଟରେ ଯାଞ୍ଚ କରାଯାଇ ବେଆଇନ ଭାବେ ଲଘୁ ଖଣିଜ ଚାଲାଣ କରୁଥିବା ୯ଟି ଟ୍ରକ ଓ ୨ଟି ଟ୍ରାକ୍ଟରକୁ ଜବତ କରାଯାଇଛି । ଏହି ଚୋରା ଚାଲାଣରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଗାଡି ଚାଳକଙ୍କୁ ଗିରଫ କରାଯାଇ ଥିବା ବେଳେ ଆଉ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଚାଳକ ଜଣକ ହେଲେ ଅନିରୁଦ୍ଧ ଦଳାଇ।

ଶନିବାର ସକାଳୁ ରାଜସ୍ୱ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଜାତୀୟ ରାଜପଥର କୃଷ୍ଣଦାସପୁର ଛକ ନିକଟରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ବିନା ୱାଇ ଫର୍ମରେ ଚିପ୍ସ ପରିବହନ କରୁଥିବା ୯ଟି ଟ୍ରକ ସହିତ ୨ଟି ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ସେହିପରି ଅସିଆ ପର୍ବତମାଳାର ଧାଉଡିଆ ପଦାରୁ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ୨ଟି ମୋରମ ବୋଝେଇ ଟ୍ରକକୁ ମଧ୍ୟ ଜବତ କରାଯାଇଥିଲା। ଜବତ ଗାଡିଗୁଡିକୁ ବାଲିଚନ୍ଦ୍ରପୁର ଥାନା ଜିମାରେ ରଖାଯାଇଛି। ଏହି ଚଢାଉରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ, ବାଲିଚନ୍ଦ୍ରପୁର ଥାନାଧିକାରୀ ରାକେଶ ତ୍ରିପାଠୀ, ଏସ୍ଆଇ ଆର୍.କେ ଦାସ, ରାଜସ୍ୱ ନିରୀକ୍ଷକ ପଦ୍ମନାଭ ପଣ୍ଡା, ଆର୍.କେ. ନାୟକଙ୍କ ସମେତ ରାଜସ୍ୱ ବିଭାଗ ଓ ପୋଲିସ ବିଭାଗର କର୍ମଚାରୀମାନେ ସାମିଲ ଥିଲେ ।

## ୫ମ ଦିନରେ ମା' ବିରଜାଙ୍କ ବିଶେଷ ଷୋଡ଼ଶୋପଚାର ପୂଜା



ମା' ବିରଜା ।

ବିରଜାକ୍ଷେତ୍ର,୬।୧୦(ଡିଏନ୍ଏ)

ଦୁର୍ଗା ପୂଜା ନିମନ୍ତେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ବିଶେଷ ଷୋଡ଼ଶୋପଚାର ପୂଜା ଦ୍ୱିତୀୟାଷ୍ଟମୀରୁ ଆରମ୍ଭ ହୋଇ ଶନିବାର ୫ମ ଦିନରେ ପହଞ୍ଚିଛି। ବିଶେଷ ଷୋଡ଼ଶୋପଚାର ପୂଜା ନିମନ୍ତେ ଶନିବାର ପ୍ରାତଃରୁ ପାଳିଆ ସେବାୟତ ମା' ବିରଜାଙ୍କୁ ବୈତରଣୀ ନଦୀ ଜଳରେ ସ୍ନାନ କରି ବେଶ କରିବା ପରେ ବାଲ୍ୟ ଭୋଗ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ମା' ବିରଜାଙ୍କର ରତ୍ନ ସିଂହାସନ ନିକଟରେ ପୁରୋଧା ଓ ପୂଜକଙ୍କ ଦ୍ୱାରା ବିଶେଷ ଷୋଡ଼ଶୋପଚାର ପୂଜା ହୋଇ ନୀତି ଲାଗିବା ପରେ ପହୁଡ଼ ହୋଇଥିଲା। ଅପରାହ୍ନରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟା ଆଳତୀ ହୋଇ ରାତ୍ର ସମୟରେ ମା'ଙ୍କର ରତ୍ନ ସିଂହାସନ ନିକଟରେ ବିଶେଷ ଷୋଡ଼ଶୋପଚାର ପୂଜା ହୋଇ ନୀତି ଲାଗିବା ସହ ଆଳତୀ ହୋଇ ପହୁଡ଼ ହୋଇଥିଲା। ମା'ଙ୍କ ବିଶେଷ ଷୋଡ଼ଶୋପଚାର ପୂଜାରେ ମନ୍ଦିରର ପୂଜା ଓ ନୀତିକାନ୍ତିରେ କିଛି ପରିବର୍ତ୍ତନ ହୋଇଥାଏ। ଏହି ୧୬ ଦିନ ଷୋଡ଼ଶୋପଚାର ପୂଜାରେ ମା' ବିରଜାଙ୍କ ବିଶେଷ ନୀତିଲାଗି ହୁଏ। ଦୈନନ୍ଦିନ ନୀତିଠାରୁ ବିଶେଷ ନୀତି ଅଲଗା ଅଟେ। ମା' ବିରଜାଙ୍କ ନିକଟରେ ପ୍ରତ୍ୟହ ଦୈନନ୍ଦିନ ନୀତିଲାଗି ଭୋଗ ହେଉଥିବା ପ୍ରସାଦକୁ ପାଳିଆ ସେବାୟତ, ମନ୍ଦିର ଗୁମାସ୍ତା ଓ କର୍ମଚାରୀମାନେ ସେବନ କରିଥାନ୍ତି। ମାତ୍ର ୧୬ଦିନ ଷୋଡ଼ଶୋପଚାର ପୂଜାରେ ହେଉଥିବା ବିଶେଷ ନୀତିକୁ ମା' ବିରଜାଙ୍କ ସେବାରେ ଲାଗି ହୋଇଥିବା ବିଭିନ୍ନ ବର୍ଗର ସେବାୟତମାନେ ସେବନ କରିଥାନ୍ତି। ପରମ୍ପରା ଓ ବଂଶାନୁକ୍ରମିକ ଅନୁସାରେ ୧୬ଦିନ ବ୍ୟାପୀ ଷୋଡ଼ଶୋପଚାର ପୂଜାରେ ହେଉଥିବା ବିଶେଷ ନୀତିକୁ ମା' ବିରଜାଙ୍କ ବିଭିନ୍ନ ବର୍ଗର ସେବାୟତମାନେ ବଣ୍ଟନ କରି ପ୍ରସାଦ ସେବନ କରିଥାନ୍ତି। ମନ୍ଦିର ପ୍ରଶାସନ ତରଫରୁ ବିଶେଷ ନୀତି ପାଇଁ ସମସ୍ତ ପ୍ରକାର ସରଞ୍ଜାମ ଯୋଗାଇ ଦିଆଯାଇଥାଏ।

## ଅମର ଜ୍ୟୋତି ରଥ ଉଦ୍‌ଯାପିତ

ବରୀ,୬।୧୦(ସ୍ୱ.ପ୍ର.)

ବରୀକୁ ନିଶା ମୁକ୍ତ, ହିଂସା ମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ଗାନ୍ଧୀ ଜୟନ୍ତୀରୁ ବାହାରିଥିବା ଅମର ଜ୍ୟୋତି ରଥ ଶନିବାର ବାଲିଆଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରକାଶ ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୫୬ରେ ଏକ ନିଶା ନିବାରଣ ଆଇନ ପ୍ରଣୟନ କରିଥିଲେ। ତାହା ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରେ ଲାଗୁ ହୋଇନାହିଁ। ବରଂ ରାଜସ୍ୱ ଆଳରେ ଅଧିକ ମଦ ଦୋକାନ ଖୋଲିବା ପାଇଁ ସରକାର ଅନୁମତି ଦେଉଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଚୌଧୁରୀଙ୍କ ଜୟନ୍ତୀ ସୁଦ୍ଧା ବରୀକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ସରକାର ଓ ପ୍ରଶାସନ ନିକଟରେ ଦାବି କରାଯାଇଛି। ଯଦି ବରୀକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରା ନ ଯାଏ ତେବେ ଆସନ୍ତା ୨୩ ନଭେମ୍ବରଠାରୁ ଜନ ସତ୍ୟାଗ୍ରହ ଓ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଜାହ୍ନବୀ ମହିଳା ସଙ୍ଗଠନ, ଆଶ୍ୱସନା ପ୍ରଭୃତି ସଙ୍ଗଠନ ଦ୍ୱାରା ଆଦୃତ ଏହି ରଥ ଗତ ୨ ତାରିଖ ଗୋପବନ୍ଧୁ ରମାଦେବୀ ଆଶ୍ରମରୁ ବାହାରି ବରୀ, ଅରଙ୍ଗାବାଦ, ଅନ୍ୟାସିପୁର, କଳାମାଟିଆ, ବାଲିବିଲି, ଅଲ୍ଲୀପୁର, ଅଟିରା, ବାଇଁସିରିଆ, ଭଅଁରା, ରତଲାଙ୍ଗ, ରମ୍ଭା, ଚନ୍ଦନପୁର, ମନ୍ଦାରି, ସେରପୁର, କୃଷ୍ଣନଗର, ଗହମ୍ବୁ, ମହାକାଳପଡ଼ା, ଅମଠପୁର, ରତ୍ନଗିରି, ଅଲ୍ଲୀଆବାଦ, ସାହୁପଡା, ଧାରପୁର, ସ୍ୱାଇଁଖଣ୍ଡ, ଇସାଣପୁର, ଗୋଳକୁଣ୍ଡ ଦେଇ ବାଲିଆଠାରେ ପହଞ୍ଚିଥିଲା। ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ମହିଳା ସଙ୍ଗଠନର କର୍ମକର୍ତ୍ତା ଏହି ରଥକୁ ସ୍ୱାଗତ କରିଥିଲେ। ଶିକ୍ଷାବିତ୍ କୂଳମଣି ଶୁକ୍ଳ, ବରିଷ୍ଠ ଖବରଦାତା ପଦ୍ମନାଭ ଜେନା, ଗଗନ ବିହାରୀ ସାମଲ, ସୀତାରାଣୀ ଦେଓ, ପ୍ରଣତୀ ଜେନା, ସୁଜାତା ଦାସ, ଅରୁଣ ଜେନା, ଇନ୍ଦୁମତି ସାହୁ, ସୁନିତା ଜେନା, ମଦନ ମୋହନ ଦାସ, ଗୋବିନ୍ଦ ଚନ୍ଦ୍ର ଜେନା, ସୁବାସ ସାମଲ, ହେମନ୍ତ ଦାସ, କୁଞ୍ଜବିହାରୀ ଦାସ ପ୍ରମୁଖ ଯାତ୍ରାରେ ସାମିଲ ଥିଲେ। ସତ୍ୟ ରଞ୍ଜନ କର, ରମାକାନ୍ତ ମଣ୍ଡଳ, ପ୍ରଶାନ୍ତ ପଡ଼ିଆରୀ, ପ୍ରଶାନ୍ତ ବେହୁରା ଓ ଗୌତମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘର ଯୋଗାଇଦେବାରେ ଚଞ୍ଚକତା ଅଭିଯୋଗ

ସିଂହପୁର,୬।୧୦(ଡି.ଏନ୍.ଏ)

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଜରୀ ପଞ୍ଚାୟତରେ ଗତ ଲଘୁଚାପ ବର୍ଷାରେ ବହୁ ଘର ଭାଙ୍ଗିଯାଇଥିଲା। ଉକ୍ତ ପରିବାରକୁ ଜରିପାଲ ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଥିବା ବେଳେ ପ୍ରକୃତ ହିତାଧିକାରୀ ଚୟନରେ ଆର୍ଆଇ ଚଞ୍ଚକତା କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବର୍ଷା ଯୋଗୁ ଜରୀ ପଞ୍ଚାୟତ ୧୦ ନଂ. ୱାର୍ଡର ବହୁ ମାଟିଘର ଭାଙ୍ଗିଯାଇଥିଲା। କୋଠାଘର ଥିବା ଲୋକେ ଜରିପାଲ ପାଉଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ବଞ୍ଚିତ ପରିବାର ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ପାଲ ଯୋଗାଇ ଦିଆ ନ ଗଲେ ବାଧ୍ୟହୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଏସ୍‌ପିଙ୍କୁ ଦାବିପତ୍ର

କୋରେଇ,୬।୧୦(ସ୍ୱ.ପ୍ର)- ବାରମ୍ବାର ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣର ପ୍ରତିବାଦ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଦାବିରେ ଯାଜପୁର ଜିଲା ଖବରଦାତା ୟୁନିଅନ ପକ୍ଷରୁ ଏସ୍‌ପି ଚରଣ ସିଂ ମୀନାଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓୟୁଜେ ଜିଲା ଶାଖା ସଭାପତି ସୁବାସ ଧଳ, ସାଧାରଣ ସମ୍ପାଦକ ଚିନ୍ତାମଣୀ ପାଢ଼ୀ, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ, ରାଜ୍ୟ ଉପସଭାପତି ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପରେ ପୋଲିସ ମହାନିର୍ଦ୍ଦେଶଙ୍କ ନିକଟକୁ ଏକ ଦାବିପତ୍ର ଏସ୍‌ପିଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

କୋରେଇ,୬।୧୦(ସ୍ୱ.ପ୍ର)



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

କୋରେଇ ବ୍ଲକ ବରୁଣ୍ଡେଇ ପଞ୍ଚାୟତସ୍ଥିତ ବୈତରଣୀ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସିଆରସିସି ଅବଦୁଲ ମୋରାଦ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୌଭାଗ୍ୟ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଜୟନ୍ତୀ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କ୍ଲଷ୍ଟରରେ ୧୪ଟି ବିଦ୍ୟାଳୟର ୯୫ଜଣ ପ୍ରତିଯୋଗୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ରାମ ଦାଶ, ତାରଣୀ ପ୍ରସାଦ ସାହୁ, ରେଣୁଲତା ବେହେରା, ସୋନୀ ସାହୁ, ଶୁଭ୍ରାଂଶୁ ସାହୁ, ସୋନାଲି ସ୍ମିତସ୍ମିତା ମିଶ୍ର, ନରଗୀସ ଖଜଲ, ଶୁଭ ଦର୍ଶନ ବିଶ୍ୱାଳ, ଦେବଦତ୍ତ ପତି, ସାଇସ୍ତା ମୁସକାନ, ଆମତୁଲ ତକିଲ, ପ୍ରଜ୍ଞାପରମିତା ସାହୁ, ଗାୟତ୍ରୀ ପାଢୀ, ସେକ୍ ଜୁମନ, ରେଣୁଲତା ବେହେରା ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ତୁଲାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମାନନ୍ଦ ସାହୁ, ବିକାଶ କୁମାର ସାହୁ, ସରିତା ସାହୁ, ରଫିକ୍ ଖାଁ, ସୁକାନ୍ତ ହାଁସଦା, ମିତାଲି ମଧୁମିତା ମିତ୍ର ନମିତାରାଣୀ ବୋଇତାରୁ, ଅପର୍ଣ୍ଣା ଦତ, ନିଳାଦ୍ରୀ ଭୂଷଣ ଦାସ ପ୍ରମୁଖ ସହାୟତା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଚମ୍ପାବତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏବିଓ ଅକ୍ଷୟ କୁମାର ଧଳ ପରିଦର୍ଶନ କରିଥିଲେ ।

## ଲୁପ୍ତ ହେବାକୁ ବସିଲାଣି ଔଷଧୀୟ ବୃକ୍ଷ

ଯାଜପୁରରୋଡ,୬।୧୦(ନି.ପ୍ର.)

**ଯାଜପୁର ଜିଲା**

- ଅନେକ ରୋଗର ଉପଶମ କରିଥାଏ ଚେରମୂଳି ଔଷଧ
- ଔଷଧୀୟ ବୃକ୍ଷ ଲୋପ ପାଇବାରୁ ଠପ୍ ହେବାକୁ ବସିଛି ବୈଦ୍ୟଙ୍କ ବେଉସା
- ପ୍ରୋତ୍ସାହନ ଯୋଗାଉନାହିଁ ବନ ବିଭାଗ

ଯାଜପୁର ଜିଲାର ଜଙ୍ଗଲ ଓ ଗାଁ ଗହଳିରେ ଔଷଧୀୟ ବୃକ୍ଷ ଲୁପ୍ତ ହେବାକୁ ବସିଲାଣି । ଔଷଧୀୟ ବୃକ୍ଷରୋପଣ ପାଇଁ ବନବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯାଉନାହିଁ । ଆଗାମୀ ଦିନରେ ଯାଜପୁର ଜିଲାରେ ଔଷଧୀୟ ବୃକ୍ଷ ଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ପ୍ରଥମେ ଲୋକେ ଟୁଟୁକା ଔଷଧ ଉପରେ ନିର୍ଭର କରୁଥିଲେ । ବାଡିରେ ଥିବା ବିଭିନ୍ନ ଔଷଧୀୟ ଗଛରୁ ଚେର, ପତ୍ର ଓ ଫଳ ସଂଗ୍ରହ କରି ବିଭିନ୍ନ ରୋଗକୁ ଉପଶମ କରିଥାନ୍ତି। ଏବେ ଏହି ଔଷଧୀୟ ଗଛ ଦେଖିବାକୁ ମିଳୁନାହିଁ । ଅନ୍ୟପକ୍ଷରେ ଜିଲାରେ ଥିବା ମହାଗିରି, ବଳରାମପୁରଗଡ ଓ ମହାବିନାୟକ ପ୍ରଭୃତି ଜଙ୍ଗଲ ଓ ପାହାଡରେ ବହୁ ଔଷଧୀୟ ବୃକ୍ଷ ମିଳିଥାଏ। ବାଡି ବଗିଚାରେ ପାତାଳ ଗରୁଡ, ଅମରପୋଇ, ଅରଖ, ଗୁଡୁମାରି, ଘିକୁଆଁରୀ, ଚିରେଇତା, ପୁଦିନା, ପାଳଧୂଆ, ପୋଟକ, ପସାରୁଣି, ତୁଳସୀ, ମୁଥା, ମନୁଆଡି, ଦୁବ, ବେଲ, ବେତ, ବିଶଲ୍ୟକରଣି, ବାସଙ୍ଗ, ନିମ, ସିଙ୍ଗଡାହାର, ଗଙ୍ଗଶିଉଳୀ ପ୍ରଭୃତି ବହୁ ଔଷଧୀୟ ବୃକ୍ଷ ଦେଖାଯାଇଥାଏ। ବର୍ତ୍ତମାନ ପରିବେଶ ପ୍ରଦୂଷଣ ଯୋଗୁ ଔଷଧୀୟ ଗଛ ହ୍ରାସ ପାଉଛି । କ୍ରୋମାଇଟ୍ ଉତ୍ତୋଳନ ଯୋଗୁ ମହାଗିରି ପର୍ବତରେ ଥିବା ଔଷଧୀୟ ଗଛ ବିଲୁପ୍ତ ହେବାରେ ଲାଗିଛି। ବନବିଭାଗ ଜଙ୍ଗଲ ସୃଷ୍ଟି ପାଇଁ ଚାରାରୋପଣ କରୁଥିଲେ ମଧ୍ୟ ଔଷଧୀୟ ବୃକ୍ଷରୋପଣ ପାଇଁ ଦୃଷ୍ଟି ଦେଉନାହିଁ । ବ୍ୟାସସରୋବର ପୀଠରେ ଜଣେ ପରିବେଶବିତ୍ ଏବେ ଔଷଧୀୟ ବୃକ୍ଷ ରୋପଣ କରି ସମାଜକୁ ଦିଗ୍‌ଦର୍ଶନ ଦେଉଛନ୍ତି । ଔଷଧୀୟ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଉଛନ୍ତି । ଗାଁ ଗହଳିରେ ଥିବା ବୈଦ୍ୟମାନେ ଗାଁ ଓ ଜଙ୍ଗଲରୁ ଚେରମୂଳି ନ ପାଇବାରୁ ସେମାନଙ୍କ ବେଉସା ଠପ୍ ହେବାକୁ ବସିଲାଣି । ଚେରମୂଳି ଔଷଧରେ ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନ ଥାଏ। ପରିବେଶବିତ୍ ଅଭିରାମ ଦାସ କୁହନ୍ତି, ସେ ବ୍ୟାସ ସରୋବରରେ ବିଭିନ୍ନ ଔଷଧୀୟ ଗଛ ଲଗାଇଛନ୍ତି । କିନ୍ତୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉନାହିଁ । ଔଷଧୀୟ ବୃକ୍ଷକୁ ନେଇ ଏକ କୃତ୍ରିମ ଜଙ୍ଗଲ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ଆୟୁର୍ବେଦିକ୍ ଡାକ୍ତର ନିର୍ମଳ ରଥ କୁହନ୍ତି, ପାଣିକୋଇଲିଠାରେ ସେ ବିଭିନ୍ନ ଔଷଧୀୟ ଗଛ ଲଗାଇଛନ୍ତି। ହେଲେ ଜିଲା ପ୍ରଶାସନ ସହଯୋଗ କରୁନାହିଁ।

## ସଂକ୍ଷେପରେ

### ଗୋରୁ ମୃତଦେହ ନ ଉଠାଇବାରୁ ରାସ୍ତାରୋକୋ

ବୁଗୁଡ଼ା,୬।୧୦(ଡି.ଏନ.ଏ.)- ବୁଗୁଡ଼ା ସହରର ଶକ୍ତିନଗର ମୁଖ୍ୟରାସ୍ତାରେ ୩ ଦିନ ହେଲା ଏକ ଗୋରୁର ମୃତଦେହ ପଡି ରହିଛି। ଏହାକୁ ଏନ୍ଏସି ପ୍ରଶାସନ ଉଠାଉ ନ ଥିବାରୁ ପ୍ରତିବାଦରେ ଶକ୍ତିନଗର ସାହିବାସିନ୍ଦା ଶନିବାର ରାସ୍ତାରୋକୋ କରିଥିଲେ। ପ୍ରକାଶ ଯେ, ଗୁରୁବାର ଶକ୍ତିନଗର ମୁଖ୍ୟରାସ୍ତାରେ ଗୋଟିଏ ଗୋରୁର ମୃତଦେହ ପଡ଼ିଥିଲା। ଏହାକୁ ଉଠାଇ ନେବା ପାଇଁ ସ୍ଥାନୀୟ ଲୋକେ ଏନ୍ଏସି ପ୍ରଶାସନକୁ ଜଣାଇଥିଲେ। ମାତ୍ର ଶନିବାର ପର୍ଯ୍ୟନ୍ତ ଏହା ଉଠି ନ ଥିଲା। ଫଳରେ ଶକ୍ତିନଗରବାସୀ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୁ ମୃତଦେହ ଉଠାଇବା ପାଇଁ ନିର୍ଦ୍ଦେଶ ଦେବା ପରେ ରାସ୍ତାରୋକୋ ହଟିଥିଲା।

### ଭାଜପା ପକ୍ଷରୁ ଜନଜାଗରଣ ଅଭିଯାନ

କନିଷି,୬।୧୦(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ ଭାଜପା ପକ୍ଷରୁ ଆୟୁଷ୍ମାନ୍ ଭାରତ ଯୋଜନାରେ ଓଡ଼ିଶାବାସୀଙ୍କୁ ସାମିଲ ପାଇଁ ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଶତାଧିକ ନେତା, କର୍ମୀ ଗ୍ରାମରେ ପହଞ୍ଚି ଦସ୍ତଖତ ଅଭିଯାନରେ ଯୋଗ ଦେଇଛନ୍ତି। ଏଥିରେ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ରଜତ ପଣ୍ଡିତ, ଗଙ୍ଗାଧର ଶତପଥୀ, ସନତ କୁମାର ନାୟକ, ବଣ୍ଟି ସାହୁ, ଯୁଧିଷ୍ଠିର ନାୟକ, କୈଳାସ ନାୟକଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଭାଜପା ଗାଁକୁ ଗାଁ ଯାଇ ଆୟୁଷ୍ମାନ ଯୋଜନାର ଦସ୍ତଖତ କାର୍ଯ୍ୟକ୍ରମ ହେଉଛି। ରଙ୍ଗେଇଲୁଣ୍ଡା ବ୍ଲକର ହଳଦିଆପଦର, ଚାନ୍ଦପୁର, କନିଷି, ରଣ୍ଡା, ଗୋଳନ୍ତରା, କୋଠାରସିଂ, ମନ୍ଦ୍ରିଡ଼ି, ବିଶ୍ୱନାଥପୁର, ମେଣ୍ଡ୍ରାଜପୁର, ଶାସନପଦର, ଚିକରଡ଼ା ଆଦି ପଞ୍ଚାୟତକୁ ଆୟୁଷ୍ମାନ୍ ଯୋଜନାରେ ସାମିଲ କରାଯାଇଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କ.ନୂଆଗାଁ/ବାଲିଗୁଡ଼ା, ୬।୧୦ (ଡି.ଏନ୍.ଏ)- ବାଲିଗୁଡ଼ା ଉପଖଣ୍ଡ ଅଧୀନସ୍ଥ କ.ନୂଆଗାଁ ବ୍ଲକର ସାରଙ୍ଗଗଡ଼ ନିକଟସ୍ଥ ଦାସିଗୁଡ଼ା ଗ୍ରାମ ନିକଟରେ ଏକ ଜଙ୍ଗଲି ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଦାସିଗୁଡ଼ା ଗ୍ରାମର ପ୍ରେମାନନ୍ଦ ପ୍ରଧାନ। ପ୍ରକାଶ ଯେ, ପ୍ରେମାନନ୍ଦ ଶନିବାର ଶୌଚପାଇଁ ଗାଁ ନିକଟସ୍ଥ ଏକ ନାଳକୁ ଯାଇଥିଲେ, ସେଠାକୁ ହଠାତ୍ ଏକ ଜଙ୍ଗଲି ଭାଲୁ ଆସି ପ୍ରେମାନନ୍ଦଙ୍କ ମୁଣ୍ଡ ପଛ ପାଖ ଓ ବେକରେ କାମୁଡ଼ି ଦେଇଥିଲା। ଏହା ଦେଖି ନିକଟରେ ଥିବା କିଛି ଗ୍ରାମବାସୀ ସଙ୍ଗେ ସଙ୍ଗେ ତାଙ୍କୁ ସାରଙ୍ଗଗଡ଼ ମେଡିକାଲ୍‌ରେ ଭର୍ତ୍ତିକରି କରିଥିଲେ।

## ବଡନଦୀ ବାଲିଘାଟରେ ମହିଳାଙ୍କୁ ମାଡ଼

# ୨ ହିଟାଚୀ ଜବତ, ୨ ଅଟକ

ଆସିକା,୬।୧୦(ଡି.ଏନ୍.ଏ.)

ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ଗ୍ରାମର ବଡନଦୀ ବାଲିଘାଟରେ ଶନିବାର ସକାଳେ ସେହି ଗ୍ରାମର ଜଣେ ମହିଳାଙ୍କୁ ମାଡ ମରାଯାଇଥିବା ନେଇ ମୁକୁନ୍ଦପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲିଘାଟ ବୁଝାସୁଝା କରୁଥିବା ସେହି ଗ୍ରାମର ଜଣେ ଯୁବକ ମାଡ ମାରିଥିବାରୁ ଏଭଳି ଘଟଣା ଘଟିଥିଲା। ପ୍ରତିବାଦରେ ମହିଳାଙ୍କ ପକ୍ଷରୁ ରାସ୍ତାଅବରୋଧ ଲାଗି ପ୍ରସ୍ତୁତି ଚାଲିଥିଲା ବେଳେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଏନେଇ ମୁକୁନ୍ଦପୁର ଗ୍ରାମର ୨୫ରୁ ଉର୍ଦ୍ଧ୍ୱ ମହିଳା ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୧୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠୁଆ, ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ବାଲିଘାଟକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ପୋଲିସ ବାଲିଘାଟରୁ ୨ଟି ହିଟାଚି ମେଶିନ୍ ଜବତ କରିଛି। ମାଡ ମାରିଥିବା ଅଭିଯୋଗରେ ମୁକୁନ୍ଦପୁରର ଜଣେ ଯୁବକ ଏବଂ ହିଟାଚୀ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବାଲିଘାଟରେ ବେଆଇନ ଭାବେ ବାଲି ଉତ୍ତୋଳନ କରିବାରୁ ବିରାଟ ଖାଲ ହୋଇଥିଲା। ଶନିବାର ଜଣେ ନାବାଳକ ଗାଧୋଇବାକୁ ଯାଇ ଏଥିରେ ବୁଡି ଯାଉଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇଥିଲା। ମହିଳାମାନେ ଏହାର ପ୍ରତିବାଦ କରିବାରୁ ବାଲିଘାଟ ପରିଚାଳନା କରୁଥିବା ଯୁବକ ଜଣକ ତାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି।


ବଡ଼ନଦୀ ବାଲିଘାଟକୁ ତହସିଲଦାର ଏବଂ ଆଇଆଇସି ଅନୁଧ୍ୟାନ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଷେ ବରଷେ ସର୍ବନାଶେ,**
**ମାଘେ ବରଷେ ସୁନା ଖସେ,**
**ଚଷାଭାଇ କିରି କିରି ହସେ ।**

ଉତ୍ତମ ଚାଷ ପାଇଁ ଭଲ ବର୍ଷାର ଆବଶ୍ୟକତା ରହିଥାଏ। ଉଚିତ ସମୟରେ ସଠିକ୍ ପରିମାଣର ବର୍ଷା ହେଲେ ଚାଷକାର୍ଯ୍ୟ ଭଲ ହୋଇପାରିଥାଏ ଓ ସେହି ଅନୁସାରେ ଫସଲ ମଧ୍ୟ ଅଧିକ ମିଳିଥାଏ। ସାଧାରଣତଃ ପୌଷ ମାସରେ ଅଧିକ ବର୍ଷା ନଈବଢ଼ିର ଆଶଙ୍କାକୁ ବଢ଼ାଇ ଦେଇଥାଏ, ଯାହାକି ଚାଷ ପାଇଁ ସର୍ବନାଶର କାରଣ ପାଲଟି ଯାଇଥାଏ। ପରନ୍ତୁ ମାଘମାସରେ ବର୍ଷାର ପରିମାଣ ଅଧିକ ହେଲେ ଚାଷ ପାଇଁ ତାହା ବେଶ୍ ଉପଯୋଗୀ ବା ବରଦାନ ସାବ୍ୟସ୍ତ ହୋଇପାରିଥାଏ। ଏପରିସ୍ଥଳେ ମାଘମାସରେ ହେଉଥିବା ବର୍ଷା ଚାଷୀ ମନରେ ଖୁସି ଓ ଆନନ୍ଦ ଭରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପେଚା ବୋବାଏ ଯାହାର ବାଡ଼ି,**
**ତା'ଘରେ ପଶଇ କଳି ଧୋକଡ଼ି ।**

ପେଚା ପକ୍ଷୀର ରାବକୁ ଅଶୁଭର ପ୍ରତୀକ ବୋଲି ଧରାଯାଇଥାଏ। ଯାହାଘରେ ବା ବାଡ଼ି ବଗିଚାରେ ପେଚା ବୋବାଏ ତା' ଘରେ ଅକାରଣରେ କଳିଝଗଡ଼ା ସୃଷ୍ଟି ହେବା ସହ କିଛି ଅମଙ୍ଗଳ ଘଟିବାର ଆଶଙ୍କା ବଢ଼ିଯାଉଥିବା ନେଇ ମନରେ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ

# କେନ୍ଦ୍ର ସରକାର ବିରୋଧରେ ବର୍ଷିଲେ ବିଧାୟକ

ଗଞ୍ଜାମ,୬।୧୦(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ଡ଼ା. ପ୍ରିୟାଂଶୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଜ୍ୟୋତି ଶଙ୍କର ରାଏ, ସାଂସଦ ପ୍ରତିନିଧି ଲକ୍ଷ୍ମୀଚରଣ ପାଢ଼ୀ, ୧୪ନଂ. ଜିଲା ପରିଷଦ ସଭ୍ୟା ଜେ. ସନ୍ତୋଷୀ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବ୍ଲକରେ ୬୩୪୬ ପରିବାର ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୧୭୬ କାର୍ଡ ବ୍ଲକକୁ ଆସିଛି। ସେଥିରୁ ୩୦୦ କାର୍ଡ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିରେ ବିଧାୟକ ପ୍ରଧାନ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ରରେ ମୋଦି ସରକାର ଗରିବ ଜନସାଧାରଣଙ୍କ ନୁହେଁ ବରଂ ପୁଞ୍ଜୀପତିଙ୍କ ସରକାର ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ରାଜ୍ୟରେ କାହାକୁ ଭୋକିଲା ରହିବାକୁ ଦେବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଟି. ଲୋକେଶ, ଯୋଗାଣ ନିରୀକ୍ଷକ ରୀନାରାଣୀ ମହାପାତ୍ର, ଦୀପକ ବାରିକି, ପୂଜା ଶତପଥୀ, ବ୍ରଜ ବେହେରା ପରିଚାଳନା କରିଥିଲେ।

## ଜୁଆଆଡ୍ଡାରେ ଚଢ଼ାଉ, ୧୧ ଜୁଆଡ଼ି ଗିରଫ

ଦିଗପହଣ୍ଡି,୬।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମ ନିକଟ ବାଘଲଟି କେନାଲ କଡ଼ରେ ଦୀର୍ଘଦିନ ଧରି ଚାଲିଥିବା ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୫ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫ ହଜାର ୩ଶହ ଟଙ୍କା, ତାସମୁଠା, ଜରିପାଲ ଜବତ କରାଯାଇଛି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ଟାରେ କେ.ନୂଆଗାଁ ଥାନା ଆଇଆଇସି ସୁଜିତ କୁମାର ନାୟକ ଖବର ପାଇ ସଦଳବଳ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲେ। ୫ ଜୁଆଡ଼ି ଧରାପଡ଼ିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଜୁଆଡି ଚମ୍ପଟ ମାରିଥିଲେ। ଏନେଇ ନଂ. ୧୧୯/୧୮ରେ ମାମଲା ରୁଜୁ କରାଯାଇଛି। ସେହିପରି କେ.ନୂଆଗାଁ ଥାନାର ସ୍ୱତନ୍ତ୍ର ପୋଲିସ ଟିମ ବେଲପଞ୍ଚୀ ଗ୍ରାମ ଛକରେ ଚାଲିଥିବା ଜୁଆଆଡ୍ଡାରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୬ହଜାର ୧୭୦ ଟଙ୍କା ଜବତ କରାଯାଇଛି। ଜୁଆଆଡ୍ଡାରୁ ଜରିପାଲ, ୨ଟି ତାସମୁଠା ଓ ଡିବିରି ଦୀପ ଜବତ କରାଯିବା ସହ ନଂ. ୧୨୦/୧୮ରେ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ଲକ୍ଷ୍ମୀପୂଜା ଆସୁଥିବାରୁ ବିଭିନ୍ନ ସ୍ଥାନରେ ଜୁଆଆଡ୍ଡା ଚାଲୁଥିବାବେଳେ ପୋଲିସ ପକ୍ଷରୁ ମଧ୍ୟ ଚଢ଼ାଉ ଜୋରଦାର କରାଯାଇଛି।

## ଜାମିନରେ ମୁକୁଳିଲେ ରାମଚନ୍ଦ୍ରପୁର ମହିଳା ସଂଘ ସଦସ୍ୟା

କୁକୁଡ଼ାଖଣ୍ଡି,୬।୧୦(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ପଞ୍ଚାୟତ ନୂଆରାମଚନ୍ଦ୍ରପୁର ମା' ଠାକୁରାଣୀ ମହିଳା ସଂଘ ସଦସ୍ୟା ଶନିବାର ଏକ ମାମଲାରେ ଜାମିନରେ ମୁକୁଳିଛନ୍ତି। ସେମାନେ ହେଲେ ସଂଘର ସଭାପତି ବିଷ୍ଣୁ ଦାସ, ଉପସଭାପତି ବିଷ୍ଣୁ କୁମାରି ଦାସ, ଜେ. ପୁଷ୍ପା, ରଙ୍ଗବତୀ ଦାସ ଓ ଅଞ୍ଜଳି ଦାସ।

ପ୍ରକାଶ ଯେ, ରାମଚନ୍ଦ୍ରପୁର ବାସିନ୍ଦା ଜି. ଭାସ୍କର ବହୁଦିନ ପୂର୍ବେ ମହିଳା ସଂଘର ସଦସ୍ୟାଙ୍କ ବିରୋଧରେ ଆଙ୍କୁଶପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗପ୍ରକାରେ ରାତିରେ ଶୋଇଥିବାବେଳେ ମହିଳା ସଂଘର ସଦସ୍ୟାମାନେ ଘରେ ପଶି ଗାଳିଗୁଲଜ ସହ ଥାନାରେ ମିଥ୍ୟା କେସ ଦାଏର କରିବୁ ବୋଲି ଧମକ ଦେଇଥିଲେ। ଗ୍ରାମରେ ମହିଳା ସଂଘକୁ ସହଯୋଗ ନ କରିବାରୁ ଏଭଳି ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ସଦର ଥାନାରେ ନଂ.୫୯/୧୮ରେ ମାମଲା ରୁଜୁ ହୋଇଥିଲା। ପରେ ୱାରେଣ୍ଟ ନୋଟିସ ବ୍ରହ୍ମପୁର କୋର୍ଟ ତରଫରୁ ଜାରି ହୋଇଥିଲା। କେଉଁ କାରଣରୁ ଏଭଳି କେସ ଦାଏର ହୋଇଛି ବୋଲି ମହିଳା ସଂଘକୁ ପଚାରିବାରୁ ରାମଚନ୍ଦ୍ରପୁର ଗ୍ରାମରେ ମଦ ବିକ୍ରି ଯୋଗୁ ଅଶାନ୍ତି ସୃଷ୍ଟି ହେଉଥିଲା। ଗ୍ରାମରେ ମଦ ବିକ୍ରିକୁ ବନ୍ଦ କରିବାରୁ ଜି. ଭାସ୍କର ପ୍ରତିବାଦ କରିବା ସହ ଆମ ନାମରେ ମିଥ୍ୟା କେସ ଦେଇଛନ୍ତି। ମହିଳା ସଂଘ ପକ୍ଷରୁ ଓକିଲ କୃଷ୍ଣ ସାହୁ ଏବଂ କୁକୁଡ଼ାଖଣ୍ଡି ପୂର୍ବତନ ସମିତିସଭ୍ୟ ପି. ଶିବ ପ୍ରସାଦ ଦୋରା ସହଯୋଗ କରିବା ସହ ଜାମିନରେ ମୁକୁଳାଇଛନ୍ତି।

# ବିଜେଡିର ଜନସମ୍ପର୍କ ଶୋଭାଯାତ୍ରା

ଆସିକା,୬।୧୦(ଡି.ଏନ୍.ଏ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଆସିକା ବ୍ଲକ ଚଡିଆପଲ୍ଲୀ ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରା ଉକ୍ତ ପଞ୍ଚାୟତର ଚଡିଆପଲ୍ଲୀ, ଡୁମ୍ବାଠେଙ୍ଗାପଲ୍ଲୀ, ଜଗନ୍ନାଥପଲ୍ଲୀ, କେ.ରାଇସିଂପୁର ଶାସନ ଆଦି ଗ୍ରାମ ପରିକ୍ରମା କରିଥିଲା । ପଥପ୍ରାନ୍ତ ସଭାରେ ବିଜେଡି ସରକାରର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଥିଲେ। ଜନସାଧାରଣ କୌଣସି ପରିସ୍ଥିତିରେ ବିଭିନ୍ନ ପ୍ରଲୋଭନ ଓ ମିଥ୍ୟା ପ୍ରଚାର କରି ଆସୁଥିବା ଦଳକୁ ପ୍ରତ୍ୟାଖ୍ୟାନ କରି ବିଜେଡିର ପ୍ରଗତିର ଧାରାକୁ ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥାଲା । ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ବିଜେଡି ବ୍ଲକ ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ଜିଲାପରିଷଦ ସଦସ୍ୟ ଶିବଶଙ୍କର ମହାନ୍ତି, କୋକରାମ ଜେନା, ସନ୍ତୋଷ ପୋଲାଇ, ସରପଞ୍ଚ ବିଜୟ ଦଳାଇ, ସନ୍ତୋଷ କୁମାର ନାହାକଙ୍କ ସମେତ ବହୁ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ ।


ପଦଯାତ୍ରାରେ ଆସିକା ବିଧାୟକ ଦେବରାଜ ମହାନ୍ତି।

## ଦୁର୍ବୃତ୍ତ ଜାଳିଦେଲେ କାର

ଭଞ୍ଜନଗର,୬।୧୦(ଡି.ଏନ୍.ଏ.)

ଭଞ୍ଜନଗର ଖ୍ରୀଷ୍ଟିୟାନ ସାହିରେ ଶନିବାର ଭୋରରୁ କେହି ଦୁର୍ବୃତ୍ତ ଏକ କାରରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଫଳରେ କାରଟି ଜଳିଯାଇଛି। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ପ୍ରକାଶ ଯେ, ଭଞ୍ଜନଗର ସହରର ଏକ ହୋଟେଲ ବ୍ୟବସାୟୀଙ୍କ କାରଟି ଚାଳକ ଶୁକ୍ରବାର ରାତିରେ ନେଇ ନିଜ ଘର ସମ୍ମୁଖରେ ରଖିଥିଲେ। ଶନିବାର ସକାଳେ ଭଡ଼ା ଧରି ଯିବାର ଥିଲା। ଏହାପୂର୍ବରୁ କାରଟି ଜଳି ଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି
ସମସ୍ତ ଋଣ
ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍ଏମ୍ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ । ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ଫ୍ଲାଟକୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲ୍ଡ୍ ଅଫିସରମାନଙ୍କର, Fixed Salary– 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ଅକ୍ଟୋବର, ୨୦୧୮



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଧାଡ଼ିଦର୍ଶନକୁ ମହେଶ୍ୱରଙ୍କ ନା

**ପୁରୀ ଅଫିସ,୬।୧୦:** ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥାକୁ ନେଇ ବାଦବିବାଦ ଲାଗି ରହିଥିବା ବେଳେ ଏହାକୁ ନେଇ ପୁଣି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ଶନିବାର ଭୁବନେଶ୍ୱରଠାରେ ସେ ଗଣମାଧ୍ୟମକୁ ଧାଡ଼ିଦର୍ଶନ ବ୍ୟବସ୍ଥା ସମ୍ପର୍କରେ କହିଛନ୍ତି ଯେ, ଭାରତର ଅନ୍ୟ ପ୍ରସିଦ୍ଧ ମନ୍ଦିର ସଂକୀର୍ଣ୍ଣ। କିନ୍ତୁ ଶ୍ରୀମନ୍ଦିରରେ ଖୋଲା ଜାଗା ରହିଛି। ଧାଡ଼ିଦର୍ଶନ ନେଇ ଅଧିକ ଚିନ୍ତନର ଆବଶ୍ୟକତା ରହିଛି। ସମସ୍ତଙ୍କ ସହ ଆଲୋଚନା କରି ନିର୍ଯାସ ବାହାର କରାଯାଉ, ତରବରିଆ ନିଷ୍ପତ୍ତି ନିଆ ନ ଯାଉ। ଆବଶ୍ୟକ ପଡିଲେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏଥିସହ ସୁପ୍ରିମ୍‌କୋର୍ଟଙ୍କୁ ମଧ ଜଣାଯିବ। ଆମିକସ୍ କ୍ୟୁରି ଏହାକୁ ହୃଦ୍‌ବୋଧ କରିବେ ବୋଲି ମୋର ଆଶା। ଅନ୍ନଦାନ ଆଟିକା, ବଂଶାନୁକ୍ରମିକ ସେବା ଉଚ୍ଛେଦ ନ କରିବାକୁ ଆମିକସ୍ କ୍ୟୁରି ଗୋପାଲ ସବ୍ରମଣ୍ୟମ୍‌ଙ୍କୁ ପୁରୀ ଗସ୍ତ ବେଳେ ଅନୁରୋଧ କରିଥିଲି।

### ପୁରୀ ହିଂସା: କଂଗ୍ରେସ ପକ୍ଷରୁ ୨ ଏତଲା

**ପୁରୀ ଅଫିସ,୬।୧୦:** ଗତ ୩ ତାରିଖରେ ଘଟିଥିବା ପୁରୀ ହିଂସାକୁ ନେଇ ବିଜେଡି ଓ ଭାଜପା କାଦୁଆ ଫିଙ୍ଗାଫିଙ୍ଗି ହେଉଛନ୍ତି। ହିଂସାରେ ଭାଜପାର ହାତ ଥିବା ବିଜେଡି ଅଭିଯୋଗ କରୁଥିବା ବେଳେ ଏହା ବିଜେଡିର ପ୍ରାୟୋଜିତ ବୋଲି ଭାଜପା ଅଭିଯୋଗ କରୁଛି। ଏହି ହିଂସା ଘଟଣାର ବିଧିବଦ୍ଧ ଭାବେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କଂଗ୍ରେସର ଯୁବ ନେତା ସୁଜିତ ମହାପାତ୍ର ଶନିବାର ଟାଉନ ଥାନାରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ହିଂସା ଦିନ ପୋଲିସ କର୍ମଚାରୀମାନେ ଜୋତା ପିନ୍ଧି ଶ୍ରୀମନ୍ଦିର ଭିତରକୁ ପଶିଥିଲେ ବୋଲି ସେ ସିଂହଦ୍ୱାର ଥାନାରେ ଆଉ ଏକ ଏତଲା ଦେଇଛନ୍ତି। ଏଥିରେ ଦୋଷୀ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଦାବି କରିଛନ୍ତି। ମହାପାତ୍ର ଏହି ଏତଲା ଦେବା ବେଳେ ରାମଚନ୍ଦ୍ର ସାହୁ, ପ୍ରେମଜିତ୍ ମହାନ୍ତି, ସ୍ମୃତିରଞ୍ଜନ ପତି ପ୍ରମୁଖ ଉପସ୍ଥିତି ଥିଲେ।

### ଫସଲରେ ରୋଗପୋକ କବଳରୁ ସୁରକ୍ଷା ନେଇ ପରାମର୍ଶ

**ବୋଲଗଡ଼,୬।୧୦(ଡି.ଏନ.ଏ.):** ସମ୍ପ୍ରତି ଧାନ ଫସଲ ଥୋଡ଼ ଧରିବାକୁ ଯାଉଥିବା ବେଳେ ଲଘୁଆ କିସମ ଧାନ ଫସଲରେ ଫୁଲ ଉଡ଼ାଇବା ଆରମ୍ଭ ହେଲାଣି । ତେବେ ଏ ସମୟରେ ବୋଲଗଡ଼ ବ୍ଲକ ଅଞ୍ଚଳର କେତେକ ଧାନ ଫସଲରେ ବିଭିନ୍ନ ରୋଗପୋକ ଆକ୍ରମଣ କରୁଥିବା କୃଷି ବିଭାଗ ସର୍ବେକ୍ଷଣରୁ ଜଣାପଡିଛି। ରୋଗପୋକ ଦ୍ୱାରା ଚାଷୀମାନେ ଯେପରି କ୍ଷତିଗ୍ରସ୍ତ ନ ହେବେ ସେଥିପାଇଁ ଚୁଡାସ୍ଥିତ କୃଷି କାର୍ଯ୍ୟାଳୟଠାରେ ଏକ କୃଷକ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର ଶସ୍ୟ ସଂରକ୍ଷଣ ଅଧିକାରୀ ପ୍ରଭାତ କୁମାର ମାର୍ଥା ବୈଠକରେ ଯୋଗଦେଇ ରୋଗପୋକ ଆକ୍ରମଣର ଧାନ ଫସଲକୁ କିପରି ରକ୍ଷା କରାଯାଇପାରିବ ସେ ସମ୍ବନ୍ଧରେ ଉପସ୍ଥିତ ଚାଷୀଙ୍କୁ ତାଲିମ ଦେଇଥିଲେ। ଖୋର୍ଦ୍ଧା ଜିଲା କୃଷି ଅଧିକାରୀ ନାରାୟଣ ସେଠୀ, ପିଚୁକୁଳି ସହକାରୀ କୃଷି ଅଧିକାରୀ ସିତାରତ୍ନମାଳା ଦାସ ଓ ବୋଲଗଡ଼ ସହକାରୀ କୃଷି ଅଧିକାରୀ ରଶ୍ମିତା ବାଳା ଦାଶ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାମାଣିକ ଚଳଚ୍ଚିତ୍ର ମାଧମରେ ରୋଗପୋକ ଚିହ୍ନଟ ଓ ତାର ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଚାଷୀମାନଙ୍କୁ ବୁଝାଯାଇଥିଲା। ସୂଚନାଯୋଗ୍ୟ କି, ରୋଗପୋକ ଆକ୍ରମଣର ସର୍ବେକ୍ଷଣ ପାଇଁ କୃଷି ଅଧିକାରୀ ଏବଂ କର୍ମଚାରୀମାନେ ଗହୀର ଜମିକୁ ଯାଇଛନ୍ତି। ଏହି କାର୍ଯ୍ୟ ନଭେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ବୋଲଗଡ଼ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୪ ହଜାର ୩୪୫ ହେକ୍ଟର ଜମିରେ ଧାନ ଫସଲ ହୋଇଛି । ପ୍ରାୟ ୨୦୦ ହେକ୍ଟର ଧାନ ଜମିରେ ପତ୍ରପୋଡ଼ା ରୋଗ ଧରିଛି। କାଣ୍ଡବିନ୍ଧା, ମହିଷା ଓ ମୂଳଶଢ଼ା ଆଦି ରୋଗ ମଧ କିଛି କିଛି ଜମିରେ ଦୃଷ୍ଟିଗୋଚର ହେଉଛି।

### ବଜ୍ରପାତରେ ୩ ମହିଳା ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୬।୧୦(ଡି.ଏନ.ଏ.):** ଶନିବାର ଅପରାହ୍ନ ୪ଟା ସମୟରେ ଟାଙ୍ଗୀ ଅଞ୍ଚଳରେ ବଜ୍ରପାତ ଯୋଗୁ ୩ ମହିଳା ଗୁରୁତର ହୋଇଥିବା ଜଣାପଡିଛି। ଏହି ଥାନା ଅନ୍ତର୍ଗତ ଜରିପଡା ପଞ୍ଚାୟତ ପାଣିଦ୍ୱାର ଗ୍ରାମର ୩ ଜଣ ମହିଳାଙ୍କ ଉପରେ ବଜ୍ରପାତ ହେବା ପରେ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଜ୍ୟୋତି ବେହେରା, ପ୍ରିୟା ବେହେରା ଓ ଲିପା ବେହେରା ।

■ ୯ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ

# ବକୁଳବନ ଜମି ବିକ୍ରିକୁ ମିଳିଲା ଅନୁମତି

**ପୁରୀ ଅଫିସ,୬।୧୦**

**ସତ୍ୟବାଦୀ ଗୋପୀନାଥ ଦେବ ପାଇବେ ୩୫ କୋଟି**

ପଞ୍ଚଶଖାଙ୍କ କର୍ମଭୂମି ବକୁଳବନରେ ପ୍ରତିଷ୍ଠା ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ। ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବକୁଳ ବନ ଜମି ସରକାରଙ୍କୁ ବିକ୍ରି କରିବା ଲାଗି ସତ୍ୟବାଦୀ ଗୋପୀନାଥ ଦେବ ଟ୍ରଷ୍ଟ ବୋର୍ଡକୁ ରାଜ୍ୟ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ ଶନିବାର ଅନୁମତି ପ୍ରଦାନ କରିଛନ୍ତି। ଏହି ଜମି ବାବଦକୁ ସରକାରଙ୍କଠାରୁ ମନ୍ଦିର ପ୍ରାୟ ୩୫ କୋଟି ଟଙ୍କା ପାଇବ ବୋଲି ଜଣାପଡିଛି।

ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ରହିଛି। ବକୁଳବନ ସତ୍ୟବାଦୀ ଗୋପୀନାଥ ଦେବଙ୍କ ନାମରେ ରହିଛି। ବକୁଳବନ ପରିସରରେ ରାଜ୍ୟ ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ସରକାର ମନ୍ଦିରଠାରୁ ଏହି ଜମି କିଣିବାକୁ ଚାହିଁଥିଲେ। ସତ୍ୟବାଦୀ ଗୋପୀନାଥ ଦେବ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରଙ୍କୁ ବକୁଳବନ ଜମି ବିକ୍ରି କରିବା ପାଇଁ ଦେବୋତ୍ତର କମିଶନରଙ୍କ ନିକଟରେ ଆବେଦନ କରିଥିଲେ। ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ୧୯ ଧାରା ଅନୁଯାୟୀ କମିଶନରଙ୍କ କୋର୍ଟରେ ଏକ କେସ୍ ୨୬୨/୧୮ ରୁଜୁ ହୋଇଥିଲା। କମିଶନର ଏହି କେସ୍‌ର ଶୁଣାଣି କରି ଜମି ବିକ୍ରି ପାଇଁ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ୨୯.୦୧ ଏକର ଜମି ବିକ୍ରି କରିବା ପାଇଁ ଆବେଦନ ହୋଇଥିବାବେଳେ ସେଥିମଧ୍ୟରୁ ୨୭ ଡେସିମିଲ ଜମିରେ ଜବରଦଖଲ ଥିବାରୁ ତାହାକୁ ବାଦ୍ ଦିଆଯାଇଛି। ବାକି ଜମି ବିକ୍ରି ପାଇଁ ଅନୁମତି ଦେଇଛନ୍ତି। ଘରବାରି କିସମ ଜମି ଏକର ପିଛା ୧କୋଟି ୭୫ ଲକ୍ଷ, ବଗାୟତ ଓ ପତିତ ଜମି ଏକର ପିଛା ୧ କୋଟି ୨୫ ଲକ୍ଷ ଏବଂ ଜଳାଶୟ କିସମ ଜମି ଏକର ପିଛା ୨ ଲକ୍ଷରେ ବିକ୍ରି କରିବା ଲାଗି ଧାର୍ଯ୍ୟ ହୋଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟ ଓଡ଼ିଆ ଜାତିର ସ୍ୱାଭିମାନ ହୋଇଥିବାରୁ ବଜାର ଦରଠାରୁ କମ୍‌ରେ ଦିଆଯାଇଥିବା କୁହାଯାଉଛି। ଏହି ଜମି ବିକ୍ରି ପାଇଁ କିଛି ସର୍ତ୍ତ ରଖାଯାଇଛି। ଉକ୍ତ ଜମିରେ ବିଶ୍ୱବିଦ୍ୟାଳୟର ଅଫିସ କାର୍ଯ୍ୟାଳୟ ଏବଂ ଶ୍ରେଣୀଗୃହ ବ୍ୟତୀତ ଆବାସିକ ଓ ବ୍ୟବସାୟିକ କୋଠା ନିର୍ମାଣ ହୋଇପାରିବ ନାହିଁ। ଅର୍ଥାତ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ପାଇଁ କ୍ୱାର୍ଟର ହୋଇପାରିବ ନାହିଁ। ବିଶ୍ୱବିଦ୍ୟାଳୟ ନିର୍ମାଣ ଲାଗି ପ୍ରାକୃତିକ ବୈଭବକୁ ନଷ୍ଟ କରାଯିବ ନାହିଁ। ବୃକ୍ଷଲତା ଆଦି କଟାଯାଇ ପାରିବ ନାହିଁ। ବକୁଳବନରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସେନାପଟା ଲାଗି ବଉଳ କାଠ ଆସିଥାଏ। ଏହି ପରମ୍ପରାରେ ଯେମିତି ବାଧା ନ ଘଟେ ତାହା ଉପରେ ଧ୍ୟାନ ଦେବାକୁ ସର୍ତ୍ତ ରହିଛି। ବକୁଳ ବନର ସଂସ୍କୃତି ଓ ଐତିହ୍ୟ ପରମ୍ପରା ଯେପରି କ୍ଷୁଣ୍ଣ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଯଦି ସର୍ତ୍ତରେ ଖିଲାପ ହୁଏତେବେ ଆପେ ଆପେ ବିକ୍ରି ପତ୍ର ରଦ୍ଦ ହେବ, ସରକାର ଦେଇଥିବା ଅର୍ଥ ଫେରସ୍ତ କରାଯିବ ନାହିଁ ବୋଲି ସର୍ତ୍ତ ରହିଛି। ମନ୍ଦିର ପକ୍ଷରୁ ଆଇନଜୀବୀ ବିନାୟକ ମହାନ୍ତି ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଜମି ବିକ୍ରିରୁ ମିଳିବାକୁ ଥିବା ଅର୍ଥରୁ ମନ୍ଦିର ପାଇଁ କର୍ପସ ଫଣ୍ଡ ଗଠନ କରାଯିବ। ଏହାର ସୁଧରେ ମନ୍ଦିରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ଜଣାପଡିଛି।

## ମା’ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ

**ପୁରୀ ଅଫିସ,୬।୧୦**



ଭୁବନେଶ୍ୱରୀ ବେଶରେ ମା’ମଙ୍ଗଳା।

ଶାରଦୀୟ ଦଶହରା ଅବସରରେ ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ଚାଲିଛି ଷୋଡ଼ଶ ଦିନାତ୍ମକ ପୂଜା। ବ୍ରାହ୍ମଣଙ୍କ ଚଣ୍ଡୀପାଠ ସାଙ୍ଗକୁ ମନ୍ତ୍ରଧ୍ୱନିରେ ସୃଷ୍ଟି ହେଉଛି ଆଧାତ୍ମିକ ପରିବେଶ। ଏହି ଷୋଳପୂଜାର ପଞ୍ଚମ ଦିନରେ ଶନିବାର ବାସେଳି ସାହି ବନଦୁର୍ଗା ଛକସ୍ଥିତ ମା’ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ସଂକ୍ରାନ୍ତରେ ମନ୍ଦିର ପରିଚାଳନା କମିଟି ସଭ୍ୟ ସନ୍ତୋଷ ପଣ୍ଡା କୁହନ୍ତି, ଦୁର୍ଦ୍ଦାନ୍ତ ମହିଷାସୁର ଯୁଦ୍ଧ କରି ସାଗର ମଧ୍ୟକୁ ପ୍ରବେଶ କରିଥିଲେ। ଜଗଜ୍ଜନନୀ ଦୁର୍ଗା ସର୍ବମଙ୍ଗଳାଙ୍କ ମାନସ ସ୍ୱରୂପ ସଙ୍କଟ ତାରିଣୀଙ୍କୁ ସ୍ମରଣ କରିଥିଲେ। ମା’ ତାଙ୍କ ଫାଶ ଦ୍ୱାରା ମହିଷାସୁରଙ୍କୁ ସାଗରରୁ ଭୁବନକୁ ଟାଣି ଆଣିଥିଲେ। ଏହାଦ୍ୱାରା ମା’ ଦୁର୍ଗା ମହିଷାସୁରକୁ ବଧ କରିପାରିଥିଲେ। ଏଣୁ ମା’ ଦୁର୍ଗାଙ୍କ ଏହି ରୂପକୁ ଭୁବନେଶ୍ୱରୀ କୁହାଯାଏ। ଚନ୍ଦ୍ର ମହାଗ୍ରହଙ୍କର ଇଷ୍ଟଦେବୀ ଭୁବନେଶ୍ୱରୀ। ତେଣୁ ଭୁବନେଶ୍ୱରୀଙ୍କୁ ପୂଜା କଲେ ଚନ୍ଦ୍ର ମହାଦଶା ଖଣ୍ଡନ ହୋଇଥାଏ। ଏଥିସହ ମା’ଙ୍କୁ ଆରାଧନା କଲେ ସୌନ୍ଦର୍ଯ୍ୟ ପ୍ରାପ୍ତି ମଧ ହୋଇଥାଏ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

■ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

## ବୟସ ହେଉଛି ସଂଖ୍ୟାର ଖେଳ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପୁରୀ ଅଫିସ, ୬।୧୦**

ବୟସ ହେଉଛି ସଂଖ୍ୟାର ଖେଳ। ବରିଷ୍ଠ ନାଗରିକମାନେ ନିଜକୁ ମାନସିକ ସ୍ତରରେ ଯୁବକ ଭାବି ଆଗକୁ ବଢନ୍ତୁ। ଆଉ ବାର୍ଦ୍ଧକ୍ୟକୁ ଉପଭୋଗ କରନ୍ତୁ। ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ସହାନୁଭୂତି ରହିଛି। ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ଅବଦାନ ଯୋଜନାରେ ବରିଷ୍ଠ ନାଗରିକଙ୍କ ଲାଗି ବ୍ୟବସ୍ଥା ରହିଛି ବୋଲି ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି। ସ୍ଥାନୀୟ ପୌରସଦନଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲାପ୍ରଶାସନ, ବରିଷ୍ଠ ନାଗରିକ ମଞ୍ଚର ମିଳିତ ସହଯୋଗରେ ଶନିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଜିଲାପାଳ କହିଥିଲେ ଯେ, କୁନିକୁନି ପିଲାଙ୍କ ପାଇଁ ଜେଜେମା’ ଓ ଜେଜେବାପାଙ୍କ ପଦିଏ କଥା ଅମୃତ ସମାନ ଅଟେ। ପିଲାଙ୍କ ପାଇଁ ମା’ବାପା ଯେତିକି ଗୁରୁତ୍ୱପୂର୍ଣ୍ଣ ତା’ଠାରୁ ଜେଜେମା’ ଓ ଜେଜେବାପାଙ୍କ ଭୂମିକା ମଧ ସମ ଗୁରୁତ୍ୱ ରହିଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ବରିଷ୍ଠ ନାଗରିକ ମାୟାଧର ମହାରଣା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର ସଭାପତି ଉମାବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଅବଦାନ ଯୋଜନାରେ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

## ମିଳିଲାନି ମହାପ୍ରୟାଣ ଗାଡ଼ି ରିକ୍ସାରେ ସ୍ୱର୍ଗଦ୍ୱାର ଗଲା ମୃତଦେହ

**ପୁରୀ ଅଫିସ, ୬।୧୦**

ମହାପ୍ରଭୁଙ୍କ ଦର୍ଶନ ପରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମର ଶରୀରକୁ ସ୍ୱର୍ଗଦ୍ୱାର ନେବା ଲାଗି ମହାପ୍ରୟାଣ ଗାଡ଼ି ନ ମିଳିବାରୁ ତାଙ୍କ ସ୍ୱାମୀ ରିକ୍ସାରେ ମୃତଦେହ ନେଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରିଥିଲେ। ଏଭଳି ଏକ କରୁଣ ଚିତ୍ର ଶନିବାର ପୁରୀ ବଡ଼ଦାଣ୍ଡରେ ଦେଖିବାକୁ ମିଳିଥିଲା। ମୃତ ମହିଳା ଜଣକ ହେଲେ ଉତ୍ତରାଖଣ୍ଡର ରାମଲୀଳା(୫୫)। ପ୍ରକାଶ ଯେ, ସ୍ୱାମୀନାଥନ୍‌ଙ୍କ ପରିବାର ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ର ଆସି ଏକ ଧର୍ମଶାଳାରେ ରହିଥିଲେ। ପୂର୍ବରୁ ରାମଲୀଳାଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା। ପରିବାର ଲୋକେ ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିଥିଲେ। ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ସ୍ୱର୍ଗଦ୍ୱାର ନେବାକୁ ମେଡିକାଲରେ ଥିବା ମହାପ୍ରୟାଣ ଗାଡ଼ି ଲାଗି ପରିବାର ଲୋକେ ଅନୁରୋଧ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଗାଡ଼ି ମିଳି ନ ଥିଲା। ଶେଷରେ ସ୍ୱାମୀନାଥନ ଏକ ରିକ୍ସାରେ ସ୍ତ୍ରୀର ମୃତଦେହ ଧରି ସ୍ୱର୍ଗଦ୍ୱାରକୁ ନେଇଥିଲେ।

■ ଅବକାରୀ ବିଭାଗର ଚଢ଼ାଉ

## ଦେଶୀ ମଦ ଜବତ: ଜଣେ ଗିରଫ

**ଖଣ୍ଡପଡ଼ା,୬।୧୦(ସ୍ୱ.ପ୍ର.)**

ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ତରଫରୁ ଚଢ଼ାଉ ହୋଇ ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ ହୋଇଛି। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି । ପ୍ରକାଶ ଯେ, ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ଖଣ୍ଡପଡ଼ା ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ଏହି ସହରର ଉମାଦେବୀ ଛକ ସମେତ ବେଣାଗାଡିଆ ଓ ଗୁଣ୍ଠୁଣୀ ପଞ୍ଚାୟତସ୍ଥ ନିମୁଣ୍ଡି ଗ୍ରାମରେ ଅଚାନକ ଚଢ଼ାଉ କରିଥିଲେ। ୨ ଟି ସ୍ଥାନରୁ ଶହେ ଲିଟର ଦେଶୀମଦ ଜବତ କରିବା ସହ ନିମୁଣ୍ଡି ଗ୍ରାମରେ ୬୦୦ ଲିଟର ପୋଚକୁ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ଡେପୁଟି ସୁପରିଟେଣ୍ଡେଟ୍ ଅମରେନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଏ ଘଟଣାରେ ନିମୁଣ୍ଡି ଗ୍ରାମର ବସ ସାହୁ, ସୁର ସାହୁ ଓ ତିଳ ସାହୁଙ୍କ ସମେତ ବେଣାଗାଡିଆ ଗ୍ରାମର ହାଡିବନ୍ଧୁ ମହାରଣାଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉ ଅଭିଯାନରେ ଅବକାରୀ ଇନସ୍‌ପେକ୍ଟର ମୃତ୍ୟୁଞ୍ଜୟ ବେହେରା, ସବ୍ ଇନସ୍‌ପେକ୍ଟର ବିକାଶ ଟପ୍ପୋ, ଏଏସ୍‌ଆଇ ସୁଭାଷ ଚନ୍ଦ୍ର ସେଠୀ ଓ ସୁଦୀପ୍ତ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଜବତ ମଦ ଓ ଗିରଫ ଅଭିଯୁକ୍ତ।

■ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣା

## ୩୦ ଲକ୍ଷ ଟଙ୍କା କ୍ଷତି, ଚାଲିଛି ମରାମତି

**ପୁରୀ ଅଫିସ, ୬।୧୦**

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ବିରୋଧ କରି ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦରେ ସାମିଲ ଆନ୍ଦୋଳନକାରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଆଖି ଆଗରେ ଯାହା ପଡିଲା ତାକୁ ବାଡ଼େଇ ଚୂର୍ମାର କରିଥିଲେ। ଏପରି କି କାର୍ଯ୍ୟାଳୟ ଭିତରୁ ୪ଟି ଆଲମିରାକୁ ଉପରୁ ତଳକୁ ଫିଙ୍ଗି ଦେବା ସହ କାର୍ଯ୍ୟାଳୟରେ ଲାଗିଥିବା କାଚକୁ ଟେକା ମାରି ଭାଙ୍ଗିଥିଲେ। ଭିତରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଏହି କ୍ଷୟକ୍ଷତିର ଆକଳନ କରୁଛି। ବର୍ତ୍ତମାନ ସୁଦ୍ଧା କରାଯାଇଥିବା ଆକଳନ ଅନୁଯାୟୀ, ପ୍ରାୟ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ମନ୍ଦିର ପ୍ରଶାସନ ଏ ସବୁର ମରାମତି କାର୍ଯ୍ୟ ଜାରି ରଖିଛି। ଆନ୍ଦୋଳନକାରୀ କାର୍ଯ୍ୟାଳୟ ପ୍ରବେଶ ପଥ ଏବଂ ନୂତନ ବିଲ୍ଡିଂରେ ଲାଗିଥିବା ସିସିଟିଭିକୁ ବାଡେଇ ଭାଙ୍ଗି ଦେଇଛନ୍ତି। ଫଳରେ ଅଧିକାଂଶ ସ୍ଥାନରେ ଭଙ୍ଗାରୁଜା ହୋଇଥିଲେ ମଧ ତାହାର ଫୁଟେଜ୍ ମିଳୁନାହିଁ। ତେଣୁ ମନ୍ଦିର କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ଧରାପଡିବେ ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ମନ୍ଦିର ପ୍ରଶାସନ ପକ୍ଷରୁ ଚାଲିଥିବା କ୍ଷୟକ୍ଷତି ଆକଳନ ମଧ୍ୟରେ କେବଳ ୫ଲକ୍ଷ ୬୫ ହଜାର ଟଙ୍କାର ବୈଦ୍ୟୁତିକ ସରଞ୍ଜାମ ନଷ୍ଟ ହୋଇଥିବା ଜଣାପଡିଛି। ୩ ଗାଡ଼ିକୁ ମଧ ଭାଙ୍ଗିଛନ୍ତି। ଡୋନେସନ ସେଲ୍‌କୁ ଭଙ୍ଗାରୁଜା କରିବା ସହ ଚାଉଳ, ଘିଅ, ଚିନି ଲୁଟ୍ କରିଛନ୍ତି। ଶୁକ୍ରବାର ପୋଲିସ ଜଣେ ଅଭିଯୁକ୍ତଙ୍କ ଘରୁ ଏକ ବସ୍ତା ଚାଉଳ ଜବତ କରିଛି। ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀଙ୍କୁ ଆନ୍ଦୋଳନକାରୀ ନିସ୍ତୁକ ମାଡ଼ ମାରିଥିବା ସିସିଟିଭି ଫୁଟେଜରେ ମଧ ରହିଛି।

## ସରକାରୀ ମହିଳା କଲେଜରେ ଉତ୍ତେଜନା

**ପୁରୀ ଅଫିସ, ୬।୧୦**

ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରୀ ମହିଳା ମହାବିଦ୍ୟାଳୟରେ ଅଶାନ୍ତି ଲାଗି ରହିଛି। ନାମାଙ୍କନପତ୍ର ରଦ୍ଦକୁ ନେଇ ଏହି ଉତ୍ତେଜନା ଦେଖାଦେଇଛି। ନିର୍ବାଚନା ବାତିଲ ଦାବିରେ ଗୋଟିଏ ଗୋଷ୍ଠୀ କଲେଜରେ ହୋହଲ୍ଲା କରିଥିଲେ। କଲେଜ ଅଧକ୍ଷ ଏଥିରେ ରାଜି ହୋଇ ନ ଥିଲେ। ଅଧକ୍ଷା ଅଞ୍ଜଳି କୁମାରୀ ଶୁକ୍ଳା ବୁଝାଶୁଝା କରିଥିଲେ ମଧ ଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ କଲେଜରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଅଧକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ।

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

### ୨ ଡାକ୍ତର ଅଟକ, ନୀଳାଚଳ ନର୍ସିଂହୋମରେ ଉତ୍ତେଜନା

**ପୁରୀ ଅଫିସ, ୬।୧୦**

ଭିଆଇପି ରୋଡସ୍ଥିତ ନୀଳାଚଳ ନର୍ସିଂହୋମରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ନର୍ସିଂହୋମରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ମୃତ ମହିଳା ହେଲେ ସିଦ୍ଧମହାବୀର ପାଟଣା ଅଞ୍ଚଳର ମଧୁସ୍ମିତା ନନ୍ଦ(୨୫)। ଏନେଇ ମଧୁସ୍ମିତାଙ୍କ ସ୍ୱାମୀ ଶିବପ୍ରସାଦ ନନ୍ଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନର୍ସିଂହୋମର ଦୁଇଜଣ ଡାକ୍ତରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ମିଳିଥିବା ସୂଚନା ପ୍ରକାରେ, ଶନିବାର ପୂର୍ବାହ୍ନରେ ମଧୁସ୍ମିତାଙ୍କ ପ୍ରସବ ଜନିତ ଯନ୍ତ୍ରଣା ହେବାରୁ ପରିବାର ଲୋକେ ନୀଳାଚଳ ନର୍ସିଂହୋମରେ ଦିନ ୧୧.୩୦ରେ ଭର୍ତ୍ତି କରିଥିଲେ। ପୂର୍ବାହ୍ନ ୧୧.୫୭ରେ ତାଙ୍କୁ ଓଟିକୁ ନିଆଯାଇଥିଲା। ସାଢେ ୧୨ଟାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶିଶୁ ଜନ୍ମ ହେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ତାଙ୍କୁ ପୁଣି ଥରେ ଓଟିକୁ ନିଆଯାଇଥିଲା। ଅପରାହ୍ନ ସାଢେ ୫ଟାରେ ମୃତ୍ୟୁ ଘଟିଥିବା ନର୍ସିଂହୋମ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ଜଣାଯାଇଥିଲା। ନର୍ସିଂହୋମର ବରିଷ୍ଠ ଡାକ୍ତର ବାମଦେବ ମହାନ୍ତି କୁହନ୍ତି, ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ। କୁମ୍ଭାରପଡା ଥାନା ଅଧିକାରୀ କୁହନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯାଇଥିଲା। ଅଧିକା ପଚରାଉଚୁରା ଲାଗି ଦୁଇ ଜଣ ଡାକ୍ତରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି।

## ବିଜ୍ଞାନ ସମ୍ବନ୍ଧରେ ଜ୍ଞାନ ଆହରଣ କଲେ ୫ ଛାତ୍ରୀ

**ଖଣ୍ଡପଡା,୬।୧୦(ସ୍ୱ.ପ୍ର.)**

ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ପରିସରରେ ଆୟୋଜିତ ୪ର୍ଥ ଅନ୍ତରାଷ୍ଟ୍ରୀୟ ବିଜ୍ଞାନ ମହୋତ୍ସବରେ ଖଣ୍ଡପଡ଼ାର ଛାତ୍ରୀମାନେ ଯୋଗଦେଇ ବିଶେଷ ଜ୍ଞାନ ହାସଲ କରିଛନ୍ତି। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବନମାଳୀପୁର କେଳାସୁବୁଦ୍ଧି ବାଳିକା ଉଚ୍ଚ ବିଦ୍ୟାଳୟର ୫ ଜଣ ଛାତ୍ରୀ ଏହି ମହୋତ୍ସବରେ ନିଜ ନିଜର ପ୍ରକଳ୍ପ ଉପସ୍ଥାପନ କରିବା ସହ ବିଜ୍ଞାନ ସମ୍ବନ୍ଧରେ ସବିଶେଷ ଜ୍ଞାନ ପ୍ରାପ୍ତ କରିଛନ୍ତି। ବିଜ୍ଞାନ ଶିକ୍ଷକ ତଥା ଗାଇଡ଼ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ମହୋତ୍ସବରେ ପ୍ରକଳ୍ପ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା କେନ୍ଦ୍ର ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ନିଜ ପ୍ରକଳ୍ପ ଉପସ୍ଥାପନ କରିଥିବା ଖଣ୍ଡପଡ଼ାର ୫ ଛାତ୍ରୀ।

## ନୋଡ଼ାଲ ଅଧିକାରୀଙ୍କ ୭ ବିଦ୍ୟାଳୟ ପରିଦର୍ଶନ

**ଖଣ୍ଡପଡା,୬।୧୦(ସ୍ୱ.ପ୍ର.)**

ନୟାଗଡ଼ ଜିଲା ପାଇଁ ରାମସାର ନୋଡ଼ାଲ ଅଧିକାରୀ ଭାବେ ନିଯୁକ୍ତ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ର ଶନିବାର ଖଣ୍ଡପଡା ବ୍ଲକର ୭ଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସ୍ଥିତି ଓ ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ପରେ ସେ ଖଳିସାହି ସ୍ଥିତ ଲିଙ୍ଗରାଜ ନୋଡ଼ାଲ ମଇ ବିଦ୍ୟାଳୟ, ମର୍ଦ୍ଦରାଜପୁର ମଇ ବିଦ୍ୟାଳୟ, ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ, ବେଣାଗାଡ଼ିଆ ଗ୍ରାମସ୍ଥିତ କୃପାସିନ୍ଧୁ ମଇ ବିଦ୍ୟାଳୟ, ତେନ୍ତୁଳିଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପାତ୍ରଙ୍କ ସହ ବ୍ଲକ ଶିକ୍ଷାଧିକାରୀ ଚନ୍ଦନ କୁମାର ରଥ, ଏବିଇଓ ରବୀନ୍ଦ୍ର ନାଥ ରାଉତରାୟ ପ୍ରମୁଖ ଗସ୍ତ କରିଥିଲେ।

## ଏବିଭିପିର କଲେଜ ୟୁନିଟ୍ କର୍ମକର୍ତ୍ତା ଘୋଷଣା

**ନୟାଗଡ଼ ଅଫିସ,୬।୧୦**

ଶୁକ୍ରବାର ଖଣ୍ଡପଡ଼ା ରୋଡ଼ ହନୁମାନ ମନ୍ଦିରଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର କଲେଜ ୟୁନିଟ୍ କର୍ମକର୍ତ୍ତା ଘୋଷଣା କରାଯାଇଛି। କାର୍ଯ୍ୟକ୍ରମକୁ ଯୁବ ଭାରତର ଜିଲା ପ୍ରଭାରୀ ସନାତନ ସ୍ୱାଇଁ, ଯୁବ ସଙ୍ଗଠକ ସନ୍ତୋଷ ପ୍ରଧାନ, ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଜିଲାର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କଲେଜ ୟୁନିଟ୍ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ସ୍ମୃତିପ୍ରିୟା ସୁବୁଦ୍ଧି, ଉପସଭାପତି ପୂଜାଲିନ୍ ମହାରଣା, ପ୍ରିୟଦର୍ଶିନୀ ପରିଡ଼ା, ଶୁଭଶ୍ରୀ ରାଉତ, ସମ୍ପାଦକ ମଧୁସ୍ମିତା ମହାନ୍ତି, ଛାତ୍ରୀ ପ୍ରମୁଖ ଭାବେ ପ୍ରାରମ୍ଭୀ ମହାରଣା, ସଂଯୁକ୍ତ ସଚିବ ଭାବେ ଦେବସ୍ମିତା ସାହୁ, ଆଦିତି ସିଂ ଓ ଯୁକ୍ତା ଜେନାଙ୍କୁ ଚୟନ କରାଯାଇଥିଲା। ଜିଲା ପ୍ରମୁଖ ଦେବାଶିଷ ମହାପାତ୍ର, ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି, ନଗର ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଦାସ, ନଗର ଉପସଭାପତି ଶୁଭକାନ୍ତ ସୁବୁଦ୍ଧି ଏମାନଙ୍କ ନାମ ଘୋଷଣା କରିଥିଲେ। ବୈଠକରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ।



କଲେଜ ୟୁନିଟ୍‌ର ନୂତନ କର୍ମକର୍ତ୍ତା ସହ ଅନ୍ୟମାନେ।



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
- ବେଞ୍ଜାମିନ୍ ଫ୍ରାଙ୍କଲିନ



## ସଂକ୍ଷେପରେ

### ବଜ୍ରପାତରେ ଯୁବ ଚାଷୀଙ୍କ ମୃତ୍ୟୁ



**ନୟାଗଡ଼ ଅଫିସ,୬।୧୦:** ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବୋଦାସା ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅକ୍ରୁର ପଡ଼ିହାରୀ (୨୭)। ଅକ୍ରୁର ଅପରାହ୍ନ ୨ଟା ୩୦ ମିନିଟରେ ବିଲରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଲୋଚନ କୁମାର କାଙ୍ଗା ଅକ୍ରୁରଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଅକ୍ରୁର ଏକବର୍ଷ ତଳେ ବିବାହ କରିଥିଲେ।

### ଦେଶୀମଦ ଜବତ, ଅଭିଯୁକ୍ତ କୋର୍ଟଚାଲାଣ



**ରଣପୁର,୬।୧୦(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ସୁରୁକାବାଡି ଗ୍ରାମରେ ଶନିବାର ପୂର୍ବାହ୍ନରେ ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ୫୦ ପ୍ୟାକେଟ୍ ଦେଶୀ ମଦ ଜବତ କରିଛନ୍ତି। ଏ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ରଣପୁର ଉପକାରାଗାରକୁ ପଠାଇଦିଆଯାଇଛି। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମିଦୁଲ୍ଲା ଖାଁଙ୍କ ନିର୍ଦ୍ଦେଶକ୍ରମେ ରଣପୁର ଅବକାରୀ କର୍ମଚାରୀମାନେ ଉକ୍ତ ଗ୍ରାମ ଉପରେ ଚଢ଼ାଉ କରି ରମେଶ ମଣ୍ଡଳଙ୍କ ଘରୁ ବିକ୍ରି ପାଇଁ ରଖାଯାଇଥିବା ୫୦ ପ୍ୟାକେଟ ଦେଶୀମଦକୁ ଜବତ କରିବା ସହିତ ରମେଶଙ୍କୁ ଗିରଫ କରିଥିଲେ। ଏ ନେଇ ୩୮/୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରଣପୁର କୋର୍ଟଚାଲାଣ କରାଯାଇଛି।

### ଭଏସ୍ ଅଫ ନୟାଗଡ଼ ଲୋଗୋ ଉନ୍ମୋଚିତ



**ନୟାଗଡ଼ ଅଫିସ,୬।୧୦:** ନୟାଗଡ଼ କ୍ଲବ ଆନୁକୂଲ୍ୟରେ ଜିଲାରେ ପ୍ରଥମ କରି ଆୟୋଜିତ ହେଉଥିବା ଭଏସ୍ ଅଫ ନୟାଗଡ଼ର ଲୋଗାକୁ ଶନିବାର ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଉନ୍ମୋଚନ କରିଛନ୍ତି। ନୟାଗଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ଆବାହକ ଧୀରେନ୍ଦ୍ର ପଟ୍ଟନାୟକ, ସଦସ୍ୟ ପ୍ରସନ୍ନ ବସନ୍ତିଆଙ୍କ ସମେତ ଏକାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ବିଧାୟକ ସାହୁ ଜିଲାର କଣ୍ଠଶିଳ୍ପୀମାନଙ୍କ ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ପ୍ରକାଶ କରିଥିଲେ।

## ଗଠନ ହେଲା ନୟାଗଡ଼ ଯୁବ ଓ ଛାତ୍ର ସଙ୍ଗଠନ

# ସେବା, ଶାନ୍ତି ଓ ଶିକ୍ଷା ଉପରେ ଦେବ ଗୁରୁତ୍ୱ

**ନୟାଗଡ଼ ଅଫିସ,୬।୧୦**

- ରାଜନୈତିକ ଦଳଠାରୁ ଉର୍ଦ୍ଧ୍ୱରେ ରହି କରିବ କାମ
- ଆଗାମୀ ଦିନରେ ପ୍ରତି ପଞ୍ଚାୟତରୁ ସଭ୍ୟ ଗ୍ରହଣ

ନୟାଗଡ଼ ଜିଲାରେ ନୂତନ କରି ଗଠନ ହୋଇଛି ଯୁବ ଓ ଛାତ୍ର ସଙ୍ଗଠନ। ଶନିବାର ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସଙ୍ଗଠନର ଲକ୍ଷ୍ୟ ବିଷୟରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଙ୍ଗଠନର ସମ୍ପାଦକ ମାମୁନ ରଫ୍ ସେବା, ଶାନ୍ତି ଓ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। ରାଜନୈତିକ ଦଳଠାରୁ ଉର୍ଦ୍ଧ୍ୱରେ ରହି ଏହା କାମ କରିବ। ଆଗାମୀ ଦିନରେ ସଙ୍ଗଠନ ପ୍ରତି ପଞ୍ଚାୟତରୁ ସଭ୍ୟ ଗ୍ରହଣ କରିବ। ୧୫ରୁ ୪୦ ବର୍ଷ ପର୍ଯ୍ୟନ୍ତ ଯୁବକମାନଙ୍କୁ ଏ ସଙ୍ଗଠନ ସହିତ ଯୋଡ଼ିବ। କୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଲେ ସଙ୍ଗଠନ ତରଫରୁ ତାଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଏହା କୌଣସି ପ୍ରକାର ରାଜନୈତିକ କାର୍ଯ୍ୟକ୍ରମରେ ଭାଗନେବ ନାହିଁ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ୟାରିୟର କାଉନ୍‌ସେଲିଂ ସହ ଜିଲାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଚେଷ୍ଟା କରାଯିବ। ବିଭିନ୍ନ ସମୟରେ ଚିକିତ୍ସା ସେବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ମଧ୍ୟ ସଙ୍ଗଠନ କାର୍ଯ୍ୟ କରିବ। ସରକାରୀ ଡାକ୍ତରଖାନା ସଫା କରିବା ସହିତ ଡାକ୍ତରଖାନାରେ ଥିବା ଦଲାଲ୍‌ଙ୍କୁ ବିରୋଧ କରିବ। କୃଷକମାନଙ୍କ ଅଧିକାର ପାଇଁ କାର୍ଯ୍ୟ କରିବ। ସେହିଭଳି ଜିଲାରେ ଥିବା ଏକମାତ୍ର ଟିନିକଲ ଖୋଲିବା ପାଇଁ ପ୍ରୟାସ ଜାରି ରଖିବ। କଳା, ସାହିତ୍ୟ, ସଂସ୍କୃତି ପାଇଁ ସାରା ଓଡ଼ିଶାରେ ଜିଲାର ଖ୍ୟାତି ରହିଛି। ଏହାକୁ ଆହୁରି ମଜଭୁତ କରିବା ପାଇଁ ସଙ୍ଗଠନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ। ସେହିଭଳି ଦୁର୍ନୀତି ବିରୋଧରେ ମଧ୍ୟ ସଙ୍ଗଠନ ଲଢ଼େଇ କରିବ। ଗ୍ରାମାଞ୍ଚଳରେ ଲୋକଙ୍କୁ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ଭାବେ ଗଣାଯାଇ ସେମାନଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି। ପ୍ରକୃତ ହିତାଧିକାରୀ କିପରି ଭାବେ ଯୋଜନାର ଲାଭ ଉଠାଇବେ ସେ ନେଇ ଧ୍ୟାନ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ସ୍ୱୟଂଜିତ ପଟ୍ଟନାୟକ, ଶ୍ରୀତମ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସଙ୍ଗଠନର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ।




ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୭।୧୦।୨୦୧୮ (ରବିବାର)**

- ଭଏସ୍ ଅଫ ନୟାଗଡ଼ ଅଡ଼ିସନ୍
  **ସ୍ଥାନ :** ପଠାଣି ସାମନ୍ତ ଅଡ଼ିଟୋରିୟମ, ନୟାଗଡ଼ , **ସମୟ**– ସକାଳ ୮ଟା
- ବୋରଗାଁ ତ୍ରିନାଥଦେବଙ୍କ ୧୪ତମ ବାର୍ଷିକ ଉତ୍ସବ
  **ସ୍ଥାନ:** ବାଇଗୁଣିଆ ପଞ୍ଚାୟତ, ଭାପୁର, **ସମୟ:** ସକାଳ ୯ଟା
- ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗୀତା–୨୦୧୮
  **ସ୍ଥାନ :** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନୟାଗଡ଼, **ସମୟ :** ସକାଳ ୯ଟା
- ନବନିର୍ମାଣ କୃଷକ ସଂଘର ଜିଲାସ୍ତରୀୟ ବୈଠକ
  **ସ୍ଥାନ :** ଗୁଣ୍ଡିଚାମଣ୍ଡପ, ନୟାଗଡ଼, **ସମୟ :** ପୂର୍ବାହ୍ନ ୧୦ଟା
- ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘର ସାଧାରଣ ବୈଠକ
  **ସ୍ଥାନ :** ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ମଗରବନ୍ଧ, ଓଡ଼ଗାଁ, **ସମୟ :** ପୂର୍ବାହ୍ନ ୧୦ଟା
- ଆନିମଲ ହେଲଥ୍ କ୍ୟାମ୍ପ
  **ସ୍ଥାନ :** ଛାମୁଣ୍ଡିଆ, ଗଣିଆ, **ସମୟ :** ପୂର୍ବାହ୍ନ ୧୦ଟା

**୮।୧୦।୨୦୧୮ (ସୋମବାର)**

- ଭଏସ ଅଫ ନୟାଗଡ଼ ଅଡ଼ିସନ୍
  **ସ୍ଥାନ :** ନୂଆଗାଁ ମହାବିଦ୍ୟାଳୟ ପରିସର, ନୂଆଗାଁ ବ୍ଲକ, **ସମୟ :** ସକାଳ ୮ଟା

**୯।୧୦।୨୦୧୮ (ମଙ୍ଗଳବାର)**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ଭାପୁର, **ସମୟ :** ପୂର୍ବାହ୍ନ ୧୦ଟା
- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ଼ ବଣ୍ଟନ
  **ସ୍ଥାନ :** ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର, **ସମୟ :** ପୂର୍ବାହ୍ନ ୧୧ଟା

**୧୦।୧୦।୨୦୧୮ (ବୁଧବାର)**

- କଷ୍ଟି ଡାକୁଆଙ୍କ ୭୬ତମ ଶହୀଦ ଦିବସ ପାଳନ
  **ସ୍ଥାନ :** କୁଶବିଡ଼ା ଗ୍ରାମ, ନୂଆଗାଁ ବ୍ଲକ, **ସମୟ :** ମଧ୍ୟାହ୍ନ ୧୨ଟା

**୧୧।୧୦।୨୦୧୮ (ଗୁରୁବାର)**

- ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ
  **ସ୍ଥାନ :** ନୂଆଗାଁ ବ୍ଲକ ପରିସର, **ସମୟ :** ପୂର୍ବାହ୍ନ ୧୧ଟା

**୧୨।୧୦।୨୦୧୮ (ଶୁକ୍ରବାର)**

- ଜିଲାସ୍ତରୀୟ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ
  **ସ୍ଥାନ :** କୃଷ୍ଣପ୍ରିୟାଦେବୀ ମହିଳା ମହାବିଦ୍ୟାଳୟ, ଦଶପଲ୍ଲା, **ସମୟ :** ପୂର୍ବାହ୍ନ ୧୦ଟା

**୧୩।୧୦।୨୦୧୮ (ଶନିବାର)**

- ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ
  **ସ୍ଥାନ :** କିଶୋର ଚନ୍ଦ୍ର ବିଦ୍ୟାପୀଠ, ଗଣିଆ, **ସମୟ :** ପୂର୍ବାହ୍ନ ୧୦ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ମଧ୍ୟାହ୍ନଭୋଜନରେ ଝିଟିପିଟି

# ଖାଦ୍ୟ ଖାଇ ୨୬ ଛାତ୍ରୀଛାତ୍ର ଅସୁସ୍ଥ

**ଗଣିଆ,୬।୧୦(ଡି.ଏନ୍.ଏ.)**

ମଧ୍ୟାହ୍ନଭୋଜନରେ ଝିଟିପିଟି। ପୁଣି ଏହି ଖାଦ୍ୟ ଖାଇ ୨୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ନୟାଗଡ ଜିଲା ଗଣିଆ ବ୍ଲକ ବେଲପଡା ପଞ୍ଚାୟତର ରାଉତପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖବର ନେବାରୁ ଜଣାପଡିଛି ଯେ, ଶନିବାର ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିବା ବେଳେ ଭାତରେ ଏକ ଝିଟିପିଟି ପଡିଥିବା ଦେଖିଥିଲେ। ସେତେବେଳକୁ କେତେକ ଛାତ୍ରୀଛାତ୍ର ଏହି ଖାଦ୍ୟ ଖାଇଥିବା ବେଳେ ଆଉ କେତେଜଣଙ୍କୁ ଖାଦ୍ୟ ଖାଇବା ପାଇଁ ଶିକ୍ଷକମାନେ ମନା କରିଥିଲେ। ବିଦ୍ୟାଳୟ ଛୁଟି ହେବା ପରେ ଖାଦ୍ୟ ଖାଇଥିବା ଛାତ୍ରୀଛାତ୍ର ଘରେ ବାନ୍ତି କରିବା ସହ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ସେମାନଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ମେଡିକାଲ ଅଫିସର ଡାକ୍ତର ମଧୁସୂଦନ ଦାସ ସୂଚନା ଦେଇଥିଲେ। ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା କମଳ ଲୋଚନ ରଣାଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଛୁଟିରେ ଥିବାରୁ ଘଟଣା କିପରି ହେଲା କହିପାରିବି ନାହିଁ। ତଥାପି ଖବର ପାଇ ପିଲାମାନଙ୍କୁ କିଭଳି ତୁରନ୍ତ ଚିକିତ୍ସା ସେବା ମିଳିପାରିବ ସେ ବିଷୟରେ ବୁଝିଥିଲି।



ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

## ଭ୍ରାତୃ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ନୟାଗଡ଼ ଅଫିସ,୬।୧୦**

ଶୁକ୍ରବାର ନୟାଗଡ଼ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଏକ ହତ୍ୟା ମାମଲାର ବିଚାର କରି ଆସାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆସାମୀ ଜଣଙ୍କ ହେଲେ ଖଣ୍ଡପଡ଼ା ଥାନା ସିଂଘାପଡ଼ା ଗ୍ରାମର ସୁରେଶ ସ୍ୱାଇଁ। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୧ ଜାନୁୟାରୀ ୨୦୧୭ ପୂର୍ବାହ୍ନ ୧୧ଟା ସମୟରେ ସୁରେଶଙ୍କ ବଡ଼ଭାଇ ରମେଶ ଚନ୍ଦ୍ର ସ୍ୱାଇଁ ଘରୁ କିଛି ଅଳିଆ ନେଇ ଗାଁ ମୁଣ୍ଡରେ ଥିବା ଏକ ଗୋବର ଖାତରେ ପକାଇବାକୁ ଯାଇଥିଲେ। ହେଲେ ସୁରେଶ ଏହାକୁ ବାରଣ କରିଥିଲେ। ବଡଭାଇ ରମେଶ କାରଣ ପଚାରିବାରୁ ସୁରେଶ ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଏକ କୋଦାଳରେ ରମେଶଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ରମେଶଙ୍କ ସ୍ତ୍ରୀ ପୁଷ୍ପଲତା ସେଠାରେ ପହଞ୍ଚି ସୁରେଶଙ୍କୁ ଅଟକାଇଥିଲେ। ସୁରେଶ କାହା କଥା ନ ମାନି ଦୁଇ ଜଣଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ଘଟିଥିବାବେଳେ ପୁଷ୍ପଲତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ରମେଶଙ୍କ ଶ୍ୱଶୁର ଭାଲୁ ବରାଡ଼ ଖଣ୍ଡପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ୧୭/୨୦୧୭ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁରେଶଙ୍କ ନାମରେ ଚାର୍ଜଶିଟ୍ ଦାଖଲ କରିଥିଲା। ଶୁକ୍ରବାର ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଏବଂ ଦୁଇଟି ଦଫାରେ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଓକିଲ ବିପିନ କୁମାର ଧଳ ମାମଲା ପରିଚାଳନା କରିଥିଲେ।

# ୧୪୨ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ଗଣିଆ,୬।୧୦(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଶନିବାର ଗଣିଆ ବ୍ଲକର ୧୪୨ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ପୂର୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଗଣିଆ ଜିଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ବ୍ଲକ ଉପାଧ୍ୟକ୍ଷା ଶାନ୍ତିଲତା ଦାସ, ବିଡିଓ ସରୋଜ କୁମାର ନାୟକ ଓ ବ୍ଲକ ଯୋଗାଣ ଅଧିକାରୀ ଶ୍ରୀ ହର୍ଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଶନ କାର୍ଡ ବଣ୍ଟନ କରିଥିଲେ । ବ୍ଲକ ଯୋଗାଣ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକର ୮ ପଞ୍ଚାୟତର ୨୭୩୨ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୯୩୧ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାସ୍ତରରେ ବ୍ଲକର ୯ଜଣ ଓ ଶନିବାର ବ୍ଲକସ୍ତରରେ ୧୪୨ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ଏଥିମଧ୍ୟରେ ଆଡକଟା ପଞ୍ଚାୟତର ୧୮, ବେଲପଡାର ୧୬, କରଡାପଡାର ୧୬, ଗଣିଆର ୨୦, ରାସଙ୍ଗର ୨୦, ବଡଶିଲିଙ୍ଗାର ୧୦, ଛାମୁଣ୍ଡିଆର ୨୦ ଓ କିଶୋରପ୍ରସାଦ ପଞ୍ଚାୟତର ୨୨ଜଣ ହିତାଧିକାରୀ ଥିବା ଜଣାପଡ଼ିଛି । ତେବେ ଏହି ଯୋଜନାରେ ସାମିଲ ହୋଇପାରି ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଖୁବ୍ ଶୀଘ୍ର ଚୟନ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଡ ବଣ୍ଟନ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ।




ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉଛି।

## ନାବାଳିକାଙ୍କୁ ବଳାତ୍କାର ଘଟଣା

# ନାବାଳକଙ୍କୁ ୩ ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ,୬।୧୦**

ଏପ୍ରିଲ ୨୦୧୭ ମସିହାରେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ବଳାତ୍କାର ଭିଡ଼ିଓ ଭାଇରାଲ୍ ଘଟଣାରେ ଶୁକ୍ରବାର ଅଭିଯୁକ୍ତ ନାବାଳକଙ୍କୁ ୩ବର୍ଷ କାରାଦଣ୍ଡ ପ୍ରଦାନ କରାଯାଇଛି। ନାବାଳକ ଜଣଙ୍କ ଅନୁଗୋଳସ୍ଥିତ ବାଳ ସୁଧାର ଗୃହରେ ରହିବେ। ପ୍ରକାଶ ଯେ, ନବମ ଶ୍ରେଣୀର ନାବାଳିକାଙ୍କୁ ନାବାଳକ ଜଣକ ଶରଣକୁଳର ଭଣ୍ଡାର ପାହାଡ଼ ନିକଟରେ ବଳାତ୍କାର କରିଥିଲେ। ଏଥିରେ ଆଉ ଦୁଇଜଣ ନାବାଳକ ତାଙ୍କୁ ସହଯୋଗ କରିଥିଲେ। ପରେ ସେମାନେ ବଳାତ୍କାର ଭିଡ଼ିଓ ଭାଇରାଲ୍ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଶରଣକୁଳ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ୩ ନାବାଳକଙ୍କୁ ଅନୁଗୋଳ ବାଳ ସୁଧାରଗୃହକୁ ପଠାଯାଇଥିଲା। ସହଯୋଗ କରିଥିବା ଦୁଇ ଜଣଙ୍କ ବୟସ ୧୮ ବର୍ଷ ହୋଇଯାଇଥିବା ବେଳେ ସେମାନେ ବର୍ତ୍ତମାନ ଜେଲ୍‌ରେ ଅଛନ୍ତି। ଶୁକ୍ରବାର କିଶୋର ନ୍ୟାୟ ପରିଷଦର ଅଧ୍ୟକ୍ଷ ନରୋତ୍ତମ ସେଠୀ ମାମଲାର ବିଚାର କରି ମୁଖ୍ୟ ଅଭିଯୁକ୍ତ ତଥା ସହପାଠୀ ନାବାଳକଙ୍କୁ ୩ବର୍ଷ କାରାଦଣ୍ଡ ଶୁଣାଣି କରିଥିଲେ। ସରକାରୀ ଓକିଲ ଅମିୟ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ସେହିଭଳି ଫତେଗଡ଼ ଅଞ୍ଚଳର ଜଣେ ନାବାଳକଙ୍କୁ ଏଭଳି ମାମଲାରେ ଏକବର୍ଷ ମନ୍ଦିର ଓଳାଇବା ପାଇଁ ଦଣ୍ଡ ଦିଆଯାଇଥିବା ପଟ୍ଟନାୟକ ସୂଚନା ଦେଇଥିଲେ।

# ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ଗଣିଆ,୬।୧୦(ଡି.ଏନ୍.ଏ.)**

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ ତରଫରୁ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଶନିବାର ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ଗୁପ୍ତେଶ୍ୱର ବିଦ୍ୟାପୀଠର ଶତାଧିକ ଛାତ୍ରୀଛାତ୍ର ସକାଳୁ ଶୋଭାଯାତ୍ରାରେ ନିକଟସ୍ଥ ୫ଟି ଗ୍ରାମ ପରିକ୍ରମା କରିଥିଲେ। ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଲେ ପରିବେଶ ସନ୍ତୁଳନ ରହିବା ସହ ବାଘ, ହାତୀ, ହରିଣ ପରି ବନ୍ୟଜନ୍ତୁ ମାନବ ସମାଜ ପାଇଁ କିଭଳି ଉପକାରରେ ଆସୁଛନ୍ତି ସେ ସମ୍ପର୍କରେ ଛାତ୍ରୀଛାତ୍ର ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ସ୍ଥାନୀୟ ଜନସାଧାରଣଙ୍କୁ ବୁଝାଇଥିଲେ। ବନ୍ୟଜନ୍ତୁମାନଙ୍କୁ ଶୀକାର ନ କରି ସୁରକ୍ଷା ଦେବା, ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ ହେଲେ ବନ ବିଭାଗ ତରଫରୁ ଦିଆଯାଉଥିବା କ୍ଷତିପୂରଣ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ସୂଚନା ଦେଇଥିଲେ। ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ଗୋଲକ ବିହାରୀ ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।



ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

## ଡ୍ରାଇଭର ଗିରଫ, ଟ୍ରକ୍ ଜବତ

**ଦଶପଲ୍ଲା,୬।୧୦(ଡି.ଏନ.ଏ.)**

ଦଶପଲ୍ଲା ଗଣିଆ ରାସ୍ତାର ମଧଖଣ୍ଡ ଫାଣ୍ଡି ନିକଟରେ ଶୁକ୍ରବାର ରାତିରେ ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଟ୍ରକ୍ ଡ୍ରାଇଭର୍ ଫେରାର୍ ହୋଇଯାଇଥିଲା। ତେବେ ଶନିବାର ଟ୍ରକକୁ ପୋଲିସ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ଜଣାପଡିଛି । ଗିରଫ ଡ୍ରାଇଭରଙ୍କ ନାମ ଅଜୟ କୁମାର ପାଣି ଏବଂ ଟ୍ରକ୍ ନଂ ହେଲା ଓଡି ୨୯ଡି ୬୨୪୧ । ପ୍ରକାଶ ଥାଉକି ଦୁର୍ଘଟଣାରେ ବାଇକ ଚାଳକ ଲକ୍ଷ୍ମୀଧର ନାୟକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଦଶପଲ୍ଲା ପୋଲିସ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଥାନାରେ ଘଟଣା ନେଇ ୧୪୦/୧୮ରେ ଏକ ମୋକଦମା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ସୂତ୍ରରୁ ପ୍ରକାଶ ।

# ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

**ରଣପୁର,୬।୧୦(ସ୍ୱ.ପ୍ର.)**

## କକ୍ଷ ତ୍ୟାଗ କଲେ ପିଇଓ, ଜିଆର୍‌ଏସ୍

ନୟାଗଡ଼ ଜିଲା ରଣପୁର ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଶନିବାର ବ୍ଲକର ୩୭ଟି ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକମାନେ ସାପ୍ତାହିକୀ ସମୀକ୍ଷା ବୈଠକ କକ୍ଷ ତ୍ୟାଗ କରିଥିଲେ । ଘଟଣାକୁ ନେଇ ଏଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ବୈଠକରେ ବିଡିଓଙ୍କୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକମାନେ ସେମାନଙ୍କୁ ବିଗତ ୨ ମାସର ଦରମା ନ ମିଳିବା, ସପ୍ତମ ବେତନ କମିଶନର ଶତକଡା ୪୦% ଭାଗ ବକେୟା, ପ୍ରୋତ୍ସାହନ ଅର୍ଥ ଓ ଘର ଭଡା ଏବଂ ରୁରାଲ ହାଉସ ଯୋଜନାରେ ଜିଓ ଟ୍ୟାଗ ପାଇଁ ୫୦ ଟଙ୍କାର ପ୍ରୋତ୍ସାହନ ରାଶି, ସମସ୍ତ ଘରର ଫଟୋ ଉଟାଇବା ପାଇଁ ପ୍ରୋତ୍ସାହନ ରାଶି ଆଦି ନ ମିଳିବା ଅଭିଯୋଗ କରିଥିଲେ । କିନ୍ତୁ ବିଡିଓ ସମସ୍ତଙ୍କୁ ବୈଠକରେ ଭଦ୍ର ବ୍ୟବହାର ପ୍ରଦର୍ଶନ କରି ନ ଥିବା ଅଭିଯୋଗ ହୋଇଛି। ବୈଠକରେ ଦୁର୍ବ୍ୟବହାର ସମସ୍ତଙ୍କୁ ମର୍ମାହତ କରିଥିଲା। ସମସ୍ତେ ଏକତ୍ରିତ ହୋଇ କକ୍ଷ ତ୍ୟାଗ କରି ବ୍ଲକ ପରିସରରେ ଏକ ବୈଠକ କରିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ଜିଲା ସଭାପତି ପ୍ରକାଶ କୁମାର ଦାଶ ଓ ଗ୍ରାମ ରୋଜଗାର ସେବକମାନଙ୍କ ଜିଲା ସଭାପତି ବାଦଲ ପ୍ରଧାନଙ୍କୁ ଡକାଇ ଏହି ବୈଠକରେ ଚଳିତ ୯ ତାରିଖରୁ କଲମଛାଡ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି । ଆସନ୍ତା ୭ ତାରିଖରେ ଜିଲାରେ ଉଭୟ ସଂଘର ବୈଠକ ବସି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଦାଶ କହିଛନ୍ତି। ଏହି ବିଷୟରେ ରଣପୁର ବିଡିଓ ମାନସ ରଞ୍ଜନ ସାମଲଙ୍କୁ ପଚାରିବାରୁ ସେ କହିଥିଲେ, ପଞ୍ଚାୟତ ଅଧିକାରୀମାନେ ଠିକ୍‌ରେ ତାଙ୍କ କାର୍ଯ୍ୟ କରିନାହାନ୍ତି, ତାଙ୍କୁ ତାଗିଦ୍ କଲେ ସେ ଏହିଭଳି ମିଥ୍ୟା ଅଭିଯୋଗମାନ କରୁଛନ୍ତି।

## ସଂକ୍ଷେପରେ

### ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି/ପାଟପୁର,୬।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ପାଟପୁର ପୋଲିସ ପଥରପୁଞ୍ଜି ଗ୍ରାମର ଜର୍ଜି ଦାସ ଓରଫ ଜର୍ଜିଙ୍କୁ ଶନିବାର ଗିରଫ କରିବାରେ ସକ୍ଷମ ହୋଇଛି। ସେ ଏକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବା ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଦୀର୍ଘ ୬ ବର୍ଷ ହେଲା ସେ ଫେରାର ଥିଲେ। ଗଞ୍ଜାମ ଜିଲା ଦୌରାଜଜ କୋର୍ଟ ମାମଲା ନଂ.ଏସଟି ୭୦/୧୨ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ବିଚାରାଧିନ ରହିଛି। କୋର୍ଟ ପକ୍ଷରୁ ଅଭିଯୁକ୍ତଙ୍କ ନାଁରେ ଜାମିନ ବିହୀନ ୱାରେଣ୍ଟ ଜାରି କରାଯାଇଥିଲା। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଆଶାକର୍ମୀଙ୍କୁ ଗରମ ପାଣି ପକାଇ ମହିଳା ଗିରଫ

**ଶେରଗଡ,୬।୧୦(ଡି.ଏନ୍.ଏ.):** ଶେରଗଡ ବ୍ଲକ ଶୋଲଶଳା ଗ୍ରାମର ଆଶାକର୍ମୀଙ୍କୁ ଗରମ ପାଣି ଫୋପାଡିବା ଅଭିଯୋଗରେ ଶେରଗଡ ପୋଲିସ ଉକ୍ତଗ୍ରାମର ପୂଜା ପାତ୍ରଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଆଶାକର୍ମୀଙ୍କ ମା'ଙ୍କ ଅଭିଯୋଗ କ୍ରମେ ଏନେଇ ଶେରଗଡ ଥାନାରେ ନଂ. ୮୭/୨୦୧୮ ପ୍ରକାରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ପୂଜା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ସକାଳେ ଶୋଲଶଳା ଗ୍ରାମର ଆଶାକର୍ମୀ ସୁଦେଷ୍ଣା ପାତ୍ର ଘରେ ବସିଥିବାବେଳେ ତାଙ୍କ ଉପରକୁ ଗରମ ପାଣି ଫିଙ୍ଗିଥିଲେ। ଗୁରୁତର ଅବସ୍ଥାରେ ସୁଦେଷ୍ଣାଙ୍କୁ ପ୍ରଥମେ ଶେରଗଡ ଓ ପରେ ବ୍ରହ୍ମପୁର ବଡଡାକ୍ତରଖାନାକୁ ନିଆଯାଇଥିଲା। ଶନିବାର ମଧ୍ୟାହ୍ନରେ ସୁଦେଷ୍ଣାଙ୍କ ମା' ଏନେଇ ଶେରଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୂଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶେରଗଡ ଜେଲକୁ ପଠାଇ ଦିଆଯାଇଥିବା ଏଏସ୍ଆଇ ବିଷ୍ଣୁପ୍ରସାଦ ଦାଶ ସୂଚନା ଦେଇଛନ୍ତି।

### ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ



ଛତ୍ରପୁର,୬।୧୦(ଡି.ଏନ.ଏ.)-ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଛତ୍ରପୁର ବ୍ଲକ ଓ ଏନ୍ଏସିର ହିତାଧିକାରୀଙ୍କୁ ଶନିବାର ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ଏ ନେଇ ଛତ୍ରପୁର ବ୍ଲକ ସମ୍ମିଳନୀ ଗୃହରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡି, ଉପାଧ୍ୟକ୍ଷ ଅମିତା ସାହୁ, ବ୍ରହ୍ମପୁର ଏମ୍‌ପିଙ୍କ ପ୍ରତିନିଧି ଜଟିଆ ନାହାକ, ଜିଲା ପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡି ପ୍ରମୁଖ ଯୋଗଦେଇ ରାଶନ କାର୍ଡ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଛତ୍ରପୁର ବ୍ଲକ ଅଧୀନ ଟିକଲଖଣ୍ଡି, ମହାନାଦପୁର, ଟାଙ୍ଗଣାପଲ୍ଲୀ, କଣମଣା, ଲକ୍ଷ୍ମୀପୁର ଓ ବିପୁଲିଙ୍ଗି ପଞ୍ଚାୟତର ୪୩୨ ଏବଂ ଛତ୍ରପୁର ଏନ୍ଏସିର ୧୫ ପରିବାରକୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା।

### ପୁରୁଷୋତ୍ତମପୁର ଓକିଲ ସଂଘର ବୈଠକ

**ପୁରୁଷୋତ୍ତମପୁର, ୬।୧୦ (ଡି.ଏନ.ଏ):** ପୁରୁଷୋତ୍ତମପୁର ଓକିଲ ସଂଘର ଜରୁରୀ ବୈଠକ ସଂଘ କାର୍ଯ୍ୟାଳୟରେ ସଭାପତି ଜଗନ ମୋହନ ପଟ୍ଟନାୟକଙ୍କ ପୌରହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁରଠାରେ ସବ୍ ଜର୍ଜକୋର୍ଟ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜକୋର୍ଟ ପ୍ରତିଷ୍ଠା ଲାଗି ଓକିଲ ସଂଘ ପକ୍ଷରୁ ହାଇକୋର୍ଟ ଓ ରାଜ୍ୟସରକାରଙ୍କ ନିକଟରେ ଦୀର୍ଘ ୧୫ବର୍ଷ ହେଲା ଦାବିକରି ଆସୁଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବାରୁ ଓକିଲ ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଆନ୍ଦୋଳନ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୧୦ ତାରିଖରୁ କୋର୍ଟ ପ୍ରତିଷ୍ଠା ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯିବାସହ ଏନେଇ ହାଇକୋର୍ଟ, ରାଜ୍ୟସରକାର, ଜିଲାଜଜଙ୍କୁ ଜଣାଯିବାକୁ ଆଲୋଚନା ହୋଇଥିଲା। ସଂଘ ସମ୍ପାଦକ ସୀମାଞ୍ଚଳ ମିଶ୍ର, ବରିଷ୍ଠ ଓକିଲ କେଦାରନାଥ ପଟ୍ଟନାୟକ, ଉପେନ୍ଦ୍ର ପଣ୍ଡା, ସୀମାଞ୍ଚଳ ଦାଶ, ପ୍ରଦୋଶ କୁମାର ବାହିନିପତି, ରମାରଞ୍ଜନ ଦାଶ, ପ୍ରଭାତ କୁମାର ପଟ୍ଟନାୟକ, ବାସୁଦେବ ଜେନା, କୃଷ୍ଣଚନ୍ଦ୍ର ଗୌଡ଼, ଶିଶିର କୁମାର ଶତପଥୀଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

# ଅନ୍ତେବାସୀଙ୍କ ସୁରକ୍ଷା ବିପନ୍ନ ହେଲେ ଶିକ୍ଷକ ଦାୟୀ

**ଏସ୍‌ସି, ଏସଟି ହଷ୍ଟେଲ**

**ଛତ୍ରପୁର,୬।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଥିବା ମଙ୍ଗଳ ବିଭାଗ ଅଧୀନ ବିଦ୍ୟାଳୟଗୁଡିକ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ବିପନ୍ନ ହେଲେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଦାୟୀ ରହିବେ। ରାଜ୍ୟ ସରକାର ପ୍ରଣୟନ କରିଥିବା ନିୟମଗୁଡିକୁ ଭଲଭାବେ ଅନୁଧ୍ୟାନ କରାଯିବ। ଏଥିସହ ପ୍ରତିମାସରେ ଅନ୍ୟୂନ ୨ ଥର ସେମାନଙ୍କର ଅଭିଭାବକ ପିଲାକୁ ଭେଟି ତାର ଭଲମନ୍ଦ ବୁଝିବେ। ବିଦ୍ୟାଳୟଗୁଡିକରେ ଅଭିଯୋଗ ବାକ୍ସଗୁଡିକୁ ନିୟମିତ ଭାବରେ ଯାଞ୍ଚ କରି ସେ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ଘଟଣା ଚପାଇ ନ ଦେଇ ତୁରନ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଯିବ। ଏ ସମ୍ପର୍କରେ ଏକ ବୈଠକ ଶନିବାର ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସ୍ୱାସ୍ଥ୍ୟ କର୍ମୀ, ତତ୍ତ୍ୱାବଧାରିକା ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲାରେ ୬୦ ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୪୨ ଜିଲା ମଙ୍ଗଳ ବିଭାଗ ଅଧୀନରେ ଥିବାବେଳେ ୧୮ ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଛି। ଏଥିମଧ୍ୟରୁ ୫୦ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା କରାଯାଇ ୬୦ ହଜାର ବିଦ୍ୟାର୍ଥୀଙ୍କୁ ରଖାଯାଇଛି। ଏମାନଙ୍କ ମଧ୍ୟରୁ ୫୫ ହଜାର ଝିଅ ଓ ୫ ହଜାର ପୁଅ। ପ୍ରତ୍ୟେକ ହଷ୍ଟେଲରେ ପିଲାମାନଙ୍କ ପାଇଁ ଖଟ, ବେଡଶିଟ୍, ଆକ୍ୱାଗାର୍ଡ, ମଶାରି ଓ ଇନଭର୍ଟର ପରି ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ଖାଦ୍ୟପେୟରେ ଗୁଣାତ୍ମକ ମାନ ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ରୀତିମତ ଯାଞ୍ଚ କରାଯାଉଛି। ଏସବୁ ସତ୍ତ୍ୱେ ଝିଅମାନଙ୍କ ସୁରକ୍ଷାକୁ ଅଧିକ ପ୍ରାଥମିକତା ଦିଆଯାଇଥିବା କୁହାଯାଇଛି। ସେଠାରେ କୌଣସି ଯୌନ ଶୋଷଣ ଯେପରି ନ ହୁଏ ଏହାକୁ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସୁନିଶ୍ଚିତ କରିବେ। ବ୍ୟତିକ୍ରମ ହେଲେ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ତୁମ୍ବା ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ରାମଚନ୍ଦ୍ର ସେଠୀ, ଅନୁସୂଚିତ ଜାତି ଜନଜାତି ବିଭାଗର କାର୍ଯ୍ୟକ୍ରମର ସଂଯୋଜକ ସୁଶାନ୍ତ ପଣ୍ଡା, ଭଞ୍ଜନଗର ସହକାରୀ ମଙ୍ଗଳ ଅଧିକାରୀ ଦିଲ୍ଲୀପ ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ୬ ଶ୍ରମିକ ଆହତ



ଆହତମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

**ଭଞ୍ଜନଗର,୬।୧୦(ଡି.ଏନ.ଏ.)**

ଭଞ୍ଜନଗର ତହସିଲ ସାନକୋଦଣ୍ଡା ପଞ୍ଚାୟତ ପଥରା ଗ୍ରାମରେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ବଜ୍ରପାତ ଘଟି ପରିବା ବଗିଚାରେ କାମ କରୁଥିବା ପଥରା ଓ ମଙ୍ଗଳପୁର ଗ୍ରାମର ୩ଜଣ ମହିଳା ଓ ୩ଜଣ ପୁରୁଷ ଶ୍ରମିକ ଆହତ ହୋଇଛନ୍ତି। ଆହତମାନଙ୍କୁ ଭଞ୍ଜନଗର ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରୁ ଉଦ୍ଧାର କରି ଭଞ୍ଜନଗର ହସପିଟାଲରେ ଭର୍ତ୍ତି କରିଥିଲେ। ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ନେବାକୁ ଡ଼ାକ୍ତର ପରାମର୍ଶ ଦେଇଛନ୍ତି। ଆହତମାନେ ହେଲେ ଗୌରୀ ଗୌଡ଼, ସୁଷମା ପ୍ରଧାନ, ଇଲାସ ପ୍ରଧାନ, କୃଷ୍ଣ ଗୌଡ଼, ବଛିଆ ଗୌଡ଼, ପଦ୍ମ ଗୌଡ଼। ପ୍ରକାଶଯେ ବଛିଆ ଗୌଡ଼ଙ୍କ ପନିପରିବା ବଗିଚାରେ ଉକ୍ତ ଶ୍ରମିକମାନେ କାମ କରୁଥିବାବେଳେ ବର୍ଷା ହେବାରୁ ନିକଟରେ ଥିବା ଏକ ବରଗଛ ମୂଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ସମସ୍ତେ ଅଚେତ ହୋଇପଡିଥିଲେ। କିଛି ସମୟ ପରେ ବଛିଆଙ୍କ ଚେତା ଫେରିବାରୁ ସେ ଗ୍ରାମବାସୀଙ୍କୁ ଡ଼ାକି ଆହତମାନଙ୍କୁ ଗ୍ରାମକୁ ନେଇ ଆସିଥିଲେ। ସାନକୋଦଣ୍ଡା ସରପଞ୍ଚଙ୍କ ପ୍ରତିନିଧି ମେଡ଼ିକାଲରେ ରହି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ।

# ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ସିଡିଏମ୍‌ଓ

**ଚନ୍ଦ୍ରଗିରି,୬।୧୦(ଡି.ଏନ୍.ଏ.)**

ଗଜପତି ଜିଲା ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ବିପିନ ବିହାରୀ ପାଣିଗ୍ରାହୀ ଓ ଜିଲା ଉପଚିକିତ୍ସାଧିକାରୀ ପ୍ରଦୀପ କୁମାର ପାତ୍ର ଶନିବାର ମୋହନା ବ୍ଲକ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ବିଭିନ୍ନ ସମସ୍ୟା ନେଇ ଚନ୍ଦ୍ରଗିରି ଅଞ୍ଚଳବାସୀ କିଛି ଦିନ ପୂର୍ବେ ସମସ୍ୟାର ସମାଧାନ ସହ କିଛି ଦୁର୍ନିତିଗ୍ରସ୍ତ କର୍ମଚାରୀଙ୍କୁ ବଦଳି କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଏନେଇ ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିକିତ୍ସା ଅଧିକାରୀ ଚନ୍ଦ୍ରଗିରି ମେଡିକାଲକୁ ଆସି କିଛି କର୍ମଚାରୀଙ୍କୁ ପଚରାଉଚରା କରିଥିଲେ।

ଲୋକଙ୍କ କହିବା ପ୍ରକାରେ, ଆମେ ଗତ ୨୭ରେ ଜିଲା ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲୁ ଏବଂ ଜିଲା ଚିକିତ୍ସା ଅଧିକାରୀ କିଛି କର୍ମଚାରୀଙ୍କୁ ୧୫ ଦିନ ମଧ୍ୟରେ ବଦଳି କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଜନସାଧାରଣଙ୍କ ଅଭିଯୋଗ ଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆମେ ଆସି ତଦନ୍ତ କରିଛୁ ଏବଂ ଲୋକମାନଙ୍କ ସହ ମଧ୍ୟ ଆଲୋଚନା କରିଛୁ କିଛି ଦିନ ମଧ୍ୟରେ କର୍ମଚାରୀଙ୍କ ବଦଳି ସହ ଅନ୍ୟାନ୍ୟ ଅବ୍ୟବସ୍ଥା ଗୁଡ଼ିକୁ ମଧ୍ୟ ସମାଧାନ କରାଯିବ ବୋଲି ଜିଲା ଚିକିତ୍ସା ଅଧିକାରୀ କହିଛନ୍ତି।



ମେଡିକାଲରେ ସିଡିଏମ୍‌ଓଙ୍କ ସହ ଲୋକେ ଆଲୋଚନା କରୁଛନ୍ତି।

## ମଦ ଜବତ, ଅଭିଯୁକ୍ତ ଗିରଫ

**ଆସିକା,୬।୧୦(ଡି.ଏନ୍.ଏ.)**

ଆସିକା ପଲ୍ଲୀଛକ ନିକଟରୁ ଏକ ବାଇକରେ ଚୋରା ମଦ ଚାଲାଣ ବେଳେ ଶନିବାର ସକାଳେ ପୋଲିସ ବାଇକ୍ ସହ ୫୦ ଲିଟର ମଦ ଜବତ କରିଛି। ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଧରାକୋଟ ଥାନା ଚମ୍ପାପଲ୍ଲୀ ଗ୍ରାମର ଜିତେନ୍ଦ୍ର ନାୟକ। ଜିତେନ୍ଦ୍ର ଚମ୍ପାପଲ୍ଲୀସ୍ଥିତ ବେଆଇନ ଚୋରା ମଦ ଭାଟିରୁ ମଦ ଚାଲାଣ କରୁଥିବା ବେଳେ ପୋଲିସ ଗିରଫ କରିଥିଲା। ଏନେଇ ଆସିକା ଥାନାରେ ନଂ.୩୧୨/୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

## ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

**ଦିଗପହଣ୍ଡି,୬।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର କ୍ଲଷ୍ଟର ଅଧିନ ଭ୍ରମରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସାମାଜିକ କର୍ମୀ ସୁଶାନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁଦାମ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଞ୍ଚଳିକ ଗୋଷ୍ଠୀ ସାଧନ ସଂଯୋଜକ ଶଙ୍କର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅଭିଭାବକବୃନ୍ଦ ଉପସ୍ଥିତ ଥିଲେ।

## ଗର୍ଭବତୀଙ୍କୁ ମାଡ଼ ଅଭିଯୋଗ

**ଫୁଲବାଣୀ ଅଫିସ, ୬।୧୦**

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅଞ୍ଚଳର ଜଣେ ଗର୍ଭବତୀଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଗ୍ରୁପ ଲୋନ ଝଗଡାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି। ମାଡ ଖାଇଥିବା ମହିଳା ଜଣକ ଗର୍ଭବତୀ। ସେ ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସମ୍ପୃକ୍ତ ମହିଳା ହେଲେ ସଦର ଥାନା ସୁଲୁକୁମ୍ପା ଫାଣ୍ଡି ଅଞ୍ଚଳର ତୁଳସୀ ବେହେରା। ସଦର ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସୂଚନା ଅନୁସାରେ, ଗୁରୁବାର ପାରିବାରିକ ଏବଂ ମହିଳା ଗ୍ରୁପ ଲୋନକୁ ନେଇ ତୁଳସୀଙ୍କ ସ୍ୱାମୀ ଘାସିରାମ ସଞ୍ଜିତା ବେହେରା ନାମକ ଜଣେ ମହିଳାଙ୍କୁ ମାଡ ମାରିଥିଲେ। ଶୁକ୍ରବାର ସଞ୍ଜିତାଙ୍କ ସ୍ୱାମୀ ଓ ଅନ୍ୟମାନେ ଘାସିରାମଙ୍କ ସ୍ତ୍ରୀ ତୁଳସୀଙ୍କୁ ପିଟାପିଟି କରିଥିଲେ। ତୁଳସୀ ତାଙ୍କ ସ୍ୱାମୀଙ୍କୁ ଖବର ଦେବାରୁ ସେ ଆସି ଥାନାରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷଙ୍କ ପକ୍ଷରୁ ଏତଲା ଅନୁସାରେ ନଂ. ୬୧ ଓ ୬୨/୧୮ରେ ଦୁଇଟି ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ତୁଳସୀ ମାଡ ଖାଇ ଫାଣ୍ଡି ପାଖରେ ପଡିଥିବା ବେଳେ ତାଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାକୁ ଅସ୍ୱୀକାର କରିଛି।

# ଦମ୍ପତିଙ୍କୁ ମାଡ଼ ମାରିବା ଅଭିଯୋଗରେ ୪ ଗିରଫ

**ଗୋପାଳପୁର,୬।୧୦**

ଜନୈକା ମହିଳାଙ୍କୁ ଟଣାଓଟରା କରିବା ସହ ତାଙ୍କ ସ୍ୱାମୀଙ୍କୁ ନିସ୍ଥୁକ ମାଡ଼ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଏବଂ ଧମକ ଚମକ ଦେବା ଅଭିଯୋଗରେ ଗୋଲନ୍ଥରା ପୋଲିସ ଶନିବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜୁଗୁଡ଼ି ଗ୍ରାମର ଶଶିଭୂଷଣ ଦାସ (୨୪), ଟୁନା ଦାସ (୨୭), ଅମର ଦାସ (୨୦) ଓ ନିରଞ୍ଜନ ଦାସ (୨୪)। ପ୍ରକାଶ ଯେ, ଗତ ୨ ତାରିଖରେ ଶଶିଭୂଷଣ, ଟୁନା, ଅମର ଓ ନିରଞ୍ଜନ ଜୁଗୁଡ଼ି ଗାଁ ଦାଣ୍ଡରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ବେଳେ ସେହି ଗ୍ରାମର ଅର୍ଜୁନ ଦାସ କାହିଁକି ଗାଳିଗୁଲଜ କରୁଛ ବୋଲି ପଚାରିବାରୁ ଚାରିଜଣ ମିଳିତ ହୋଇ ଅର୍ଜୁନଙ୍କୁ ଗୋଡ଼ାଇଥିଲେ। ଅର୍ଜୁନ ବିକଳରେ ବଡ଼ଭାଇଙ୍କ ଘରେ ପଶିଯାଇଥିଲେ। ଏନେଇ ବଡ଼ଭାଇ ଭୀମ ଭାଇଙ୍କୁ କାହିଁକି ଗୋଡ଼ାଉଛ ବୋଲି ପଚାରିବାରୁ ଚାରିଜଣ ଉତ୍ତ୍ୟକ୍ତ ହୋଇ ଭୀମଙ୍କୁ ନିସ୍ଥୁକ ମାଡ଼ ମାରି ଧମକଚମକ ଦେଇଥିଲେ। ସେହି ସମୟରେ ତାଙ୍କ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ତାଙ୍କୁ ଟଣାଓଟରା ସହ ନିସ୍ଥୁକ ମାଡ଼ ମାରିଥିଲେ। ଏହାପରେ ମଧ୍ୟ ଚାରିଜଣ ଭୀମଙ୍କୁ କାମୁଡି ରକ୍ତାକ୍ତ କରି ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଭୀମଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ନଂ. ୧୭୮/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଶନିବାର ଶଶିଭୂଷଣ, ଟୁନା, ଅମର ଓ ନିରଞ୍ଜନ ବାହାର ଗ୍ରାମକୁ ଚାଲି ଯାଉଥିବା ସମୟରେ ଗୋଲନ୍ଥରା ଥାନାଧିକାରୀ ଡ଼. ଆଲୋକ କୁମାର ଜେନା ୪ ଜଣଙ୍କୁ କାବୁ କରିଥିଲେ।

## କଲେଜ ନିର୍ବାଚନ ବାତିଲ ପ୍ରତିବାଦରେ ଏବିଭିପିର ଧାରଣା, ଶୋଭାଯାତ୍ରା

**ବୁଗୁଡ଼ା,୬।୧୦(ଡି.ଏନ.ଏ.)**

ବୁଗୁଡ଼ା ପିପୁଲସ୍ କଲେଜ ନିର୍ବାଚନ ବାତିଲ ପ୍ରତିବାଦରେ ଶନିବାର ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଛାତ୍ରମାନେ କଲେଜ ସମ୍ମୁଖରେ ଧାରଣା ଦେବା ସହ ବୁଗୁଡ଼ା ସହରରେ ଶୋଭାଯାତ୍ରା କରିଥିଲେ। ପ୍ରକାଶ ଯେ କଲେଜ କ୍ୟାମ୍ପସରେ ଶୁକ୍ରବାର ୨ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁ କଲେଜ ପ୍ରଶାସନ ପକ୍ଷରୁ ନିର୍ବାଚନ ବାତିଲ କରାଯାଇଥିଲା। ଏହାର ପ୍ରତିବାଦ କରି ଶନିବାର ଏବିଭିପିର ଛାତ୍ରମାନେ କଲେଜ ସମ୍ମୁଖରେ ଧାରଣା ଦେଇଥିଲେ। ଦିନ ୧୦ଟାରୁ ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଧାରଣା ଚାଲିଥିଲା। ୧୧ଟାରେ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ବୁଗୁଡ଼ା ଆଇଆଇସି ରାମଚନ୍ଦ୍ର ବିଶ୍ୱାଳ ସଦଳବଳ ପହଞ୍ଚି ଛାତ୍ରମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଆନ୍ଦୋଳନକାରୀମାନେ କଲେଜ ଠାରୁ ସହର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ବିଧାୟକଙ୍କ ବିରୋଧରେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ଏହି ଅବସରରେ ସେମାନେ ବିଜେଡିର ବିଭିନ୍ନ ପୋଷ୍ଟର ଓ ବ୍ୟାନର ଚିରି ଥିବା ଦେଖିବାକୁ ମିଳିଥିଲା।



ଧାରଣାରେ ବସିଛନ୍ତି ଛାତ୍ର ।

## ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ

**ପାତ୍ରପୁର,୫।୧୦(ଡି.ଏନ୍.ଏ.)**

ଓଡ଼ିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ପାତ୍ରପୁର ବ୍ଲକରେ ହିତାଧିକାରୀଙ୍କୁ ଶୁକ୍ରବାର ରାଶନକାର୍ଡ ବଣ୍ଟନ କରାଯାଇଛି। ଏନେଇ ପାତ୍ରପୁର ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯେଗାଣା ଅଧିକାରୀ ପଦ୍ମେଶ ଶତପଥି ପୌରୋହିତ୍ୟ କରିଥିବାବେଳେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଡ଼ ବଣ୍ଟନ କରିଥିଲେ। ବ୍ଲକର ମୋଟ ୨ହଜାର ୬୭୦ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାତ୍ରପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ପ୍ରଣତି ପ୍ରିୟଦର୍ଶିନୀ ରାଉତ, ଉପାଧ୍ୟକ୍ଷ କେ. ଦାଶରଥି ପ୍ରମୁଖ ଉପସ୍ଥିତ ଥିଲେ।

## କର୍ନାଟକରେ ଓଡ଼ିଶା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ପୋଲସରା,୬।୧୦(ଡି.ଏନ.ଏ.)**

କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ ରହି ଦାଦନ ଖଟୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଗତ ୪ ତାରିଖରେ ସରଝାପୁରମ ରେଳ ଧାରଣା କଡ଼ରୁ ଜିଆର୍‌ପି ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ ରୁମାଗଡ଼ ପଞ୍ଚାୟତସ୍ଥିତ ରୁମାଗଡ଼ ଗ୍ରାମର ମହେଶ୍ୱର ବିଶୋୟୀ। ଖବର ପାଇ ମହେଶ୍ୱରଙ୍କ ସାନପୁଅ ଦୀପନ ଓ ସାନଭାଇ ଭାସ୍କର କେତେଜଣ ପଡୋଶୀଙ୍କ ସହ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିଛନ୍ତି। ମହେଶ୍ୱରଙ୍କ ମୃତ୍ୟୁ କିଭଳି ହେଲା ତାହା ସ୍ପଷ୍ଟ ହୋଇନାହିଁ।

# ମନ୍ତ୍ରୀଙ୍କ ଦ୍ୱାରା ରାଶନ କାର୍ଡ ବଣ୍ଟନ

**ଚିକିଟି,୬।୧୦(ଡି.ଏନ.ଏ.)**

ଓଡିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଗଞ୍ଜାମ ଜିଲା ଚିକିଟି ବ୍ଲକ୍‌ରେ ଶନିବାର ଶୁଭାରମ୍ଭ ହୋଇଛି। ବ୍ଲକ୍‌ର ୧୭ଟି ପଞ୍ଚାୟତର ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଛି। ୧୭ଟି ପଞ୍ଚାୟତର ୪ ହଜାର ୫୦୪ ପରିବାର ଆବେଦନ କାର୍ଡ ପାଇଁ ଆବେଦନ କରିଥିବାବେଳେ ୨ହଜାର ୪୫ ପରିବାର ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଉଷା ଦେବୀ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ କାର୍ଡ ବଣ୍ଟନ କରିଥିଲେ। ଯେଉଁ ହିତାଧିକାରୀ ବଞ୍ଚିତ ଅଛନ୍ତି ଆସନ୍ତା ୧୦ ତାରିଖ ମଧ୍ୟରେ ପଞ୍ଚାୟତ ପ୍ରତିନିଧିଙ୍କ ଜରିଆରେ ବ୍ଲକ୍ କାର୍ଯ୍ୟାଳୟରେ ଆବେଦନ କରିବା ପାଇଁ ମନ୍ତ୍ରୀ କହିଥିଲେ। ଏନେଇ ବ୍ଲକ୍ ପରିସରରେ ଅନୁଷ୍ଠିତ ସଭାରେ ଚିକିଟି ତହସିଲଦାର ହରପ୍ରସାଦ ଭୋଇ, ବିଡିଓ ଫାଲ୍ଗୁନି ମାଝି, ସିଡିପିଓ ମାଧୁରୀ ପାଢୀ, ବ୍ଲକ୍ ଅଧ୍ୟକ୍ଷା ଏମ୍ ପଦ୍ମା, ଉପାଧ୍ୟକ୍ଷା ସସ୍ମିତା ପଣ୍ଡା, ଯୋଗାଣ ନିରୀକ୍ଷିକା ପି ଭାର୍ଗବୀ ପ୍ରମୁଖ ମଞ୍ଚାସୀନ ଥିଲେ।



ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଉଛି।

## ସମବାୟ ସମ୍ପାଦକ ନିଲମ୍ବିତ

**ଦିଗପହଣ୍ଡି,୬।୧୦(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ଗୋପାଳକୃଷ୍ଣ ଜେନାଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜଣାପଡିଛି। ସମବାୟ ସମିତି ପରିଚାଳନା କାର୍ଯ୍ୟରେ ଅବହେଳା କାରଣରୁ ବ୍ରହ୍ମପୁର ମଣ୍ଡଳ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଶିବପ୍ରସାଦ ସ୍ୱାଇଁ ତାଙ୍କୁ ନିଲମ୍ବିତ କରିଛନ୍ତି। ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନ ପାଟପୁର ସମବାୟ ବ୍ୟାଙ୍କ ସୁପରଭାଇଜର ନିରଞ୍ଜନ ପୃଷ୍ଟିଙ୍କୁ ସିଦ୍ଧେଶ୍ୱର ସମବାୟ ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶନିବାର ସେବା ସମବାୟ ସମିତି ପକ୍ଷରୁ ଜରୁରୀ ବୈଠକ କରାଯାଇଥିଲା। ସମବାୟ ସମିତି ସଭାପତି ବନମାଳୀ ଜେନା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ସମବାୟ ସହକାରୀ ନିବନ୍ଧକ ବୈଠକରେ ଉପସ୍ଥିତ ଥିଲେ। ସମବାୟ ନୀତି ନିୟମ ଅନୁଯାୟୀ ସମ୍ପାଦକ କୌଣସି କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଥିଲା। ବୈଠକରେ ସମବାୟ ନିର୍ଦ୍ଦେଶକ ହରିକୃଷ୍ଣ ବିଶୋୟୀ, ଲକ୍ଷ୍ମୀନାରାୟଣ ଦୋରା, ଭୀମସେନ ବିଶୋୟୀ, ହରିକୃଷ୍ଣ ପଟ୍ଟନାୟକ ଓ ସମବାୟ ବ୍ୟାଙ୍କ ସମ୍ପାଦକ ଗୋପାଳ କୃଷ୍ଣ ନାୟକ ଉପସ୍ଥିତ ଥିଲେ।

# ଦିଗପହଣ୍ଡିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଦିଗପହଣ୍ଡି,୬।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ବ୍ରହ୍ମପୁର ଏମ୍‌ପି ଡ଼. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସହ ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ସରପଞ୍ଚ ଅସିତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, ବିଜେଡି ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ, ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ମିନତୀ ଦେବୀ, ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ନନ୍ଦନ ଦୋରା, ସନାତନ ଦୋରା, ଚିତ୍ରସେନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।




ପଦଯାତ୍ରାରେ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ।

ପରେ ହାଇସ୍କୁଲ ପରିସରରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ଯୋଗାଣ ମନ୍ତ୍ରୀ ଓ ଏମପି ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗୋକର୍ଣ୍ଣପୁର ସେବା ସମବାୟ ସମିତି ପକ୍ଷରୁ ୨୭ଟି ମିଳିତ ଦେୟ ଗୋଷ୍ଠୀ ଜେଏଲଜି ଗ୍ରୁପକୁ ୨୪ ଲକ୍ଷ ଟଙ୍କାର ଋଣ ଚେକ୍ ମନ୍ତ୍ରୀ ବଣ୍ଟନ କରିଥିଲେ। ହାଇସ୍କୁଲର ନବନିର୍ମିତ କୋଠାକୁ ମନ୍ତ୍ରୀ ଉଦଘାଟନ କରିବା ସହ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଓଭରହେଡ ଟ୍ୟାଙ୍କ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ଦିଗପହଣ୍ଡି ଗ୍ରାମୋନ୍ନୟନ ଉପନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଭାତ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. କେଦାରନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।